

ଜନତାଙ୍କ ସ୍ୱରକୁ ଦମନ କରାଯିବା ଉଚିତ ନୁହଁ

ପୃଷ୍ଠା ୪

ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 130 ଭାଗ ୩୪ | ସଂଖ୍ୟା ୧୩୦ | Friday 31 July 2026 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର, ୩୧ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ରାଜସ୍ୱ ମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

# ୧୦୦ ବ୍ଲକ୍‌ର ୭ ଲକ୍ଷ ଲୋକ ପ୍ରଭାବିତ

■ ପାଣି ପହଞ୍ଚିବା ପୂର୍ବରୁ ପହଞ୍ଚିବ ପ୍ରଶାସନ

■ ବରିରେ ୧୦୦ ଫୁଟର ଘାଇ



**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ସାମ୍ପ୍ରତିକ ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ନିରନ୍ତର ଉଦ୍ୟମରତ ଅଛନ୍ତି ରାଜ୍ୟ ସରକାର। ଆଜି ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟା ପରିସ୍ଥିତିକୁ ନେଇ ମାରାଥନ୍ ବୈଠକରେ ବିସ୍ତୃତ ସମୀକ୍ଷା କରିବା ସହ ସୁବ୍ୟବସ୍ଥିତ ବନ୍ୟା ପରିଚାଳନା ନିମନ୍ତେ ଏସ୍‌ଆର୍‌ସି ଓ ଜିଲ୍ଲା ପ୍ରଶାସନର ନିରନ୍ତର ସମନ୍ୱିତ ପ୍ରୟାସ ପ୍ରଶଂସା କରିବା ସହ ବନ୍ୟା ଜଳ ଶୁଖିବା ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ସମାନ ଦାୟିତ୍ୱ ଓ ସମର୍ପିତ ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲା ବନ୍ୟା ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିବା ବେଳେ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲା ମଧ୍ୟ ଅନେକାଂଶରେ ପ୍ରଭାବିତ ହୋଇଛି। ପ୍ରାୟ ୧୦୦ଟି ବ୍ଲକର ୫୩୯ଟି ଗ୍ରାମ ପଞ୍ଚାୟତରେ ୧୪୫୮ ଗାଆଁର ୭,୦୫,୨୩୨ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏସ୍‌ଆର୍‌ସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀ ଏବଂ ଅନ୍ୟ ଉଦ୍ଧାରକାରୀ ଦଳ ତଥା ଜିଲ୍ଲା ପ୍ରଶାସନର ସମ୍ମିଳିତ ପ୍ରୟାସ ମାଧ୍ୟମରେ ପ୍ରାୟ ୧,୮୯,୫୯୭ ଜଣ ବ୍ୟକ୍ତିଙ୍କୁ ରିଲିଫ୍ କେନ୍ଦ୍ର ତଥା ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରାୟ ୧୩୫୩ଟି ଘର ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୨୪,୮୯୬ ହେକ୍ଟର ଚାଷଜମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ପୂଜାରୀ ଆଗାମୀ ତିନି ଦିନ ଅର୍ଥାତ୍ ୭୨ ଘଣ୍ଟା ମଧ୍ୟରେ ➪ପୃଷ୍ଠା-୬

## ରାଜସ୍ୱ ମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ଆକାଶମାର୍ଗରୁ ହେଲିକପ୍ଟର ଯୋଗେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟାଞ୍ଚଳ ଓ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରିବା ସହ ବିସ୍ତୃତ ସମୀକ୍ଷା କରିଛନ୍ତି। ମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏବଂ ସ୍ୱତନ୍ତ୍ର ସହାୟତା ଆୟୁକ୍ତ (ଏସ୍‌ଆର୍‌ସି) ରାଜେଶ ପ୍ରଭାକର ପାଟିଲ୍ ମଧ ଉପସ୍ଥିତ ରହି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ ଯେ ଆଜି ପୂର୍ବାହ୍ନରେ ବନ୍ୟାଞ୍ଚଳ ଗସ୍ତ ପୂର୍ବରୁ ଲୋକସେବା ଭବନଠାରେ ବର୍ଷା ଓ ବନ୍ୟା ପରିସ୍ଥିତି ସମ୍ପର୍କରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ।

## ମହାନଦୀରେ ମଧ୍ୟମ ବନ୍ୟା

● ମୁଣ୍ଡଳୀ ଅତିକ୍ରମ କରିଛି ୯.୫ ଲକ୍ଷ କ୍ୟୁସେକ୍ ଜଳ

● ଆସନ୍ତା ୨ ଦିନ ଗୁରୁତ୍ୱପୂର୍ଣ୍ଣ

● ୪ ଜିଲ୍ଲାକୁ ଆଲର୍ଟ ଜାରି

ଯାଜପୁର, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ପରେ ଏବେ ମହାନଦୀ ଅବବାହିକାରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଉପରମୁଣ୍ଡରେ ଲଗାଣ ବର୍ଷା କାରଣରୁ ମହାନଦୀରେ ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ଉପୁଜୁଛି। ଆଜି ସନ୍ଧ୍ୟା ସୁଦ୍ଧା କଟକର ମୁଣ୍ଡଳୀ ବ୍ୟାରେଜ୍ ଦେଇ 'ପିକ୍ ଫ୍ଲଡ୍' ବା ସର୍ବୋଚ୍ଚ ବନ୍ୟା ଜଳ ପ୍ରବାହିତ ହୋଇଛି। ସନ୍ଧ୍ୟା ବେଳକୁ ମୁଣ୍ଡଳୀ ଦେଇ ପ୍ରାୟ ୯ ଲକ୍ଷ ୫୦ ହଜାର କ୍ୟୁସେକ୍ ବନ୍ୟା ଜଳ ନିଷ୍କାସିତ ହୋଇଛି। ତେଣୁ ଆସନ୍ତା ୪୮ ଘଣ୍ଟା ଅର୍ଥାତ୍ ୨ ଦିନ ରାଜ୍ୟ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି) ଦିଲ୍ଲୀପ ରାଉତ ସୂଚନା ଦେଇଛନ୍ତି।

ଆଜି ଦିନ ୧୨ଟା ସୁଦ୍ଧା ମୁଣ୍ଡଳୀ ଦେଇ ୮ ଲକ୍ଷ ୨୮ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ମହାନଦୀକୁ ୨ ଲକ୍ଷ ୮୦ ହଜାରରୁ ୩ ଲକ୍ଷ କ୍ୟୁସେକ୍ ପର୍ଯ୍ୟନ୍ତ ନୂଆ ଜଳ ପ୍ରବେଶ କରିଛି। ଏହି ବିପୁଳ ଜଳରାଶି ଯୋଗୁଁ ମହାନଦୀର ଶାଖା ନଦୀଗୁଡ଼ିକ ଫୁଲିବାରେ ଲାଗିଛି। ଲୁଣା, କରଣ୍ଡିଆ, ପାଇକା, ଦେବୀ, କନ୍ଦଳ, କୁଆଖାଇ ଏବଂ ଚିତ୍ରୋତ୍ପଳା ନଦୀର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଫଳରେ ତଳିଆ ଅଞ୍ଚଳ ବିଶେଷ କରି ଖୋର୍ଦ୍ଧା, ପୁରୀ, ➪ପୃଷ୍ଠା-୬

## ଜୀବଜନ୍ତୁଙ୍କ ଜୀବନ ବି ମୂଲ୍ୟବାନ



ସମ୍ପ୍ରତି ରାଜ୍ୟରେ ବନ୍ୟା ବିଭୀଷିକା ଜାରି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟକ୍ରମ ଜାରି ରହିଛି। ଓଡ୍ରାଫ୍ ଓ ଅନ୍ୟାନ୍ୟ ଟିମ୍‌ର ସଦସ୍ୟମାନେ ପ୍ରଭାବିତ ଅଞ୍ଚଳରେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେଉଥିବା ବେଳେ ପଶୁପକ୍ଷୀଙ୍କୁ ମଧ ଉଦ୍ଧାର କରୁଛନ୍ତି। ଏହି କ୍ରମରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଏକ୍ସ'ରେ ଉଦ୍ଧାରକାରୀ ଦଳର ଏପରି ଉଦ୍ୟମକୁ ପ୍ରଶଂସା କରିବା ସହ ପ୍ରତିଟି ଜୀବନ ସରକାରଙ୍କ ପାଇଁ ମୂଲ୍ୟବାନ ➪ପୃଷ୍ଠା-୬

## ଲୋକସଭାରେ ପାରିତ ହେଲା 'ବନ୍ଦେ ମାତରମ୍' ବିଲ୍



ଅସମ୍ମାନରେ ହେବ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍

ପୂର୍ବରୁ ରାଜ୍ୟସଭାରେ ଅନୁମୋଦନ ପାଇସାରିଛି

**ନୂଆଦିଲ୍ଲୀ,୩୦।୭:** ଜାତୀୟ ଗୀତ 'ବନ୍ଦେ ମାତରମ୍'କୁ ଅସମ୍ମାନ ଏକ ଫୌଜଦାରୀ ଅପରାଧ ବୋଲି ଘୋଷଣା କରୁଥିବା 'ଜାତୀୟ ସମ୍ମାନକୁ ଅପମାନ ନିବାରଣ (ସଂଶୋଧନ) ବିଲ୍-୨୦୨୬' ଗୁରୁବାର ଲୋକସଭାରେ ପାରିତ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଉପସ୍ଥିତି ଦାବି କରି ବିରୋଧୀ ଦଳଗୁଡ଼ିକ ଗୃହରେ ହୋହଲ୍ଲା ଓ ହଟ୍ଟଗୋଳ ଜାରି ରଖିବା ସତ୍ତ୍ୱେ ଅଳ୍ପ ସମୟର ବିତର୍କ ଜରିଆରେ ଏହି ବିଲ୍ ଉପରେ ଲୋକସଭା ମୋହର ଲଗାଇଛି। ପୂର୍ବରୁ ବୁଧବାର ରାଜ୍ୟସଭାରେ ଏହି ବିଲ୍ ଗୃହୀତ ହୋଇସାରିଛି।ଆଜି ଲୋକସଭାର ମୋହର ବାଜିବା ପରେ ସଂଶୋଧିତ ବିଲ୍‌ଟି ସ୍ୱତଃ ଆଇନରେ ପରିଣତ ହୋଇଛି। ଏହି ବିଲ୍ ଜରିଆରେ ପୂର୍ବରୁ ଥିବା ➪ପୃଷ୍ଠା-୬

## ଗେରୁଆ ହେଲା ଭାରତୀୟ ହକି ଦଳର ଜର୍ସି

● ରଙ୍ଗ ପରିବର୍ତ୍ତନକୁ ବିରୋଧ କଲେ ପୂର୍ବତନ ଅଧିନାୟକ

● ସଫେଇ ଦେଲେ ହକି ଇଣ୍ଡିଆ ସଭାପତି

● ନୀଳ ରଙ୍ଗ ଜାତୀୟ ଗର୍ବ ଓ ପରିଚୟର ପ୍ରତୀକ: ନବୀନ



**ନୂଆଦିଲ୍ଲୀ,୩୦।୭:** ୨୦୨୬ ପୁରୁଷ ହକି ବିଶ୍ୱକପ୍ ପୂର୍ବରୁ ଭାରତୀୟ ହକି ଦଳର ନୂଆ ଜର୍ସିକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି। ଦୀର୍ଘ ଦଶନ୍ଧି ଧରି ନୀଳ ରଙ୍ଗର ଜର୍ସି ପିନ୍ଧି ପଡ଼ିଆକୁ ଓହ୍ଲାଉଥିବା ଭାରତୀୟ ଦଳ ଏବେ କମଳା ରଙ୍ଗର କିଟ୍‌ରେ ନଜର ଆସିବ। ଜୁଲାଇ ୨୭ରେ ହକି ଇଣ୍ଡିଆ ପୁରୁଷ ଓ ମହିଳା ଉଭୟ ଦଳ ପାଇଁ ଏହି ନୂଆ ଜର୍ସି ଉନ୍ମୋଚନ କରିଥିଲା। ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ବୀରେନ୍ ରାସକିନା ଏହି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମରେ ନିଜର ଅସନ୍ତୋଷ ପ୍ରକାଶ କରି ସେ ଲେଖିଛନ୍ତି ଯେ, ନୀଳ ରଙ୍ଗର ଜର୍ସି ଭାରତୀୟ ହକିର ଐତିହାସିକ ପରିଚୟ ଥିଲା ଏବଂ ଏହାକୁ ବଦଳାଇବାର କୌଣସି ଯୁକ୍ତିଯୁକ୍ତ କାରଣ ସେ ବୁଝିପାରୁ ➪ପୃଷ୍ଠା-୬

## କାଳବୈଶାଖୀର ତାଣ୍ଡବ
## ଖୋଲା ଆକାଶ ତଳେ ୨୦୦ରୁ ଊର୍ଦ୍ଧ୍ୱ ପରିବାର



**ବରଗଡ଼,୩୦।୭(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲାରେ ବର୍ଷା ଓ ଝଡ଼ ତୋଫାନର କରାଳ ରୂପ ଦେଖିବାକୁ ମିଳିଛି। ନିମିଷକ ମଧରେ ସବୁକିଛି ଛାରଖାର କରିଦେଇଛି କାଳବୈଶାଖୀ। ବିଶେଷକରି ଜିଲ୍ଲାର ଚରକେନ ଗାଁରେ ସ୍ଥିତି ଅତି ଶୋଚନୀୟ ହୋଇପଡ଼ିଛି। ଝଡ଼ର ତାଣ୍ଡବରେ ଏହି ଗାଁର ୨୦୦ରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ଶହ ଶହ ପରିବାର ଖୋଲା ଆକାଶ ତଳେ ପଡ଼ିରହିଛନ୍ତି। ଗତକାଲି ହଠାତ୍ ଜୋରଦାର ବର୍ଷା ସହ ମାଡ଼ି ଆସିଥିଲା ପ୍ରଳୟଙ୍କରୀ ଝଡ଼। ପବନର ବେଗ ଏତେ ଥିଲା ଯେ କାହାର ଘର ଭାଙ୍ଗି ମାଟିରେ ମିଶିଯାଇଛି ତ ଆଉ କାହାର ଘର ଉପରୁ ଆଜବେଷ୍ଟସ ଓ ଛପର ଉଡ଼ିଯାଇଛି। ବଡ଼ ବଡ଼ ଗଛ ଉପୁଡ଼ି ଘର ଉପରେ ପଡ଼ିବାରୁ ଅନେକ ସମ୍ପତ୍ତି ମଧ ନଷ୍ଟ ହୋଇଛି। ଘର ଭିତରେ ମାଟି ଅତଡ଼ା ପଡ଼ିଥିବା ବେଳେ ଉପରକୁ ଚାହିଁଲେ ଦିଶୁଛି ଖୋଲା ଆକାଶ। ଏହି ପ୍ରାକୃତିକ ➪ପୃଷ୍ଠା-୬

### ମେଡିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗ

## ହ୍ୱାଟ୍‌ସଆପରେ ଘୂରିବୁଲୁଛି ଉତ୍ତର

ବିବାଦରେ ପରୀକ୍ଷା ନିୟନ୍ତ୍ରକଙ୍କ ନିଯୁକ୍ତି



**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ନିଟ୍ ପ୍ରଶ୍ନପତ୍ର ଲିକ୍ ବିବାଦକୁ ଦେଶବ୍ୟାପୀ ଆନ୍ଦୋଳନ ଥମି ନ ଥିବା ବେଳେ ଏବେ ରାଜ୍ୟରେ ମେଡିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ହୋଇଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଅଧୀନରେ ଚାଲିଥିବା ୨୦୨୩-୨୬ ବ୍ୟାଚ୍ ଜେନେରାଲ ସର୍ଜରୀ ବାର୍ଷିକ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ସାଂଘାତିକ ଅଭିଯୋଗ ପଦାକୁ ଆସିବା ପରେ ଏବେ ହଟଚମଟ ସୃଷ୍ଟି ହୋଇଛି।

ଗତ ୨୧ରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷାରେ ହଲ୍‌କୁ ପ୍ରଶ୍ନପତ୍ର ଆସିବା ପୂର୍ବରୁ ଅବା ପରୀକ୍ଷା ସମୟରେ ହିଁ ପ୍ରଶ୍ନପତ୍ରର ଫଟୋ ଉଠାଯାଇ ହ୍ୱାଟସଅପ୍ ଗ୍ରୁପଗୁଡ଼ିକରେ ଭାଇରାଲ କରାଯାଉଥିବା ଅଭିଯୋଗ ହୋଇଛି। ଏପଟେ ଏହି ବିବାଦ ମଧ୍ୟରେ ଏକ ଗୁରୁତର ଘଟଣା ପଦାକୁ ଆସିଛି। ରାଜ୍ୟ ସରକାରଙ୍କ ବିନାନୁମତିରେ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କୁ ନିଯୁକ୍ତି ଦିଆଯାଇଛି, ଯାହାକୁ ନେଇ ରାଜ୍ୟ ସରକାର ମଧ୍ୟ ଜବାବ ତଲବ କରିଥିବା ସୂଚନା ମିଳିଛି। ➪ପୃଷ୍ଠା-୬

## ଶୀତ ଅଧିବେଶନକୁ ଘୁଞ୍ଚିଲା 'ଏକ ରାଷ୍ଟ୍ର ଏକ ନିର୍ବାଚନ' ବିଲ୍

**ନୂଆଦିଲ୍ଲୀ,୩୦।୭:** ସଂସଦର ଚଳିତ ମୌସୁମୀ ଅଧିବେଶନରେ ପ୍ରସ୍ତାବିତ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବିଲ୍ ଆଲୋଚନା ପାଇଁ ଉପସ୍ଥାପିତ ହେବନାହିଁ। ଆଲୋଚନା ନିମନ୍ତେ ଏହାର ଅବଧିକୁ ଲୋକସଭାର ଶୀତକାଳୀନ ଅଧିବେଶନ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଫଳରେ 'ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ' ବିଧେୟକ ଉପରେ ବିଚାରବିମର୍ଶ କରୁଥିବା ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ଅଧିକ ଅନୁଶୀଳନ କରିବାକୁ ପର୍ଯ୍ୟାପ୍ତ ସମୟ ମିଳିଛି। ଜେପିସି ମୁଖ୍ୟ ପିପି ଚୌଧୁରୀ ଲୋକସଭାରେ ଏକ ପ୍ରସ୍ତାବ ଆଣି କମିଟିର ରିପୋର୍ଟ ଦାଖଲ ଡେଡ୍‌ଲାଇନକୁ ଶୀତ ଅଧିବେଶନ ଯାଏ ଘୁଞ୍ଚାଇଦେବାକୁ ଅନୁରୋଧ କରିଥିଲେ।

### ପ୍ରଧାନମନ୍ତ୍ରୀଙ୍କ ସିସିଏସ୍ ବୈଠକ

## ଏଲ୍‌ପିଜି ଉପରୁ କମୁଛି ନିର୍ଭରଶୀଳତା

**ନୂଆଦିଲ୍ଲୀ,୩୦।୭:** ଦେଶକୁ ମଧ୍ୟପ୍ରାଚ୍ୟ (ପଶ୍ଚିମ ଏସିଆ) ଯୁଦ୍ଧସ୍ଥିତି କିଭଳି ପ୍ରଭାବିତ କରିଛି ଓ ତାହାର ମୁକାବିଲା ଲାଗି ମନ୍ତ୍ରଣାଳୟଗୁଡ଼ିକ କି ପ୍ରସ୍ତୁତି କରିଛନ୍ତି ସେସବୁର ସମୀକ୍ଷା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ସୁରକ୍ଷା ସମ୍ପର୍କୀତ କ୍ୟାବିନେଟ୍ କମିଟି (ସିସିଏସ୍)ର ଏକ ସ୍ୱତନ୍ତ୍ର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ସରକାରଙ୍କ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, କ୍ୟାବିନେଟ୍ ସଚିବ ଟି.ଭି. ସୋମନାଥନ୍ କମିଟିକୁ ପ୍ରଥମେ ସାମ୍ପ୍ରତି ଭୂ-ରାଜନୈତିକ ସ୍ଥିତି ସମ୍ପର୍କିତ ଏକ ବ୍ରିଫିଙ୍ଗ୍ ଦେଇଥିଲେ। ଏଥିସହ ଦେଶର ଶକ୍ତି ସୁରକ୍ଷାକୁ ନିରାପଦ ରଖିବା ଲାଗି ତଥା ମଧ୍ୟପ୍ରାଚ୍ୟ ସ୍ଥିତିଯୋଗୁ ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି), ତରଳୀକୃତ ➪ପୃଷ୍ଠା-୬




# ନବୀନଙ୍କ ମତିଗତିକୁ ନେଇ ଅଡୁଆରେ ବିଜେଡି

ଧର୍ମେନ୍ଦ୍ରଙ୍କୁ ବିରୋଧ ନେଇ ଭିନ୍ନ ମତ

ଭବିଷ୍ୟତକୁ ନେଇ ଚିନ୍ତାରେ ନେତା



**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପରିବର୍ତ୍ତିତ ମତିଗତି ଏବେ ଖୋଦ୍ ବିଜେଡି ନେତାଙ୍କୁ ଅକଳରେ ପକାଇଛି। ଅସରପା ଦଳକୁ ସମର୍ଥନ ଓ ଧର୍ମେନ୍ଦ୍ରଙ୍କୁ ବିରୋଧ ଦ୍ୱାରା ଦଳ ଯେଉଁ ନୂଆ ରଣନୀତି ସହ ଆଗକୁ ବଢୁଥିଲା, ତାହା ଏବେ ଅଟକିଯିବ ବୋଲି ଖୋଦ୍ ଦଳର ନେତାମାନେ ଜାଣିଗଲେଣି। ନିକଟରେ ସଭାପତିଙ୍କ ଡାକରାରେ ଏକାଠି ହୋଇଥିବା ଦଳର ଚାରି ଜଣ ଚାଣକ୍ୟ ଏଭଳି ମତ ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ନିର୍ବାଚନ ହାରିବାର ପ୍ରାୟ ଦୁଇ ବର୍ଷ ପରେ ବିଜେଡି ସୁଜାତା ରାଉତଙ୍କୁ ଦଳରେ ସାମିଲ କରି ଆଗକୁ ବଢ଼ିବାକୁ ଯୋଜନା କରିଥିଲା। ଏହି ଯୋଜନା ବି ଠିକଣା ବାଟରେ ଚାଲୁଥିଲା। ଦଳର ଅନେକ ନେତା ସୁଜାତାଙ୍କ ଯୋଗଦାନକୁ ସମର୍ଥନ କରିଥିଲେ। କିନ୍ତୁ ନବୀନ ହଠାତ୍ ତାଙ୍କ ଆଭିମୁଖ୍ୟ ବଦଳାଇ ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନ କରୁଥିବା କଙ୍ଗ୍ରେସ ଦଳକୁ ସମର୍ଥନ କରିବା ସହ ଓଡ଼ିଶା ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ।

ଦିଲ୍ଲୀରେ ଆନ୍ଦୋଳନ ଚାଲିଥିବା ବେଳେ ସେଥିରେ ଯୋଗ ଦେବା ପାଇଁ ବିଜେଡିର ଦୁଇ ଛାମୁଆ ସଂଗଠନ ଛାତ୍ର ଓ ଯୁବ ନେତାଙ୍କୁ ଦିଲ୍ଲୀ ଡକରା ହୋଇଥିଲା। ସେମାନେ ସେଠାରେ ପହଞ୍ଚିବା ପରେ କିନ୍ତୁ ସେମାନଙ୍କୁ ଧାରଣା ସ୍ଥଳକୁ ଯିବାକୁ ବାରଣ କରାଯାଇଥିଲା। ଏହାପରେ ନବୀନ ତତ୍କାଳ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କରିଥିଲେ। ସେତେବେଳେ ନବୀନଙ୍କର ଏଭଳି ମତିଗତିକୁ ଖୋଦ୍ ଦଳୀୟ ନେତାମାନେ ବି ବୁଝିପାରି ନ ଥିଲେ। ଏହାପରେ ରାଜ୍ୟ ବିଜେପି ନେତାମାନେ ଆକ୍ରମଣାତ୍ମକ ହେବା ସହ ବିଜେଡି ବିରୋଧରେ ମୋର୍ଚ୍ଚା ଖୋଲିଥିଲେ।

ଧର୍ମେନ୍ଦ୍ର ଇସ୍ତଫା ଦେବା ପରେ ବି ନବୀନ ତାଙ୍କୁ ବିରୋଧ ଜାରି ରଖିଛନ୍ତି। କର୍ମୀଙ୍କ ଜରିଆରେ କଳାପତାକା ପ୍ରଦର୍ଶନ କରିଛନ୍ତି। ଦଳର ଏଭଳି ଆଚରଣ ବି ନେତାମାନଙ୍କୁ ହତବାକ୍ କରିଦେଇଛି। ତେବେ ନିକଟରେ ଦଳ ସଂକ୍ରାନ୍ତରେ ଆଲୋଚନା ପାଇଁ ନବୀନ ଚାରି ଜଣ ବରିଷ୍ଠ ନେତାଙ୍କୁ ଡାକିଥିଲେ। ସେମାନଙ୍କ ସହ ଦଳର କାର୍ଯ୍ୟକଳାପ ନେଇ ଆଲୋଚନା ହୋଇଥିବା ବେଳେ କଙ୍ଗ୍ରେସ ଜନତା ପାର୍ଟିକୁ ସମର୍ଥନ କରିବାକୁ କିନ୍ତୁ ଚାରି ନେତା ପସନ୍ଦ କରି ନ ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଏହି ନେତାମାନଙ୍କ ମତରେ ସୁଜାତାଙ୍କୁ ଆଗରେ ରଖି ଦଳ କର୍ମୀଙ୍କ ନିକଟରେ ପହଞ୍ଚିବାକୁ ଯୋଜନା କରିଥିବା ବେଳେ ବିଜେଡି ହଠାତ୍ ଧର୍ମେନ୍ଦ୍ରଙ୍କୁ ଦିଲ୍ଲୀଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିରୋଧ କରି ତାଙ୍କୁ ନିଜର ଅସଲ ପ୍ରତିଦ୍ୱନ୍ଦ୍ୱୀ ବୋଲି ପ୍ରମାଣ କରିଛନ୍ତି। ଯଦି ଧର୍ମେନ୍ଦ୍ର ବିଜେଡି ବିରୋଧରେ ମୋର୍ଚ୍ଚା ଖୋଲନ୍ତି ତେବେ ➪ପୃଷ୍ଠା-୬

## ଘରୋଇ କଳିରୁ ରକ୍ତାକ୍ତ କାଣ୍ଡ, ୩ ଗୁରୁତର



ମାର୍ଶାଘାଇ,୩୦।୭(ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ଥାନା ଅନ୍ତର୍ଗତ ମଣିକୁଣ୍ଡା ଗ୍ରାମରେ ଘରୋଇ କଳିରୁ ଏକ ଅଭାବନୀୟ ଘଟଣା ଘଟିଛି। ପଡୋଶୀଙ୍କ ଆକ୍ରମଣରେ ଏକ ପରିବାରର ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଏନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ମଣିକୁଣ୍ଡା ଗ୍ରାମର ଗଙ୍ଗାଧର ସ୍ୱାଇଁଙ୍କ ସହ ତାଙ୍କ ପଡୋଶୀ ଜିତେନ୍ଦ୍ରଙ୍କ ପରିବାରର ପୂର୍ବରୁ ବିବାଦ ଲାଗି ରହିଥିଲା। ଆଜି ଗଙ୍ଗାଧର ନିଜ ବାଡ଼ିରୁ ଅନାବନା ଗଛ ସଫା କରୁଥିବା ସମୟରେ ଜିତେନ୍ଦ୍ର ଓ ତାଙ୍କ ପରିବାର ଲୋକେ ଆସି ତାଙ୍କ ଉପରେ କୋଦାଳରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଗଙ୍ଗାଧର ସ୍ୱାଇଁ, ତାଙ୍କ ପତ୍ନୀ ଏବଂ ଝିଅ ଗୁରୁତର ଭାବେ ଆହତ ହୋଇଛନ୍ତି। ପରେ ସମ୍ପର୍କୀୟମାନେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲକୁ ପଠାଇଛନ୍ତି। ଏନେଇ ପୀଡିତ ପରିବାର ପକ୍ଷରୁ ମାର୍ଶାଘାଇ ଥାନାରେ ଏତଲା ଦିଆଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବନ୍ୟାରେ ଧୋୟା ୧୦ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ

# ଡଙ୍ଗା ଭରସାରେ ସ୍ଥାନୀୟ ଲୋକେ

ଆଳି,୩୦।୭(ସଂଚାର ବ୍ୟୁରୋ)ଃ ଆଳି ବ୍ଲକରେ ତୃତୀୟ ବନ୍ୟାରେ ଧୋୟା ଦଶ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ବ୍ଲକ, ତହସିଲ, ଥାନା ମେଡ଼ିକାଲ ଆସିବାକୁ ହେଲେ ଡଙ୍ଗା ଏବେ ଧୋୟା ବାସୀଙ୍କ ଏକ ମାତ୍ର ଭରସା ପାଲଟିଛି। ଲଗାଣ ବର୍ଷା ଯୋଗୁଁ ଖରସ୍ରୋତା, ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଖରସ୍ରୋତା ଓ ଏହାର ଶାଖା କାଣୀ ନଦୀରେ ବନ୍ୟା ଆସିବା ଯୋଗୁଁ ଆଳି ଗୋବିନ୍ଦପୁର ମୁଖ୍ୟ ରାସ୍ତାର ମାନପୁର ଘୋଷରା ନିକଟରେ ପ୍ରାୟ ୩ ଫୁଟର ବନ୍ୟାଜଳ ପ୍ରବାହିତ ହେଉ ଥିବାରୁ ଦୁଇଟି ଡଙ୍ଗା ଯୋଗେ ପାର ହୋଇଥିବା ଦେଖା ଯାଇଛି। ଏହି ରାସ୍ତା ଦେଇ ଲୋକେ ସଦର ମହକୁମାକୁ ଯାଉଥିବା ବେଳେ ପ୍ରତ୍ୟେକ ଦିନ ଯାହାଫଳରେ ବନ୍ୟା ଆସିବାରୁ ଧୋୟାଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସହ ଯାଜପୁର ଜିଲ୍ଲାକୁ ମଧ୍ୟ ଯାତାୟାତ ଠପ୍ ହୋଇଯାଇଛି। ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏହି ପଞ୍ଚାୟତ ଗୋଡ଼ିକ ହେଲେ ଗୋବିନ୍ଦପୁର, ଜୁଆଣିଆ, ସଂସିଧା ପେତପଡା, ପାଳିମି, ଦେସାହି, ଅର୍ଗଳ, ଏରଡଙ୍ଗ ଡିମିରିପାଳ ପଞ୍ଚାୟତ ମଧ୍ୟ ପାଣି ଘେରରେ ରହିଛି। ଅନ୍ୟ ପଟେ ହଜାର ହଜାର ହେକ୍ଟର ଜମି ପାଣି ଘେରରେ ଥିବାରୁ ଚାଷୀ କୁଳ ଏବେ ଚିନ୍ତାରେ।ଅନ୍ୟ ପଟେ ପ୍ରଶାସନ ପକ୍ଷରୁ ଡଙ୍ଗାର ବ୍ୟବସ୍ଥା ହୋଇ ନଥିବା ବେଳେ ସ୍ଥାନୀୟ ଲୋକେ ଡଙ୍ଗା ପାର କରୁଥିବାରୁ ଏକ ଶହ ଟଙ୍କା ନେଉଥିବା ଅଭିଯୋଗ ହୋଇଛି।ସେପଟେ ମାନପୁର ଗ୍ରମରେ ପାଣି ବୁଡ଼ି ଥିବାରୁ ଗାଁ ଭିତରେ କୁମ୍ଭୀର ଆତଙ୍କ ଦେଖା ଯାଇଛି।

### ଜନବସତି ମୁହାଁ କୁମ୍ଭୀର



## ବନ୍ୟା ପ୍ରସ୍ତୁତି ବୈଠକ ସମୀକ୍ଷା କଲେ ଜିଲ୍ଲାପାଳ



କେନ୍ଦ୍ରାପଡ଼ା, ୩୦।୭(ସଂଚାର ବ୍ୟୁରୋ)ଃ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନ ୫ଟାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବନ୍ୟା ପ୍ରସ୍ତୁତି ଓ ସମନ୍ୱୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମାନ୍ୟବର ବିଧାୟକ ମହାକାଳପଡ଼ା ଶ୍ରୀ ଦୁର୍ଗା ପ୍ରସନ୍ନ ନାୟକ, ମାନ୍ୟବର ବିଧାୟକ ପାଟକୁରା ଶ୍ରୀ ଅରବିନ୍ଦ ମହାପାତ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ଜଳସେଚନ, ଆଳି ଏମ୍ବାଙ୍କମେଣ୍ଟ, ଡ୍ରେନେଜ୍, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ସ୍ୱାସ୍ଥ୍ୟ, ଅଗ୍ନିଶମ, କୃଷି, ପ୍ରାଣୀ ସମ୍ପଦ, ଯୋଗାଣ, ସମାଜ ମଙ୍ଗଳ, ଜରୁରୀକାଳୀନ ଶାଖା ସମେତ ସମସ୍ତ ଲାଇନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାର ବର୍ତ୍ତମାନ ବନ୍ୟା ପରିସ୍ଥିତି, ବୈତରଣୀ ନଦୀର ଜଳସ୍ତର, ନଦୀବନ୍ଧର ସୁରକ୍ଷା, ଦୁର୍ବଳ ସ୍ଥାନଗୁଡ଼ିକର ନିରନ୍ତର ତଦାରଖ, ଜଳ ନିଷ୍କାସନ ବ୍ୟବସ୍ଥା, ସମ୍ଭାବ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳ ଚିହ୍ନଟ, ଲୋକଙ୍କ ସ୍ଥାନାନ୍ତରଣ, ବନ୍ୟା ଆଶ୍ରୟସ୍ଥଳଗୁଡ଼ିକର ପ୍ରସ୍ତୁତି, ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟସେବା, ଔଷଧ, ଓଆର୍ ଏସ, ସାପ କାମୁଡ଼ା ଔଷଧ, ଶୁଖିଲା ଖାଦ୍ୟ, ଅତ୍ୟାବଶ୍ୟକ ସାମଗ୍ରୀ, ପଶୁଖାଦ୍ୟ, ପଶୁ ଚିକିତ୍ସା, ସଡ଼କ ସଂଯୋଗ, ଉଦ୍ଧାରକାରୀ ଦଳ, ଅଗ୍ନିଶମ ବାହିନୀ, ଓଡ଼ିଆରଏଫ୍ ଓ ଅନ୍ୟାନ୍ୟ ଜରୁରୀକାଳୀନ ସେବାର ପ୍ରସ୍ତୁତି ସମ୍ପର୍କରେ ବିଭାଗୱାରୀ ସମୀକ୍ଷା କରାଯାଇଥିଲା।

## ୩୨ ବର୍ଷ ପରେ ବି ବିଦ୍ୟାଳୟକୁ ନାହିଁ ପକ୍କା ରାସ୍ତା

ମାର୍ଶାଘାଇ,୩୦।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଡିହବଳରାମପୁରସ୍ଥିତ ମୁକ୍ତେଶ୍ୱର ଜାତୀୟ ବିଦ୍ୟାଳୟ ୧୯୯୪ ମସିହାରେ ସ୍ଥାପିତ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟକୁ ଯିବା ପାଇଁ ପକ୍କା ରାସ୍ତାର ବ୍ୟବସ୍ଥା ହୋଇନଥିବା ଅଭିଯୋଗ ହେଉଛି। ବର୍ଷାଦିନେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ କାଦୁଅ ଓ ଦୁର୍ଗମ ରାସ୍ତା ଦେଇ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବହୁବାର ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ସରକାର ବିକାଶର ଦାବି କରୁଥିବା ବେଳେ ଏକ ପୁରୁଣା ବିଦ୍ୟାଳୟକୁ ଆଜି ପର୍ଯ୍ୟନ୍ତ ରାସ୍ତା ସଂଯୋଗ ନ ମିଳିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ପ୍ରସଙ୍ଗରେ ସ୍ଥାନୀୟ ବାସିନ୍ଦାମାନେ ପ୍ରଶ୍ନ ଉଠାଇଛନ୍ତି ଯେ, ନିର୍ବାଚନମଣ୍ଡଳୀର ବିକାଶ କାର୍ଯ୍ୟରେ ଏହି ବିଦ୍ୟାଳୟର ରାସ୍ତା ସମସ୍ୟା କେବେ ସମାଧାନ ହେବ?

## ୨ ହଜାର ଟଙ୍କା ପାଇଁ ବାପାଙ୍କୁ ହତ୍ୟା ଉଦ୍ୟମ

### ପନିକିରେ ଆକ୍ରମଣ ପରେ ଉଲଗ୍ନ କରି ଗାଁ ରାସ୍ତାରେ ଚଲାଇଲା ପୁଅ



ମହାକାଳପଡ଼ା, ୩୦।୭ (ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ଥାନା ଅନ୍ତର୍ଗତ ଚଡେଇଗୁଆଁ ଗ୍ରାମରେ ଘଟିଥିବା ଏକ ଅମାନବୀୟ ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମାତ୍ର ୨ ହଜାର ଟଙ୍କା ପାଇଁ ପୁଅ ନିଜ ବୃଦ୍ଧ ବାପାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିବା ସହ ତାଙ୍କୁ ଉଲଗ୍ନ କରି ଗାଁ ରାସ୍ତାରେ ଚଲାଇ ଅପମାନିତ କରିଥିବା ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏତଲା ଅନୁଯାୟୀ, ଚଡେଇଗୁଆଁ ଗ୍ରାମର ପ୍ରମୋଦ ବେଉରା (୬୮) ଙ୍କ ନିକଟରୁ ତାଙ୍କ ପୁଅ ଡବ୍ଲୁ ବେଉରା ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ୨ ହଜାର ଟଙ୍କା ମାଗିଥିଲେ। ପ୍ରମୋଦ ଦୁଇ ଦିନ ପୂର୍ବରୁ ଟଙ୍କା ଦେଇଥିବା କହି ପୁଣି ଦେବାକୁ ମନା କରିବାରୁ ଡବ୍ଲୁ ଉତ୍ତ୍ୟକ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଘରୁ ଏକ ଧାରୁଆ ପନିକି ଆଣି ପ୍ରମୋଦଙ୍କ ବେକକୁ ଲକ୍ଷ୍ୟ କରି ଆକ୍ରମଣ କରିଥିବା ବେଳେ ସେ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିବାରୁ ବାମ ହାତରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଏହାପରେ ଅଭିଯୁକ୍ତ ନିଜ ବାପାଙ୍କୁ ଜବରଦସ୍ତି ଉଲଗ୍ନ କରି ଗାଁ ରାସ୍ତାରେ ଚଲାଇ ଅପମାନିତ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ କରିଛନ୍ତି ପ୍ରମୋଦ। ଏହି ଘଟଣାରେ ମହାକାଳପଡ଼ା ଥାନାରେ କେସ୍ ନଂ- ୨୨୮ ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତ ଡବ୍ଲୁ ବେଉରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ପରେ ତାଙ୍କୁ ନ୍ୟାୟିକ ହାଜତ କୁ ପଠାଯାଇଛି ବୋଲି ଥାନାଧିକାରୀ ମାନସ ମଲ୍ଲିକ ସୂଚନା ଦେଇଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଡେରାବିଶ,୩୦।୭(ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଖରିଦାସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମଲିକଙ୍କୁ ଆଜି ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକାବାଳା ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ସିଆରସିସି ପ୍ରମୋଦ କୁମାର ମଲ୍ଲ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଚିତ୍ରା ଜେନା, ୱାର୍ଡ଼ ସଭ୍ୟ ଦିପକ ସାହା ଯୋଗଦେଇଥିଲେ। ଏହି ଅବସରରେ ଅଙ୍ଗନବାଡ଼ି କର୍ମୀ ସୌମ୍ୟାରାଣୀ ଦାସ, ସହକାରୀ ଶିକ୍ଷୟିତ୍ରୀ ଦିପ୍ତିମୟୀ ପ୍ରହରାଜ ଓ ମଞ୍ଚାସୀନ ଅତିଥିମାନେ ସେବାନିବୃତ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ମଲିକଙ୍କ କାର୍ଯ୍ୟଦକ୍ଷତା, ଶିକ୍ଷାଦାନ ପଦ୍ଧତି ଓ ସମୟାନୁବର୍ତ୍ତୀତାର ବେଶ୍ ପ୍ରଶଂସା କରିବା ସହ ତାଙ୍କ ଅବସରଜୀବନ ସୁଖମୟ କାମନା କରିଥିଲେ। ପରେ ଶ୍ରୀମତୀ ମଲିକଙ୍କୁ ମାନପତ୍ର, ଉପଢ଼ୌକନ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପୁଷ୍ପଲତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କରେଣ୍ଟ ଲାଗି ଦୁଇ ମଇଁଷିଙ୍କ ଚାଲିଗଲା ଜୀବନ

### ଅଳ୍ପକେ ବର୍ତ୍ତିଲେ ଦୁଇ ଭାଇ; ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ



ଗରଦପୁର,୩୦।୭(ସଂଚାର ବ୍ୟୁରୋ)ଃ ଗରଦପୁର ଅଞ୍ଚଳର ନଦୀବନ୍ଧ କଡ଼ରେ ଘଟିଥିବା ଏକ ବିଦ୍ୟୁତ୍ ଦୁର୍ଘଟଣାରେ ଦୁଇଟି ମଇଁଷିର ମୃତ୍ୟୁ ଘଟିଥିବାବେଳେ ଦୁଇ ଜଣ ଯୁବକ ଅଳ୍ପକେ ପ୍ରାଣରକ୍ଷା ପାଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚିନ୍ତାର ବିଷୟ ପାଲଟିଛି। ବିଦ୍ୟୁତ୍ ଖୁଣ୍ଟ ଓ ଷ୍ଟେରେ କରେଣ୍ଟ ପ୍ରବାହିତ ହେବା ଯୋଗୁଁ ଏହି ଅଘଟଣ ଘଟିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ପହଣା ଗ୍ରାମର ଅଶୋକ ବେହେରା ଓ ଦେବ ବେହେରା ଘଟଣାସ୍ଥଳ ନିକଟରେ ଥିବାବେଳେ ବିପଦକୁ ଅନୁଭବ କରି ସତର୍କତାର ସହ ସେଠାରୁ ଦୂରକୁ ସରିଯାଇଥିଲେ। ଫଳରେ ସେମାନେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। କିନ୍ତୁ ଦୁଇଟି ମଇଁଷି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଆତଙ୍କ ପ୍ରକାଶ ପାଇଛି। ସେମାନଙ୍କ କହିବା ଅନୁଯାୟୀ, ବିଦ୍ୟୁତ୍ ଖୁଣ୍ଟ ଓ ଷ୍ଟେରେ କରେଣ୍ଟ ଆସିବା ଏକ ଗୁରୁତର ସୁରକ୍ଷା ତ୍ରୁଟିର ସଙ୍କେତ। ଏଭଳି ସ୍ଥିତିରେ ଯେକୌଣସି ସମୟରେ ବଡ଼ ଧରଣର ଜନହାନି ଘଟିପାରେ। ସ୍ଥାନୀୟ ବାସିନ୍ଦାମାନେ ଘଟଣାର ପ୍ରକୃତ କାରଣ ଖୋଜି ବାହାର କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ମୃତ ମଇଁଷିର ମାଲିକଙ୍କୁ ଉପଯୁକ୍ତ କ୍ଷତିପୂରଣ ଏବଂ ସମଗ୍ର ଅଞ୍ଚଳର ବିଦ୍ୟୁତ୍ ଖୁଣ୍ଟ, ଷ୍ଟେ ଓ ଲାଇନର ତୁରନ୍ତ ସୁରକ୍ଷା ଯାଞ୍ଚ ପାଇଁ ଦାବି କରିଛନ୍ତି। ଏହି ଘଟଣା ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ନିୟମିତ ରକ୍ଷଣାବେକ୍ଷଣ ଓ ସୁରକ୍ଷା ଯାଞ୍ଚର ଆବଶ୍ୟକତାକୁ ପୁଣିଥରେ ସାମ୍ନାକୁ ଆଣିଛି। ସମ୍ପୃକ୍ତ ବିଭାଗ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏପରି ଦୁର୍ଘଟଣାର ପୁନରାବୃତ୍ତିକୁ ଏଡ଼ାଇ ହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ବାୟୋମେଟ୍ରିକ ନଥିବା କର୍ମଚାରୀଙ୍କ ଦରମା ବନ୍ଦ

କେନ୍ଦ୍ରାପଡ଼ା, ୩୦।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ବାୟୋମେଟ୍ରିକ ଉପସ୍ଥାନ ପକାଉନାହାନ୍ତି। ସରକାର କାର୍ଯ୍ୟାଳୟକୁ ଆସିବା ଓ ଫେରିବା ପାଇଁ ଯେଉଁ ସମୟ ଧାର୍ଯ୍ୟ କରିଛନ୍ତି ତାହାକୁ କର୍ମଚାରୀମାନେ ମାନୁନାହାନ୍ତି। ଏହିଭଳି ଅଭିଯୋଗ ଜିଲ୍ଲାପାଳଙ୍କ ନିକଟକୁ ଆସିବା ପରେ ବାୟୋମେଟ୍ରିକ ଉପସ୍ଥାନ ନଥିବା କର୍ମଚାରୀଙ୍କ ଦରମା ବନ୍ଦ ହେବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା-୧୩୧୩ ତା ୨୮.୦୭.୨୦୨୬ରିଖରେ ଜାରି ହୋଇଥିବା ଏହି ନିର୍ଦ୍ଦେଶ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଚିକିତ୍ସା ଅଧିକାରୀ(ଏମ ଆଣ୍ଡ ଏସ)ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ, କେନ୍ଦ୍ରାପଡା ପୌରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଜରୁରୀ ଅଧିକାରୀ, ଜିଲ୍ଲାର ସମସ୍ତ ତହସିଲଦାର, ସମସ୍ତ ବିଡିଓ ଏବଂ ସମସ୍ତ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକମାନଙ୍କୁ ପ୍ରଦାନ କରାଯାଇଛି। ଏହି ନିଦର୍ଦ୍ଦେଶରେ ଜିଲ୍ଲାପାଳ ଉଲ୍ଲେଖ କରିଛନ୍ତି ଯେ ସରକାର ଓ ଜିଲ୍ଲା ପ୍ରଶାସନର ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଉପରୋକ୍ତ କାର୍ଯ୍ୟାଳୟ ଗୁଡ଼ିକର ଅନେକ କର୍ମଚାରୀ ଆଧାର ସଂଯୋଗ ଥିବା ବାୟୋମେଟ୍ରିକ ଉପସ୍ଥାନ ପକାଉନଥିବା ପ୍ରମାଣ ମିଳିଛି। ଯେଉଁ କର୍ମଚାରୀମାନେ ଅନୁପସ୍ଥିତ ରହୁଛନ୍ତି ସେମାନେ ଉଚ୍ଚ କୃପକ୍ଷଙ୍କ ଠାରୁ ଅନୁମତି ନେଉନାହାନ୍ତି।

## ସରକାରୀ ବିଦେଶୀ ମଦ ଦୋକାନରୁ ନକଲି ମଦ ଜବତ, ଦୋକାନ ସିଲ



ପାରାଦ୍ୱୀପ,୩୦।୭(ସଂଚାର ବ୍ୟୁରୋ)ଃ ପାରାଦ୍ୱୀପର ଅଠରବାଙ୍କୀ ସରକାରୀ ବିଦେଶୀ ମଦ ଦୋକାନରୁ ନକଲି ବା ହାତ ତିଆରି ମଦ ବାହାରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୁଜଙ୍ଗ ଅତିରିକ୍ତ ତହସିଲଦାର ପାଏଲ ପ୍ରିୟଦର୍ଶିନୀଓ ପାରାଦ୍ୱୀପ ଅବକାରୀ ରେଞ୍ଜ ନିରୀକ୍ଷକ ଶ୍ରୀକାନ୍ତ କୁମାର ପଟ୍ଟନାୟକ ଙ୍କ ଉପସ୍ଥିତିରେ ଉକ୍ତ ଦୋକାନକୁ ସାମୟିକ ଭାବେ ସିଲ କରାଯାଇଛି। ଦୋକାନରୁ ନକଲି ମଦ ମିଳିବା ପରେ ଏବେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଏହି ଦୋକାନରେ କେବଳ ମିଳୁଛି କି, ନା ପାରାଦ୍ୱୀପର ସବୁ ସରକାରୀ ମଦ ଦୋକାନରେ ଏପରି ନକଲି ମଦ ବିକ୍ରି ହେଉଛି? ଯଦି ଏହି ନକଲି ମଦ ପିଇ କେହି ମୃତ୍ୟୁ ବରଣ କରିଥାନ୍ତେ ତେବେ ତା ପାଇଁ ଦାୟି କିଏ ହୋଇଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଘଟଣାର ତଦନ୍ତ ପାଇଁ ଅବକାରୀ ବିଭାଗ ତରଫରୁ ନମୁନା ସଂଗ୍ରହ କରାଯାଇଛି। ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ସରକାରୀ ଦୋକାନରୁ ଏଭଳି ନକଲି ମଦ ବିକ୍ରି ହେବା ଘଟଣାକୁ ନେଇ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସମସ୍ତ ଦୋକାନରେ ତୁରନ୍ତ ଯାଞ୍ଚ କରିବାକୁ ସେମାନେ ଦାବି କରିଛନ୍ତି।

### ବିପଦ ସଙ୍କେତ ଉପରେ ଲୁଣା, ପାଇକା, ଚିତ୍ରୋତ୍ପଳା, କରଣ୍ଡିଆ

## ପାଣିଘେରରେ ବହୁ ଅଞ୍ଚଳ

ମାର୍ଶାଘାଇ,୩୦।୭(ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ପ୍ରବାହିତ ହେଉଥିବା ମହାନଦୀର ଶାଖା ନଦୀ ଲୁଣା, କରଣ୍ଡିଆ, ଚିତ୍ରୋତ୍ପଳା ଓ ପାଇକା ନଦୀରେ ଜଳସ୍ତର ବୃଦ୍ଧି ପାଇ ଗୁରୁବାର ସନ୍ଧ୍ୟାସୁଦ୍ଧା ବିପଦ ସଂକେତ ଉପରେ ରହିଛି। ସନ୍ଧ୍ୟା ସୁଦ୍ଧା ଲୁଣା ନଦୀର ମାର୍ଶାଘାଇ ଠାରେ ୨୨.୬ ଇଞ୍ଚ ପାଣି ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ମୁଣ୍ଡୁଳି ବ୍ୟାରେଜରୁ ନିଷ୍କାସିତ ହେଉଥିବା ମହାନଦୀ ଜଳ ଆସି ପହଁଚିଲେ ଏଠାରେ ଜଳ ସ୍ତର ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ଲୁଣା ନଦୀ ର ଘେରିବନ୍ଧ ବାହାରେ ଥିବା ମାଣତିର କୁଞ୍ଜକୋଠି ଗାଁ, ବାଲିକଷୋଟି ର ଘୋଲ ଅଞ୍ଚଳ, ତୁଳସୀପୁରର ବଟ ପଡ଼ିଆ ଠାରୁ ନଦୀ କୂଳ ଅଞ୍ଚଳ, କୁସୁନପୁର, ବଡ଼ପାଳଡିଆ ଆଦି ଗ୍ରାମର ଅନେକ ପରିବାର ପାଣିଘେରରେ ରହିଛନ୍ତି। ଚିତ୍ରୋତ୍ପଳାର ମାଣ୍ଡିଆ, ରାଘବପୁର, କୁମ୍ଭିଡ଼ି, ପିକରାଳି, ପରକୁଳା, ଅଙ୍ଗୋ, ନାରାୟଣପୁର କୁଆଁରପାଳ ଗ୍ରାମର ଘେରିବନ୍ଧ ବାହାରେ ଘର କରି ରହୁଥିବା ପରିବାର ପାଣି ଘେରରେ ରହିଛନ୍ତି। ପାଇକା ନଦୀର ରତନପୁର, ଦଶମାଣକୂଳ ଆଦି ଗ୍ରାମରେ ପାଇକା ର ପାଣି ପ୍ରବେଶ କରିଛି।

## ସମୁଦ୍ରକୁ ଯିବେନି ମତ୍ସ୍ୟଜୀବୀ ପ୍ରଶାସନ ପକ୍ଷରୁ ସତର୍କ ସୂଚନା

ପାରାଦ୍ୱୀପ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ଲଗାଣ ବର୍ଷା ଓ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନଦୀର ବନ୍ୟାଜଳ ସମୁଦ୍ରକୁ ପ୍ରବେଶ କରୁଥିବାରୁ ମୁହାଣ ଅଞ୍ଚଳରେ ପ୍ରଖର ସ୍ରୋତ ଓ ବିପଦଜନକ ପରିସ୍ଥିତି ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ଭାରତୀୟ ତଟରକ୍ଷୀ ବାହିନୀଙ୍କ ପରାମର୍ଶ ଅନୁଯାୟୀ ଜୁଲାଇ ୩୦ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ସମସ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନଯିବାକୁ ଅନୁରୋଧ କରାଯାଇଛି। ମତ୍ସ୍ୟ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପାରାଦ୍ୱୀପ ଫିସିଙ୍ଗ ହର୍ବର ଓ ଉପକୂଳ ଅଞ୍ଚଳରେ ମଧ୍ୟ ସଚେତନତା କରାଯାଉଛି।

## ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା, ୩୦।୭(ସଂଚାର ବ୍ୟୁରୋ)ଃ ଆସନ୍ତା ସ୍ୱାଧୀନତା ଦିବସକୁ ଜିଲ୍ଲାରେ ମହାଆଡମ୍ବର, ଶୃଙ୍ଖଳା ଓ ଜାତୀୟ ଭାବନାର ସହିତ ପାଳନ କରିବା ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ୱାଧୀନତା ଦିବସ ପାଳନର ସମସ୍ତ କାର୍ଯ୍ୟକ୍ରମ, ସୁରକ୍ଷା, ପ୍ୟାରେଡ଼, ସାଂସ୍କୃତିକ ଆୟୋଜନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ବିଭାଗଭିତ୍ତିକ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ କହିଥିଲେ ଯେ, ସ୍ୱାଧୀନତା ଦିବସ କେବଳ ଏକ ଜାତୀୟ ପର୍ବ ନୁହେଁ, ବରଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବାର ଏକ ପବିତ୍ର ଅବସର। ତେଣୁ ଏହାର ପାଳନରେ କୌଣସି ପ୍ରକାର ଅବହେଳା ନ କରି ସମସ୍ତ ବିଭାଗ ପରସ୍ପର ସମନ୍ୱୟ ରକ୍ଷା କରି ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସ୍ଥିର କରାଯାଇଥିଲା ଯେ ଜିଲ୍ଲାର ସମସ୍ତ ପୌରାଞ୍ଚଳ ଓ ବ୍ଲକରେ ରାମଧୂନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରି ଆୟୋଜନ କରାଯିବ ଏବଂ ସମସ୍ତ ସରକାରୀ, ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ସକାଳ ୭ଟା ୩୦ ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ କରାଯିବ।

### ବୁଡ଼ି ରହିଛି ଧାନ ଫସଲ

## ଲଗାଣ ବର୍ଷା ପାଇଁ ବିପଦରେ ଚାଷୀକୁଳ



ମହାକାଳପଡ଼ା, ୩୦।୭(ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରକନ୍ଧା ପଞ୍ଚାୟତରେ ଲଗାଣ ବର୍ଷା ସହ ବନ୍ୟାଜଳ ପ୍ରବେଶ ଏବଂ ଜଳ ନିଷ୍କାସନର ଅଭାବ ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଚାଷଜମିରେ ପାଣି ଜମି ରହିବାରୁ ଧାନ ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଯୋଗାଯୋଗ, ପାନୀୟ ଜଳ ଯୋଗାଣ ଏବଂ ସାଧାରଣ ଜନଜୀବନ ମଧ୍ୟ ଗଭୀର ଭାବେ ପ୍ରଭାବିତ ହୋଇଛି। ସ୍ଥାନୀୟ ଚାଷୀମାନଙ୍କ କହିବାନୁସାରେ, ଅବିରତ ବର୍ଷା ଏବଂ ବନ୍ୟାଜଳ ଯୋଗୁଁ ଚାଷଜମିରେ ଦୀର୍ଘଦିନ ଧରି ପାଣି ଜମି ରହିଛି। ଫଳରେ ପ୍ରାୟ ୭୫ ପ୍ରତିଶତ ଧାନ ତଳି ପଚି ନଷ୍ଟ ହୋଇଯାଇଛି। ଅନେକ ରୁଆ ବିଲ ମଧ୍ୟ ପାଣିରେ ବୁଡ଼ି ରହିଥିବାରୁ ଚଳିତ ଖରିଫ ଋତୁରେ ଧାନ ଉତ୍ପାଦନକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ବର୍ଷସାରାର ପରିଶ୍ରମ ଆଖି ଆଗରେ ନଷ୍ଟ ହେଉଥିବା ଦେଖି ଅନେକ ଚାଷୀ ହତାଶ ହୋଇପଡ଼ିଛନ୍ତି। ବରକନ୍ଧା, ଛେଡ଼ାକଣି, ଗୋଜାବନ୍ଧ, ଷାଠିଏବାଟି ସମେତ ବହୁ ଗ୍ରାମରେ ବନ୍ୟାଜଳ ଲହରୀ ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ଯାଗିଶିରି ପର୍ଯ୍ୟନ୍ତ ରାସ୍ତା ପାଣିରେ ବୁଡ଼ି ରହିଥିବାରୁ ଅଞ୍ଚଳର ଯୋଗାଯୋଗ ପ୍ରାୟ ବିଚ୍ଛିନ୍ନ ହୋଇପଡ଼ିଛି। ଜରୁରୀ ଆବଶ୍ୟକତା ପାଇଁ ମଧ୍ୟ ଲୋକମାନେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ପାନୀୟ ଜଳ ଯୋଗାଣ ମଧ୍ୟ ଏହି ବିପର୍ଯ୍ୟୟରେ ପ୍ରଭାବିତ ହୋଇଛି। ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଥିଲେ ମଧ୍ୟ ଅନେକ ପରିବାର ଏପର୍ଯ୍ୟନ୍ତ ସେବାରୁ ବଞ୍ଚିତ ରହିଛନ୍ତି।

### ବ୍ଲକ ସାମାଜିକ ସୁରକ୍ଷାଅଧିକାରୀଙ୍କ ମନମାନି

## ଗୋଚର ଜମିରେ ଘରୋଇ ରାସ୍ତା ନିର୍ମାଣକୁ ଗ୍ରାମବାସିଙ୍କ ବିରୋଧ



ବାଲିଆପାଳ,୩୦।୭(ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକ ଅନ୍ତର୍ଗତ ଖଗଡ଼ାପାଳ ଗ୍ରାମରେ ଏକ ସରକାରୀ ଗୋଚର ଜାଗାରେ ଜନୈକ ବ୍ୟକ୍ତି ଜୋର ଜବରଦସ୍ତ ରାସ୍ତା ତିଆରି କରୁଥିବା ନେଇ ଗ୍ରାମବାସୀ ବିରୋଧ କରିବା ସହ ବାଲେଶ୍ୱର ଜିଲ୍ଲାପାଳ ଏବଂ ରାଜସ୍ୱବ ବିଭାଗର ଦୃଷ୍ଟିଆକର୍ଷଣ କରିଛନ୍ତି।ଅଭିଯୋଗ ମୁତାବକ ମଧୁପୁରା ପଞ୍ଚାୟତ ଖଗଡ଼ାପାଳ - କାଳିପଦା ମୁଖ୍ୟ ରାସ୍ତାରୁ ମଧୁପୁରା ଗ୍ରାମ ଭିତରକୁ ଯାଇଥିବା ମୁଖ୍ୟ ରାସ୍ତା ପାଶ୍ୱର୍ରେ ୨୮୫ ଏବଂ ୨୮୬ ନମ୍ବର ୧୭ ଡେସିମିଲ ଗୋଚର ପ୍ଲଟ ରହିଛି।ଏହି ପ୍ଲଟରେ କିଛି ଅଂଶ କୁ ତାଡି ଲୋକେ ଚାଷ ଜମିରେ ପରିଣତ କରିଦେଇଥିଲା ବେଳେ ଅବଶିଷ୍ଟ ପଦରେ ଗ୍ରାମର ଗୋରୁ ଗାଈ ଚରିବା ସହ ଗ୍ରାମର ଯୁବକ ମାନେ ବିଭିନ୍ନ ପୂଜା ପର୍ବାଣି ପାଳନ କରିଆସୁଛନ୍ତି। ମୁଖ୍ୟ ରାସ୍ତା ଠାରୁ ଏହି ଦୁଇଟି ଗୋଚର ପ୍ଲଟ ପରେ ଏହାକୁ ଲାଗି କରି ୨୮୪ ନମ୍ବର ଏକ ଘରୋଇ ପ୍ଲଟ ରହିଛି।ଯାହାକି ବାଲିଆପାଳ ବ୍ଲକ କୁଦମାନସିଂ ଗ୍ରାମର ମଧୁସୂଦନ ସାହୁ ନାମରେ ନାମିତ ରହିଛି। ଗତ କିଛି ବର୍ଷ ହେଲା ଶ୍ରୀ ସାହୁ ଙ୍କ ସମ୍ପର୍କୀୟ ତଥା ବାଲିଆପାଳ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥସାରଥୀ ସାହୁ ଏହି ପ୍ଲଟରେ ବାଡକରି ଗଛ ଲଗାଇବା ସହ ଘର ନିର୍ମାଣ କରୁଛନ୍ତି। ଗତ କିଛି ଦିନ ତଳେ ଶ୍ରୀ ସାହୁ ନିଜ ଘରକୁ ବିଦ୍ୟୁତ ସଂଯୋଗ ପାଇଁ ଗୋଚର ପ୍ଲଟରେ ସୀମାରେ ପୋତାଯାଇଥିବା ବିଦ୍ୟୁତ ଖୁଣ୍ଟକୁ ଉପାଡି ପୁନଃର୍ବାର ପଦା ମଝିରେ ଖୁଣ୍ଟ ବସାଇଛନ୍ତି। କିଛି ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ସେ କାହାରି କଥା ଶୁଣିନଥିଲେ।ଗତ ସପ୍ତାହରେ ପୁନଃର୍ବାର ରାତି ଅଧିଆ ନିଜ ଜାଗାକୁ ରାସ୍ତା ବନେଇବା ପାଇଁ ଜେସିବି ଲଗାଇ ଉକ୍ତ ଗୋଚର ପଦାକୁ ଖୋଳି ରାସ୍ତା ନିର୍ମାଣ କରିଛନ୍ତି। ଏନେଇ ଗ୍ରାମବାସୀ ବିରୋଧ କରିବାରୁ ସେ ତାଙ୍କର ପ୍ଲଟଟିକୁ ଘରବାଡି ପ୍ଲଟରେ ପରିବର୍ତ୍ତନ କରିଛନ୍ତି ତେଣୁ ରାସ୍ତା ପକେଇବା ପାଇଁ କେହି ଅଟକେଇ ପାରିବେ ନାହିଁ ବୋଲି କହି ଧମକଦେଇଆସୁଛନ୍ତି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣଃ ଜଣେ ଗିରଫ

ଯୋଡ଼ା,୩୦।୭(ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲାର ଯୋଡ଼ା ସହର ସୁରୁଚି ବଜାର ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିଷ୍ଣୁ ନାଗଙ୍କ ଉପରେ ହୋଇଥିବା ମାରଣାତ୍ମକ ଖଣ୍ଡା ଆକ୍ରମଣ ଘଟଣାରେ ଯୋଡ଼ା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଏହି ମାମଲାରେ ଅନ୍ୟ ଦୁଇଜଣ ଅଭିଯୁକ୍ତ ଏବେ ମଧ୍ୟ ଫେରାର ଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ହେଲେ ରାହୁଲ (ବିହାରୀ) ପାତ୍ର (୨୬)। ପୋଲିସ ସୂଚନା ଅନୁଯାୟୀ, ଗତ ୧୬ ଜୁଲାଇ ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ପାତ୍ର ବସ୍ତିର ବାସିନ୍ଦା ବିଷ୍ଣୁ ନାଗ ସୁରୁଚି ବଜାର ନିକଟରେ ଠିଆ ହୋଇଥିବା ବେଳେ ସେହି ବସ୍ତିର ଚାରିଜଣ ଯୁବକ ଦୁଇଟି ମୋଟରସାଇକେଲରେ ଆସି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ।

## ଜ୍ୟୋତିର୍ମୟୀ ରାଜ୍ୟ ନାରୀଶକ୍ତିର ସାମର୍ଥ୍ୟର ଉଦାହରଣ



ଭୁବନେଶ୍ୱର, ୩୦।୭ (ସଂଚାର ବ୍ୟୁରୋ): 'ଇଣ୍ଡିଆନ୍ ଆଇଡଲ୍' ସିଜନ୍-୧୬ର ବିଜୟିନୀ ଜ୍ୟୋତିର୍ମୟୀ ନାୟକ ଆଜି ଲୋକସେବା ଭବନସ୍ଥିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କାର୍ଯ୍ୟାଳୟରେ ତାଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଜ୍ୟୋତିର୍ମୟୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ତାଙ୍କର ଏହି ଜାତୀୟ ସ୍ତରର ସଫଳତା ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜ୍ୟୋତିର୍ମୟୀଙ୍କ ଏହି ଅଦ୍ୱିତୀୟ ସଫଳତା ଆମ ରାଜ୍ୟର ନାରୀଶକ୍ତିଙ୍କ ସାମର୍ଥ୍ୟ, ପ୍ରତିଭା ଓ ଅଦମ୍ୟ ସଂକଳ୍ପର ଏକ ଉଦାହରଣ। ଜ୍ୟୋତିର୍ମୟୀଙ୍କ ସଫଳତା କେବଳ ସଙ୍ଗୀତ ଜଗତ ପାଇଁ ନୁହେଁ, ବରଂ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ। ଜ୍ୟୋତିର୍ମୟୀଙ୍କ ଭଳି ଯୁବ ପ୍ରତିଭା ନିଜର କଠିନ ପରିଶ୍ରମ ଓ ସାଧନା ବଳରେ କିପରି ସମଗ୍ର ଦେଶରେ ଓଡ଼ିଶାର ନାମକୁ ଉଜ୍ଜ୍ୱଳ କରିପାରିବେ, ତାହା ସେ ପ୍ରମାଣ କରିଛନ୍ତି। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ ଜ୍ୟୋତିର୍ମୟୀ ଆଗାମୀ ଦିନରେ ସଙ୍ଗୀତ କ୍ଷେତ୍ରରେ ଆହୁରି ଅନେକ ସଫଳତା ହାସଲ କରନ୍ତୁ ଓ ସାରା ଦେଶ ପାଇଁ ପ୍ରେରଣାର ଉତ୍ସ ହୋଇ ରହନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କାମନା କରିଛନ୍ତି।

### ଅତ୍ୟାଧୁନିକ ହେବ ରାଜ୍ୟର ବିଦ୍ୟୁତ୍ ସଂଚାର ବ୍ୟବସ୍ଥା

## ମେଗର ଆର୍‌୩୦ ଭ୍ୟାନ୍-ମାଉଣ୍ଟେଡ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୩୦।୭ (ସଂଚାର ବ୍ୟୁରୋ): ରାଜ୍ୟର ବିଦ୍ୟୁତ ସଂଚାର ବ୍ୟବସ୍ଥାକୁ ଅଧିକ ଆଧୁନିକ, ନିର୍ଭରଯୋଗ୍ୟ ଓ କାର୍ଯ୍ୟକ୍ଷମ କରିବା ଦିଗରେ ଆଜି ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ୍ ଲିମିଟେଡ୍ (ଓପିଟିସିଏଲ୍) ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଆଜି ଏଠାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓପିଟିସିଏଲ୍‌ର ନୂତନ ମେଗର୍ ଆର୍‌୩୦ ଭ୍ୟାନ୍-ମାଉଣ୍ଟେଡ୍ କେବଲ୍ ଫଲ୍ଟ ଲୋକେଟର ଓ ଟେଷ୍ଟିଂ ସିଷ୍ଟମ୍‌ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ



ଶାସନ ସଚିବ ବିଶାଳ କୁମାର ଦେବ ଓ ଓପିଟିସିଏଲ୍‌ର ଅଧ୍ୟକ୍ଷ-ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଉପସ୍ଥିତ ଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହି ଅତ୍ୟାଧୁନିକ ଉପକରଣର ବ୍ୟବହାର ଫଳରେ କେବୁଲ୍ ତ୍ରୁଟି ଖୋଜିବା ଓ ମରାମତି ପାଇଁ ଲାଗୁଥିବା ସମୟ ଯଥେଷ୍ଟ ହ୍ରାସ ପାଇବ। ଫଳସ୍ୱରୂପ ବିଦ୍ୟୁତ ସରବରାହରେ ବାଧା ସୃଷ୍ଟି ହେଲେ ତାହାକୁ ଶୀଘ୍ର ପୁନଃସ୍ଥାପନ କରାଯାଇପାରିବ, ଯାହା ରାଜ୍ୟର ବିଦ୍ୟୁତ ସଂଚାର ବ୍ୟବସ୍ଥାର ନିର୍ଭରଯୋଗ୍ୟତା, ସ୍ଥିରତା ଓ କାର୍ଯ୍ୟଦକ୍ଷତାକୁ ଆହୁରି ବୃଦ୍ଧି କରିବ। ଭୂତଳ ବିଦ୍ୟୁତ କେବୁଲ୍‌ର ରକ୍ଷଣାବେକ୍ଷଣ ଓ ତ୍ରୁଟି ଚିହ୍ନଟ କ୍ଷମତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓପିଟିସିଏଲ ଏହି ବିଶ୍ୱସ୍ତରୀୟ ମେଗର୍ ଆର୍‌୩୦ କେବଲ୍ ଫଲ୍ଟ ଲୋକେସନ୍ ସିଷ୍ଟମ୍‌କୁ ୯.୮ କୋଟି ଟଙ୍କାରେ କିଣିଛି। ଏହା ଏକ ଭ୍ୟାନ୍-ମାଉଣ୍ଟେଡ୍ ଅତ୍ୟାଧୁନିକ ବ୍ୟବସ୍ଥା, ଯାହା ଭୂତଳ ବିଦ୍ୟୁତ କେବୁଲ୍‌ର ତ୍ରୁଟିକୁ ଶୀଘ୍ର, ସଠିକ୍ ଓ ନିରାପଦ ଭାବେ ଚିହ୍ନଟ କରିପାରିବ। ଏହା ଉଚ୍ଚ ଭୋଲ୍ଟେଜ୍ ଭୂତଳ କେବୁଲ୍‌ର ତ୍ରୁଟିକୁ ଅତ୍ୟନ୍ତ କମ୍ ସମୟ ମଧ୍ୟରେ ସଠିକ୍ ଭାବରେ ଚିହ୍ନଟ କରି ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ରେଙ୍ଗାଲିରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ



■ ତଳିଆ ଅଞ୍ଚଳକୁ ଆଲର୍ଟ

ଅନୁଗୋଳ,୩୦।୭(ସଂଚାର ବ୍ୟୁରୋ): ରାଜ୍ୟରେ ଲଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତି ଲାଗିରହିଛି। ଅନେକ ସ୍ଥାନରେ ସ୍ଥିତି ଗମ୍ଭୀର ଥିଲେ ବି ପ୍ରଶାସନିକ ସ୍ତରରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହାରି ମଧ୍ୟରେ ଅନୁଗୋଳ ରେଙ୍ଗାଲି ଜଳଭଣ୍ଡାରରୁ ଛଡ଼ାଯାଇଛି ଚଳିତ ବର୍ଷର ପ୍ରଥମ ବନ୍ୟାଜଳ। ଉପର ମୁଣ୍ଡରେ ବର୍ଷା ଯୋଗୁ ଡ୍ୟାମ୍‌ରେ ଜଳ ସ୍ତର ବଢ଼ିଥିବାରୁ ଜଳଭଣ୍ଡାରର ଗୋଟିଏ ଗେଟ୍ ଖୋଲାଯାଇଛି। ମିଳିଥିବା ସୂଚନାନୁସାରେ, ଡ୍ୟାମରେ ଜଳଧାରଣର କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ବର୍ତ୍ତମାନ ଜଳ ସ୍ତର ୧୨୨.୨୪ ମିଟର ରହିଛି। ସେହିଭଳି ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨୭୩୫ ଘନମିଟର ଜଳ ପ୍ରବେଶ କରୁଛି ଓ ଗୋଟିଏ ଗେଟ ଦେଇ ୧୩୯୪.୨୪ ଘନ ମିଟର ଏବଂ ପାୱାର ଟନେଲ ଦେଇ ୫୦୧ ଘନମିଟର ଜଳ ନିଷ୍କାସିତ ହେଉଛି। ତେଣୁ ତଳ ମୁଣ୍ଡରେ ଅନୁଗୋଳ, ଢେଙ୍କାନାଳ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସମ୍ଭାବ୍ୟ ବନ୍ୟା ନେଇ ସତର୍କ କରାଯାଇଛି। ସେହିଭଳି ବ୍ରାହ୍ମଣୀ ନଦୀ କୂଳିଆ ଲୋକଙ୍କୁ ଓ ଗୃହପାଳିତ ପଶୁଙ୍କୁ ନଦୀ କୂଳକୁ ନ ନେବା ପାଇଁ ସତର୍କ କରାଯାଇଛି।

■ ବନ୍ୟା ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି

## ସରକାରଙ୍କ ଲକ୍ଷ୍ୟ ଶୂନ୍ୟ ମୃତ୍ୟୁହାର ଓ ସର୍ବନିମ୍ନ କ୍ଷତି



କଟକ, ୩୦।୭ (ସଂଚାର ବ୍ୟୁରୋ): ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୁରୁବାର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଲକ୍ଷ୍ୟ ହେଉଛି 'ଶୂନ୍ୟ ମୃତ୍ୟୁହାର ଓ ସର୍ବନିମ୍ନ କ୍ଷୟକ୍ଷତି'। ତେଣୁ ସମସ୍ତ ବିଭାଗ ପରସ୍ପର ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କଲେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ମୁଣ୍ଡୁଳି ଦେଇ ଏବେ ପ୍ରତି ସେକେଣ୍ଡରେ ପ୍ରାୟ ୯ ଲକ୍ଷ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଆଗାମୀ ଦିନରେ ଏହା ୯.୫ ରୁ ୧୦ ଲକ୍ଷ କ୍ୟୁସେକକୁ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ତଳିଆ ଅଞ୍ଚଳରେ ଜଳ ପ୍ରବେଶର ଆଶଙ୍କା ରହିଛି। ପୂର୍ବ ବନ୍ୟାର ଅନୁଭୂତିକୁ ଆଧାର କରି ଯେଉଁ ସ୍ଥାନଗୁଡ଼ିକ ଜଳମଗ୍ନ ହୋଇଥିଲା ସେଗୁଡ଼ିକୁ ଚିହ୍ନଟ କରି ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ କରିବା, ଆବଶ୍ୟକ ସ୍ଥଳରେ ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନ ଓ ବନ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା, ଆଶ୍ରୟସ୍ଥଳରେ ଶୁଖିଲା ଖାଦ୍ୟ, ପାନୀୟ ଜଳ, ବିଦ୍ୟୁତ ବ୍ୟାକ୍-ଅପ୍ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ନିଶ୍ଚିତ କରିବାକୁ ଜିଲ୍ଲାପାଳ

## ଭୁବନେଶ୍ୱର କୋର୍ଟରେ ସମ୍ ହସ୍ପିଟାଲ୍‌ର ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ): ସମାଜର ହିତ ସାଧନକୁ ଦୃଷ୍ଟିରେ ରଖି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍, କ୍ୟାମ୍ପସ -୧ ପକ୍ଷରୁ ଭୁବନେଶ୍ୱର କୋର୍ଟ ପରିସରରେ ଆଜି ଏକ ବିଶାଳ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଛି। ଆଇଏମ୍‌ଏସ ଆଣ୍ଡ ସମ ହସ୍ପିଟାଲ୍ ଓ ଭୁବନେଶ୍ୱର ବାର୍ ଆସୋସିଏସନ୍ ୱେଲଫେୟାର ଟ୍ରଷ୍ଟର ମିଳିତ ସହଯୋଗରେ ଆଇନଜୀବୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଏହି ଶିବିର ଆୟୋଜିତ ହୋଇଥିବା ବେଳେ ଏଥିରେ ବାର ଆସୋସିଏସନ୍‌ର ପ୍ରାୟ ୧ ହଜାର ସଦସ୍ୟ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସୂର୍ଯ୍ୟ ନାରାୟଣ ଦାସ ସୂଚନା ଦେଇଛନ୍ତି। ଏହି ଶିବିର ନିମନ୍ତେ ଶ୍ରୀ ଦାସ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଭୁବନେଶ୍ୱର ବାର୍ ଆସୋସିଏସନ୍ ୱେଲଫେୟାର ଟ୍ରଷ୍ଟର ଅଧ୍ୟକ୍ଷ ମାନସ ମହାପାତ୍ର ଓ ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ସମ୍ପାଦକ ସୁମନ୍ ରାଉତରାୟ ଉପସ୍ଥିତ ରହି ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଏହି ସ୍ୱାସ୍ଥ୍ୟ ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଶିବିରରେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ୍-୧ର ଭେଷଜ, ଅସ୍ଥିମଜ୍ଜା, ଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, ଚକ୍ଷୁ, ଦନ୍ତ ଓ ଚର୍ମ ବିଭାଗର ୩୦ ଜଣ ଡାକ୍ତର ଯୋଗଦେଇ ଆଇନଜୀବୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

● ବିଜେଡି ବିଧାୟିକାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଲେ ବାଚସ୍ପତି

## କେସିଙ୍ଗା ଏସଡିପିଓଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

### ୧୫ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୩୦।୭ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ନର୍ଲାର ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇଛନ୍ତି ଓଡ଼ିଶା ବିଧାନସଭାର ବାଚସ୍ପତି। ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ବାଚସ୍ପତି ସୁରମା ପାଢ଼ୀ। କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଏସଡିପିଓ ଓ ତାଙ୍କ ଅଧୀନସ୍ଥ ପୁଲିସ କର୍ମଚାରୀଙ୍କ ବିରୋଧରେ ଉଠିଥିବା ସ୍ୱାଧିକାର ଭଙ୍ଗ ଅଭିଯୋଗକୁ ଓଡ଼ିଶା ବିଧାନସଭା ଗୁରୁତ୍ୱର ସହ ଗ୍ରହଣ କରିଛି। କଳାହାଣ୍ଡି ଜିଲ୍ଲାର ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସ୍ୱାଧିକାର ଭଙ୍ଗ ନୋଟିସକୁ ବିଚାର କରି ବାଚସ୍ପତି ଗୃହ ବିଭାଗକୁ ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ୧୫ ଦିନ ମଧ୍ୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଓଡ଼ିଶା ବିଧାନସଭା ସଚିବାଳୟ ପକ୍ଷରୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଏକ ଜରୁରୀ ପତ୍ର ପଠାଯାଇଛି। ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସ୍ୱାକ୍ଷରିତ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବିଧାୟିକା ମନୋରମା ମହାନ୍ତି କେସିଙ୍ଗା ଏସଡିପିଓଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଦାଖଲ କରିଥିଲେ। ଏହି ନୋଟିସରେ ଥିବା ଅଭିଯୋଗକୁ ବାଚସ୍ପତି ଅନୁଧ୍ୟାନ କରିବା ପରେ ଗୃହ ବିଭାଗକୁ ତଥ୍ୟଭିତ୍ତିକ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଧାନସଭା ସଚିବାଳୟ ଏହାକୁ ଜରୁରୀ ପ୍ରସଙ୍ଗ ଭାବେ ବିବେଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ଗୃହ ବିଭାଗକୁ କହିଛି। ସ୍ୱାଧିକାର ଭଙ୍ଗ ନୋଟିସରେ ବିଧାୟିକା ଅଭିଯୋଗ କରିଛନ୍ତି ଯେ, ୨୦୨୬ ମାର୍ଚ୍ଚ ୨୯ ତାରିଖ ସକାଳେ କେସିଙ୍ଗା ଏସଡିପିଓଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ଭୁବନେଶ୍ୱର ୟୁନିଟ୍-୪ ଏମ୍‌ଏଲ୍‌ଏ କଲୋନୀରେ ଥିବା ତାଙ୍କ ସରକାରୀ ବାସଭବନରେ ବଳପୂର୍ବକ ପ୍ରବେଶ କରିଥିଲେ। ପୋଲିସ ମୁଖ୍ୟ ଫାଟକ ସମେତ ବାସଭବନର ବିଭିନ୍ନ କବାଟ ଓ ଝରକା ଭାଙ୍ଗି ଘର ଭିତରକୁ ପଶିଥିବା ଅଭିଯୋଗ ହୋଇଛି। ସେହି ସମୟରେ ଘରେ ଥିବା ତାଙ୍କ ଝିଅ ଓ ଗୃହ ସହାୟିକାଙ୍କ ସହ ପୁଲିସ ଅସଦାଚରଣ କରିଥିବା ଏବଂ ଗୃହ ସହାୟିକାଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିବା ମଧ୍ୟ ନୋଟିସରେ ଉଲ୍ଲେଖ ରହିଛି। ବିଧାୟିକା କହିଛନ୍ତି, ଘଟଣା ସମୟରେ ସେ ଘରେ ନଥିଲେ। ଫେରିବା ପରେ ପରିବାର ସଦସ୍ୟଙ୍କଠାରୁ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଜାଣିଥିଲେ।

■ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି

## ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତାରେ ସରକାରଙ୍କର ଆନ୍ତରିକତା ନାହିଁ



ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ): ଲଗାଣ ବର୍ଷା ପରେ ରାଜ୍ୟରେ ବନ୍ୟା ସ୍ଥିତି ଦିନକୁ ଦିନ ଉତ୍କଟ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଲ୍ଲୀ ଗସ୍ତ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ରାଜ୍ୟର ଅନେକ ଅଞ୍ଚଳ ଜଳମଗ୍ନ ହୋଇଥିବା ପରେ ସେ ଅଞ୍ଚଳର ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପ୍ରଭାବିତ ଲୋକଙ୍କ ପାଖରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପହଞ୍ଚିପାରିନାହିଁ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ରହିବା ବନ୍ୟା ପ୍ରପୀଡ଼ିତଙ୍କୁ ଆବଶ୍ୟକ ସହଯୋଗ ଯୋଗାଇଦେବାରେ ସରକାରଙ୍କ ଆନ୍ତରିକତା ନଥିବା ପ୍ରତୀୟମାନ ହେଉଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତି ରଞ୍ଜନ ଘଡ଼ାଇ କହିଛନ୍ତି ଯେ ବନ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ କୌଣସି ପ୍ରସ୍ତୁତି ନ ଥିବା ସ୍ପଷ୍ଟ ଜଣାପଡୁଛି। ବନ୍ୟାରେ ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ପହଞ୍ଚାଇବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ, ଯେଉଁଥିରେ ସରକାର ପୂରା ବିଫଳ ହୋଇଛନ୍ତି। ଏହାଛଡ଼ା କୌଣସି ଅଞ୍ଚଳରେ ରନ୍ଧା ଖାଦ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇନାହିଁ। ରାଜ୍ୟରେ ଲଗାଣ ବର୍ଷାକୁ ନେଇ ଏଭଳି ସ୍ଥିତି ଉପୁଜିବା କିଛି ନୂଆ କଥା ନୁହେଁ। କିନ୍ତୁ ବନ୍ୟା ଆଶଙ୍କା ଉପୁଜିବା ପାଇଁ ପୂର୍ବ ସୂଚନା ଥିବା ସତ୍ତ୍ୱେ ସରକାରଙ୍କ କୌଣସି ପୂର୍ବ ପ୍ରସ୍ତୁତି ନ ଥିଲା। ବନ୍ୟା ବା କୌଣସି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ନବୀନ ସରକାରଙ୍କ ସମୟରେ ଏକ ସୁଦୃଢ଼ ବ୍ୟବସ୍ଥା ପ୍ରତିଷ୍ଠା ହୋଇଥିଲା। ଜିରୋ କାଜୁଆଲିଟି ନୀତି ଓ ବିପର୍ଯ୍ୟୟ ମୁକାବିଲା ପ୍ରତି ଓଡ଼ିଶା ସମଗ୍ର ଦେଶ ତଥା ବିଶ୍ୱରେ ପ୍ରଶଂସିତ ହୋଇଥିଲା। କିନ୍ତୁ ରାଜ୍ୟରେ ସମସ୍ତ ବ୍ୟବସ୍ଥା ମହଜୁଦ ଥିବା ସତ୍ତ୍ୱେ ରାଜ୍ୟ ସରକାରଙ୍କର ଇଚ୍ଛାଶକ୍ତି ଅଭାବ ଯୋଗୁଁ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା କରିବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଶ୍ରୀ ଘଡ଼ାଇ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ବନ୍ୟାକୁ ନେଇ ରାଜ୍ୟ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିଲା ବେଳେ ମୁଖ୍ୟମନ୍ତ୍ରୀ ଏହାର ମୁକାବିଲା ପରିବର୍ତ୍ତେ ନିଜେ ଦିଲ୍ଲୀରେ ଅଛନ୍ତି। ତେଣୁ ବନ୍ୟା ମୁକାବିଲାକୁ ସରକାର ପ୍ରାଥମିକତା ଦେଉନାହାନ୍ତି, ଏହା ସ୍ପଷ୍ଟ। ରାଜ୍ୟ ବିଜେପି ସରକାରଙ୍କ କାମ କେବଳ ବିବୃତିରେ ସୀମିତ। ବଡ଼ ବଡ଼ ବିବୃତି ଆସୁଛି, କିନ୍ତୁ କାମ ଘର ଶୂନ। ବନ୍ୟାରେ ପ୍ରଭାବିତ ହୋଇ ହନ୍ତସନ୍ତ ହେଉଥିବା ଲକ୍ଷ ଲକ୍ଷ ଲୋକଙ୍କୁ ସହାୟତା ପ୍ରଦାନରେ ସରକାର ବିଫଳ ହୋଇଛନ୍ତି। ଏହି ବିଫଳତା ପାଇଁ ରାଜ୍ୟବାସୀ ସରକାରଙ୍କୁ କଦାପି କ୍ଷମା ଦେବେ ନାହିଁ ଓ ଉଚିତ ସମୟରେ ଜବାବ ଦେବେ ବୋଲି ଶ୍ରୀ ଘଡ଼ାଇ କହିଛନ୍ତି।

● ବିଶ୍ୱ ମାନବ ଚାଲାଣ ପ୍ରତିରୋଧ ଦିବସ

## ମହିଳା ଓ ଶିଶୁ ସୁରକ୍ଷା କ୍ଷେତ୍ରକୁ ସୁଦୃଢ଼ ପାଇଁ ଆହ୍ୱାନ




ବ୍ରହ୍ମପୁର,୩୦।୭(ସଂଚାର ବ୍ୟୁରୋ): ଆଇଏସ୍‌ଆର୍‌ଡି ସଖୀ ୱାନ ଷ୍ଟପ ସେଣ୍ଟର, ଗଞ୍ଜାମ ପକ୍ଷରୁ ବିଶ୍ୱ ମାନବ ଚାଲାଣ ପ୍ରତିରୋଧ ଦିବସ ଅବସରରେ ବ୍ରହ୍ମପୁର ରେଳ ଷ୍ଟେସନରେ କାର୍ଯ୍ୟରତ ଶତାଧିକ କର୍ମଚାରୀ, ଭେଣ୍ଡର, କୁଲି, ସଫେଇ କର୍ମଚାରୀ, ହକେର ଷ୍ଟାଫ୍, ଅଟୋ ଚାଳକଙ୍କ ସହ ରେଳ ସୁରକ୍ଷା ବଳ ଓ ସରକାରୀ ରେଳ ପୁଲିସଙ୍କ ସହଯୋଗରେ ଏକ ମାନବ ଶୃଙ୍ଖଳା କାର୍ଯ୍ୟକ୍ରମ, ପଥପ୍ରାନ୍ତ ପଦଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଆକବରମ ସସ୍ୟ ରେଡ୍ଡୀ ଯୋଗଦେଇ ମାନବ ଚାଲାଣକୁ ପ୍ରତିରୋଧ କରିବା ସହ ମହିଳା, କିଶୋର ଓ କିଶୋରୀ ବୟସର ଶିଶୁଙ୍କ ଉପରେ ହେଉଥିବା ହିଂସାକୁ ରୋକିବା ଓ ଏହାର ଦୃଢ଼ ପ୍ରତିବାଦ କରିବାକୁ ନିବେଦନ କରିଛନ୍ତି। ଗ୍ରାମ୍ୟ ସ୍ତରରୁ ସଚେତନତା ସୃଷ୍ଟି କରିବା ଓ ଏହାର ସମ୍ଭାବ୍ୟ ପୀଡ଼ିତାଙ୍କୁ ଚିହ୍ନଟ କରି ସୁରକ୍ଷା ଦେବା ସହ ମାନବ ଚାଲାଣର ମୁକାବିଲା, ମହିଳା ଓ ଶିଶୁ ସୁରକ୍ଷା ଏବଂ ଶୋଷଣ ପ୍ରତିରୋଧ କ୍ଷେତ୍ରକୁ ସୁଦୃଢ଼ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

### କାନପୁର ଜଳସେଚନ ପ୍ରକଳ୍ପ ସମ୍ପର୍କିତ ବିଭ୍ରାନ୍ତିକର ଖବର ନେଇ ସ୍ପଷ୍ଟୀକରଣ

## ମୁଖ୍ୟ ଡ୍ୟାମ୍ ସମ୍ପୂର୍ଣ୍ଣ ସୁରକ୍ଷିତ

■ ଅସ୍ଥାୟୀ କଫର ଡ୍ୟାମ ଉପର ଦେଇ ପାଣି ପ୍ରବାହିତ ହୋଇଛି

ଭୁବନେଶ୍ୱର, ୩୦।୭ (ସଂଚାର ବ୍ୟୁରୋ): କାନପୁର ଡ୍ୟାମ୍‌ରେ ଫାଟ ବା ଗଠନମୂଳକ ତ୍ରୁଟି ଦେଖାଦେଇଥିବା ନେଇ କିଛି ବୈଦ୍ୟୁତିକ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ପ୍ରସାରିତ ହେଉଥିବା ବିଭ୍ରାନ୍ତିକର ଖବର ଉପରେ ଆଜି ଜଳ ସମ୍ପଦ ବିଭାଗ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଜାରି କରାଯାଇଛି। ଜଳସମ୍ପଦ ଓ ଜିଲ୍ଲା ପ୍ରଶାସନ ସ୍ପଷ୍ଟ ଭାବେ ଜଣାଇଛନ୍ତି ଯେ କାନପୁର ଡ୍ୟାମ୍‌ରେ କୌଣସି ପ୍ରକାରର ଫାଟ ବା ଭାଙ୍ଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇନାହିଁ। ପ୍ରସାରିତ ହେଉଥିବା ଏହି ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଏହା ଜନସାଧାରଣଙ୍କ ମଧ୍ୟରେ ବୃଥା ଆତଙ୍କ ସୃଷ୍ଟି କରିବାର ସମ୍ଭାବନା ରହିଛି। ସାମ୍ପ୍ରତିକ ବର୍ଷା ଯୋଗୁଁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବା ଫଳରେ ଏକ ଅସ୍ଥାୟୀ କଫର୍‌ଡ୍ୟାମ୍ ଉପର ଦେଇ ଜଳ ପ୍ରବାହିତ ହେଉଛି। ଏହି କଫର୍‌ଡ୍ୟାମ୍‌ଟି ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ମୁଖ୍ୟ ଡ୍ୟାମ୍ ଭିତରେ ତିଆରି କରାଯାଇଥିବା ଏକ ଅସ୍ଥାୟୀ ସହାୟକ ଢାଞ୍ଚା। ଏହା ମୁଖ୍ୟ ଡ୍ୟାମ୍‌ର ଅଂଶବିଶେଷ ନୁହେଁ। ତେଣୁ ଏହି ଅସ୍ଥାୟୀ ବ୍ୟବସ୍ଥା ଉପର ଦେଇ ଜଳ ପ୍ରବାହିତ ହେବା ଦ୍ୱାରା ଜୀବନ, ସମ୍ପତ୍ତି କିମ୍ବା କାନପୁର ଡ୍ୟାମ୍‌ର ସୁରକ୍ଷା ପ୍ରତି କୌଣସି ବିପଦ ନାହିଁ।

ଆଜି ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୪୩୨.୯୫ ମିଟର ରହିଛି, ଯାହା ଡ୍ୟାମ୍‌ର ସର୍ବୋଚ୍ଚ ସ୍ତର (୪୨୮ ମିଟର)ଠାରୁ ଅଧିକ ହେଲେ ମଧ୍ୟ ମୁଖ୍ୟ ଜଳଭଣ୍ଡାରର ସର୍ବୋଚ୍ଚ ଜଳସ୍ତର ୪୪୦ ମିଟରଠାରୁ ଯଥେଷ୍ଟ କମ୍ ରହିଛି। ବର୍ତ୍ତମାନ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୪୮.୪୮୨ କ୍ୟୁମେକ୍ ଜଳ ପ୍ରବେଶ କରୁଥିବା ବେଳେ ୧,୦୪୦ କ୍ୟୁମେକ୍ ଜଳ ନିଷ୍କାସିତ ହେଉଛି। ପ୍ରବେଶ ଅପେକ୍ଷା ଜଳ ନିଷ୍କାସନ ଅଧିକ ପରିମାଣରେ ହେଉଥିବାରୁ ଜଳସ୍ତର ଧୀରେ ଧୀରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ନିଷ୍କାସିତ ଜଳ କେବଳ ପ୍ରାକୃତିକ ନଦୀ ଶଯ୍ୟା ମଧ୍ୟରେ ସୀମିତ ରହିବ ଓ ଏହାଦ୍ୱାରା କୌଣସି ଗ୍ରାମ ପ୍ରଭାବିତ ହେବାର ସମ୍ଭାବନା ନାହିଁ। ଏହି ଜଳ ପ୍ରବାହ ଚମ୍ପୁଆ, ଯୋଡ଼ା, ଝୁମ୍ପୁରା, କେନ୍ଦୁଝର ସଦର ଓ ପାଟଣା ଦେଇ ଗତି କରିବ ଏବଂ ଆଜି ସନ୍ଧ୍ୟା ପ୍ରାୟ ୫ଟାରେ ଆନନ୍ଦପୁର ବ୍ୟାରେଜ୍‌ରେ ପହଞ୍ଚିବା ଅନୁମାନ କରାଯାଉଛି।

● ଦିଲ୍ଲୀପ ରାୟଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ ସୂଚନା

## ବରୁଣେଇ ପାଇକ ବିଦ୍ରୋହ ସ୍ମାରକୀ ପାଇଁ ମିଳିଛି ୯୦ କୋଟି

ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ): ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣ ପାଇଁ ୯୦ କୋଟି ଟଙ୍କା ବ୍ୟବସ୍ଥା କରାଯିବା ସହ ବରୁଣେଇ ପାହାଡ଼ର ପାଦଦେଶରେ ଦେଶର ରାଷ୍ଟ୍ରପତି ଏହି ପ୍ରକଳ୍ପ ଲାଗି ୭ ବର୍ଷ ତଳେ ଶିଳାନ୍ୟାସ କରିଥିଲେ ମଧ୍ୟ ଏଯାବତ୍ ଏହି ପ୍ରକଳ୍ପ କାମ ଚାଲୁ ରହିଛି। ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି।

ମନ୍ତ୍ରୀ କହିଛନ୍ତି ଯେ ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ପେଟ୍ରୋଲ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଅଧୀନରେ ଥିବା ଇଣ୍ଡିଆ ଅଏଲ୍ ଫାଉଣ୍ଡେସନ୍ ତା'ର ସିଏସ୍‌ଆର ପାଣ୍ଠିରୁ ୯୦ କୋଟି ଟଙ୍କା ମଞ୍ଜୁର କରିଛି। ଏହି ପ୍ରକଳ୍ପର ନିର୍ମାଣ ପାଇଁ ୨୦୧୯ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଓଡ଼ିଶା ସରକାର ଏହି ପ୍ରକଳ୍ପ ପାଇଁ ବରୁଣେଇ ପାହାଡ଼ ପାଦଦେଶରେ ୯ ଏକର ୬୮୫ ଡିସିମିଲ୍ ଜମି ମାଗଣାରେ ଯୋଗାଇ ଦେଇଛନ୍ତି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏଏସ୍‌ଆଇ ସଂସ୍ଥା ଏହି ଜମି ଦଖଲକୁ ନେଇଛି। ଏହି ପ୍ରକଳ୍ପ ଲାଗି ଭିତ୍ତିଭୂମି ବିକାଶ କାମ ଗତବର୍ଷ ସେପ୍ଟେମ୍ବର ୯ରେ ମେସର୍ସ ମନୋରମା କନ୍‌ଷ୍ଟ୍ରକ୍ସନ୍‌କୁ ଦିଆଯାଇଛି। ଏଏସ୍‌ଆଇ ପ୍ରକଳ୍ପ ସ୍ଥଳର ସର୍ଭେ ସହ କେଉଁଠି କ'ଣ କାମ ହେବ, କେଉଁ ସ୍ଥାନରେ ଦପ୍ତର ଚାଲିବ ଓ କିପରି କୁଆଡୁ ପ୍ରକଳ୍ପ ଲାଗି ସାମଗ୍ରୀ ଆସିବ, ସେ ସଂକ୍ରାନ୍ତରେ ଉକ୍ତ ସଂସ୍ଥା କାମ କରୁଛି। ଇତିମଧ୍ୟରେ ଏଠାରେ ସଡ଼କ ନିର୍ମାଣ ଓ ବିଦ୍ୟୁତ ସଂକ୍ରାନ୍ତ କେତେକ କାର୍ଯ୍ୟ ସମ୍ପାଦିତ ହୋଇଛି। ଇଣ୍ଡିଆନ୍ ଅଏଲ ଫାଉଣ୍ଡେସନ୍ ଏହି ପ୍ରକଳ୍ପ ନିର୍ମାଣର ତଦାରଖ କରୁଛି।

ଶ୍ରୀ ରାୟ ଏକ ବିବୃତିରେ କହିଛନ୍ତି ଯେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାଳନ କରିଥିଲେ। ଏହି ଅବସରରେ ବରୁଣେଇ ପାଦଦେଶରେ ଭବ୍ୟ ପାଇକ ସ୍ମାରକୀ ନିର୍ମାଣ ପାଇଁ ପ୍ରସ୍ତାବ ଉଠିଥିଲା। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓ ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଦିଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଭାରତର ମୁକ୍ତି ସଂଗ୍ରାମର ଗୌରବ ଗାଥା ସହ ପାଇକ ବିଦ୍ରୋହ ଜଡ଼ିତ। ଏହି ପରିପ୍ରେକ୍ଷୀରେ ପାଇକ ସ୍ମାରକୀ ପ୍ରକଳ୍ପ ନିର୍ମାଣ କାମ ୭ ବର୍ଷ ଧରି ଚାଲିବା ଦୁଃଖଦାୟକ। କେନ୍ଦ୍ର ସରକାର ଏହି ବ୍ୟାପାରରେ ହସ୍ତକ୍ଷେପ କରିବା ସହ ଏହି ପ୍ରକଳ୍ପ ଲାଗି କିଭଳି ଅଧିକ ଜମି ଓ ଅର୍ଥ ବ୍ୟବସ୍ଥା ହୋଇପାରିବ ଓ ତାହା ବର୍ଷକ ଭିତରେ ଲୋକାର୍ପିତ ହେବ, ସେଥିପ୍ରତି ଦୃଷ୍ଟି ଦେବାକୁ ସାଂସଦ ଶ୍ରୀ ରାୟ ନିବେଦନ କରିଛନ୍ତି।

## କେନାଲ ରୋଡ୍‌ରେ ବସୁଛନ୍ତି ପିଣ୍ଡିରୁ ବଞ୍ଚିତ ବ୍ୟବସାୟୀ

### ଟ୍ରାଫିକ ସମସ୍ୟା ସହ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ




କଟକ,୩୦।୭(ସଂଚାର ବ୍ୟୁରୋ): କଟକ ଅର୍ବାନହାଟ ନିର୍ମାଣକୁ ୩ ବର୍ଷ ପୂରିବାକୁ ବସିଲାଣି। କିନ୍ତୁ ସମସ୍ୟା ପୂର୍ବବତ୍ କାଏମ ରହିଛି। ହାଟରେ ୫୪୮ଟି ପିଣ୍ଡି ନିର୍ମାଣ ହୋଇଛି। କିନ୍ତୁ ସେଗୁଡ଼ିକୁ ସଠିକ୍ ଭାବେ ଆବଣ୍ଟନ କରାଯାଇ ନ ଥିବା ଯୋଗୁଁ ପିଣ୍ଡି ଏବେ ପ୍ରଭାବଶାଳୀଙ୍କ କବଜାରେ। ଜଣେ ବ୍ୟବସାୟୀ ଏକାଧିକ ପିଣ୍ଡି ନିଜ ଅକ୍ତିଆରରେ ରଖି ବ୍ୟବସାୟ କରୁଥିବା ବେଳେ ହାଟ ପ୍ରବେଶ ପଥରେ ବ୍ୟବସାୟୀଙ୍କୁ ବସିବା ପାଇଁ ୧୫୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡୁଛି। ତା'ଛଡ଼ା ସେମାନଙ୍କଠାରୁ ୟୁଜର୍ସ ଫି' ବାବଦରେ ୨୦ ଟଙ୍କା, ପୂଜା କମିଟି ପାଇଁ ୧୦ ଟଙ୍କା ଓ ଗାଡ଼ି ପାର୍କିଂ ପାଇଁ ୧୦ ଟଙ୍କା, ଏମିତି ମୋଟ ୨୪୦ ଟଙ୍କା ଆଦାୟ କରାଯାଉଛି। ଓଳିଏ ବେପାର କରିବା ପାଇଁ ଏତେ ଟଙ୍କା ଦେଇ ବେପାରୀଟି କେବଳ ଦହଗଞ୍ଜ ହେଉଛି। ଏହି କାରଣରୁ ଅନେକ ବେପାରୀ ବାଧ୍ୟହୋଇ ତାଳଦଣ୍ଡା କେନାଲ ରୋଡ୍ ମାତୃଭବନଠାରୁ ଛତ୍ର ବଜାର ପର୍ଯ୍ୟନ୍ତ ରାସ୍ତାକଡ଼ରେ ବସି ବେପାର କରୁଛନ୍ତି। ଏହାକୁ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତି ପ୍ରଶ୍ରୟ ଦେଇ ମନ୍ଦିର ନିର୍ମାଣ ନାମରେ ୧୦ ଟଙ୍କା ଲେଖାଏଁ ଦୈନିକ ପ୍ରାୟ ୩ ହଜାର ଟଙ୍କା ବଟି ଆଦାୟ କରାଯାଉଛି। ଗୋଟିଏ ପଟେ ପିଣ୍ଡିରେ ୨୪୦ ଟଙ୍କା ଦେବା ଅପେକ୍ଷା ବେପାରୀ ବାଧ୍ୟ ହୋଇ ଖରାତରାରେ ରାସ୍ତାକଡ଼ରେ ବସି ବେପାର କରୁଛି। ଏଥିଯୋଗୁଁ ଉକ୍ତ ଅଞ୍ଚଳରେ ଟ୍ରାଫିକ ସମସ୍ୟା ସହ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିପ୍ରତି କିନ୍ତୁ କଟକ ମହାନଗର ନିଗମ ଓ ସ୍ଥାନୀୟ ପୁଲିସ ଆଦୌ ଦୃଷ୍ଟି ଦେଉନାହାଁନ୍ତି। ତାଳଦଣ୍ଡା କେନାଲ ରୋଡ ଯାତାୟାତରେ ସୁବିଧା ପାଇଁ ନିର୍ମାଣ କରାଯାଇଥିଲେ ହେଁ ବେପାରୀମାନେ କଡ଼ରେ ବସି ବେପାର କରୁଥିବାରୁ ଏହି ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ତେଣୁ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ସରକାରଙ୍କ ସଦ୍‌ବୁଦ୍ଧି ଉଦୟ ହେଉ: ନିରଞ୍ଜନ




ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ): ରାଜ୍ୟସାରା ଲଗାଣ ବର୍ଷା ଫଳରେ ଉପୁଜିଥିବା ବନ୍ୟା ବିପ୍ରାତକୁ ନେଇ ପିସିସି ଗଣମାଧ୍ୟମ ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ପୂର୍ବତନ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ସରକାରଙ୍କ ଉପେକ୍ଷା ମନୋଭାବକୁ ସମାଲୋଚନା କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ବର୍ଷଋତୁ ଆରମ୍ଭର ୨ ମାସ ପୂର୍ବରୁ ସରକାର ପ୍ରସ୍ତୁତି ବୈଠକର ଆବଶ୍ୟକତା ଥିଲା, ଯେଉଁଥିରେ ସରକାର ଅବହେଳା କରିଛନ୍ତି। ଲଗାଣ ବର୍ଷା ଓ ବନ୍ୟାକୁ ନେଇ ସରକାର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ତଥ୍ୟ ଦେଉଛନ୍ତି ଏଥିରୁ ପ୍ରତୀତ ହେଉଛି ଯେ, ଖୋଦ ସରକାରଙ୍କ ପାଖରେ ପ୍ରକୃତ ତଥ୍ୟ ନାହିଁ।

ଆଇଏମଡି ସୂଚନା ଅନୁସାରେ ଆଗାମୀ ଦିନେ ଦୁଇଦିନ ମଧ୍ୟରେ ଝାଡ଼ଖଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ହେବ। ଯଦି ଏହା ସତ୍ୟ ହୁଏ, ତା'ହେଲେ ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଆଦିରେ ପ୍ରବଳ ବନ୍ୟା ହେବ ଏବଂ ଏହି ନଦୀଗୁଡ଼ିକର ଶାଖା ନଦୀ ଓ ଅବବାହିକା ଅଞ୍ଚଳରେ ବନ୍ୟା ହୋଇ ବ୍ୟାପକ କ୍ଷୟକ୍ଷତି ଘଟିବାର ଆଶଙ୍କା ରହିଛି। ରାଜ୍ୟରେ ଉପକୂଳ ବ୍ୟତୀତ ପଶ୍ଚିମ ଓଡ଼ିଶାରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି। ସରକାରୀ ତଥ୍ୟଠାରୁ ବହୁ ଲୋକ ବନ୍ୟା ଯୋଗୁଁ ମଲେଣି, ତଥାପି ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ପହଞ୍ଚିପାରିନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ସେହିପରି ଶ୍ରୀ ଜେନା କହିଛନ୍ତି ଯେ ଦୀର୍ଘ ୧୨ ବର୍ଷ ପରେ ଓଡ଼ିଶାରେ ବନ୍ୟା ଦେଖାଦେଇଛି। ସରକାରୀ ତଥ୍ୟ ଅନୁସାରେ ୭ଟି ଜିଲ୍ଲା ପ୍ରଭାବିତ ହୋଇଛି। କିନ୍ତୁ ତା'ଠାରୁ ଅଧିକ ଜିଲ୍ଲା ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ଗଣମାଧ୍ୟମରୁ ସୂଚନା ମିଳୁଛି। ସରକାରଙ୍କ ରିଲିଫ କୋଡ଼ ଅନୁସାରେ କାର୍ଯ୍ୟ ହେଉନି। ଏଭଳି ଏକ ବନ୍ୟାଜନିତ ଗମ୍ଭୀର ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ନିରାଶା ସୃଷ୍ଟି କରିଛି। ଦୁଃଖର ବିଷୟ ଲୋକଙ୍କୁ ଚୂଡ଼ା ମୁଠାଏ ମିଳିନି। ଏପର୍ଯ୍ୟନ୍ତ ସରକାରଙ୍କ ସଦବୁଦ୍ଧି ଉଦୟ ହୋଇନାହିଁ କିମ୍ବା ସମୀକ୍ଷା ବୈଠକ ବସିନାହିଁ। ତେଣୁ ସରକାର ଅତିଶୀଘ୍ର ସମୀକ୍ଷା ବୈଠକ କରି ବନ୍ୟା ପ୍ରଭାବିତ ଜନତାଙ୍କୁ ରିଲିଫ ସହଯୋଗ ପହଞ୍ଚାଇବାକୁ ଶ୍ରୀ ଜେନା ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଡଃ ହମିଦ ହୁସେନ, ଡଃ ଦେବାଶିଷ ଭୂୟାଁ ଓ ଅଶୋକ ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ଶୁକ୍ରବାର ୩୧ ଜୁଲାଇ ୨୦୨୬, ଭୁବନେଶ୍ୱର
Friday 31 July 2026, Bhubaneswar



# ଅନିଶ୍ଚିତତାରେ ହର୍ମୁଜ ପ୍ରଣାଳୀ



ହର୍ମୁଜ ପ୍ରଣାଳୀ ବିଶ୍ୱ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଶିରାନାଡ଼ି। ପର୍ସିଆନ ଗଲ୍ଫରୁ ବିଶ୍ୱର ପ୍ରାୟ ୨୦ ଶତାଂଶ ସମୁଦ୍ରପଥ ତୈଳ ଓ ଏଲଏନଜି ଏହି ସଂକୀର୍ଣ୍ଣ ଜଳପଥ ଦେଇ ଯାଏ। ୨୦୨୬ ଫେବୃଆରୀ ଶେଷରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଇରାନ ଏହି ପ୍ରଣାଳୀକୁ ବନ୍ଦ ଘୋଷଣା କରିବା ସହ ଜାହାଜମାନଙ୍କୁ ଆକ୍ରମଣ କରିବା ଆରମ୍ଭ କଲା। ଏହି ଘଟଣା କେବଳ ଆଞ୍ଚଳିକ ଯୁଦ୍ଧ ନୁହେଁ, ବରଂ ବିଶ୍ୱ ଶକ୍ତି ସନ୍ତୁଳନ ଓ ଅର୍ଥନୈତିକ ସୁରକ୍ଷାର ପ୍ରଶ୍ନକୁ ଉଠାଇଛି।

ଫେବୃଆରୀ ୨୮ ରୁ ଆରମ୍ଭ ହୋଇଥିବା ସଂଘର୍ଷରେ ଇରାନର ଇସ୍ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ବାରମ୍ବାର ପ୍ରଣାଳୀକୁ "ବନ୍ଦ" ଘୋଷଣା କରିଛି। ମାର୍ଚ୍ଚରୁ ଜୁଲାଇ ପର୍ଯ୍ୟନ୍ତ ଅନେକ ବାର ଜାହାଜ ଉପରେ ଆକ୍ରମଣ, ମାଇନ୍ ବିଛାଇବା ଓ ଚେତାବନୀ ଗୁଳି ଚଳାଇବାର ଘଟଣା ଘଟିଛି। ଆମେରିକା ମଧ୍ୟ ନୌସେନା ଅବରୋଧ, ବିମାନ ଆକ୍ରମଣ ଓ ଇରାନୀ ବନ୍ଦରଗୁଡ଼ିକୁ ଲକ୍ଷ୍ୟ କରି ପ୍ରତିକ୍ରିୟା ଦେଇଛି। ମଧ୍ୟବର୍ତ୍ତୀ ସମୟରେ କିଛି ସମଝୋତା ଓ ସହମତି ହୋଇଥିଲେ ମଧ୍ୟ ସେଗୁଡ଼ିକ ତିଷ୍ଠି ପାରିନାହାନ୍ତି। ଜୁଲାଇ ୩୦ ତାରିଖ ସୁଦ୍ଧା ଆଇଆରଜିସି ଘୋଷଣା କରିଛି ଯେ ଆମେରିକୀୟ ହସ୍ତକ୍ଷେପ ବନ୍ଦ ନ ହେବା ପର୍ଯ୍ୟନ୍ତ ହର୍ମୁଜ ବନ୍ଦ ରହିବ। ଏହି ସଙ୍କଟର ପ୍ରଭାବ କେବଳ ତୈଳ ମୂଲ୍ୟରେ ସୀମିତ ନୁହେଁ। ବିଶ୍ୱ ତୈଳ ବଜାରରେ ଅସ୍ଥିରତା, ବିମା ଖର୍ଚ୍ଚର ବୃଦ୍ଧି, ଜାହାଜ ଚଳାଚଳର ପ୍ରାୟ ବନ୍ଦ ହେବା ଓ ହଜାର ହଜାର ନାବିକଙ୍କ ଫସି ରହିବା ଦେଖାଯାଉଛି। ୟୁରୋପ, ଏସିଆ ଓ ଭାରତ ପରି ଦେଶଗୁଡ଼ିକ ଯେଉଁମାନେ ଏହି ପଥ ଉପରେ ନିର୍ଭରଶୀଳ, ସେମାନଙ୍କ ଅର୍ଥନୀତି ଉପରେ ଚାପ ପଡ଼ୁଛି। ଯଦିଓ ସାଉଦି ଆରବ ପରି ଦେଶଗୁଡ଼ିକ ରେଡ୍ ସି ପୋର୍ଟ ମାଧ୍ୟମରେ ବିକଳ୍ପ ରାସ୍ତା ଖୋଜିଛନ୍ତି ଓ ଆମେରିକା ନିଜ ଷ୍ଟ୍ରାଟେଜିକ ସଞ୍ଚୟ ଖୋଲିଛି, ତଥାପି ଦୀର୍ଘକାଳୀନ ବନ୍ଦ ରହିଲେ ବିଶ୍ୱ ଯୋଗାଣ ଶୃଙ୍ଖଳା ଭାଙ୍ଗିଯିବ। ତୈଳ ମୂଲ୍ୟ ବୃଦ୍ଧି, ମୁଦ୍ରାସ୍ଫୀତି ଓ ବିକାଶଶୀଳ ଦେଶମାନଙ୍କ ଉପରେ ଅତିରିକ୍ତ ଭାର ପଡ଼ିବ।

ହର୍ମୁଜର ଭବିଷ୍ୟତ ଏବେ ତିନୋଟି ସମ୍ଭାବନା ଉପରେ ନିର୍ଭର କରୁଛି। ପ୍ରଥମତଃ, କୂଟନୈତିକ ସମାଧାନ। ଓମାନ ପରି ମଧ୍ୟସ୍ଥତାକାରୀ ଦେଶମାନେ ଚର୍ଚ୍ଚା ଜାରି ରଖିଛନ୍ତି। ଯଦି ଇରାନ ଓ ଆମେରିକା ମଧ୍ୟରେ ସ୍ଥାୟୀ ସମଝୋତା ହୁଏ, ତେବେ ପ୍ରଣାଳୀ ପୁନର୍ବାର ଖୋଲିପାରେ। ଦ୍ୱିତୀୟତଃ, ସାମରିକ ମାଧ୍ୟମରେ ନିୟନ୍ତ୍ରଣ। ଆମେରିକା ନୌସେନା ଶକ୍ତି ଦ୍ୱାରା ଯାତାୟାତ ସୁରକ୍ଷିତ କରିବାକୁ ଚେଷ୍ଟା କରିପାରେ, କିନ୍ତୁ ଏହା ଦୀର୍ଘକାଳୀନ ଯୁଦ୍ଧକୁ ବଢ଼ାଇପାରେ। ତୃତୀୟତଃ, ନୂତନ ପରିଚାଳନା ବ୍ୟବସ୍ଥା। କିଛି ପ୍ରସ୍ତାବରେ ଗଲ୍ଫ ଦେଶମାନଙ୍କ ସହଯୋଗରେ ସ୍ୱେଚ୍ଛାସେବୀ ଯୋଗଦାନ ଆଧାରିତ ଯୋଗାଯୋଗ ବ୍ୟବସ୍ଥା କଥା ଉଠୁଛି, ଯାହା ମାଲାକ୍କା ପ୍ରଣାଳୀ ପରି ମଡେଲ ହୋଇପାରେ।

କିନ୍ତୁ ସବୁଠାରୁ ବଡ଼ ବିପଦ ହେଉଛି ରାଜନୈତିକ ହଠକାରିତା। ଇରାନ ପାଇଁ ହର୍ମୁଜ ଏକ ରଣନୈତିକ ଅସ୍ତ୍ର। ଆମେରିକା ପାଇଁ ଏହା ବିଶ୍ୱ ବାଣିଜ୍ୟ ସ୍ୱାଧୀନତାର ପ୍ରଶ୍ନ। ଉଭୟ ପକ୍ଷ ଯଦି ଆତ୍ମଗର୍ବ ଓ ପ୍ରତିଶୋଧର ଚକ୍ରରେ ଫସି ରହନ୍ତି, ତେବେ ସାଧାରଣ ଲୋକ ଭୋଗିବେ। ବିଶ୍ୱବାସୀ ଏବେ ଦେଖିବାକୁ ଚାହାଁନ୍ତି ଯେ କୂଟନୀତି ସାମରିକ ଶକ୍ତିକୁ ଅତିକ୍ରମ କରୁ। ଜାତିସଂଘ, ଗଲ୍ଫ ସହଯୋଗ ପରିଷଦ ଓ ବଡ଼ ଶକ୍ତିଗୁଡ଼ିକ ଏକ ସ୍ଥାୟୀ, ନିରପେକ୍ଷ ଓ ସୁରକ୍ଷିତ ଯାତାୟାତ ବ୍ୟବସ୍ଥା ପାଇଁ ଏକାଠି ହେବା ଉଚିତ।

ହର୍ମୁଜ ପ୍ରଣାଳୀର ଭାଗ୍ୟ କେବଳ ତୈଳ ବ୍ୟାରେଲର ମୂଲ୍ୟ ନିର୍ଣ୍ଣୟ କରିବ ନାହିଁ। ଏହା ବିଶ୍ୱ ଶାନ୍ତି, ଅର୍ଥନୈତିକ ସ୍ଥିରତା ଓ ଆନ୍ତର୍ଜାତିକ ଆଇନର ପରୀକ୍ଷା। ଯୁଦ୍ଧ ଜାରି ରହିଲେ ଏହି ଜଳପଥ ଆଉ କେବଳ ଏକ ବାଣିଜ୍ୟ ରାସ୍ତା ରହିବ ନାହିଁ; ଏହା ଏକ ନିରନ୍ତର ସଙ୍କଟ କେନ୍ଦ୍ର ହୋଇଯିବ। ସମୟ ଆସିଛି ବୁଝିବାର ଯେ କେହି ଏକାକୀ ବିଜୟୀ ହୋଇପାରିବେ ନାହିଁ। କୂଟନୈତିକ ପଥ ହିଁ ଏକମାତ୍ର ବାଟ, ଯେଉଁଥିରେ ଉଭୟ ପକ୍ଷର ସ୍ୱାର୍ଥ ଓ ବିଶ୍ୱର ସ୍ଥିରତା ସୁରକ୍ଷିତ ରହିପାରିବ।

# ହସିଲେ ବି ହସି ପାରୁନି

**ଡଃ. ଅରୁନ୍ଧତୀ ଦେବୀ**



ଅତି ବସ୍ତୁବାଦୀ ସଂସ୍କୃତି ଭିତରେ ଆଜିର ମଣିଷ ସଢ଼ିଯାଉଛି। ଯାହାକୁ ପଚାରିଲେ ସେ କହୁଛି ମୁଁ ଟିକେ ବ୍ୟସ୍ତ ଅଛି। ଏତେଗୁଡ଼ିଏ କାମ ହାତରେ ସମୟ କମ୍। ଅଣନିଶ୍ୱାସୀ ହେବାକୁ ପଡ଼ୁଛି, ତଥାପି କାମ ସରୁନି ଏକାଠି ବସି ଟିକେ କଥାବାର୍ତ୍ତା ହେବା, ଦୁଃଖ ସୁଖ ବାଣ୍ଟିବା ଓ ହସ ଖୁସିରେ କିଛି ସମୟ ବିତାଇବା ପାଇଁ ଇଛା ଥିଲେ ବି ସମୟ କାହିଁ? ତେବେ ଏତେ ବ୍ୟସ୍ତତା କ'ଣ ପାଇଁ ଓ କାହା ପାଇଁ? ମଣିଷ ଏକମାତ୍ର ପ୍ରାଣୀ ଯିଏ ହସିପାରେ ଅଥଚ ଆଜି ମଣିଷ ଜୀବନରୁ ହସ ଉଭେଇ ଯାଇଛି। ଜଣେ କବି ଯଥାର୍ଥରେ କହିଛନ୍ତି, ସେ ଆମ୍ବ କି ଆମ୍ବ, ଯେଉଁଥିରେ ନାହିଁ ରସ / ସେ ମୁହଁ କି ମୁହଁ ଯେଉଁଥିରେ ନାହିଁ ହସ....। ଗୋଟିଏ ସଭ୍ୟତା ଓ ସଂସ୍କୃତି କେବଳ ବସ୍ତୁବାଦୀ ଜୀବନକୁ ନେଇ ବହୁଦିନ ବଞ୍ଚିପାରେନା। ବସ୍ତୁ ସଭ୍ୟତାର ବିକାଶ ଜୀବନକୁ ସରଳ ଓ ଗତିଶୀଳ କରିଛି ସତ। କିନ୍ତୁ ମଣିଷ ଜୀବର ପୂର୍ଣ୍ଣାଙ୍ଗ ବିକାଶରେ ଏହା ଶେଷ କଥା ନୁହେଁ। ତାହା ହୋଇଥିଲେ ଧନୀ ରାଜା ମହାରାଜାମାନେ ବା ଧନାଢ୍ୟ ବ୍ୟକ୍ତିମାନେ ଜୀବନସାରା ହସଖୁସିରେ ବଞ୍ଚି ରହିପାରିଥାନ୍ତେ। ଇତିହାସ କୁହେ ଯେ ଅନେକ ବିତ୍ତଶାଳୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଜୀବନ ଦୁଃଖରେ ହିଁ କଟିଛି। କିଏ ରୋଗ ବୈରାଗ୍ୟରେ ସଢ଼ି ଜୀବନ ହାରିଛି ତ କିଏ ସମସ୍ତ ବିଭବ ସତ୍ତ୍ୱେ ଆତ୍ମହତ୍ୟା କରି ଜୀବନ ନାଶ କରିଛି। କୁହାଯାଏ ଜଣେ ବିତ୍ତଶାଳୀ ଓ କ୍ଷମତାଶାଳୀ ରାଜା ତାଙ୍କର ସୁଖର ଦିନଗୁଡ଼ିକୁ କାନ୍ଥରେ ଗାର ଟାଣି ଲେଖି ରଖୁଥିଲେ। ପରିଣତ ବୟସରେ ଉପନୀତ ହୁଅନ୍ତେ ସେ ଏତେ ନିଃସଙ୍ଗ ହୋଇଯାଇଥିଲେ ଯେ ତାଙ୍କର ସୁଖର ଦିନଗୁଡ଼ିକୁ କାନ୍ଥରୁ ଗଣିବାକୁ ଆରମ୍ଭ କଲେ। ଜାଣିବାକୁ ପାଇଲେ ଯେ ଜୀବନକାଳ ମଧ୍ୟରେ ତାଙ୍କର ସୁଖର ଦିନ ମାତ୍ର ୮। ସେ ଆତ୍ମନିରୀକ୍ଷଣ କରିବାର ସୁଯୋଗ ପାଇଲେ ସେଇଦିନ, ଯେଉଁଦିନ ଜଣେ ଅଭାବୀ ମଣିଷ ରାଜାଙ୍କ ଠାରୁ କିଛି ସାହାଯ୍ୟ ପାଇବା ପାଇଁ ତାଙ୍କର ଦ୍ୱାରସ୍ଥ ହେଲେ। କିନ୍ତୁ ଆଶ୍ଚର୍ଯ୍ୟ, ରାଜା ଦେଖିଲେ ଯେ ସେ ଅଭାବୀ ମଣିଷଟି ହାତରେ ଧରିଥିବା ଗୋଟେ ପିଆଜକୁ ଚୋବାଇ ଖାଉଥାଏ ଓ ହସୁଥାଏ। ଏପରି ହସିବାର ଗୁପ୍ତ ରହସ୍ୟ ରାଜା ଜାଣିବାକୁ ଜିଜ୍ଞାସା କରନ୍ତେ ଉକ୍ତ ବ୍ୟକ୍ତି ଜଣକ ଉତ୍ତର ଦେଲେ ଦିନକୁ ଗୋଟିଏ ପିଆଜ ଖାଇଲେ ଦୁଃଖ ଆପେ ଆପେ ଛାଡ଼ି ଚାଲିଯାଏ। ରୋଗ ବୈରାଗ୍ୟ ହୁଏନି। ଏଭଳି ଏକ ଚମତ୍କାର ଅବତାରଣା କରିଛନ୍ତି ବିଶିଷ୍ଟ ଇଂରାଜୀ ଗାଳ୍ପିକ ଓ ପ୍ରାବନ୍ଧିକ ହିଲାରୀ ବେଲକ୍।

ସମସ୍ତ ସାମର୍ଥ୍ୟ ଥିବା ସତ୍ତ୍ୱେ ଆଜିର ମଣିଷ କାହିଁକି ହସିପାରେନା? ପାଖରେ ଅର୍ଥ ଅଛି, କ୍ଷମତା ଅଛି, ଯଶ ଅଛି, ପ୍ରାଚୁର୍ଯ୍ୟ ଅଛି ଅଥଚ ହୃଦୟ ଖୋଲା ହସଟିଏ ସେ ହସିପାରୁନି। ଏହାକୁ ବୁଝାଇବାକୁ ଯାଇ ବିଶିଷ୍ଟ ଭାରତୀୟ ଦାର୍ଶନିକ ଜେ.ଡ଼ି. କ୍ରୀଷ୍ଣମୂର୍ତ୍ତି କହିଛନ୍ତି ଯେ ଅନ୍ତଃଭୟ ହିଁ ଏହାର ପ୍ରମୁଖ କାରଣ। ବାହାରକୁ ଦେଖାଯାଉ ନଥିଲେ ମଧ୍ୟ ବାହ୍ୟଭୟ ଅପେକ୍ଷା ଅନ୍ତଃଭୟ ଅତ୍ୟନ୍ତ ମାରାତ୍ମକ। କାରଣ ବାହ୍ୟଭୟର ନିରାକରଣ ଅନ୍ୟର ସାହାଯ୍ୟରେ କରାଯାଇପାରେ। କିନ୍ତୁ ଅନ୍ତଃଭୟ ନିଜେ ଚାହିଁଲେ ନିଜେ ଦୂର କରିପାରିବ। ତେବେ ଏ ଅନ୍ତଃଭୟ କ'ଣ? ଏହାର ଜନ୍ମ ଅନିଶ୍ଚିତତା, ଅସହାୟତା ଓ ଆଶଙ୍କାରୁ। ଯାହାର ଯେତେ ଅଧିକ ଧନ ସମ୍ପତ୍ତି, ସନ୍ତାନ ସନ୍ତତି ଓ ଅଧିକ ପରିବାର ବର୍ଗ ବୁଝିନେବାକୁ ହେବ ଯେ ସେ ଲୋକଟି ସେତେ ମାତ୍ରାରେ ଅନ୍ତଃଭୟରେ ଜର୍ଜରିତ। ଜଣେ ସାଧୁ ବା ସନ୍ନ୍ୟାସୀ ବା ତପସ୍ୱୀର ଏସବୁ କିଛି ନଥାଏ। ବଣ, ଜଙ୍ଗଲ ଓ ପାହାଡ଼ ପରିବେଶରେ ସେ ବର୍ଷ ବର୍ଷ ଧରି ଧ୍ୟାନସ୍ଥ ହୋଇଥାଏ। ଅଥଚ ତା'ମନରେ, ହୃଦୟରେ ଓ ପ୍ରାଣରେ ଅସରନ୍ତି ଆନନ୍ଦ। ତେଣୁ ସେ ଦୀର୍ଘଜୀବୀ ହୋଇଥାଏ। କାରଣ ତା'ର ଅନ୍ତଃଭୟ ନଥାଏ। ଏଠାରେ ପୌରାଣିକ କଥାବସ୍ତୁରୁ କଂସଙ୍କ ଉଦାହରଣ ନିଆଯାଇପାରେ। ମହାପ୍ରତାପୀ କଂସକୁ ଯେତେବେଳେ ଦୈବବାଣୀ ଦ୍ୱାରା ଶୁଣାଗଲା ଯେ ଦେବକୀଙ୍କ ଅଷ୍ଟମ ଗର୍ଭରୁ ଯାତ ପୁତ୍ର ସନ୍ତାନ ତା'ର ମୃତ୍ୟୁର କାରଣ ହେବ ସେହି ମୁହୂର୍ତ୍ତରୁ କଂସ ଅନ୍ତଃଭୟ ଆତଙ୍କରେ ତା'ର ଜୀବନ ବିତାଇବାକୁ ଆରମ୍ଭ କଲା। ତା' ପରେ ଯାହାସବୁ ଘଟିଛି ସମସ୍ତେ ଜାଣନ୍ତି। ପରିଶେଷରେ ଦେବକୀଙ୍କ ଅଷ୍ଟମ ସନ୍ତାନ କୃଷ୍ଣଙ୍କୁ ଦେଖିବା ମାତ୍ରେ ତା'ର ଅନ୍ତଃଭୟ ହିଁ ତାର ମୃତ୍ୟୁର କାରଣ ହେଲା। ଭାରତୀୟ ଶାସ୍ତ୍ରରେ ନବ ରସ କଥା ଉଲ୍ଲେଖ ଅଛି। ତାହା ହେଲା ଆଦି, କରୁଣ, ରୌଦ୍ର, ହାସ୍ୟ, ବୀର, ଭୟାନକ, ବୀଭତ୍ସ, ସକାରାତ୍ମକ ପ୍ରଭାବ ମଣିଷକୁ ସୁସ୍ଥ ଜୀବନଯାପନ କରିବାରେ ସାହାଯ୍ୟ କରିଥାଏ। ସେଥିପାଇଁ ଅତୀତରେ ଦିନଯାକର ଆବଶ୍ୟକୀୟ କର୍ମଜଞ୍ଜାଳ ପରେ ଶ୍ରମ ଓ ଯନ୍ତ୍ରଣା ଲାଘବ ପାଇଁ ଲୋକମାନଙ୍କୁ ପାରମ୍ପରିକ ପାଲା, ଦାସକାଠିଆ, ଧୁଡୁକି ଆଦି ମାଧ୍ୟମରେ ମନୋରଞ୍ଜନ ପାଇଁ ହାସ୍ୟରସ ପରିବେଷଣ କରାଯାଇଥାଏ।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍:୯୯୩୭୧୭୨୮୧୦**




# ଜନ୍ମଦାତା ବନାମ ପାଳନ କର୍ତ୍ତା

**ଭାଗ୍ୟଲକ୍ଷ୍ମୀ ପୁହାଣ**



ବାପା ଏକ ଶବ୍ଦଟିଏ ନୁହେଁ, ଅନେକ ଶବ୍ଦର ବର୍ଣ୍ଣମାଳା। ବାପା ଖାଲି ଏକ ମଣିଷ ମାତ୍ର ନୁହେଁ, ଏକ ବିଶାଳତା ଯାହା ଭିତରେ ସମଗ୍ର ପ୍ରକୃତି ସମାହିତ ହୋଇପାରେ। ବାପା ଏକ କଳ୍ପ ବୃକ୍ଷର ଶୀତଳ ଛାୟା ପୁଣି ଜାବୁଡ଼ି ଧରୁଥିବା ଉଷ୍ମ ଶାଖା। ବାପା କେବଳ ଏକ ଶରୀର ନୁହେଁ ଗୋଟିଏ ସମ୍ପୂର୍ଣ୍ଣ ସିଦ୍ଧାନ୍ତ।

ବାପା କେବଳ ଗୋଟିଏ ଅସ୍ତିତ୍ୱ ନୁହେଁ କି କେବଳ ସନ୍ତାନର ପ୍ରାଣଦାତା ନୁହେଁ ବରଂ ସନ୍ତାନ ପାଇଁ ସାମାଜିକ ପ୍ରତିଷ୍ଠାର ପ୍ରାଣକେନ୍ଦ୍ର, ସନ୍ତାନର ଅସ୍ମିତାର ଆଦ୍ୟ ଝଙ୍କାର। ବାପା ଏକ କୁହୁକ ଯିଏ ସନ୍ତାନର ସ୍ୱପ୍ନକୁ ପଢିପାରେ, ପୁଣି ଏକ କିମ୍ବଦନ୍ତୀ ଯିଏ ସନ୍ତାନର ସେଇ ସ୍ୱପ୍ନକୁ ସାକାର କରିବା ପାଇଁ ଅନେକ ଲୁହ ଆଉ କୋହକୁ ପିଇ ନିଜକୁ ନିଃସ୍ୱ କରିଦିଏ। ବାପା ଏକ ପୁସ୍ତକର ପ୍ରଚ୍ଛଦପଟର ଚିତ୍ରଟିଏ ମାତ୍ର ନୁହେଁ ବରଂ ସମଗ୍ର ଅଭିଧାନ।

ବାପା ଏକ ବ୍ୟକ୍ତି ନୁହେଁ ଏକ ବ୍ୟକ୍ତିତ୍ୱ, ଯାହାର ଆଦର୍ଶ, ମୂଲ୍ୟବୋଧ, କର୍ମ କର୍ତ୍ତବ୍ୟ ସନ୍ତାନ ପାଇଁ ପ୍ରେରଣାର ଉତ୍ସ ପାଲଟି ଯାଏ ତାଙ୍କ ଥିଲା ଅବସ୍ଥାରେ ପୁଣି ତାଙ୍କ ଅବର୍ତ୍ତମାନରେ ବି।

ବାପା ସମାଜ ସାମ୍ନାରେ ସନ୍ତାନର ରକ୍ଷାକର୍ତ୍ତା, ତା'ର ସୁରକ୍ଷା କବଚ।

ଆଉ ମା', ଭାରତୀୟ ଶାସ୍ତ୍ର,ସଂସ୍କୃତି ମା'କୁ ଯେଉଁ ଯାଗା ଦେଇଛି ତା' ଅବର୍ଣ୍ଣନୀୟ। ଆଦି ଗୁରୁ ଶଙ୍କରାଚାର୍ଯ୍ୟ ମାତୃ ବନ୍ଦନା କରୁ କରୁ ଏକଥା ବି କହିଛନ୍ତି ଯେ କୁପୁତ୍ର ଜନ୍ମ ହୋଇପାରେ, କିନ୍ତୁ କୁମାତା ନୁହେଁ।

ଆମ ଓଡ଼ିଆରେ ମଧ୍ୟ କଥାଟେ ଅଛି, ବାପ ଥିଲା ପୁଅ ସଭାରେ ହାରେନା ଆଉ ମା' ଥିଲା ପୁଅ ଦୁନିଆକୁ ଡରେନା।

ହେଲେ କିଛି ପରିସ୍ଥିତି ଆଉ ପ୍ରସଙ୍ଗ ଆମକୁ ଭାବିବା ପାଇଁ ବାଧ୍ୟ କରିଦିଏ ଯେ ଏକଥା କଣ ସତରେ ସବୁ ସମୟରେ ସତ ?

ଏ ପ୍ରସଙ୍ଗଟି ମନକୁ ଆସିବାର ଗୋଟିଏ ବଡ କାରଣ ଅଛି। କିଛି ଦୃଶ୍ୟ ଆଉ ଏମିତି କିଛି ଯାଗା ଦେଖିଲା ପରେ ହିଁ ଏ ଚିନ୍ତାଧାରା ମନକୁ ଆସିଲା।

ଅନେକ ଥର ସେପରି ଯାଗାକୁ ଯାଇଛି,ସେଠିକାର ପିଲାମାନଙ୍କ ସଙ୍ଗେ ମିଶିଛି କିନ୍ତୁ ସୋସିଆଲ ମିଡ଼ିଆରେ ଲେଖିବାକୁ କିମ୍ବା ସେପରି ପ୍ରସଙ୍ଗ ଉପସ୍ଥାପନ କରିବାକୁ ଉଚିତ୍ ମନେ କରିନି କିମ୍ବା ସାହସ ପାଇନି।କିନ୍ତୁ ସେଥର ପରିସ୍ଥିତି ଟିକେ ଭିନ୍ନ ଥିଲା ଝିଅକୁ ତା'ର ଜନ୍ମଦିନରେ ଦେଖା କରି ଫେରୁଥିଲି ,ଅନେକ ଚିହ୍ନା ଜଣା ଲୋକଙ୍କରର ଶୁଭେଚ୍ଛା ଆଉ ଦରଦ ଭରା ମେସେଜ୍ ବି ଫେସ୍‌ବୁକ୍ ଆଉ ହ୍ୱାଟ୍ସଆପ୍‌ରେ ଆସିଥିଲା ମନରେଗୁଡ଼ିଏ ଆଶା ଆଉ ଉଦାସ, ଖୁସି ଆଉ ଆବେଗର ଫେଣ୍ଟାଫେଣ୍ଟି ଭାବ , ଅନେକ ସ୍ମୃତିର ରୋମନ୍ଥନ।ସେଇ ଭାବ ନେଇ ମୁଁ ଗଲି ସେଠିକି,ମୋର କିଛି ସହକର୍ମୀ ମଧ୍ୟ ସାଙ୍ଗରେ ଥିଲେ।ବେଶ୍ କିଛି ସମୟ ରହଣି ,କଥାବାର୍ତ୍ତା, ମିଳାମିଶା ଓ ଖିଆପିଆ।ମୋର ଜଣେ ସହକର୍ମୀର ଆଖିରେ ପିଲାମାନଙ୍କ ପ୍ରତି ସ୍ନେହ ଛଳଛଳ ଭାବ ଆଉ ସେମାନଙ୍କର ଏପରି ପରିସ୍ଥିତି ପାଇଁ ଦାୟି କିନ୍ତୁ ଦୃଶ୍ୟମାନ ହୋଇପାରୁନଥିବା ବ୍ୟକ୍ତି ପ୍ରତି ଅନେକ କ୍ରୋଧ ଆଉ ଘୃଣା ତା ମନରେ ଭରି ଥିବାର ଦେଖିଲି, ଆଉ କେତେକଙ୍କର ମନ ଭିତରେ ପରିସ୍ଥିତିର ଫାଇଦା ଉଠାଇବା ନିମନ୍ତେ ଅହେତୁକ ଲାଳସା ବି ଦେଖିଲି।



ବେଶ୍ କିଛି ସମୟ ସେଠାରେ ରହିଲା ପରେ ଫେରିଲୁ। ଶେଷରେ ଆସିବା ସମୟରେ ସେଠାକାର ଦାୟିତ୍ୱରେ ଥିବା ଅଧିକାରୀଙ୍କ ପ୍ରଶ୍ନ "କଣ ଦେଖିଲେ ଏଠାରେ ଆଉ କିପରି ଲାଗିଲା ଏ ଯାଗା ଆପଣଙ୍କୁ" ? ଆଉ ଆଗରୁ ଝିଅ ପଚାରି ସାରିଥିବା ପ୍ରଶ୍ନ ଭାବିବାକୁ ଓ ପଦେ ଲେଖିବାକୁ ବାଧ୍ୟ କରିଦେଲା ମୋତେ।

କେମିତି କହିବି ମତେ ବହୁତ ଭଲ ଲାଗିଲା ବା କେମିତି କହିବି ଭଲ ଲାଗିଲା ନାହିଁ ବୋଲି। ଆଉ ଏକଥା ବି ସତ ନୁହେଁ ଯେ ମୋତେ କିଛି ବି ଲାଗିଲା ନାହିଁ। ମୁଁ ସେଠି ଭିଡ ଭିତରେ ଅସଂଖ୍ୟ ନୀରବତାକୁ ଭୋଗିଲି, ଅନେକଙ୍କ ମେଳରେ ବି ଆତ୍ମାକୁ ଜଡସଡ କରି ପକାଉଥିବା କିଛି ନିଃସଙ୍ଗତାକୁ ଭେଟିଲି। ଅନେକ କୋଳାହଳ ଭିତରେ ବି ହୃଦୟକୁ ଖାଲି କରିପକାଉଥିବା ନିର୍ଜନତା ସାଙ୍ଗରେ ଭେଟ ହେଲା, ଅନେକ ବିରୋଧାଭାସ ମଧ୍ୟରେ ସେଇଠି ପରସ୍ପର ମଧ୍ୟରେ ଆତ୍ମୀୟତା ବି ଦେଖିଲି। ସତେ ଯେମିତି ୟୁନିଟି ଇନ୍ ଡିଭରିଟି ଓ ବସୁଧୈବ କୁଟୁମ୍ବକମ ର ଆପ୍ତ ପଦଟିର ସଫଳ ରୂପାୟନ ସେଇଠି ହେଇଯାଇଚି ପରି ଅନୁଭବ କଲି। ସେଠି କିଛି ପିଲାଙ୍କ ଭିତରେ ଶୈଶବର ଛଳଛଳ ଚପଳତା ସରୁ ନସରୁଣୁ ଅନ୍ୟ ପାଇଁ ଦାୟିତ୍ୱ ବୋଧର ପରିପକ୍ୱତା ଆଉ ମାନସିକ ପରିପ୍ରସ୍ତୁତି ହୃଦୟରୁ ଆସିଗଲା ପରି ଅନୁଭବ କଲି।ସେଇ ତଥାକଥିତ ସାଧାରଣ ପିଲାଙ୍କ ଭିତରେ ବିନା ପ୍ରଶିକ୍ଷଣରେ ବି ଅସାଧାରଣ ଜ୍ଞାନର ଆଉ ପ୍ରତିଭାର ପ୍ରଖର ଉଷ୍ମତା ଏବଂ ମାନବିକତାର ତୀବ୍ରତା ଅନୁଭବ କଲି।

ଅନେକଙ୍କର ଅହଙ୍କାରକୁ ଓ କିଛିଙ୍କର ଅପରାଧକୁ,ଆଉ ସେଇ ଅପରାଧକୁ ସ୍ୱୀକାର କରିନପାରିବାର ଭୀରୁତା ଆଉ ଅସହାୟତାକୁ ନୀରବ ସ୍ୱୀକୃତି ଦେଇ ଏବଂ ତାକୁ ହିଁ ନିଜର ପ୍ରାରବ୍ଧ ଭାବିନେଇ ଏକ ଅଭିଯୋଗ ହୀନ ଜୀବନ ଜିଉଁଥିବା ନିଷ୍ପାପ ଶିଶୁଙ୍କର ମେଳା ଦେଖିଲି। ଅନେକଙ୍କ ପାପ ଜହରକୁ ବିନା ଆପତ୍ତିରେ ବିନା ଅଭିଯୋଗରେ ପିଇ ଦେଇ ନୀଳକଣ୍ଠ ସାଜି ପାରିଥିବା ପ୍ରଶ୍ନହୀନ ନିରୀହ ଦେବଶିଶୁଙ୍କୁ ଦେଖିଲି।

ଆଉ ମୋ ଝିଅର ପ୍ରଶ୍ନ, ମାମା ଅନାଥାଶ୍ରମର ନାଁଟାକୁ ଶୁଣିବାକୁ କେମିତି କଷ୍ଟ ଲାଗୁଚି ଏହାର ନାମ କ'ଣ ଆଉ କିଛି ଦିଆଯାଇପାରି ନ ଥାନ୍ତା ? ସତରେ କ'ଣ ବା ଆଉ ଦିଆଯାଇପାରିବ ଶିଶୁକୁଞ୍ଜ, ଶିଶୁ ନିକେତନ ଇତ୍ୟାଦି ଏମିତି କିଛି ନାମ ମଧ୍ୟ ଅଛି। କିନ୍ତୁ ମାନେ ଓ ଉଦ୍ଦେଶ୍ୟ ତ ସେୟା, କ'ଣ ବା ଆଉ ବେଶି ଫରକ ଅଛି।

ୟୁନିସେଫ୍‌ର ଆକଳନ ଅନୁସାରେ ଅନାଥାଶ୍ରମରେ ସାଧାରଣତଃ ଦୁଇ ପ୍ରକାରର ପିଲା ହିଁ ରୁହନ୍ତି। ଗୋଟିଏ ହେଉଛନ୍ତି କିଛି ବି କାରଣରୁ ନିଜର ପିତା ମାତା ଯଦି ମରିଯାଇଛନ୍ତି ସେପରି ପିଲା,ଆଉ ଅନ୍ୟଟି ହେଉଛନ୍ତି ବାୟୋଲୋଜିକାଲ୍ ପିତା ମାତାଙ୍କ ଦ୍ୱାରା ପରିତ୍ୟକ୍ତ ଅବସ୍ଥାରେ ଛାଡିଦିଆଯାଇଥିବା ପିଲା, ଯାହାକି ସବୁଠୁ ଲଜ୍ଜା ଆଉ ପରିତାପର ବିଷୟ ମଧ୍ୟ। ତାଠାରୁ ଆହୁରି ବିଡ଼ମ୍ବନାର ବିଷୟ ଏଇଆ ଯେ ଭାରତରେ ସେପରି ପିଲାଙ୍କ ସଂଖ୍ୟା କେତେ ତାହାର ସଠିକ ତଥ୍ୟ ମଧ୍ୟ ଉପଲବ୍ଧ ନୁହେଁ। କିନ୍ତୁ ଏକଥାର ସ୍ପଷ୍ଟ ତଥ୍ୟ ରହିଛି ଯେ ସନ୍ତାନକୁ ପରିଚୟ ନ ଦେଇ ପାଳନ ନ କରି ପରିତ୍ୟାଗ କରିବାର ଚିନ୍ତା ଉଦ୍ରେକକାରୀ ଅନେକ କାରଣ ମଧ୍ୟରୁ ଏକ ବିଶେଷ ଆଉ ପ୍ରମୁଖ କାରଣ ହେଉଛି ଯେ biological ପିତା ମାତାଙ୍କର ସାମାଜିକ ପ୍ରତିଷ୍ଠାରେ ଆଞ୍ଚ ଆସୁଥିବାର ସମ୍ଭାବନା ଥିବାରୁ ସେମାନେ ଶିଶୁକୁ ପାଳନ କରିବା ତ ଦୂରର କଥା ପରିଚୟହୀନ କରି ଦୂରେଇ ଦେଉଛନ୍ତି, ଅବାଞ୍ଛିତ ସନ୍ତାନ କହି।

ଏଇ ଦୁନିଆଁରେ ଗୋଟିଏ ପଶୁ ବି ନିଜର ଜନ୍ମିତ ସନ୍ତାନର ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗେଇ ଦେବାର ଅନେକ ଉଦାହରଣ ଆମକୁ ଭାବ ବିହ୍ୱଳ କରିଦେଇଛି। ଆମେ ଏମିତି ଅନେକ କାହାଣୀ ଦେଖିଛୁ,ପଢିଛୁ। ପଶୁଟେ କେବେ ଲଢ଼ିପାରେ, କେବେ ମାରିପାରେ, କେବେ ମରିପାରେ,କେବେ ବଉଳା ଗାଈ ପରି ବାଘ ସାମ୍ନାରେ ସନ୍ତାନକୁ କ୍ଷିର ଟୋପାଏ ଦେବାପାଇଁ କିଛି କ୍ଷଣର ଆୟୁଷର ଆକୁଳ ପ୍ରାର୍ଥନା ବି କରିପାରେ।କିନ୍ତୁ ଏମାନେ ମଣିଷ ହୋଇ ବି ନିଜର ଜନ୍ମିତ ସନ୍ତାନକୁ ହୃଦୟହୀନ ଭାବରେ ତେଜ୍ୟ କରିଦିଅନ୍ତି, ଖାଲି ତେଜ୍ୟ କରିଦିଅନ୍ତିନି, ନିଷ୍ଠୁର ଭାବରେ ଫିଙ୍ଗି ଦିଅନ୍ତି ବର୍ଜ୍ୟବସ୍ତୁ ପରି କେଉଁ ବୁଦା ମୂଳେ, ଅଳିଆଗଦାରେ ଅବା ପୋଖରୀ ହୁଡ଼ାରେ ବଡ଼ ବିକଳ ଆଉ ଦୟନୀୟ ଅବସ୍ଥାରେ, କେବଳ ନିଜକୁ ସମାଜ ଆଗରେ ନିଷ୍କଳଙ୍କର ପରିଚୟ ଦେବା ପାଇଁ ଏବଂ ଖୁସି ଖୁସି ଆଉ ଗୋଟିଏ ଜୀବନ ଜୀଇଁବା ପାଇଁ।

ତେଣୁ ଏବେ ଭାବିବାର ସମୟ ଆସିଛି ଯେ ସତରେ କ'ଣ କୁମାତା କି କୁପିତା ନ ଥିଲେ କି ନାହାନ୍ତି ?

ନିଜ ଚରିତ୍ରକୁ ସମାଜ ସାମ୍ନାରେ ନିଷ୍କଳଙ୍କ ରଖିବା ପାଇଁ ନିଜର ଜନ୍ମିତ ସନ୍ତାନକୁ ପରିଚୟ ନଦେଇ, ତା'ର ଜୀବନ ବିଷୟରେ ଚିନ୍ତା ନ କରି ବର୍ଜ୍ୟବସ୍ତୁ ପରି ଫିଙ୍ଗି ଦେଉଥିବା ବ୍ୟକ୍ତି କ'ଣ କେବେବି ପିତାମାତା ପରି ନମସ୍ୟ ହୋଇପାରିବ କେବଳ ଏଇ ସର୍ତ୍ତରେ ଯେ ସେ ସନ୍ତାନଟି ତାଙ୍କ ବୀର୍ଯ୍ୟରୁ ବା ଗର୍ଭରୁ ଜନ୍ମ ହୋଇଛି ? ବରଂ ସେପରି ବାପା ମା'ଙ୍କଠାରୁ ଶହେ ଗୁଣ ପୂଜନୀୟ ସେମାନଙ୍କୁ ନିଜର ସନ୍ତାନ ଭାବେ ଗ୍ରହଣ କରିନେଉଥିବା ବ୍ୟକ୍ତିବିଶେଷ। ଅବଶ୍ୟ ଆଜିକା ତାରିଖରେ ଅନେକ ସହୃଦୟ ଦମ୍ପତି ବା ବ୍ୟକ୍ତିବିଶେଷ ଏଇ ସନ୍ତାନମାନଙ୍କୁ ବିନା ଦ୍ୱିଧାରେ ନିଜର ସନ୍ତାନ ଭାବରେ ଗ୍ରହଣ କରୁଛନ୍ତି, ନିଜର ନାମ ଦେଉଛନ୍ତି, ପରିଚୟ ଦେଉଛନ୍ତି, ସ୍ନେହ, ମମତା ସମ୍ପତ୍ତି ଉପରେ ଅଧିକାର ସବୁକିଛି ଦେଉଛନ୍ତି।

ତେଣୁ ଆମର ଭାରତୀୟ ସଂସ୍କୃତିରେ ଓଁ ମାତୃ ଦେବ ଭବଃ, ଓଁ ପିତୃ ଦେବ ଭବଃ ପରି ମାତୃ ବନ୍ଦନା ବା ପିତୃ ବନ୍ଦନା ତୁଚ୍ଛ ଶାରୀରିକତାର ଆଧାରରେ ନୁହେଁ ବରଂ ପାଳନ କରିପାରୁଥିବା ଭଳି ବିଶାଳ ପିତୃତତ୍ତ୍ୱ ପାଇଁ ଏବଂ ମମତାର ମହନୀୟ ମାତୃତ୍ୱ ପାଇଁ ହିଁ ଉଦ୍ଦିଷ୍ଟ ଥିଲା, ଅଛି ଓ ରହିବ।

# ନିଜର ଭାବୁଥିବା ମଣିଷ ଆଜି ସବୁଠୁ ଶସ୍ତା

**ଅଖିଳ ତରାଇ**



ସମ୍ପର୍କ ଏକ ଏମିତି ଅମୂଲ୍ୟ ବନ୍ଧନ, ଯାହା ସମୟର ନିରନ୍ତର ସ୍ରୋତ ମଧ୍ୟରେ କେବେ ବି ପୁରୁଣା କିମ୍ବା ମୂଲ୍ୟହୀନ ହୁଏନାହିଁ। ପ୍ରେମ, ସ୍ନେହ, ଆଦର, ରାଗ ଓ ଅଭିମାନ-ଏସବୁ ତ ସମ୍ପର୍କର ଗୋଟିଏ ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ। ମାନବୀୟ ସମାଜର ଗଠନ ଏପରି ଯେ, ଆମେ ସମସ୍ତେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଗୋଟିଏ ଗୋଟିଏ ଭାବନାତ୍ମକ ବନ୍ଧନରେ ବାନ୍ଧିହୋଇ ଚାଲିଥାଉ। ଏହି ବନ୍ଧନ କେବଳ ଖୁସି ବାଣ୍ଟିବା ପାଇଁ ନୁହେଁ, ବରଂ ଜୀବନର ଦୁର୍ଦ୍ଦିନ, ବିପଦ-ଆପଦ, ସୁବିଧା-ଅସୁବିଧା ଏବଂ ପ୍ରତିଟି କଠିନ ମୁହୂର୍ତ୍ତରେ କେହି ଜଣେ ନିଜର ମଣିଷ ହୋଇ ଆମ ପାଖରେ ଠିଆ ହୋଇପାରିବ ବୋଲି ଆମେ ଏହି ସମ୍ପର୍କସବୁକୁ ଯତ୍ନର ସହ ଗଢ଼ିତୋଳିଥାଉ। ମାତ୍ର ଆଜିର ସାମ୍ପ୍ରତିକ ଦୁନିଆର ରୀତିନୀତି, ବିଚାରଧାରା ଓ ବ୍ୟବହାର ଅତ୍ୟନ୍ତ ବିଚିତ୍ର, ଜଟିଳ ଏବଂ ଅପ୍ରତ୍ୟାଶିତ। ଯେଉଁ ମାଟି ଓ ସଂସ୍କୃତିରେ ଆନ୍ତରିକତା, ତ୍ୟାଗ ଓ ନିଃସ୍ୱାର୍ଥପର ଭାବନାକୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଥିଲା, ସେହି ସମାଜରେ ଆଜି ସଚ୍ଚୋଟତା, ସହାନୁଭୂତି ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଆପଣ ଯାହା ପାଇଁ ନିଜର ସବୁକିଛି ଉତ୍ସର୍ଗ କରିଦିଅନ୍ତି, ବିନା କୌଣସି ସ୍ୱାର୍ଥ ରଖି କେବଳ ତାଙ୍କର ଟିକିଏ ଖୁସି ପାଇଁ ନିଜର ସୁଖ-ଶାନ୍ତିକୁ ବାଜି ଲଗାଇଦିଅନ୍ତି, ଦୁର୍ଭାଗ୍ୟବଶତଃ ସେହି ନିଜର ଭାବୁଥିବା ଲୋକମାନେ ହିଁ ଆପଣଙ୍କୁ ସବୁଠାରୁ ଅଧିକ କଷ୍ଟ, ନିରାଶା ଓ ଦୁଃଖ ଦିଅନ୍ତି।

ଯେତେବେଳେ ଆମେ କୌଣସି ଜଣେ ବ୍ୟକ୍ତିଙ୍କୁ ନିଜର ଜଣେ ଭଲ ବନ୍ଧୁ, ଶୁଭଚିନ୍ତକ କିମ୍ବା ଜଣେ ସମ୍ମାନାସ୍ପଦ ଗୁରୁଜନ ଭାବେ ହୃଦୟର ସହ ଗ୍ରହଣ କରିନେଉ, ସେତେବେଳେ ଆମେ ସେମାନଙ୍କର ସବୁ କାର୍ଯ୍ୟକୁ ନିଜର କାର୍ଯ୍ୟ ଭାବି ନିଷ୍ଠା ଓ ଶ୍ରଦ୍ଧାର ସହ ସମ୍ପାଦନ କରିବାକୁ ଆଗେଇ ଆସୁ। ସେମାନଙ୍କର କୌଣସି ଆହ୍ୱାନ ବା ଆବଶ୍ୟକତା ଆମ ପାଇଁ ଆଦେଶ ପାଲଟିଯାଏ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଆମର ଏହି ନିଃସ୍ୱାର୍ଥପର ସେବା ପ୍ରତିବଦଳରେ ଆମକୁ ମିଳେ କେବଳ ଅଣଦେଖା, ହେୟଜ୍ଞାନ ଓ ମାନସିକ ଯନ୍ତ୍ରଣା। ସମାଜର ମାନସିକତା ଆଜି ଏପରି ଏକ ବିପଜ୍ଜନକ ସ୍ତରକୁ ଚାଲିଯାଇଛି ଯେ, ଜଣଙ୍କର ସରଳତା ଓ ନିଃସ୍ୱାର୍ଥପର ମନୋଭାବକୁ ଲୋକମାନେ ତାର ସାମର୍ଥ୍ୟହୀନତା କିମ୍ବା ଦୁର୍ବଳତା ବୋଲି ଧରିନିଅନ୍ତି। ଅଧିକ ନିଜର ଦେଖାଇଲେ, ନିଜଆଡୁ ସହଯୋଗର ହାତ ବଢ଼ାଇଲେ ଲୋକେ ସେହି ମଣିଷଟିକୁ ଅତି 'ଶସ୍ତା' ଓ ଅନାବଶ୍ୟକ ବୋଲି ଭାବିବାକୁ ଆରମ୍ଭ କରନ୍ତି। ସେମାନଙ୍କ ମନରେ ଏପରି କୁତ୍ସିତ ସନ୍ଦେହ ଜାତ ହୁଏ ଯେ, ହୁଏତ ଏହି ବ୍ୟକ୍ତିଜଣକ କୌଣସି ନିଜସ୍ୱ ସ୍ୱାର୍ଥ ବା ସୁବିଧା ହାସଲ ପାଇଁ ଏତେ ସବୁ କରୁଛି। ଜଣଙ୍କର ନିର୍ମଳ ଓ ପବିତ୍ର ଭାବନା ଉପରେ ସ୍ୱାର୍ଥପରତାର ଦାଗ ଲଗାଇବାକୁ ସେମାନେ ଆଦୌ ସଂକୋଚ କରନ୍ତି ନାହିଁ। ସେମାନେ ସମ୍ପୂର୍ଣ୍ଣ ଭୁଲିଯାଆନ୍ତି ଯେ, ସଂସାରରେ ଏମିତି ବି କିଛି ମଣିଷ ଅଛନ୍ତି, ଯେଉଁମାନେ କୌଣସି ଆଶା ନରଖି କେବଳ ସ୍ନେହ, ପ୍ରେମ ଓ ଆପଣାପଣ ପାଇଁ ହିଁ ନିଜର ଶ୍ରମ, ସମୟ ଓ ଶକ୍ତି ତ୍ୟାଗ କରନ୍ତି।

ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି, ଆଜିର ମଣିଷ ସେହିମାନଙ୍କୁ ଅଧିକ ଆଦର, ସମ୍ମାନ ଓ ପ୍ରାଧାନ୍ୟ ଦିଏ, ଯେଉଁମାନେ ସେମାନଙ୍କ ପ୍ରତି ଘୃଣା ଭାବ ରଖନ୍ତି, ପଛରେ ସମାଲୋଚନା କରନ୍ତି କିମ୍ବା ଖୋଲାଖୋଲି ଶତ୍ରୁତା ଓ ବିରୋଧ କରନ୍ତି। ଏହି ମାନସିକତା କେବଳ ବ୍ୟକ୍ତିଗତ ବନ୍ଧୁତା କିମ୍ବା ପରିବାର ମଧ୍ୟରେ ସୀମିତ ହୋଇ ରହିନାହିଁ ବରଂ ଆମ ପ୍ରଶାସନିକ ଓ ସାମାଜିକ ବ୍ୟବସ୍ଥାର ପ୍ରତ୍ୟେକଟି ସ୍ତରରେ ଗଭୀର ଭାବେ ବ୍ୟାପିଯାଇଛି। ରାଜନୀତି କ୍ଷେତ୍ରକୁ ଅନୁଧ୍ୟାନ କଲେ ଏହାର ପ୍ରତ୍ୟକ୍ଷ ଓ ଜ୍ୱଳନ୍ତ ପ୍ରମାଣ ମିଳିଥାଏ। ଜଣେ ନିଷ୍ଠାପର, ସଚ୍ଚୋଟ କର୍ମୀ ଜଣେ ନେତାଙ୍କୁ ଜିତାଇବା ପାଇଁ ନିଜର ଦିନରାତି, ପରିଶ୍ରମ, ସମ୍ପତ୍ତି ଓ ସର୍ବସ୍ୱ ଢାଳିଦିଏ। ନିଜର ବ୍ୟକ୍ତିଗତ ସୁଖକୁ ପଛରେ ପକାଇ ସେ ଦଳ ଓ ନେତାଙ୍କ ପାଇଁ ଲଢ଼େ। ମାତ୍ର ନିର୍ବାଚନ ଜିତି କ୍ଷମତାସୀନ ହେବା ପରେ, ସେହି ରାଜନୈତିକ ବ୍ୟକ୍ତିଜଣକ ନିଜର ସେହି ସଚ୍ଚୋଟ କର୍ମୀର ରକ୍ତଭିଜା ପରିଶ୍ରମ ଓ ତ୍ୟାଗକୁ ସମ୍ପୂର୍ଣ୍ଣ ଭୁଲିଯାଆନ୍ତି। ଅନ୍ୟପଟେ, ଯେଉଁ ମଣିଷଟି ତାଙ୍କୁ ଦିନରାତି ଘୃଣା କରୁଥିଲା, ତାଙ୍କ ବିରୋଧରେ ବିଷପାନ କରାଉଥିଲା, ସେ ଯଦି ପରବର୍ତ୍ତୀ ସମୟରେ କୌଣସି ସ୍ୱାର୍ଥ ରଖି ଟିକିଏ ମିଠା କଥା କହି ପାଖକୁ ଆସିଯାଏ, ତେବେ ସେହି ନେତାଜଣକ ନିଜର ପ୍ରକୃତ କର୍ମୀଙ୍କୁ ପାସୋରି ଦେଇ ସେହି ବିରୋଧୀ ମଣିଷର ସବୁ କାମ ପ୍ରଥମେ କରିଦିଅନ୍ତି।

ଏହି କଳୁଷିତ ଓ ବ୍ୟବସାୟିକ ବ୍ୟବସ୍ଥା ଅଫିସ, କର୍ମକ୍ଷେତ୍ରଠାରୁ ଆରମ୍ଭ କରି ସାମାଜିକ ଜୀବନର ପ୍ରତିଟି ମୋଡ଼ରେ ସମାନ ଭାବେ ଦେଖିବାକୁ ମିଳୁଛି। ଯେଉଁମାନେ ବିନା ସ୍ୱାର୍ଥରେ, କୌଣସି ବାହାସ୍ଫୋଟ ନମାରି, ନିଜର କାର୍ଯ୍ୟକୁ ପବିତ୍ର କର୍ତ୍ତବ୍ୟ ଭାବି ଚୁପଚାପ୍ ନିଜର ଶ୍ରେଷ୍ଠ ଯୋଗଦାନ ଦେଇଚାଲନ୍ତି, ସେମାନଙ୍କୁ ସମସ୍ତେ ଅଣଦେଖା କରନ୍ତି। ଆଜିର ଯୁଗରେ ଅସଲି ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ଆନ୍ତରିକତାଠାରୁ ଦେଖାଣିଆ ଚାଟୁକାରିତା, ମିଥ୍ୟା ପ୍ରଶଂସା ଓ ମିଠା କଥାକୁ ଅଧିକ ପ୍ରାଧାନ୍ୟ ମିଳୁଛି। ମାତ୍ର ଆମକୁ ମନେରଖିବାକୁ ହେବ ଯେ, ଏହା ଏକ ସୁସ୍ଥ ଓ ଆଦର୍ଶ ସମାଜର ଲକ୍ଷଣ ଆଦୌ ନୁହେଁ। ଯେଉଁମାନେ ଆମ ପାଇଁ, ଆମର ସୁଖ-ସମୃଦ୍ଧି ଓ ପ୍ରଗତି ପାଇଁ ବିନା କୌଣସି ସ୍ୱାର୍ଥରେ ନିଜକୁ ଉତ୍ସର୍ଗ କରିଛନ୍ତି, ସେମାନଙ୍କୁ ଆଦର, ଶ୍ରଦ୍ଧା ଓ ନିଜର କୃତଜ୍ଞତା ଜଣାଇବା ଆମର ନୈତିକ ଦାୟିତ୍ୱ। ନିଃସ୍ୱାର୍ଥପର ମଣିଷମାନଙ୍କୁ ଯଦି ଆମେ ଏହିପରି ଭାବେ ଅବହେଳା ଓ ହେୟଜ୍ଞାନ କରିବା, ତେବେ ଦିନେ ମାନବ ସମାଜରୁ ପ୍ରେମ, ସମ୍ପର୍କ, ବିଶ୍ୱାସ ଓ ଆନ୍ତରିକତା ସମ୍ପୂର୍ଣ୍ଣ ଲୋପ ପାଇଯିବ।ମଣିଷର ମହାନତା ତାହାର ସମ୍ପତ୍ତି କିମ୍ବା ପଦବୀରେ ନୁହେଁ, ବରଂ ସେ ତା'ର ଜୀବନରେ ଥିବା ନିଃସ୍ୱାର୍ଥ ମଣିଷମାନଙ୍କୁ କେତେ ସମ୍ମାନ ଦେଇପାରୁଛି, ସେଥିରେ ନିର୍ଭର କରେ। କାରଣ, ସ୍ୱାର୍ଥର ସାଥୀ ଅନେକ ମିଳିବେ କିନ୍ତୁ ନିଃସ୍ୱାର୍ଥରେ ସାଥୀ ହୋଇ ଠିଆ ହେଉଥିବା ମଣିଷ ବାରମ୍ବାର ମିଳନ୍ତି ନାହିଁ। ତେଣୁ ସମୟ ଆସିଛି, ଆମକୁ ଆମର ଏହି ମାନସିକ ଭୁଲକୁ ସୁଧାରିବାକୁ ହେବ, ସାରା ଦୁନିଆର ମିଥ୍ୟା ଆବରଣ ଭିତରୁ ପ୍ରକୃତ ଆପଣାର ନିଃସ୍ୱାର୍ଥପର ମଣିଷଙ୍କୁ ଚିହ୍ନି ସେମାନଙ୍କ ତ୍ୟାଗର ସଠିକ୍ ମୂଲ୍ୟ ଓ ସମ୍ମାନ ଦେବାକୁ ପଡ଼ିବ।

**ଗଞ୍ଜାମ, ମୋବାଇଲ୍:୭୮୭୦୦୧୦୦୧**

# ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କଲା ଆମେରିକା




ୱାଶିଂଟନ/ତେହରାନ, ୩୦।୭: ମଧ୍ୟପ୍ରାଚ୍ୟ ପୁଣି ଅଶାନ୍ତ ହୋଇ ଉଠିଛି। ଭାରତୀୟ ସମୟ ଗୁରୁବାର ଭୋର୍ ସାଢ଼େ ୫ଟାରେ ଆମେରିକା ସେନା ଇରାନ ଉପରେ ବିମାନ ଆକ୍ରମଣ କରିଛି। ଜୋର୍ଡାନରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଇରାନର କ୍ଷେପଣାସ୍ତ୍ର ଆକ୍ରମଣର ଗୋଟିଏ ଦିନ ପରେ ଏହି ଆକ୍ରମଣ କରାଯାଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହିତ ବୈଠକ କରିବାର କିଛି ଘଣ୍ଟା ପରେ ଏଭଳି ହୋଇଛି। ଜୋର୍ଡାନରେ ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ବଡ଼ଧରଣର ଆକ୍ରମଣ ହେବ ବୋଲି ଚେତାବନୀ ଦେଇଥିଲେ। ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ କହିଛି, ଇରାନ ଉପରେ ଆକ୍ରମଣ ବୁଧବାର ସ୍ଥାନୀୟ ସମୟ ରାତି ୮ଟାରେ ଆରମ୍ଭ କରାଯାଇଥିଲା।

ଇରାନର ସରକାରୀ ଗଣମାଧ୍ୟମ ପ୍ରେସ୍ ଟିଭି ରିପୋର୍ଟ କରିଛି ଯେ ଆମେରିକା ଆକ୍ରମଣ ପରେ ଦେଶର ଦକ୍ଷିଣ ପ୍ରଦେଶଗୁଡ଼ିକରେ ବିସ୍ଫୋରଣ ଶୁଣାଯାଇଛି। ରାଷ୍ଟ୍ରାୟତ୍ତ ପ୍ରସାରକ ଆଇଆରଆଇବି କହିଛି, ବନ୍ଦର ଆବାସ ଏବଂ ଆବୁ ମୁସା, କିଶ୍ ଓ କେଶମ୍ ଦ୍ୱୀପରେ ମଧ୍ୟ ବିସ୍ଫୋରଣ ଘଟିଛି। ହର୍ମୁଜ୍ ଅଞ୍ଚଳରେ ଅବସ୍ଥିତ କେଶମ୍ ଦ୍ୱୀପରେ ତିନୋଟି ବିସ୍ଫୋରଣ ଶୁଣାଯାଇଛି। ଦ୍ୱୀପର ଏକ ଆବାସିକ କୋଠା ଉପରେ ଆକ୍ରମଣ ପରେ ଦୁଇଜଣ ଲୋକ ଭଗ୍ନାବଶେଷ ତଳେ ଫଶି ରହିଛନ୍ତି। ବୁଧବାର ଦିନ ଓଭାଲ ଅଫିସରେ ଟ୍ରମ୍ପ୍ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ,ଏବେ ଆମର ପାଳି। ଆମେ ସେମାନଙ୍କ ଉପରେ ବଡ଼ ଧରଣର ଆକ୍ରମଣ କରିବୁ। ମଙ୍ଗଳବାର ଜୋର୍ଡାନରେ ଏକ ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ ପରେ ଟ୍ରମ୍ପଙ୍କ ଏହି ବିବୃତି ଆସିଥିଲା।

ସାଉଦି ଆରବର ଏଣ୍ଟ୍ରି ପରେ ପରିସ୍ଥିତି ଅଧିକ ଜଟିଳ ହୋଇଥିବା କୁହାଯାଉଛି। ଗୁରୁବାର ଇରାନ ଭିତରେ ଆମେରିକା ବିଭିନ୍ନ ସ୍ଥାନକୁ ଟାର୍ଗେଟ୍ କରିବା ପରେ ଯୁଦ୍ଧରେ ଲାଗିଥିବା ସାମୟିକ ବିରାମ ମଧ୍ୟ ଶେଷ ହୋଇଯାଇଛି ।

ରିପୋର୍ଟ ଅନୁସାରେ, ଇରାନ ଜୋର୍ଡାନରେ ଥିବା ଆମେରିକାର କିଛି ସାମରିକ ଘାଟିକୁ ଟାର୍ଗେଟ୍ କରିଥିଲା, ଯାହାକୁ ସେଣ୍ଟକମ୍ ଶୂନ୍ୟରେ ନଷ୍ଟ କରିଦେଇଥିଲା। ସେଣ୍ଟକମ୍‌ର ରିପୋର୍ଟ ଅନୁଯାୟୀ, ଇରାନ ଭୂପୃଷ୍ଠରୁ ଆମେରିକୀୟ ସୈନ୍ୟଙ୍କ ଉପରକୁ ହଠାତ୍ କିଛି ମିସାଇଲ ମାଡ଼ କରାଯାଇଥିଲା। ସେଗୁଡ଼ିକୁ ସେମାନେ ନଷ୍ଟ କରି ଦେଇଛନ୍ତି। ଏବେ ଇରାନ ବିରୋଧରେ ଆମେରିକା ନିର୍ଣ୍ଣାୟକ ଲଢେଇ ଆରମ୍ଭ କରିଛି।

## ଇରାକ ଉପରେ ସାଉଦି ଆରବର ହମ୍‌ଲା

ରିଆଦ୍, ୩୦।୭: ଇରାନ-ଆମେରିକା ଯୁଦ୍ଧରେ ଏବେ ସାଉଦି ଆରବ ଏଣ୍ଟ୍ରି କରିଛି। ସାଉଦି ଆରବ ଆମେରିକା ସହ ମିଶି ଇରାକରେ ଇରାନ ସମର୍ଥିତ ପପୁଲାର ମୋବିଲାଇଜେସନ୍ ଫୋର୍ସ (ପିଏମଏଫ୍) ଉପରେ ଆକ୍ରମଣ କରିଛି। ଏହା ପିଏମ୍‌ଏଫର ଅସ୍ତ୍ରଶସ୍ତ୍ର ଭଣ୍ଡାର, ଲଜିଷ୍ଟିକ୍ ଅଞ୍ଚଳକୁ ଟାର୍ଗେଟ୍ କରିଥିବା ବେଳେ ଆକ୍ରମଣରେ ପିଏମ୍‌ଏଫର ୨୦ ଜଣ ସଦସ୍ୟଙ୍କୁ ହତ୍ୟା କରିଛି। ସାଉଦି ଆକ୍ରମଣରେ ୩୨ ଜଣ ଆହତ ହୋଇଛନ୍ତି। ଆମେରିକା ସପକ୍ଷରେ ଯୁଦ୍ଧକୁ ସାଉଦି ଆରବର ଏଣ୍ଟ୍ରିକୁ ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ ନିଶ୍ଚିତ କରିଛି। ଇରାନ୍‌ର ଇସଲାମିକ୍ ରିଭଲ୍ୟୁସନାରି ଗାର୍ଡ କର୍ପସ (ଆଇଆରଜିସି) ନିର୍ଦ୍ଦେଶରେ ଏହି ସବୁ ସେନାଘାଟିରୁ ଆମେରିକା ତଥା ସାଉଦି ଆରବର ସାମରିକ ଓ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ଲାଗି ପ୍ରସ୍ତୁତି କରାଯାଉଥିବାରୁ ଏଭଳି ପକ୍ଷକ୍ଷେପ ନିଆଯାଉଥିବା ସେଣ୍ଟକମ୍ କହିଛି।

ଇତିମଧ୍ୟରେ ଇରାକ୍ ପ୍ରଧାନମନ୍ତ୍ରୀ ଅଲୀ ଅଲ-ଜାଏଦି ନିଜର ସାଉଦି ଗସ୍ତକୁ ବାତିଲ କରିଛନ୍ତି। ଗୁରୁବାର ସେ ସାଉଦି ଆରବ ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିଲା।

# ଟ୍ରମ୍ପଙ୍କ ମୃତ୍ୟୁରେ ମାଗଣା ବିୟର ଘୋଷଣା



**ବାତିଲ ହେଲା କମ୍ପାନିର ଲାଇସେନ୍ସ**

ୱାଶିଂଟନ, ୩୦।୭: ଆମେରିକାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧୀ ମନ୍ତବ୍ୟ ଓ ବିବାଦୀୟ ସୋସିଆଲ ମିଡିଆ ପୋଷ୍ଟ ପାଇଁ ଖବରରେ ଥିବା ମିନୋକ୍ୱା ବ୍ରୁଇଂ କମ୍ପାନିକୁ ଏକ ବଡ଼ ଝଟକା ଲାଗିଛି। ୱିସ୍କନସିନ୍ ରାଜ୍ୟ ପ୍ରଶାସନ କମ୍ପାନିର ଲାଇସେନ୍ସ ବାତିଲ କରିଛି। ରାଜ୍ୟର ରାଜସ୍ୱ ବିଭାଗ ଏହି ନିର୍ଦ୍ଦେଶ ଜାରି କରିଛି। ଏହା ଅଗଷ୍ଟ ୪ ତାରିଖରୁ କାର୍ଯ୍ୟକାରୀ ହେବ। ତେବେ ମାଲିକ କିର୍କ ବାଙ୍ଗଷ୍ଟାଡ୍ ଏହି କାର୍ଯ୍ୟାନୁଷ୍ଠାନକୁ ଏକଛତ୍ରବାଦୀ ବୋଲି କହି ଆଇନଗତ ଲଢ଼େଇ ଲଢ଼ିବାକୁ ଚେତାବନୀ ଦେଇଛନ୍ତି। ଏହି ଅନ୍ୟାୟ ଆଗରେ ନତମସ୍ତକ ହେବେ ନାହିଁ ବୋଲି ସେ କହିଛନ୍ତି।

କମ୍ପାନି ବିରୋଧରେ 'ଟ୍ରମ୍ପଙ୍କ ମୃତ୍ୟୁରେ ମାଗଣା ବିୟର' ଏବଂ ଜଣେ ବନ୍ଧୁକଧାରୀଙ୍କ ସମ୍ବଳିତ ବିବାଦୀୟ ପୋଷ୍ଟ କରାଯାଇଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ଜାନୁଆରିରେ, ବିୟର କମ୍ପାନି ସୋସିଆଲ ମିଡିଆରେ ଘୋଷଣା କରିଥିଲା ଯେ ଟ୍ରମ୍ପଙ୍କ ମୃତ୍ୟୁ ଦିବସରେ ଲୋକମାନଙ୍କୁ ସାରା ଦିନ ମାଗଣା ବିୟର ବଣ୍ଟନ କରାଯିବ। ଏପ୍ରିଲରେ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟସ୍‌ଙ୍କ ରାତ୍ରୀଭୋଜନ ବାହାରେ ଗୁଳିକାଣ୍ଡ ପରେ କମ୍ପାନିର ଅଫିସିଆଲ୍ ଫେସବୁକ୍ ପୃଷ୍ଠାରେ ମଧ୍ୟ ବିବାଦୀୟ ମନ୍ତବ୍ୟ ଲେଖାଯାଇଥିଲା। ଏହି ପୋଷ୍ଟ ପରେ ବାଙ୍ଗଷ୍ଟାଡଙ୍କୁ ଆମେରିକୀୟ ଗୁଇନ୍ଦା ସଂସ୍ଥା ଏଫବିଆଇ ଦ୍ୱାରା ମଧ୍ୟ ବ୍ୟାପକ ପଚରାଉଚରା କରାଯାଇଥିଲା।

## ମୀନାକ୍ଷୀ ମନ୍ଦିର ଜମି ହଡ଼ପ

### ୧୯ ଜଣଙ୍କ ନାଁରେ ଏଫ୍‌ଆଇଆର



ଚେନ୍ନାଇ,୩୦।୭: ତାମିଲନାଡୁ ମଦୁରାଇର ପ୍ରସିଦ୍ଧ ମୀନାକ୍ଷୀ ମନ୍ଦିର ସହ ଜଡ଼ିତ ଏକ ଦାତବ୍ୟ ଟ୍ରଷ୍ଟର ୧.୭୯ ଏକର ଜମିକୁ ଜାଲିଆତି କରି ହଡ଼ପ କରିବା ମାମଲା ସାମ୍ନାକୁ ଆସିଛି। ସେହି ଜମିର ମୂଲ୍ୟ ପ୍ରାୟ ୬୦ କୋଟି ଟଙ୍କା ହେବ। ଅଭିଯୁକ୍ତମାନେ ଜାଲ୍ ଜମି ହସ୍ତାନ୍ତର, ପଞ୍ଜୀକରଣ ଏବଂ ବନ୍ଧକ କାରବାର ମାଧ୍ୟମରେ ଜମିକୁ ହଡ଼ପ ଲାଗି ଷଡ଼ଯନ୍ତ୍ର ରଚନା କରିଥିଲେ। ଏଥିନେଇ ମନ୍ଦିରର ଯୁଗ୍ମ କମିଶନର ତଥା କାର୍ଯ୍ୟକାରୀ ଅଧିକାରୀ ସେଲ୍ଲାଦୁରାଇ ଏବଂ ଦୁର୍ନୀତି ବିରୋଧୀ ସଂସ୍ଥା ଅରୋପୋର ଇୟକ୍କମର ଅଭିଯୋଗ ପରେ ମଦୁରାଇ ସିଟି ସେଣ୍ଟ୍ରାଲ କ୍ରାଇମ ବ୍ରାଞ୍ଚ(ସିସିବି) ମୋଟ ୧୯ ଜଣଙ୍କ ବିରୋଧରେ ଏଫ୍‌ଆଇଆର କରିଛି।

## ଆସାମ ବନ୍ୟା ମୃତ୍ୟୁସଂଖ୍ୟା ୭୮ରେ ପହଞ୍ଚିଲା



ଗୁଆହାଟୀ, ୩୦।୭: ଆସାମରେ ପ୍ରଳୟଙ୍କାରୀ ବନ୍ୟାରେ ବୁଧବାର ସୁଦ୍ଧା ରାଜ୍ୟରେ ମୋଟ ମୃତ୍ୟୁ ସଂଖ୍ୟା ୭୮ରେ ପହଞ୍ଚିଛି। ଶିବସାଗର ଓ ଗୋଲାଘାଟ ଜିଲ୍ଲାରେ ଆଉ ତିନି ଜଣଙ୍କର ମୃତ୍ୟୁ ହୋଇଛି। ସରକାରୀ ବୁଲେଟିନ ଅନୁଯାୟୀ, ଶିବସାଗରରେ ଦୁଇ ଜଣଙ୍କର ମୃତ୍ୟୁ ଓ ଗୋଲାଘାଟରେ ଜଣଙ୍କର ମୃତ୍ୟୁ ହୋଇଛି। ସାତଟି ଜିଲ୍ଲାରେ ୩ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ସାତଟି ବନ୍ୟା ପ୍ରଭାବିତ ଜିଲ୍ଲା - ଶିବସାଗର, ଚରାଇଦେଓ, ଗୋଲାଘାଟ, ଜୋରହାଟ, ନାଗାଓଁ, ବିଶ୍ୱନାଥ ଓ କାମରୂପ ମେଟ୍ରୋପଲିଟାନ୍‌ରେ ୩,୦୦,୦୩୧ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ୨୧ଟି ରାଜସ୍ୱ ସର୍କଲ ଓ ୫୫୧ଟି ଗ୍ରାମକୁ ବନ୍ୟା ଜଳ ପ୍ରଭାବିତ କରୁଛି। ୨୧,୫୨୩.୦୮ ହେକ୍ଟର ଫସଲ ଅଞ୍ଚଳ ବୁଡ଼ି ରହିଛି।

### ସଲମାନ ରସ୍‌ଡିଙ୍କୁ ଆକ୍ରମଣ ମାମଲା

## ଆମେରିକୀୟ ନାଗରିକ ଦୋଷୀ ସାବ୍ୟସ୍ତ



ୱାଶିଂଟନ, ୩୦।୭: ଆମେରିକାର ଏକ କୋର୍ଟ ୨୦୨୨ ମସିହାରେ ନ୍ୟୁୟର୍କରେ ପ୍ରଖ୍ୟାତ ଲେଖକ ସଲମାନ ରୁଶଦିଙ୍କ ଉପରେ ହୋଇଥିବା ଛୁରୀ ଆକ୍ରମଣ ଘଟଣାରେ ଜଣେ ଆମେରିକୀୟ ନାଗରିକଙ୍କୁ ସଂଘୀୟ ଆତଙ୍କବାଦ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ନ୍ୟୁୟର୍କର ବଫାଲୋର ଫେଡେରାଲ ବିଚାରପତିଙ୍କ ଏକ ପ୍ୟାନେଲ ନ୍ୟୁ ଜର୍ସିର ଫେୟାରଭ୍ୟୁର ୨୮ ବର୍ଷୀୟ ହାଦି ମତରଙ୍କୁ ବିଦେଶୀ ଆତଙ୍କବାଦୀ ସଂଗଠନ ହିଜବୁଲ୍ଲାକୁ ସହାୟତା ଯୋଗାଇବା, ଅନ୍ତର୍ଜାତୀୟସ୍ତରରେ ଆତଙ୍କବାଦୀ କାର୍ଯ୍ୟରେ ଲିପ୍ତ ରହିବା ଏବଂ ଆତଙ୍କବାଦୀଙ୍କୁ ସହାୟତା କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆମେରିକାରେ ଜନ୍ମଗ୍ରହଣ ଓ ପାଳିତ ହେବା ସତ୍ତ୍ୱେ ହାଦି ହିଂସାକୁ ପ୍ରୋତ୍ସାହିତ କରୁଥିବା ଏବଂ ସଲମାନ ରୁଶଦିଙ୍କ ହତ୍ୟା ପାଇଁ ଆହ୍ୱାନ ଦେଉଥିବା ଇରାନୀ ନେତାମାନଙ୍କର ମୌଳବାଦୀ ଏବଂ ଆତଙ୍କବାଦୀ ଚିନ୍ତାଧାରା ଗ୍ରହଣ କରିଥିଲେ ବୋଲି ନ୍ୟୁୟର୍କର ପଶ୍ଚିମ ଜିଲ୍ଲାର ଆମେରିକୀୟ ଆଇନଜୀବୀ ମାଇକେଲ ଡିଜିଆକୋମୋ କହିଛନ୍ତି।

### ସିଆର୍‌ପିଏଫ୍ ମୁଖ୍ୟଙ୍କ ବଡ଼ ବାର୍ତ୍ତା

## ତୁମେ ନିର୍ଭୟରେ କାମ କର, ମୁଁ ଦାୟିତ୍ୱ ନେବି



ନୂଆଦିଲ୍ଲୀ, ୩୦।୭: ଜନ୍ତର-ମନ୍ତରଠାରେ ଆନ୍ଦୋଳନରେ ସିଆରପିଏଫ୍‌ର ଭୂମିକାକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ ମୁଖ୍ୟ ସୁରକ୍ଷାକର୍ମୀଙ୍କ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସିଆରପିଏଫ୍ ଜବାନଙ୍କ ସପକ୍ଷରେ ବାହାରି ମତଦେଇ ମହାନିର୍ଦ୍ଦେଶକ ଜ୍ଞାନେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, ତୁମେ ତୁମ କାମ କରିଚାଲ। ମୁଁ ତୁମମାନଙ୍କ ଦାୟିତ୍ୱ ନେବି। ଜୁଲାଇ ୨୭ ତାରିଖରେ ଅନୁଷ୍ଠିତ ସିଆର୍‌ପିଏଫ୍‌ର ପ୍ରତିଷ୍ଠା ଦିବସ ଉତ୍ସବରେ ଭାଷଣ ଦେଇ ଜ୍ଞାନେନ୍ଦ୍ର ପ୍ରତାପ ସିଂହ କହିଛନ୍ତି, ତୁମେ ତୁମର କର୍ତ୍ତବ୍ୟର ସଚ୍ଚୋଟ ପାଳନ ପାଇଁ ଯେଉଁ କାର୍ଯ୍ୟ କରିବ, ମୁଁ ତାହାର ଦାୟିତ୍ୱ ନେବି। ସୁରକ୍ଷା ବାହିନୀକୁ ନିର୍ଭୟରେ କର୍ତ୍ତବ୍ୟ ପାଳନ କରିବାକୁ ପରାମର୍ଶ ଦେବା ସହିତ ଦାୟିତ୍ୱ ନିର୍ବାହ କରିବା ସମୟରେ ସଙ୍କୋଚ କରନାହିଁ ବୋଲି କହିଛନ୍ତି। ଯେଉଁଠାରେ ଦାୟିତ୍ୱ କିମ୍ବା ଉତ୍ତରଦାୟିତ୍ୱ ନେବାକୁ ପଡିବ ମୁଁ ସିଆର୍‌ପିଏଫ୍‌ର ମହାନିର୍ଦ୍ଦେଶକ ଭାବରେ ଏହାକୁ ଗ୍ରହଣ କରିବି ବୋଲି ଜ୍ଞାନେନ୍ଦ୍ର ପ୍ରତାପ କହିଛନ୍ତି।

## 'ପାକିସ୍ତାନୀ କାଶ୍ମୀର' ନୁହେଁ, 'ପାକ୍ ଅଧିକୃତ କାଶ୍ମୀର'




**ନ୍ୟୁୟର୍କ ଟାଇମ୍ସକୁ ଭୂଗୋଳ ପଢ଼ାଇଲା ଭାରତ**

ନୂଆଦିଲ୍ଲୀ: ଭାରତ ଦି ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ଏକ ରିପୋର୍ଟ ଉପରେ କଡ଼ା ଆପତ୍ତି କରିଛି। ରିପୋର୍ଟରେ ପାକ୍ ଅଧିକୃତ କାଶ୍ମୀର(ପିଓକେ)କୁ 'ପାକିସ୍ତାନୀ କାଶ୍ମୀର' ବୋଲି ଉଲ୍ଲେଖ କରାଯାଇଛି। ଭାରତ ଦୋହରାଇଛି ଯେ, ଏହି ଅଞ୍ଚଳ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆମେରିକାର ସମ୍ବାଦପତ୍ରର ସାମ୍ପ୍ରତିକ ରିପୋର୍ଟର ଶୀର୍ଷକ ଉପରେ ଆପତ୍ତି ଉଠାଇ ଆମେରିକାରେ ଥିବା ଭାରତୀୟ ଦୂତାବାସ ଏହି ଶବ୍ଦର ବ୍ୟବହାରକୁ ଭ୍ରମାତ୍ମକ ବୋଲି ବର୍ଣ୍ଣନା କରିଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଭାରତୀୟ ଦୂତାବାସ କହିଛି, କୌଣସି 'ପାକିସ୍ତାନୀ କାଶ୍ମୀର' ନାହିଁ, କେବଳ 'ପାକ୍ ଅଧିକୃତ କାଶ୍ମୀର' ହିଁ ଅଛି।

ନୂଆଦିଲ୍ଲୀ ନିଜର ଦୀର୍ଘକାଳୀନ ସ୍ଥିତିକୁ ଦୋହରାଇ କହିଛି ଯେ, ଜମ୍ମୁ-କାଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସର୍ବଦା ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଏବଂ ସର୍ବଦା ରହିବ ମଧ୍ୟ। ଭାରତୀୟ ଦୂତାବାସ କହିଛି, ପାକିସ୍ତାନ ଏହି କ୍ଷେତ୍ରଗୁଡ଼ିକର କିଛି ଅଂଶକୁ ବେଆଇନ ଭାବରେ ଦଖଲ କରି ସେଠାରେ ରହୁଥିବା ଲୋକଙ୍କ ଉପରେ ହିଂସା ଆଚରଣ କରୁଛି।

## ଏୟାର ଇଣ୍ଡିଆ ଭବନ ହେବ ମହାରାଷ୍ଟ୍ର ସିଏମ୍‌ଓ ଅଫିସ୍



ମୁମ୍ବାଇ, ୩୦।୭: ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀଶଙ୍କ କାର୍ଯ୍ୟାଳୟ ରାଜ୍ୟ ସଚିବାଳୟ (ମନ୍ତ୍ରାଳୟ)ରୁ ମୁମ୍ବାଇର ପ୍ରସିଦ୍ଧ ଏୟାର ଇଣ୍ଡିଆ ବିଲ୍ଡିଂକୁ ସିଫ୍ଟ ହେଉଛି। ଏହି ବିଲ୍ଡିଂଟି ନରିମନପଏଣ୍ଟ ନିକଟରେ ରହିଛି। ଏୟାର ଇଣ୍ଡିଆର ଘରୋଇକରଣ ଓ ଟାଟା ଗ୍ରୁପ ଏହାକୁ କିଣି ନେବା ପରେ ସମ୍ପତ୍ତିକୁ ଏୟାର ଇଣ୍ଡିଆ ଆସେଟସ୍ ହୋଲ୍ଡିଂ ଲିମିଟେଡ (ଏଆଇଏଏଚଏଲ)କୁ ଦେଇ ଦିଆଯାଇଛି। ଫଡନବୀଶଙ୍କ କାର୍ଯ୍ୟାଳୟ ବ୍ୟତୀତ ଏବେ ମନ୍ତ୍ରାଳୟ ବାହାରେ ଚାଲୁଥିବା ସବୁ ସରକାରୀ ବିଭାଗଙ୍କୁ ମଧ୍ୟ ଏହି ବିଲ୍ଡିଂକୁ ସିଫ୍ଟ କରାଯିବ।

## ମଧ୍ୟାହ୍ନଭୋଜନରେ ପିଲା ଖାଇବେ ଚିକେନ୍ ବିର୍‌ୟାନୀ

ଚେନ୍ନାଇ, ୩୦।୭: ତାମିଲନାଡୁରେ ସି ଯୋଶେଫ ବିଜୟ ମୁଖ୍ୟମନ୍ତ୍ରୀ ହେବା ପରେ ରାଜ୍ୟରେ ନୂଆ ନୂଆ ପରିବର୍ତ୍ତନ କରିବାକୁ ଉଦ୍ୟମ କରୁଛି। ତାମିଲନାଡୁରେ ସ୍କୁଲ ପିଲାଙ୍କ ମଧ୍ୟାହ୍ନ ଭୋଜନ ମେନୁ ଖୁବ୍‌ଶୀଘ୍ର ବଦଳାଇବାକୁ ଯୋଜନା ହେଉଛି। ନୂଆ ପରିବର୍ତ୍ତନ ଅନୁଯାୟୀ, ପିଲାମାନଙ୍କୁ ସପ୍ତାହରେ ଥରେ ଚିକେନ ବିରିୟାନୀ ଦିଆଯିବାକୁ ଯୋଜନା କରାଯାଉଛି। ପ୍ରସ୍ତାବ ବିଷୟରେ ସ୍କୁଲ ଶିକ୍ଷା ମନ୍ତ୍ରୀ ରାଜମୋହନ କହିଛନ୍ତି ଯେ, ରାଜ୍ୟର ପ୍ରତ୍ୟେକ ପ୍ରମୁଖ ରାଜନୈତିକ ଦଳ ନିଜସ୍ୱ ଉପାୟରେ ସ୍କୁଲ ପୁଷ୍ଟିସାର କାର୍ଯ୍ୟକ୍ରମକୁ ସୁଦୃଢ଼ କରିଛନ୍ତି।

ସୂଚନାଯୋଗ୍ୟ, ମଧ୍ୟାହ୍ନ ଭୋଜନ ଯୋଜନା ପ୍ରଥମେ ୧୯୫୦ ଦଶକରେ ତତ୍‌କାଳୀନ ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ କାମରାଜରଙ୍କ ଦ୍ୱାରା ପ୍ରଚଳନ କରାଯାଇଥିଲା। କଲାଇଗ୍ନାର କରୁଣାନିଧି ମଧ୍ୟାହ୍ନ ଭୋଜନରେ ଅଣ୍ଡା ଯୋଡିଲେ, ଏମ୍‌ଜିଆର ଏହାକୁ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମରେ ପରିଣତ କଲେ ଓ ଜୟଲଳିତା ସପ୍ତାହ ସାରା ଅଣ୍ଡା ବଣ୍ଟନକୁ ବିସ୍ତାର କଲେ। ମୋର ଇଚ୍ଛା ସରକାରୀ ସ୍କୁଲଗୁଡ଼ିକରେ ପିଲାମାନଙ୍କ ପାଇଁ ସପ୍ତାହରେ ଥରେ ଚିକେନ୍ ବିରିୟାନୀ ପ୍ରଚଳନ କରିବାକୁ ବୋଲି ରାଜମୋହନ କହିଛନ୍ତି। ସୂତ୍ର ଅନୁଯାୟୀ, ଏହି ପ୍ରସ୍ତାବଟି ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ବିଜୟଙ୍କ ବିଚାରାଧୀନ ଥିବା ବେଳେ ଏପର୍ଯ୍ୟନ୍ତ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ତାମିଲନାଡୁକୁ ଦୀର୍ଘ ସମୟ ଧରି ସ୍କୁଲ ପୁଷ୍ଟିସାର କାର୍ଯ୍ୟକ୍ରମରେ ଅଗ୍ରଣୀ ଭାବରେ ବିବେଚନା କରାଯାଇଆସୁଛି।

## କିଭ୍‌ରେ କ୍ଷେପଣାସ୍ତ୍ର ମାଡ଼କଲା ରୁଷ



ମସ୍କୋ, ୩୦।୭: ୟୁକ୍ରେନକୁ ପୁଣିଥରେ ରୁଷ ଦୋହଲାଇ ଦେଇଛି। ଗୁରୁବାର ଦିନ ରୁଷ ୟୁକ୍ରେନର ରାଜଧାନୀ କିଭ୍ ସମେତ ଅନେକ ଅଞ୍ଚଳରେ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଏହି ଆକ୍ରମଣର କିଛି ସମୟ ପୂର୍ବରୁ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଚେତାବନୀ ଦେଇଥିଲେ ଯେ, ରୁଷ ଏକ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି। କିଭ୍‌ର ସାମରିକ ପ୍ରଶାସନ ରିପୋର୍ଟ କରିଛନ୍ତି ଯେ, ଏହି ଆକ୍ରମଣରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ୟୁକ୍ରେନର ଡିନପ୍ରୋ ଓ କ୍ରିଭି ରିହରେ ମଧ୍ୟ ରୁଷ ଆକ୍ରମଣ କରିଛି।

ୟୁକ୍ରେନୀୟ ବାୟୁସେନା ରିପୋର୍ଟ କରିଛି ଯେ ରୁଷୀୟ ବିମାନରୁ ଅନେକ କ୍ରୁଜ୍ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। କିଭ୍‌ର ମେୟର କହିଛନ୍ତି ଯେ, ପୁଣି ଆକ୍ରମଣର ଆଶଙ୍କା ରହିଛି ଏବଂ ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳରେ ରହିବାକୁ ଅପିଲ୍ କରାଯାଇଛି। ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନରେ ଚାଲିଥିବା ସାମରିକ ଅଭିଯାନକୁ ଯଥାର୍ଥ କହିବା ସହ ରୁଷ ସମସ୍ତ ଲକ୍ଷ୍ୟ ହାସଲ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ଜନତାଙ୍କ ସ୍ୱରକୁ ଦମନ କରାଯିବା ଉଚିତ ନୁହେଁ:ମେହବୁବା



ଶ୍ରୀନଗର, ୩୦।୭: ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫତି ପାକ୍ ଅଧିକୃତ କାଶ୍ମୀର (ପିଓଜେକେ)ରେ ପ୍ରତିବାଦ କରୁଥିବା କାଶ୍ମୀରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ କଡ଼ା ସମାଲୋଚନା କରିଛନ୍ତି। ସେ କାଶ୍ମୀରୀଙ୍କ ବିରୋଧରେ ପାକିସ୍ତାନ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛନ୍ତି।

ସୋସିଆଲ ମିଡିଆ ହ୍ୟାଣ୍ଡେଲ ଏକ୍ସର ଏକ ପୋଷ୍ଟରେ ମୁଫତି କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କ ବିରୋଧରେ ନିୟନ୍ତ୍ରଣ ରେଖା ପାର ହୋଇ ବଳ ପ୍ରୟୋଗ କରାଯାଉଥିବାର ଯେଉଁ ଚିତ୍ର ସାମ୍ନାକୁ ଆସୁଛି ତାହା ଅତ୍ୟନ୍ତ ହୃଦୟ ବିଦାରକ। କୌଣସି ଦେଶ ନିଜ ଲୋକଙ୍କ ସ୍ୱରକୁ ଦମନ କରି କେବେ ମଧ୍ୟ ବିକାଶ କରିପାରିବ ନାହିଁ। ଏହି ଦମନମୂଳକ ନୀତି ଜନସାଧାରଣଙ୍କ ସ୍ୱରକୁ ଦମନ କରିବା ପାଇଁ ଉଦ୍ଦିଷ୍ଟ। ପାକିସ୍ତାନୀ ସରକାରଙ୍କୁ ଏକ ମାନବିକ ଏବଂ ଆଲୋଚନା-ଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ ଥିଲା। ରିପୋର୍ଟଗୁଡ଼ିକ ଦାବି କରୁଛି ଯେ ପ୍ରତିବାଦକାରୀଙ୍କ ଦାବି ଯଥାର୍ଥ ଏବଂ ଏହା ଶୁଣିବା ଜରୁରୀ। ସରକାର ଏହି କାର୍ଯ୍ୟ ବନ୍ଦ କରିବା ଉଚିତ ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କ ଉପରେ ଗୁଳି ଚଳାଇବା ବନ୍ଦ କରିବା ଆବଶ୍ୟକ।

## ଜେନ୍-ଜେଡ୍‌ଙ୍କୁ ଶିବାଜୀଙ୍କ ସହ ତୁଳନା କଲେ ଉଦ୍ଧବ

ମୁମ୍ବାଇ, ୩୦।୭: ଶିବସେନା(ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଜେନ୍-ଜେଡ୍‌ଙ୍କୁ ଛତ୍ରପତି ଶିବାଜୀ ମହାରାଜଙ୍କ ସହ ତୁଳନା କରିଛନ୍ତି। ସେ କହିଛନ୍ତି ଯେ ଆଜିର ପିଢ଼ିକୁ ଯେପରି କକ୍ରୋଚ୍ କୁହାଯାଉଛି, ସେହିପରି ମୋଗଲ ମଧ୍ୟ ମରାଠା ଯୋଦ୍ଧାଙ୍କୁ ଦିନେ ମୂଷା ବୋଲି କହିଥିଲେ। ଯେଉଁମାନଙ୍କୁ କକ୍ରୋଚ୍ ବୋଲି କହି ସେମାନଙ୍କୁ ଦୁର୍ବଳ ବୋଲି ଦର୍ଶାଯାଉଥିଲା ସେମାନେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଉଦ୍ଧବ ନୂଆ ପିଢ଼ିଙ୍କୁ ଛତ୍ରପତି ଶିବାଜୀ ମହାରାଜ ଓ ସନ୍ଥ ଜ୍ଞାନେଶ୍ୱରଙ୍କ ସହ ତୁଳନା କରିଛନ୍ତି। ଯେଉଁମାନଙ୍କୁ କକ୍ରୋଚ୍ ବୋଲି କହି ଅପମାନିତ କରାଯାଉଛି ସେମାନେ ଜେନେରେସନ ଜେଡ୍‌ର ଅଂଶ, ଅର୍ଥାତ୍ ୧୩-୧୪ ରୁ ୨୭-୨୮ ବର୍ଷ ବୟସର ଯୁବବର୍ଗ।

## କେଦାରନାଥ ଯାତ୍ରା ବେଳେ ଧସିଲା ପାହାଡ଼



ଉତ୍ତରାଖଣ୍ଡ, ୩୦।୭: ଉତ୍ତରାଖଣ୍ଡରେ କ୍ରମାଗତ ଭାବେ ଜାରି ରହିଥିବା ମୂଷଳଧାରା ବର୍ଷା ଯାତ୍ରାକୁ ଅଧିକ ପ୍ରଭାବିତ କରିଛି। ଗୁରୁବାର କେଦାରନାଥ ଯାତ୍ରା ମାର୍ଗରେ ଏକ ବଡ଼ଧରଣର ଦୁର୍ଘଟଣା ଅଳ୍ପକେ ଟଳିଯାଇଛି। ଆଜି ସକାଳେ ଗୌରୀକୁଣ୍ଡ ଗେଟ୍‌ରୁ ପ୍ରାୟ ୨୦୦ ମିଟର ଦୂରରେ ହଠାତ୍ ପାହାଡ଼ର ଏକ ବିଶାଳ ଅଂଶ ଭୁଶୁଡ଼ି ପଡ଼ି ପଦଯାତ୍ରା ମାର୍ଗ ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଛି। ରାସ୍ତା ଉପରେ ପ୍ରଚୁର ପରିମାଣର ମାଟି, ପଥର ଓ ବିଶାଳ ବୋଲ୍ଡର ପଡ଼ିଥିବାରୁ କେଦାରନାଥ ପାଦଚଲା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ତତ୍ପରତା ପ୍ରକାଶ କରି ଶ୍ରଦ୍ଧାଳୁଙ୍କ ଯାତାୟାତ ଉପରେ କଟକଣା ଜାରି କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ଗୁରୁବାର ସକାଳେ ହଠାତ ଏକ ଭୟଙ୍କର ଶବ୍ଦ ସହିତ ପାହାଡ଼ରୁ ମାଟି ଓ ବଡ଼ ବଡ଼ ପଥର ଖସିବାକୁ ଲାଗିଥିଲା। ତେବେ ଆଶ୍ୱସ୍ତିର କଥା ଏହା ଯେ, ଘଟଣା ସମୟରେ ଏହି ରାସ୍ତାରେ ଅଧିକ ଶ୍ରଦ୍ଧାଳୁ ଉପସ୍ଥିତ ନଥିଲେ, ନଚେତ୍ ଏକ ବଡ଼ଧରଣର ଅଘଟଣ ଘଟିଥା'ନ୍ତା।

# ଆମାଜନ୍‌ର ଖାଦ୍ୟଭଣ୍ଡାର ସାହାରା



**ବର୍ଷକୁ ଯୋଗାଏ ୨.୭୭ କୋଟି ଟନ୍ ଫସଫରସ୍ ମିଶା ଧୂଳି**

ନୂଆଦିଲ୍ଲୀ ୩୦।୭: ବିଶ୍ୱର ସର୍ବବୃହତ୍ ଉଷ୍ମମଣ୍ଡଳୀୟ ହେନ୍ତାଳବନ ଆମାଜନ ଜଙ୍ଗଲର ଖାଦ୍ୟଭଣ୍ଡାର ହେଉଛି ସାହାରା ମରୁଭୂମି। ବର୍ଷକୁ ୨.୭୭ କୋଟି ଟନ୍ ଧୂଳି ସାହାରା ମରୁଭୂମିରୁ ଆମାଜନ ଜଙ୍ଗଲକୁ ଉଡ଼ିଆସେ, ଯାହା ଆମାଜନର ହେନ୍ତାଳ ଜଙ୍ଗଲକୁ ପ୍ରଚୁର ଖାଦ୍ୟ ଯୋଗାଇଦିଏ ବୋଲି ଗବେଷକମାନେ ପ୍ରକଶ କରିଛନ୍ତି। ବାସ୍ତବିକ, ସାହାରା ମରୁଭୂମି ଆମାଜନ୍‌ର ଏକ ବହୁଳାଂଶକୁ ଉର୍ବର କରେ। ସାହାରା ମରୁଭୂମିର ବାଲିରେ ପ୍ରଚୁର ପରିମାଣର ଫସଫରସ୍ ରହିଛି। ଏହି ଫସଫରସ୍ ହେତୁ ଆମାଜନ ଅବବାହିକାରେ ବିଶ୍ୱର ସବୁଠାରୁ ବଡ଼ ହେନ୍ତାଳବନ ସୃଷ୍ଟି ହୋଇପାରିଛି ବୋଲି ଗବେଷକମାନେ କହିଛନ୍ତି।

୨୦୦୭ରୁ ୨୦୧୩ର ତଥ୍ୟ ଜରିଆରେ ଗବେଷକ ଟିମ୍ ଆକଳନ କରିଛନ୍ତି ଯେ, ପବନ ପ୍ରତିବର୍ଷ ସାହାରାର ପଶ୍ଚିମ ସୀମାରୁ ହାରାହାରି ୧୮.୨ କୋଟି ଟନ୍ ଧୂଳି ଉଡ଼ାଇ ନେଇଥାଏ। ଦକ୍ଷିଣ ଆମେରିକାର ପୂର୍ବ ତଟ ନିକଟରେ ପ୍ରାୟ ୧୩.୨ କୋଟି ଟନ୍ ଧୂଳି ପବନରେ ହିଁ ରହିଥାଏ। ନାସାର ରିପୋର୍ଟ ଅନୁସାରେ, ଏହି ପ୍ରବାହର ୨.୭୭ କୋଟି ଟନ୍ ଆମାଜନ୍ ଅବବାହିକାରେ ଜମାହୋଇ ରହେ। ଅନ୍ୟପକ୍ଷେ, ଆଉ ୪.୩ କୋଟି ଟନ୍ ଧୂଳି କାରିବିଆନ୍ ଚାଲିଯାଏ। ଆମାଜନ୍ ବିଶ୍ୱର ଏଭଳି ଏକ ସ୍ଥାନ, ଯାହାକୁ ଉର୍ବରକ ଉପାଦାନର ଘୋର ଆବଶ୍ୟକତା ରହିଛି। ଏହାର ଉପର ଅଂଶରେ ପ୍ରଚୁର ପତ୍ର, କାଠ, ଫଳ ଓ ଜୀବିତ ଟିସ୍ୟୁ ରହିଛି। କିନ୍ତୁ ଏହି ଉର୍ବରକର ଅଧିକ ମାତ୍ରା ମାଟିରେ ଜମା ହେବା ପରିବର୍ତ୍ତେ ଉପର ଅଂଶରେ ରହିଛି। ଏଠାରେ ପଡୁଥିବା ପତ୍ର, ମୃତମୂଳ ଓ ଅନ୍ୟ ଜୈବ ପଦାର୍ଥ ପଚେ ଓ ଏଥିରୁ ନିର୍ଗତ ପୋଷକ ତତ୍ତ୍ୱକୁ ଉଦ୍ଭିଦ ଗ୍ରହଣ କରନ୍ତି। ଏହି ପୁନଃଚକ୍ରଣ ଅଧିକାଂଶ କାମ କରେ। ଏହା ତଳେ ପୁରୁଣା କେନ୍ଦ୍ରୀୟ ଓ ପୂର୍ବ ଆମାଜନ୍ ମୃତ୍ତିକା ରହିଛି। ଏହି ମାଟିରେ ଥିବା ଉପାଦାନଗୁଡ଼ିକୁ ବର୍ଷା ଓ ବନ୍ୟା ଭସାଇନିଏ। ଏହି କ୍ରମରେ ଫସ୍‌ଫରସ୍ ଏଭଳି ରାସାୟନିକ ରୂପରେ ବାନ୍ଧି ହୋଇଥାଏ, ଯାହାକୁ ଉଦ୍ଭିଦ ମୂଳ ସହଜରେ ପାଇପାରନ୍ତି ନାହିଁ।

ଗବେଷକ ଟିମ୍‌ଙ୍କ ଅନୁମାନ ଅନୁସାରେ, ସାହାରା ଧୂଳି ଆମାଜନ୍ ଅବବାହିକାକୁ ପ୍ରତି ବର୍ଷ ପ୍ରାୟ ୨୨ ହଜାର ଟନ୍ ଫସ୍‌ଫରସ୍ ଆଣିଛି। ବର୍ଷା ଓ ବନ୍ୟାରେ ଆମାଜନ୍ ହରାଇଥିବା ପୋଷଣ ମାତ୍ରାରେ ଏହା ପ୍ରାୟତଃ ସନ୍ତୁଳନ ରକ୍ଷା କରିଛି। ମରୁଭୂମି ଧୂଳିରୁ ପୋଷଣ ପାଇ ଜଙ୍ଗଲର ସିଧାସଳଖ ବୃଦ୍ଧି ହୁଏନାହିଁ, ବରଂ ଏହା ଦ୍ୱାରା କ୍ଷତି ଭରଣା ହୁଏ। ଆଭ୍ୟନ୍ତର ପୁନଃଚକ୍ରଣ ଜଙ୍ଗଲର ଦୈନିକ ଗତିବିଧିକୁ ବଜାୟ ରଖେ। ଅନ୍ୟପକ୍ଷେ, ବାହାରୁ ଆସୁଥିବା ନୂଆ ଉପାଦାନ ମୃତ୍ତିକାର ଧୀମା କ୍ଷୟର ଭରଣା କରେ।

### ସମ୍ବଲପୁରରେ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଭାସୀ ବୈଠକ

# ମିଳିମିଶି କାମ କରିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

**ସମ୍ବଲପୁର,୩୦।୭(ସଂଚାର ବ୍ୟୁରୋ):** ସମ୍ବଲପୁର ସହରରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତିର ଆଶଙ୍କା ଓ କ୍ରମାଗତ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ନିରାକରଣ ପାଇଁ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି।

ସାଂସଦ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରବାସୀଙ୍କୁ ଏହି ବାରମ୍ବାର ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାରୁ ମୁକ୍ତି ଦେବା ଆମର ପ୍ରାଥମିକତା । ଏଥିପାଇଁ ସ୍ଥାନୀୟ ପ୍ରଶାସନ, ବିଶେଷଜ୍ଞ ଓ ସିଭିଲ ସୋସାଇଟି ଦ୍ୱାରା ଦିଆଯାଇଥିବା ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଗ୍ରହଣ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ବଲପୁର ମ୍ୟୁନିସିପାଲ କମିଶନରଙ୍କ ପକ୍ଷରୁ ନିଆଯାଉଥିବା ପ୍ରତ୍ୟେକ ପଦକ୍ଷେପ ଓ ଜରୁରୀ



ସୂଚନାକୁ 'ପବ୍ଲିକ ଡୋମେନ୍'ରେ ସାର୍ବଜନୀନ କରାଯାଉ, ଯାହାଦ୍ୱାରା ନାଗରିକମାନେ ସଚେତନ ରହିପାରିବେ ।

ସହରର ଡ୍ରେନେଜ, ସ୍ୱେରେଜ, ପାନୀୟ ଜଳ ଓ ଆବର୍ଜନା ପରିଚାଳନା ଭଳି ୪ଟି ମୁଖ୍ୟ ସମସ୍ୟାର ସମାଧାନ ପାଇଁ ଏକ ବିସ୍ତୃତ ଓ ରଣନୈତିକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଉ। ଜଳବନ୍ଦୀ ଜନିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଜେସିବି, ବୁଲଡୋଜର ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ସାହାଯ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ନାଳ-ନର୍ଦ୍ଦମାରୁ ଅବରୋଧ ହଟାଯିବାର ବ୍ୟବସ୍ଥା କରାଯାଉ। ଏହି ସମୟରେ କୌଣସି ପରିବାର ଯେପରି ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଜଳ ଯୋଗାଣ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଉ। ଜଳବନ୍ଦୀ ନିରାକରଣ କେବଳ ସରକାରୀ ପ୍ରକଳ୍ପରେ ସୀମିତ ନ ରହି 'ସ୍ୱଚ୍ଛତାକୁ ଏକ ଜନଆନ୍ଦୋଳନ'ରେ ପରିଣତ ହେବା ଆବଶ୍ୟକ। ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ଓ ସାଧାରଣ ନାଗରିକମାନେ ଆଗେଇ ଆସି ଡ୍ରେନଗୁଡ଼ିକୁ ସ୍ୱଚ୍ଛ ରଖିବା ସହ ଏଣେତେଣେ ଆବର୍ଜନା ନ ଫୋପାଡ଼ିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ବୈଠକରେ ଓଡ଼ିଶାର ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ ସାମିଲ ହୋଇ ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ।



ଇଣ୍ଡିଆନ୍ ଆଇଡଲ୍-୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ଗୁରୁବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

## ଟିଭିକେରେ ଯୋଗଦେବେ ପନ୍ନିରସେଲଭମ୍!

**ଚେନ୍ନାଇ, ୩୦।୭:** ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ବିଧାୟକ ଓ ପନ୍ନିରସେଲଭମ୍ ପୁଣି ଥରେ ଅସନ୍ତୋଷ ଅଛନ୍ତି। ପନ୍ନିରସେଲଭମ୍ ଡିଏମ୍‌କେରେ ତାଙ୍କୁ କୌଣସି ବଡ଼ ଦାୟିତ୍ୱ ନ ମିଳିବାକୁ ନେଇ ଅସନ୍ତୁଷ୍ଟ ଅଛନ୍ତି। ନିକଟରେ ଦଳ ଛାଡ଼ିବା ଖବରକୁ ପନ୍ନିରସେଲଭମ୍ ନିଜେ ଖଣ୍ଡନ କରିଥିଲେ। କିନ୍ତୁ ପନ୍ନିରସେଲଭମ୍‌ଙ୍କୁ ଓ ତାଙ୍କ ପୁଅକୁ ଡିଏମ୍‌କେରେ ଯୋଗ ଦେବାକୁ ଛଅ ମାସ ବିତି ଯାଇଥିଲେ ମଧ୍ୟ ଦଳ ଭିତରେ ସେମାନଙ୍କୁ କୌଣସି ଦାୟିତ୍ୱ ମିଳିନାହିଁ। ବିଧାନସଭା ନିର୍ବାଚନରେ ଥେନିରୁ ବିଧାୟକ ହୋଇଥିଲେ ମଧ୍ୟ ପନ୍ନିରସେଲଭମ୍‌ଙ୍କୁ ଥେନି ଲୋକସଭା କ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ମିଳିନାହିଁ। ଏହାର ମୁଖ୍ୟ କାରଣ ଡିଏମ୍‌କେ ସାଂସଦ ଥଙ୍ଗା ତାମିଲ ସେଲଭମ୍‌ଙ୍କର ଉକ୍ତ ନିର୍ବାଚନ ମଣ୍ଡଳୀରେ ଗଭୀର ପ୍ରଭାବ ରହିଛି। ସୂତ୍ର ଅନୁଯାୟୀ, ତାଙ୍କ ପ୍ରତି ଉପେକ୍ଷା ଓ ଦଳ ଭିତରେ କୌଣସି ଗୁରୁତ୍ୱପୂର୍ଣ୍ଣ ପଦବୀ ନ ମିଳିବା କାରଣରୁ ନିରାଶ ହୋଇ ପନ୍ନିସେଲଭମ୍ ଓ ତାଙ୍କ ପୁଅ ଓପି ରବୀନ୍ଦ୍ରନାଥ ଡିଏମ୍‌କେ ଛାଡ଼ି ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟଙ୍କ ଟିଭିକେରେ ଯୋଗ ଦେବାକୁ ଯୋଜନା କରୁଛନ୍ତି।

● ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

## ଅନାବଶ୍ୟକ ହମ୍ପ ସ୍ଥାନରେ ରମ୍ବଲର ସ୍ଥାପନ ନିର୍ଦ୍ଦେଶ

**କଟକ, ୩୦।୭ (ସଂଚାର ବ୍ୟୁରୋ):** କଟକ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଗୁରୁବାର ଅପରାହ୍ଣରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବୈଠକରେ ସଡ଼କ ସୁରକ୍ଷା ନିମନ୍ତେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି। ରାସ୍ତାଗୁଡିକରେ ଥିବା ହମ୍ପସରେ ରେଡିୟମ ଲାଇଟ ଲଗାଇବା ସହ ବିଶେଷକରି ବାରଙ୍ଗ-ତ୍ରିଶୂଳିଆ ରାସ୍ତାରେ ଥିବା ଅନାବଶ୍ୟକ ହମ୍ପ ହଟାଇ ରମ୍ବଲର ସ୍ଥାପନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜେବ୍ରା କ୍ରଶିଂଗୁଡିକ ପୁନଃ ରଙ୍ଗକରିବା ନେଇ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଓ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଉପାୟୁକ୍ତ ପୁଲିସ କମିଶନରେଟ୍ ଅମରେନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଖ୍ରୀଷ୍ଟ କଲେଜରେ ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ




**କଟକ, ୩୦।୭(ସଂଚାର ବ୍ୟୁରୋ):** ଖ୍ରୀଷ୍ଟ କଲେଜରେ ୨୦୨୬-୨୭ ଶିକ୍ଷାବର୍ଷରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ନାମ ଲେଖାଇଥିବା ଯୁକ୍ତ-୨ ବିଦ୍ୟାର୍ଥୀମାନଙ୍କୁ ପ୍ରବେଶ ଉତ୍ସବ ଜରିଆରେ ସ୍ୱାଗତ କରାଯାଇଛି। ଉତ୍ସବରେ ସଭାପତିତ୍ୱ କରି ଅଧ୍ୟକ୍ଷା ଦେବଯାନୀ ଦାଶ କଲେଜର ଶିକ୍ଷାଦାନ ଓ ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ସୁନାମ ବିଷୟରେ ଆଲୋକପାତ କରିଥିଲେ। ଉପାଧ୍ୟକ୍ଷ ଅଶୋକ କୁମାର ସାହୁ ଖ୍ରୀଷ୍ଟ କଲେଜର ଶିକ୍ଷା ଓ ପରୀକ୍ଷା ପ୍ରଣାଳୀ ତଥା ଶୃଙ୍ଖଳାଗତ ନିୟମାବଳୀ ସମ୍ପର୍କରେ ଅବଗତ କରାଇଥିଲେ। କଳା ପ୍ରାଧ୍ୟାପିକା ବିନୀତା ନନ୍ଦ, ବିଜ୍ଞାନର ପ୍ରାଧ୍ୟାପକ ବିଜୟଭୂଷଣ ଆଚାର୍ଯ୍ୟ ଓ ବାଣିଜ୍ୟ ଅଧ୍ୟାପକ ସୁବ୍ରତ ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶୁଭେନ୍ଦୁଙ୍କ ପୁଲିସ ଏକାଡେମୀ ପରିଦର୍ଶନ



**କୋଲକାତା,୩୦।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବାରାକପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ରାଜ୍ୟ ପୁଲିସ ଏକାଡେମୀ ପରିଦର୍ଶନ କରିଛନ୍ତି। 'ଗାର୍ଡ ଅଫ୍ ଅନର' ଗ୍ରହଣ କରିବା ପରେ ସେ ପୁଲିସ କର୍ମଚାରୀଙ୍କ ସହିତ ଭୋଜନ କରିଥିବା ଜଣା ପଡ଼ିଛି। ବିଧାନସଭା ନିର୍ବାଚନ ପରେ ପୁଲିସ ବାହିନୀର ଭୂମିକା ପ୍ରତି ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଁ ଜାଣେ ଯେ ଆପଣଙ୍କୁ ବିଭିନ୍ନ ଚ୍ୟାଲେଞ୍ଜ ମଧ୍ୟରେ କାମ କରିବାକୁ ପଡିବ। ଆପଣ ଦୁର୍ନୀତି ବିରୋଧରେ ଲଢ଼ିବାଠାରୁ ଆରମ୍ଭ କରି ଆଇନ ଶୃଙ୍ଖଳା ବଜାୟ ରଖିବା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଆମର ସୀମାବଦ୍ଧତା ଓ ଆର୍ଥିକ ଋଣ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଭାବରେ ମୋର ଆଶା ଯେ ଏହି ରାଜ୍ୟରେ ଦେଶର ସର୍ବୋତ୍ତମ ପୁଲିସ ବାହିନୀ ଗଠନ ହେଉ। ମୋର ବିଶ୍ୱାସ ଅଛି ଯେ ଆପଣ ଏହା ହାସଲ କରିପାରିବେ।

## ପୌରାଧ୍ୟକ୍ଷଙ୍କୁ ଅଣ୍ଡାମାଡ଼



**କୋଲକାତା, ୩୦।୭ (ସଂଚାର ବ୍ୟୁରୋ):** ପୌରପାଳିକା ପ୍ରକୋଷ୍ଠକୁ ପ୍ରବେଶ କରି ପୌରାଧ୍ୟକ୍ଷ ସୈକତ ଚଟ୍ଟୋପାଧ୍ୟାୟଙ୍କ ଉପରକୁ ସ୍ଥାନୀୟ ବାସିନ୍ଦା ଅଣ୍ଡା ଫିଙ୍ଗିଛନ୍ତି। ଏହାପରେ ବୋର୍ଡ ବୈଠକକୁ ବାତିଲ କରି ଦିଆଯାଇଛି। କାଉନସିଲରମାନଙ୍କର ଏକ ଗୋଷ୍ଠୀ ବୁଧବାର ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ନଅ ଜଣ କାଉନସିଲରଙ୍କ ଦସ୍ତଖତ ସମ୍ବଳିତ ଏକ ଦସ୍ତାବିଜ ଉପଖଣ୍ଡ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇଥିଲା। ଗୁରୁବାର ବୋର୍ଡ ବୈଠକ ଡକାଯାଇଥିଲା। ଏହି ବୈଠକ ଅବସରରେ ଅଧ୍ୟକ୍ଷଙ୍କୁ ଅଣ୍ଡା ଆକ୍ରମଣ କରାଯାଇଥିବା ପ୍ରକାଶ।

● ବାହାଘର ବେଳେ ବାଇଗଣ ରୁଆ

## ବନ୍ୟାବେଳେ ବାଲିବସ୍ତା ଭରୁଛି ଆଠଗଡ ଜଳସେଚନ ବିଭାଗ

**କଟକ, ୩୦।୭ (ସଂଚାର ବ୍ୟୁରୋ):** ବାଙ୍କୀ ଫୁଲୁଗାଡି ଗ୍ରାମ ନଦୀକୂଳ ପଥର ପ୍ୟାକିଂ ଭୁଶୁଡିଲାଣି। ଅନୁରୂପ ଭାବେ ଓସ୍ତିଆ ଗ୍ରାମ ନଦୀବନ୍ଧ ଓ ପଥର ପ୍ୟାକିଂର ଅବସ୍ଥା ନ କହିବା ଭଲ। ସୁବର୍ଣ୍ଣପୁର ନଦୀବନ୍ଧକୁ ବାଲିମାଫିଆ ହାଣି କାଟି ବାଲି ଲୁଟ କରିଛନ୍ତି। ବନ୍ୟା ଆସିବା ପୂର୍ବରୁ ନଦୀବନ୍ଧ ମରାମତି ହୋଇପାରିଲା ନାହିଁ। ଘୋଡ଼ାବର ହୁଲୁହୁଲା ବ୍ରିଜ ଉପରେ ଏକ ଫୁଟରୁ ଊର୍ଦ୍ଧ୍ୱ ପାଣି ପ୍ରବାହିତ ହେଉଛି। ରତାଗଡ଼, ଲୋଚନପୁର, ଖିଣ୍ଡାହତା ସହିତ ବହୁ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଅନ୍ୟ ବନ୍ଧଗୁଡିକ ବିପଦରେ ଅଛନ୍ତି। ହୀରାକୁଦରୁ ୨ଟି ଗେଟ୍‌ରେ ପାଣି ଆସୁଛି। ମୁଣ୍ଡୁଳୀ ନିକଟରେ ୮ ଲକ୍ଷ ୬୫ ହଜାର ଘନଫୁଟ ପାଣି ପ୍ରବାହିତ ହେଉଥିବା ମହାନଦୀ ପ୍ରାଚୀ ଡିଭିଜନ ସହକାରୀ ଯନ୍ତ୍ରୀ ପଲେଇବାବୁ ସୂଚନା ଦେଇଛନ୍ତି। ଏପଟେ ସାପୁଆ ନଦୀରେ ଘାଇ ହୋଇ ବନ୍ୟାରେ ବ୍ୟାପକ କ୍ଷୟ କ୍ଷତି ଘଟିଲାଣି। ଆଠଗଡ ଜଳସେଚନ ବିଭାଗ ନିଜ କାର୍ଯ୍ୟାଳୟର ଟ୍ରାକ୍ଟରରେ କିଛି ବାଲି ଆଣିବା ସହିତ କିଛି ଲେବର ଲଗାଇ ବସ୍ତାରେ ବାଲିଭର୍ତ୍ତି କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି।

## ଜାତୀୟ ଇଣ୍ଡିଆ ଟାଏକ୍ୱୋଣ୍ଡୋ ଯୁଥ୍ ପ୍ରତିଯୋଗିତା ଉଦ୍‌ଘାଟିତ



**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ଆଜି କଟକର ଜବାହରଲାଲ୍ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ପ୍ରଥମ ଜାତୀୟ ଯୁଥ୍ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ଯୋଗଦେଇ ଭାରତୀୟ କ୍ରୀଡ଼ାର ଅଲିମ୍ପିକ୍ ଭିଜନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଅନ୍ୟତମ ମୁଖ୍ୟ ଅତିଥି ଅଲିମ୍ପିଆନ୍ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଆଥଲେଟ୍ ଦୂତୀ ଚାନ୍ଦ ତାଙ୍କ କ୍ରୀଡ଼ା ଜୀବନର ସଂଘର୍ଷ ଓ ସଫଳତା ବିଷୟରେ କହିଥିଲେ। ସେହିପରି ଟେନିସ ଚାମ୍ପିଅନ ତଥା ସମାଜସେବୀ ସୁକିର୍ତ୍ତୀ ପଟ୍ଟନାୟକ ଟାଏକ୍ୱୋଣ୍ଡୋ କ୍ରୀଡ଼ାରେ କିପରି ଯୁବପିଢ଼ି ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିବେ, ସେଦିଗରେ ପିଲାଙ୍କୁ ଉତ୍ସାହିତ କରିଥିଲେ। ଏହାଛଡ଼ା ଅନ୍ତର୍ଜାତୀୟ ରେଫରୀ ପିଟର ଫର୍ଣ୍ଣାଣ୍ଡିଜ୍ କ୍ରୀଡ଼ାବିତ୍ ଚୟନ ପ୍ରକ୍ରିୟାରେ ରେଫରୀଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେନେଇ ସୂଚନା ଦେଇଥିଲେ। ଶେଷରେ ରାଜ୍ୟ ଟାଏକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ଚିନ୍ମୟ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### କଂଗ୍ରେସର ଦିଗନିର୍ଦ୍ଦେଶ ବୈଠକ ଅନୁଷ୍ଠିତ

## ଦଳ ପ୍ରତି ସମର୍ପଣ ଭାବ ପ୍ରଥମ ଆବଶ୍ୟକତା: ଭକ୍ତ

**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ଏଆଇସିସି ଦ୍ୱାରା ପରିଚାଳିତ ଓ ପିସିସି ଗଣମାଧ୍ୟମ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଓଡ଼ିଶା ପାଇଁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କ ତାଲିକା ଜାରି ହେବା ସହ ସେମାନଙ୍କ ଏକ ଦିଗନିର୍ଦ୍ଦେଶ ଆଲୋଚନା ବୈଠକ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଛି। ଏହାକୁ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ପରିଚାଳନା କରିଥିଲେ। ଦିଗନିର୍ଦ୍ଦେଶ ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଦଳକୁ ସ୍ୱାଗତ କରିଥିଲେ। ସେ କହିଥିଲେ ଯେ ଭବିଷ୍ୟତରେ ଆପଣ ହେଉଛନ୍ତି




କଂଗ୍ରେସର ତୁଣ୍ଡ, ଆପଣ ଯାହା କହିବେ ଦଳ କହୁଛି ବୋଲି ଗଣାଯିବ। ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦବୀ। ଏହା ପାଇଁ ଦଳ ପ୍ରତି ସମ୍ପୂର୍ଣ୍ଣ ସମର୍ପଣ ଭାବ, ନିଷ୍ଠାବାନ ରହିବାର ଆବଶ୍ୟକତା ରହିଛି। ପୁଣି ନିଜ ଜୀବନରେ ନୈତିକତା ରକ୍ଷା ମଧ୍ୟ ଜରୁରୀ। ଆପଣମାନଙ୍କ କର୍ମକୁଶଳତା, ବାକ ଚାତୁରୀ, ତଥ୍ୟଭିତ୍ତିକ ଉପସ୍ଥାପନ ଓ ଉଦ୍ରେଚିତ ବେଶ ପରିପାଟୀ ଦଳକୁ ସମ୍ମାନଜନକ ସ୍ଥାନକୁ ନେବା ସହ ପ୍ରଚାର ପ୍ରସାର ମାଧ୍ୟମରେ ତୃଣମୂଳ ସ୍ତର ପର୍ଯ୍ୟନ୍ତ କଂଗ୍ରେସ ଦଳର ବାର୍ତ୍ତା ପହଞ୍ଚିପାରିବ ବୋଲି ଶ୍ରୀ ଦାସ କହିଛନ୍ତି। ପ୍ରତିଭା ଅନ୍ୱେଷଣ ଦିଗନିର୍ଦ୍ଦେଶ କାର୍ଯ୍ୟକ୍ରମରେ ପିସିସି ଗବେଷଣା ବିଭାଗ ଅଧ୍ୟକ୍ଷ ନଳିନୀ ମହାନ୍ତି, ଗଣମାଧ୍ୟମ ବିଭାଗ ମୁଖପାତ୍ର ଡଃ ହମିଦ ହୁସେନ, ଅଶୋକ ସ୍ୱାଇଁ, ଡଃ ଦେବାଶିଷ ଭୂୟାଁ, ଜଗଦାନନ୍ଦ ପ୍ରଧାନ ସହଯୋଗ କରିଥିଲେ।

## ସଫେଇ କର୍ମୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ

**କୋଲକାତା,୩୦।୭ (ସଂଚାର ବ୍ୟୁରୋ):** ଜଣେ ମହିଳା ସଫେଇ କର୍ମୀଙ୍କୁ ଯୌନ ନିର୍ଯାତନା ଦେବା ଓ ଚାକିରିରୁ ବହିଷ୍କାର ଧମକ ଦେବା ଅଭିଯୋଗରେ ଗ୍ରାମପଞ୍ଚାୟତର ଜଣେ ସରକାରୀ କର୍ମଚାରୀଙ୍କୁ ଗିରଫ କରାଯାଇଛି। ପୁଲିସ ସୂତ୍ର ଅନୁସାରେ, ମହିଳା ଜଣକ ଗତ ବୁଧବାର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ସାଗର ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ।

## ବନ୍ଦ ଘରୁ ଦମ୍ପତିଙ୍କ ମୃତଦେହ ଉଦ୍ଧାର

**କୋଲକାତା, ୩୦।୭ (ସଂଚାର ବ୍ୟୁରୋ):** ସଲ୍ଟଲେକର 'ଏ-ଇ' ବ୍ଲକର ଏକ ଘରୁ ଗୁରୁବାର ସ୍ୱାମୀ-ସ୍ତ୍ରୀଙ୍କର ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ସଜଲ କୁମାର କୁଣ୍ଡୁ ଓ ରଞ୍ଜନା କୁଣ୍ଡୁ। ଦମ୍ପତିଙ୍କ ପୁଅ ଘରେ ନଥିଲେ। ପ୍ରଥମେ ଡାକିବା ଓ ପରେ ଫୋନ୍ କରିବା ପରେ ସେମାନେ କୌଣସି ଜବାବ ନ ଦେବାରୁ ପଡ଼ୋଶୀମାନେ ତାଙ୍କ ପୁଅକୁ ଜଣାଯାଇଥିଲା। ପୁଅ ଘରକୁ ଫେରି କବାଟ ଖୋଲିବା ପରେ ସେମାନଙ୍କ ମୃତଦେହ ବିଛଣାରେ ପଡ଼ିଥିବାର ଦେଖିଥିଲେ। ବିଧାନନଗର ଉତ୍ତର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ବାସିନ୍ଦାମାନେ ଜଣାଇଛନ୍ତି ଯେ, ମୃତ ରଞ୍ଜନା କୁଣ୍ଡୁ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ମାନସିକ ଅବସାଦ କିମ୍ବା ଆର୍ଥିକ ଅସୁବିଧା ଏହି ଆତ୍ମହତ୍ୟାର କାରଣ ହୋଇପାରେ ବୋଲି ପୁଲିସ ଅନୁମାନ କରୁଛି।

## 'ବସ୍ତର ପାଣ୍ଡୁମ୍' ବିଜେତାଙ୍କ ସହ ରାଷ୍ଟ୍ରପତି, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆଲୋଚନା

**ନୂଆଦିଲ୍ଲୀ,୩୦।୭(ସଂଚାର ବ୍ୟୁରୋ):** କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଆଜି ବସ୍ତରର ସାମାଜିକ ପରମ୍ପରାର ପ୍ରମୁଖ ପ୍ରତିନିଧି ତଥା ବସ୍ତର ପାଣ୍ଡୁମର ବିଜେତା ମାଝି-ଚାଲାକିଙ୍କ ସହ ଭାବ ବିନିମୟ କରିଛନ୍ତି। 'ଏକ୍ସ'ରେ ଏକ ପୋଷ୍ଟ୍‌ରେ ଶ୍ରୀ ଶାହ କହିଛନ୍ତି, ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ବସ୍ତରର ସାମାଜିକ ପରମ୍ପରାର ପ୍ରମୁଖ ପ୍ରତିନିଧି ଓ ବସ୍ତର ପାଣ୍ଡୁମର ବିଜେତା ମାଝି-ଚାଲାକିଙ୍କ ସହ ଆଲୋଚନା କରିଛି। ପ୍ରଥମ ଥର ପାଇଁ ନିଜର ପାରମ୍ପରିକ ପୋଷାକ ପିନ୍ଧି ରାଷ୍ଟ୍ରପତି ଭବନରେ ପହଞ୍ଚିଥିବା ବସ୍ତରର ଅଧିବାସୀମାନେ ଏହି କଥାର ପ୍ରମାଣ ଭାବେ ଛିଡ଼ା ହୋଇଛନ୍ତି ଯେ ଏକଦା ନକ୍ସଲ ହିଂସା କାରଣରୁ ନିଜର ସମୃଦ୍ଧ ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରା ହରାଇଥିବା ବସ୍ତର ଆଜି ନକ୍ସଲମୁକ୍ତ ଏବଂ ନିଜର ଐତିହ୍ୟକୁ ସଂରକ୍ଷିତ କରୁଛି। ବିକାଶ ପଥରେ ଆଗକୁ ବଢୁଥିବା ବସ୍ତର ଆଗାମୀ ବର୍ଷଗୁଡ଼ିକରେ ଛତିଶଗଡ଼ର ସବୁଠାରୁ ବିକଶିତ ଡିଭିଜନରେ ପରିଣତ ହେବ, ଯାହା ପ୍ରଗତିର ନୂତନ ମାନଦଣ୍ଡ ପ୍ରତିଷ୍ଠା କରିବ।

## ଦୁଇଟି ବସ୍ ମଧ୍ୟରେ ବେପରୁଆ ଦୌଡ଼, ଜଣେ ମୃତ

**କୋଲକାତା,୩୦।୭(ସଂଚାର ବ୍ୟୁରୋ):** ଦୁଇଟି ବସ୍ ମଧ୍ୟରେ ବେପରୁଆ ଦୌଡ଼ ଯୋଗୁଁ ବେହାଲାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁଇଟି ଗାଡ଼ି ମଧ୍ୟରେ ଫସିଯିବାରୁ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ବିଦ୍ୟାସାଗର ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୩ ମସିହାରେ ଗାଡ଼ି ମଧ୍ୟରେ ଦୌଡ଼ ସହିତ ଜଡିତ ସମାନ ଘଟଣାରେ ଜଣେ ସ୍କୁଲ ଛାତ୍ରଙ୍କ ଜୀବନ ଯାଇଥିଲା। ସ୍କୁଲ ଯାଉଥିବା ସମୟରେ ଏକ ଟ୍ରକ ଧକ୍କାରେ ଛାତ୍ର ଜଣକ ପ୍ରାଣ ହରାଇଥିଲେ।

## ପଞ୍ଚାୟତ ସମିତି ସଭାପତି ବିରୋଧରେ ଅନାସ୍ଥା ପ୍ରସ୍ତାବ

**କୋଲକାତା,୩୦।୭(ସଂଚାର ବ୍ୟୁରୋ):** ଭାଙ୍ଗଡ-୨ ପଞ୍ଚାୟତ ସମିତିର ସଭାପତି ଆରବୁଲ ଇସଲାମଙ୍କ ବିରୋଧରେ ଆଇଏସ୍‌ଏଫ୍ ଅନାସ୍ଥା ପ୍ରସ୍ତାବ ଆଣିଛି। ନିର୍ବାଚନ ପୂର୍ବରୁ ଆରବୁଲ ତୃଣମୂଳ କଂଗ୍ରେସ ଛାଡି ଆଇଏସ୍‌ଏଫ୍‌ରେ ଯୋଗ ଦେଇଥିଲେ। ଗୁରୁବାର ୩୦ ଜଣ ସଦସ୍ୟଙ୍କ ମଧ୍ୟରୁ ୨୩ ଜଣ ବାରୁଇପୁର ଉପ-ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଏକ ସ୍ମାରକପତ୍ର ଦାଖଲ କରିଛନ୍ତି। ଆରବୁଲ ଇସଲାମ ଏବଂ ନୌସାଦ ସିଦ୍ଦିକ ଏହି ବିଷୟରେ କୌଣସି ମତାମତ ଦେଇନାହାନ୍ତି।

## ଓଏଏସ୍ ପ୍ରଶିକ୍ଷାର୍ଥୀଙ୍କ ପାଟଣା ଓ ଘଟଗାଁ ଗସ୍ତ

**ପାଟଣା,୩୦।୭(ସଂଚାର ବ୍ୟୁରୋ):** ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ର ଡିଆର-୨୦୨୩ ବ୍ୟାଚ୍ ପ୍ରଶିକ୍ଷାର୍ଥୀ ଅଧିକାରୀମାନେ ସେମାନଙ୍କ ପ୍ରଶିକ୍ଷଣର ଅଂଶବିଶେଷ ପିପୁଲସ୍ କଲଚରାଲ୍ ସେଣ୍ଟର ପିକକ୍‌ର କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମର ଅଧ୍ୟୟନ ପରିଦର୍ଶନ କରିଛନ୍ତି। ଗୋପବନ୍ଧୁ ପ୍ରଶାସନ ଏକାଡେମୀରୁ ତାଲିମ ନେଉଥିବା ୬ ଜଣ ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀ ପ୍ରଶିକ୍ଷାର୍ଥୀ କେନ୍ଦୁଝର ଜିଲ୍ଲାର ପାଟଣା ଓ ଘଟଗାଁ ବ୍ଲକର ବିଭିନ୍ନ ସ୍ଥାନକୁ ପରିଦର୍ଶନ କରିଥିଲେ। ଏହି ଅଧ୍ୟୟନ ପରିଦର୍ଶନର ଉଦ୍ଦେଶ୍ୟ ଥିଲା ଅଧିକାରୀମାନଙ୍କୁ ତୃଣମୂଳ ସ୍ତରର ବିକାଶ ପ୍ରକ୍ରିୟା, ସମୁଦାୟର ବାସ୍ତବ ପରିସ୍ଥିତି ଓ ସରକାରୀ ବ୍ୟବସ୍ଥା ସହ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ସହଯୋଗାତ୍ମକ ଭୂମିକା ସମ୍ପର୍କରେ



ବ୍ୟାବହାରିକ ଜ୍ଞାନ ପ୍ରଦାନ କରିବା। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଦୀର୍ଘ ୩୭ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ଅନ୍ୟତମ ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ପିପୁଲସ୍ କଲଚରାଲ୍ ସେଣ୍ଟର ପିକକ୍‌ର କାର୍ଯ୍ୟକ୍ଷେତ୍ରକୁ ପରିଦର୍ଶନ କରି ପିକକ୍ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକୁ ପରିଦର୍ଶନ କରିଥିଲେ। ଏହି ପ୍ରଶିକ୍ଷାର୍ଥୀ ଅଧିକାରୀମାନେ ହେଲେ ମିର୍ଜା ଫଏଜ ଅହମଦ କ୍ୟୁୟାଦ୍ରି, ପ୍ରିୟଙ୍କା ପ୍ରିୟଦର୍ଶିନୀ, ମିଲନ ମହାପାତ୍ର, ସ୍ନେହା ଦାସ ମହାପାତ୍ର, ଦୀପ୍ତିରାଣୀ ନାୟକ, ଚିନ୍ମୟ ଶାହ।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୦୦ ବ୍ଲକ୍‌ର...

ବନ୍ୟା ଜଳ ନିଷ୍କାସିତ ହୋଇ ଶୁଖିଗଲା ପରେ ପରେ ତୁରନ୍ତ ଜିଲ୍ଲା ସ୍ତରରେ ବନ୍ୟାଜନିତ କ୍ଷୟକ୍ଷତି ଆକଳନ କରି ବିଭାଗକୁ ରିପୋର୍ଟ ଦେବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। [illegible] ଯଥାଶୀଘ୍ର ଜନସାଧାରଣଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। କ୍ଷତିପୂରଣ ନେଇ କୃଷି ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ୫୨୦ଟି ରିଲିଫ୍ କେନ୍ଦ୍ରରେ ପ୍ରାୟ ୧,୮୨,୦୦୦ ଲୋକଙ୍କୁ ରଖି ଖାଦ୍ୟ ସହ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। [illegible] ଗର୍ଭବତୀ ମହିଳା, ଶିଶୁ ଓ ବୟସ୍କଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। [illegible] ଜଗତସିଂହପୁର ଜିଲ୍ଲାରେ ବିଭିନ୍ନ ନଦୀର ଜଳସ୍ତର କ୍ରମଶଃ ହ୍ରାସ ପାଉଥିବା ବେଳେ ଉପରମୁଣ୍ଡରେ ବର୍ଷା ମଧ୍ୟ କମିଯାଇଛି। ତେବେ ମହାନଦୀରେ [illegible] ପ୍ରାୟ ୯ ଲକ୍ଷ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ବୋଲି କହିଛନ୍ତି। ଜଗତସିଂହପୁର, କେନ୍ଦ୍ରାପଡ଼ା ଜିଲ୍ଲା ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ଆବଶ୍ୟକ ପ୍ରସ୍ତୁତି କରାଯାଉଛି। ସେଥିପାଇଁ ୨୫ଟି ଓଡ୍ରାଫ୍, ୬ଟି ଏନ୍‌ଡିଆର୍‌ଏଫ୍ ଓ ୪୬ଟି ଅଗ୍ନିଶମ ସେବା ବାହିନୀ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଉଦ୍ଧାର କାର୍ଯ୍ୟ କରାଯାଉଛି। ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ନବରଙ୍ଗପୁର, ବଲାଙ୍ଗିର, କଳାହାଣ୍ଡି ଆଦି ଜିଲ୍ଲାରେ ବୃଷ୍ଟିପାତ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହି [illegible] ଅନ୍ୟପକ୍ଷରେ ଯାଜପୁର ଜିଲ୍ଲାର ବରୀ ବ୍ଲକ୍‌ରେ ଆଜି ବ୍ରାହ୍ମଣୀ ନଦୀରେ ଏକ ବଡ଼ ଧରଣର ଘାଇ ସୃଷ୍ଟି ହୋଇଛି। [illegible] ପ୍ରଥମେ ଏକ ଛୋଟ ଘାଇ ପଡ଼ିଥିଲା। ପରେ ଏହା ୨୦ ଫୁଟ ଓ ଶେଷରେ ୧୦୦ ଫୁଟ ହୋଇଥିଲା। ଫଳରେ [illegible]

## ମହାନଦୀରେ...

ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଗାଁରେ ବନ୍ୟା ଜଳ ପଶିବାର ଆଶଙ୍କା ରହିଛି ଏବଂ ସ୍ଥାନୀୟ ଲୋକେ ପ୍ରଭାବିତ ହେବେ। ହୀରାକୁଦର ଜଳସ୍ତର ୬୨୦ ଫୁଟ୍, କାଲି ଖୋଲିପାରେ ୧୦ଟି ଗେଟ୍। ତେବେ ଜଳମୁକ୍ତ ଖଇରମାଳଠାରେ ପାଣିର ପ୍ରବାହ କମିଲେ, [illegible] ଶ୍ରୀ ରାଉତ ସୂଚନା ଦେଇଛନ୍ତି। ପୁରୀ ଜିଲ୍ଲାର କଣାସ, ଡେଲାଙ୍ଗ, ବ୍ରହ୍ମଗିରି, ନିମାପଡ଼ା, ଅସ୍ତରଙ୍ଗ, ଗୋପ ଅଞ୍ଚଳ ପ୍ରଭାବିତ ହେବା ଜଗତସିଂହପୁରର, କୁଜଙ୍ଗ, ତିର୍ତ୍ତୋଲ, ବାଲିକୁଦା, [illegible] ହେବା ପୂର୍ଣ୍ଣମା ପରଦିନ ଥିବାରୁ ସମୁଦ୍ର ଜଳ ଟାଣିବାରେ ବିଳମ୍ବ ହେଉଛି। ଏହି ପାଣି ନିଷ୍କାସନ ପାଇଁ ତିନି ଦୁଇ ଦିନ ସମୟ ଲାଗିବ ବୋଲି ଶ୍ରୀ ରାଉତ କହିଛନ୍ତି।

## ଜୀବଜନ୍ତୁଙ୍କ ଜୀବନ...

ବୋଲି କହିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଜୀବଜନ୍ତୁମାନେ ନିର୍ବାକ ହୋଇଥିଲେ ମଧ୍ୟ ସେମାନଙ୍କ କଷ୍ଟ ଆମେ ଅନୁଭବ କରିବା ଉଚିତ। ତେଣୁ ଉଦ୍ଧାରକାରୀ ଦଳମାନଙ୍କୁ ମଣିଷ ସହ ଜୀବଜନ୍ତୁଙ୍କୁ ସୁରକ୍ଷିତ ସ୍ଥାନକୁ ନେବାକୁ [illegible] ବନ୍ୟା ପରି ଅସମୟରେ ମଣିଷ ହୁଅନ୍ତୁ କିମ୍ବା ଜୀବଜନ୍ତୁ, ସମସ୍ତଙ୍କୁ ଉଦ୍ଧାର କରିବା ପରମ କର୍ତ୍ତବ୍ୟ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ଖୋଲା ଆକାଶ...

ବିପର୍ଯ୍ୟୟ ପରେ ବିପଦ୍‌କୁ ଦୁଃଖ କହିଲେ ନ ସରେ। ଘରେ ରଖିଥିବା ଚାଉଳ, ଡାଲି ସମେତ ସମସ୍ତ ଖାଦ୍ୟ ସାମଗ୍ରୀ ବର୍ଷା ପାଣିରେ ଭିଜି ନଷ୍ଟ ହୋଇଯାଇଛି। [illegible] ସେ ପ୍ରଶାସନ ତୁରନ୍ତ ଏହି ଘଟଣାର ଅନୁଧ୍ୟାନ କରି ସେମାନଙ୍କୁ ସହାୟତା ଯୋଗାଇ ଦେଉ। [illegible]

## ଏଲ୍‌ପିଜି ଉପରୁ...

ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ଓ ସାର ଭଳି ଅତ୍ୟାବଶ୍ୟକୀୟ ପେଟ୍ରୋଲିୟମ୍ ଉତ୍ପାଦ ଯୋଗାଣ ବାଧାପ୍ରାପ୍ତ ନହେବା ନିମନ୍ତେ ନିଆଯାଉଥିବା ପଦକ୍ଷେପ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। [illegible] ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଗେରୁଆ ହେଲା...

ନନ୍ଦାଡ଼ି ୨୦୦୧ ଜୁନିୟର ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ତଥା ୨୦୦୪ ଏଥେନ୍ସ ଅଲିମ୍ପିକ୍ସ ଓ ୨୦୦୬ ବିଶ୍ୱକପ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିବା ଦିଲ୍ଲୀପ ତିର୍କୀ [illegible]

## ହ୍ୱାଟ୍‌ସଆପରେ...

ସ୍ୱତନ୍ତ୍ରଭାବେ, ରାଜ୍ୟରେ ଏବେ ୨୦୨୫-୨୬ ବ୍ୟାଚର ଜେନେରାଲ ସର୍ଜରୀ ପିଜି ବାର୍ଷିକ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ସଙ୍ଗୀନ ଅଭିଯୋଗ ଆସିଛି। [illegible] ଫୋନ୍ ଓ ଅନ୍ୟ ଇଲେକ୍ଟ୍ରୋନିକ୍ ଡିଭାଇସ୍ ଆଣିବା ଉପରେ କଟକଣା ଜାରି କରାଯାଇଛି।

## ନବୀନଙ୍କ ମତିଗତିକୁ...

ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଦଳ କରିଥିବା ରଣନୀତି କେବଳ ଫସର ଫାଟିବ ନାହିଁ, ବିଜେଡିରେ ବଡ଼ ବିଭ୍ରାଟ ଆଣିବ ବୋଲି ଦଳର ନେତାମାନେ ଆଶଙ୍କା କରିବା ସହ ନିଜ ଭବିଷ୍ୟତକୁ ନେଇ ଚିନ୍ତାରେ ଥିବା ଆଲୋଚନା ଜୋର୍ ଧରିଛି।

## ଲୋକସଭାରେ ପାରିତ...

'ଜାତୀୟ ସମ୍ମାନକୁ ଅପମାନ ନିବାରଣ ଆଇନ-୧୯୭୧'ରେ ଆବଶ୍ୟକୀୟ ସଂଶୋଧନ କରାଯାଇଛି। [illegible] 'ବନ୍ଦେ ମାତରମ୍' ଗାୟନ ବେଳେ ଏହାକୁ ଅପମାନିତ କରିବା, ଗାୟନରେ ବାଧା ସୃଷ୍ଟି କରିବା କିମ୍ବା ଗାୟନ ସମୟରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବାକୁ ଫୌଜଦାରୀ ଅପରାଧ ଭାବେ ବିବେଚନା କରାଯିବ ଓ ଏଥିପାଇଁ ତିନି ବର୍ଷ ଜେଲ୍‌ଦଣ୍ଡ ନଚେତ୍ ଜରିମାନା କିମ୍ବା ଉଭୟ ଲାଗୁ ହେବ।

# ରୀତିକା ହେଲେ ଷ୍ଟାଇଲ ଇଣ୍ଡିଆ ଆଇକନର ବିଜେତା




ସୁନ୍ଦରଗଡ଼,୩୦।୭ (ସଂଚାର ବ୍ୟୁରୋ): ଜିଲ୍ଲାର ଉଦୀୟମାନ ପ୍ରତିଭା ରୀତିକା ମିସ୍ତ୍ରୀ ଛତିଶଗଡ଼ର ରାୟପୁରଠାରେ ଆୟୋଜିତ ଜାତୀୟ ସ୍ତରର ଗ୍ରାଣ୍ଡ ଫିନାଲେରେ ପ୍ରତିଷ୍ଠିତ 'ଷ୍ଟାଇଲ୍ ଇଣ୍ଡିଆ ଆଇକନ୍ ୨୦୨୬' ଟାଇଟଲ୍ ଜିତି ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଦେଇଛନ୍ତି। ପୂର୍ବରୁ 'ମିସ୍ ଟିନ୍ ଓଡ଼ିଶା ୨୦୨୪' ମୁକୁଟ ଜିତିଥିବା ରୀତିକା ଏହି ଜାତୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ଏହି ବୃହତ ସଫଳତା ପରେ ନିଜର ପ୍ରତିକ୍ରିୟା ପ୍ରକାଶ କରି ରୀତିକା ନିଜର ପ୍ରାରମ୍ଭିକ ଦିନ ଏବଂ ଗୁରୁମାନଙ୍କୁ ମନେ ପକାଇଛନ୍ତି। ସେ କହିଛନ୍ତି, 'ସୁନ୍ଦରଗଡ଼ ମୋତେ ମୋର ପରିଚୟ ଦେଇଛି, ଏବଂ ସମ୍ବଲପୁରୀ ଡିଭିଜନ୍ ପ୍ରତିଯୋଗିତାରେ ଗୁରୁ ରୋଶନ ସାହୁ ମୋତେ ମୋ ଜୀବନର ପ୍ରଥମ ମଞ୍ଚ ପ୍ରଦାନ କରିଥିଲେ। ସେହିଠାରୁ ହିଁ ମୋର ଏହି ସଫଳତାର ଯାତ୍ରା ଆରମ୍ଭ ହୋଇଥିଲା, ଯେଉଁଥିପାଇଁ ମୁଁ ରୋଶନ ସାର୍‌ଙ୍କ ନିକଟରେ ସଦା ସର୍ବଦା କୃତଜ୍ଞ। 'ସେ ନିଜର ଏହି ଜାତୀୟ ସଫଳତାର ଶ୍ରେୟ ନିଜ ଏକାଡେମୀକୁ ଦେଇ କହିଛନ୍ତି, 'ଏହି ବିଜୟ ସମ୍ପୂର୍ଣ୍ଣ ଭାବେ' ଲିଟିଲ୍ ଷ୍ଟାର୍ ଡ୍ୟାନ୍ସ ଏକାଡେମୀ'ର ଚମତ୍କାର ପ୍ରଶିକ୍ଷଣ ଏବଂ ମୋର ପ୍ରିୟ ମାର୍ଗଦର୍ଶିକା ସୁଜାତା ନାୟକ ଙ୍କ ନିରନ୍ତର ପ୍ରେରଣା ଓ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇଛି, ଯିଏ ମୋତେ ମଞ୍ଚରେ ଆତ୍ମବିଶ୍ୱାସର ସହ ଉପସ୍ଥାପନ ହେବା ଶିଖାଇଛନ୍ତି। 'ଏହା ସହ ରୀତିକା ଆୟୋଜକ ସହର ରାୟପୁରର ଉଚ୍ଚ ପ୍ରଶଂସା କରି କହିଛନ୍ତି ଯେ, ରାୟପୁର ଏକ ଅତ୍ୟନ୍ତ ସୁନ୍ଦର ଓ ଜୀବନ୍ତ ସହର ଏବଂ ସେଠାକାର ଲୋକଙ୍କ ସ୍ନେହ ତଥା ଆତିଥେୟତା ଅତୁଳନୀୟ। ସୁନ୍ଦରଗଡ଼ର ଏହି ଝିଅଙ୍କ ଜାତୀୟ ସ୍ତରର ସଫଳତା ପାଇଁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ଏବଂ ଏହି ଗର୍ବର ଖବର ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି।

## ଲଗାଣ ବର୍ଷାରେ ବୁଡ଼ିଲା ବାଇପାସ୍

# ସଡ଼କ ସଂଯୋଗ ବିଚ୍ଛିନ୍ନ

- ପୂର୍ତ୍ତ ବିଭାଗ ଓ ଠିକାଦାରଙ୍କ ଅବହେଳା ପାଇଁ ସାଧାରଣ ଜନତା ହନ୍ତସନ୍ତ;
- ଅସ୍ଥାୟୀ ବ୍ୟବସ୍ଥାର ବିଫଳତା ଉପରେ ଉଠିଲା ପ୍ରଶ୍ନ

ନବରଙ୍ଗପୁର/ଉମରକୋଟ,୩୦।୭ (ସଂଚାର ବ୍ୟୁରୋ): ଲଗାଣ ବର୍ଷାରେ ନବରଙ୍ଗପୁର ଜିଲ୍ଲାର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଉମରକୋଟ- ରାଇଘର ମୁଖ୍ୟ ସଡ଼କର ବେହେଡ଼ା ନିକଟରେ ନିର୍ମାଣାଧୀନ ସେତୁ ପାଖରେ ତିଆରି କରାଯାଇଥିବା ଅସ୍ଥାୟୀ ବାଇପାସ୍ ସମ୍ପୂର୍ଣ୍ଣ ବର୍ଷାଜଳରେ ବୁଡ଼ିଯାଇଛି। ଫଳରେ ଉମରକୋଟ ଓ ରାଇଘର ମଧ୍ୟରେ ସଡ଼କ ସଂଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ହଜାର ହଜାର ଲୋକ ଦୁର୍ଭୋଗର ସମ୍ମୁଖୀନ ହୋଇଛନ୍ତି। ପ୍ରବଳ ସ୍ରୋତରେ ବାଇପାସ୍ ଉପରେ ପାଣି ବହୁଥିବାରୁ କୌଣସି ଯାନବାହନ ଚଳାଚଳ କରିପାରୁନାହିଁ। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାତ୍ରୀ, ଆମ୍ବୁଲାନ୍ସ ସମେତ ଛୋଟ ଓ ବଡ଼ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହିଥିବା ଦେଖାଯାଇଛି। ଜରୁରୀ କାମରେ ଯାଉଥିବା ଲୋକ, ରୋଗୀ, ଛାତ୍ରଛାତ୍ରୀ ଓ ବ୍ୟବସାୟୀମାନେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ପଡ଼ିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବେହେଡ଼ା ଠାରେ ସେତୁ ନିର୍ମାଣ କାମ ଦୀର୍ଘଦିନ ଧରି ଚାଲୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ବର୍ଷା ଋତୁ ପୂର୍ବରୁ ସୁରକ୍ଷିତ ଓ ଉଚ୍ଚ ବିକଳ୍ପ ରାସ୍ତାର ବ୍ୟବସ୍ଥା କରାଯାଇଥାନ୍ତା ହେଲେ ଆଜି ଏପରି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା। ବାରମ୍ବାର ଏହି ସମସ୍ୟା ଦେଖାଦେଉଥିବା ସତ୍ତ୍ୱେ ମଧ୍ୟ ପୂର୍ତ୍ତ ବିଭାଗ ଓ କାର୍ଯ୍ୟନିର୍ବାହୀ ସଂସ୍ଥା ପକ୍ଷରୁ ଦୀର୍ଘସ୍ଥାୟୀ ସମାଧାନ କରାଯାଇ ନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବୁଦ୍ଧିଜୀବୀମାନଙ୍କ କହିବା ଅନୁସାରେ, ପୁରୁଣା ସେତୁଟି ସୀମିତ ଭାବେ ଚଳାଚଳ ଯୋଗ୍ୟ ଥିଲା। ନୂଆ ସେତୁ ନିର୍ମାଣ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ କାମର ଧୀରଗତି ଏବଂ ବର୍ଷା ଋତୁକୁ ଦୃଷ୍ଟିରେ ରଖି ଯଥେଷ୍ଟ ବିକଳ୍ପ ବ୍ୟବସ୍ଥା ନ କରିବା ଫଳରେ ସାଧାରଣ ଲୋକଙ୍କୁ ଏହାର ଭାର ବୋହିବାକୁ ପଡୁଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ରାଇଘର ଅଞ୍ଚଳର ଗୁରୁତର ରୋଗୀମାନେ ଉମରକୋଟ କିମ୍ବା ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ଠିକ୍ ସମୟରେ ପହଞ୍ଚିପାରୁନାହାନ୍ତି। ଆପତ୍କାଳୀନ ଚିକିତ୍ସା ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ସେହିପରି ଅଦାଲତ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଅନ୍ୟାନ୍ୟ ଜରୁରୀ କାମ ପାଇଁ ଯାଉଥିବା ଲୋକମାନେ ମଧ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



## ସମ୍ଭାବ୍ୟ ବନ୍ୟା ମୁକାବିଲାପାଇଁ ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ

ଖୋର୍ଦ୍ଧା,୩୦।୭ (ସଂଚାର ବ୍ୟୁରୋ): ଖୋର୍ଦ୍ଧାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା କରି ରାଜ୍ୟ ସରକାରଙ୍କ ମହତ ଉଦ୍ଦେଶ୍ୟ ଶୂନ୍ୟ ମୃତ୍ୟୁ ହାର ବଜାୟ ରଖିବା ଓ ସମସ୍ତ ଜନ ସାଧାରଣଙ୍କୁ ବିଶେଷ ଭାବେ ବନ୍ୟା ପ୍ଲାବିତ ଅଞ୍ଚଳର ଲୋକମାନଙ୍କୁ ପୁନଃଉଦ୍ଧାର କରିବା ଏବଂ ସେମାନଙ୍କୁ ନିରାପଦ ସ୍ଥାନରେ ଆଶ୍ରୟ ଦେବାସହ ସମସ୍ତ ପ୍ରକାର ମୌଳିକ ସେବା ଯୋଗାଇଦେବାକୁ ନେଇ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ସମସ୍ତ ଅଧିକାରୀ ମାନଙ୍କ ଛୁଟିକୁ ବାତିଲ କରିବା ସହ ଯେଉଁମାନେ ଛୁଟିରେ ଅଛନ୍ତି ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୌଣସି ଅଧିକାରୀ ନିଜ ନିଜ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ମୁଖ୍ୟାଳୟ ଛାଡି ପାରିବେ ନାହିଁ। ଆଜିଠାରୁ ଆଗାମୀ ଚାରିଦିନ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ମାନଙ୍କ ଛୁଟି ନେବା ଜିଲ୍ଲାପାଳ ବାତିଲ କରିଛନ୍ତି। ସେହିପରି ଜିଲ୍ଲାରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ଅର୍ଦ୍ଧ ସରକାରୀ, ସରକାରୀ ମଞ୍ଜୁରିପ୍ରାପ୍ତ, ବେସରକାରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ସମସ୍ତ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକୁ ଆଜି ଅପରାହ୍ନ ୧ ଟା ଠାରୁ ଆସନ୍ତା କାଲି ପର୍ଯ୍ୟନ୍ତ ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଯୋଗୁଁ ଧନ ଜୀବନ ସୁରକ୍ଷା ନିମନ୍ତେ ତଳିଆ ଅଞ୍ଚଳ ଲୋକମାନଙ୍କୁ ସ୍ଥାନାନ୍ତରଣ, ଆଶ୍ରୟସ୍ଥଳୀ ପ୍ରଦାନ ଓ ରିଲିଫ କାର୍ଯ୍ୟ ପରିଚାଳନା ଓ ତଦାରଖ ପାଇଁ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ ଙ୍କୁ ଜଟଣୀ ବ୍ଲକ୍, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଙ୍କୁ ଭୁବନେଶ୍ୱର ବ୍ଲକ୍, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଜ୍ୟୋତି ଶଙ୍କର ସାହୁ ଙ୍କୁ ବାଲିପାଟଣା ବ୍ଲକ୍, ଉପଜିଲ୍ଲାପାଳ, ଭୁବନେଶ୍ୱର ମନୋରଞ୍ଜନ ସାହୁ ଙ୍କୁ ବାଲିଅନ୍ତା ବ୍ଲକ୍ ଏବଂ ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ ଙ୍କୁ ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକ୍ ଦାୟିତ୍ୱ ନିର୍ବାହ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଅଣ୍ଟା ଭିଡ଼ିଲେ ମହିଳା ଗୋଷ୍ଠୀ, ଭାଙ୍ଗିଦେଲେ କୁଡ଼ିଆ



ହିଞ୍ଜିଳିକାଟୁ,୩୦।୭ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ ସାରୁ ଗ୍ରାମ ଠାରୁ ୫୦ ମିଟର ଦୂରରେ ବେଆଇନ ମଦ ବିକ୍ରୟ କେନ୍ଦ୍ରକୁ ଭାଙ୍ଗିଲେ ମହିଳା।ଗତ ୧୫ ଦିନ ହେଲା ସାରୁ - ଶାସନ ଆମ୍ବ ଗାଁ ରାସ୍ତାରେ ଚାଲିଥିବା ଦେଶୀ ମଦ ବିକ୍ରୟ କେନ୍ଦ୍ରକୁ ମହିଳା ମାନେ ଭାଙ୍ଗି ଦେଇଛନ୍ତି। ଶତାଧିକ ମହିଳା ଆଜି ଏକତ୍ରିତ ହୋଇ ବେଆଇନ ମଦ କାରବାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଦୀର୍ଘ ୨୦ ବର୍ଷ ହେଲା ସାରୁ ଗ୍ରାମରେ ମଦ ବିକ୍ରି ବନ୍ଦ ଥିଲା, ପୁଣି ମଦ ବିକ୍ରି କାହିଁକି ହେଲା ବୋଲି ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ଏଭଳି ବିକ୍ରି ହେଲେ ବୃହତ ଧରଣର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ଶହ ଶହ ମହିଳା। ଏ ନେଇ ଅବକାରୀ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ।

## ବନ୍ୟାଞ୍ଚଳ ଲୋକଙ୍କ ପାଖରେ ପହଞ୍ଚିଲେ କୋରେଇ ବିଧାୟକ



କୋରେଇ,୩୦।୭ (ସଂଚାର ବ୍ୟୁରୋ): କୋରେଇ ବ୍ଲକର ରଣପୁର, ଅସନଝର, ଗୌରପୁର, ବନ୍ଧାଳ, ମୁକୁନ୍ଦପୁର ଆଦି ପଞ୍ଚାୟତରେ ବନ୍ୟା ଜଳ ପ୍ରବାହିତ ହୋଇଛି। ଏହି ବନ୍ୟା ଯୋଗୁଁ ପାଖାପାଖି ୫ଠରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କର ବ୍ୟାପକ କ୍ଷୟକ୍ଷତି ଘଟିବା ସହ ସମସ୍ତଙ୍କର ଚାଷଜମି ଆଦି ଜଳମଗ୍ନ ହୋଇଯାଇଛି। ଅନେକ ପରିବାର ବାସହରା ହୋଇଥିବା ବେଳେ ବହୁ ଲୋକ ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଏପରି ଦୁଃଖ ଦୁର୍ଦ୍ଦଶା ସମୟରେ କୋରେଇର ବିଧାୟକ ଶ୍ରୀ ଆକାଶ ଦାସନାୟକ ବନ୍ୟା ଜଳ ଘେରରେ ପ୍ରଭାବିତ ଲୋକ ମାନଙ୍କୁ ଭେଟି ସେମାନଙ୍କୁ ସହଯୋଗ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ, ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳର ଓ ଅନ୍ୟାନ୍ୟ ଜରୁରୀ ସହାୟତା ପହଂଚାଇବା ପାଇଁ ବ୍ଲକ ପ୍ରଶାସନ କଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟାର ମୁକାବିଲା ଲାଗି ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କ ସହ ଆଲୋଚନା ଜାରି ରଖିଥିବା ନେଇ ସୂଚନା ଅବଗତ ହୋଇଛି।

## ଦେବୀ ନଦୀରେ ଭାସୁଛି ଅଜଣା ମହିଳାଙ୍କ ଶବ



କାକଟପୁର /ଅସ୍ତରଙ୍ଗ,୩୦।୭ (ସଂଚାର ବ୍ୟୁରୋ): ବନ୍ୟା ପାଣିର ତାଣ୍ଡବ ମଧ୍ୟରେ ଗୁରୁବାର ସକାଳେ ଏକ ହୃଦୟବିଦାରକ ଦୃଶ୍ୟ ସାମ୍ନାକୁ ଆସିଛି। ମହାନଦୀରେ ଜଳସ୍ତର କ୍ରମାଗତ ବୃଦ୍ଧି ପାଇବା ଫଳରେ ଶାଖା ଦେବୀ ନଦୀ ମଧ୍ୟ ଫୁଲି ଉଠିଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅସନ ନିକଟରେ ଗୋଟିଏ ଅଚିହ୍ନା ମହିଳାଙ୍କ ଶବ ଭାସି ଆସିଛି। ଏହି ଅଭାବନୀୟ ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ସହ ଚାପା ଉତ୍କଣ୍ଠା ଦେଖାଦେଇଛି। ସୂଚନା ଅନୁସାରେ ଗୁରୁବାର ସକାଳ ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ ଅସନ ଗ୍ରାମର ଯୁବକ ହିମାଂଶୁ ରାଉତ ଓ ଅନ୍ୟ କିଛି ଗ୍ରାମବାସୀ ନଦୀ କୂଳକୁ ଯାଇଥିବା ବେଳେ ଦେବୀ ନଦୀର ପ୍ରବଳ ସ୍ରୋତରେ ଜଣେ ମହିଳାଙ୍କ ଶବ ଭାସୁଥିବାର ଦେଖିଥିଲେ। ତୁରନ୍ତ ସେମାନେ ଏନେଇ ଅସ୍ତରଙ୍ଗ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଶବକୁ ଉଦ୍ଧାର କରିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ମୃତ ମହିଳାଙ୍କ ହାତରେ ଟାଟୁ ରହିଛି। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କର ପରିଚୟ ମିଳିପାରିନାହିଁ। ସେ କିଏ, କେଉଁଠୁ ଆସିଲେ ସେ ନେଇ ଏଯାଏଁ କୌଣସି ସ୍ପଷ୍ଟତା ନାହିଁ। ମହାନଦୀରେ ପାଣି ବୃଦ୍ଧି ପାଇବା ଯୋଗୁଁ ଶବଟି ଭାସି ଦେବୀ ନଦୀକୁ ଆସିଥିବା ନେଇ ପ୍ରଶାସନ ପକ୍ଷରୁ ଅନୁମାନ କରାଯାଉଛି।ତେବେ ଏହା ହତ୍ୟା ନା ଆତ୍ମହତ୍ୟା ନା ବନ୍ୟା ପାଣିରେ ବୁଡ଼ିଯିବା ସେ ନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇନାହିଁ। ଏନେଇ ଅସ୍ତରଙ୍ଗ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ଘଟଣାସ୍ଥଳରେ ପୁରୀ ସାଇଣ୍ଟିଫିକ ଟିମ୍ ମଧ୍ୟ ପହଞ୍ଚି ଯାଞ୍ଚ କରିଛି। ମୃତ ମହିଳାଙ୍କ ପରିଚୟ ଜାଣିବା ପାଇଁ ଆଖପାଖ ଅଞ୍ଚଳରେ ପଚରାଉଚରା ଜାରି ରହିଛି। ସୂଚନା ଅନୁସାରେ ମୃତ ମହିଳା ଜଣକ ନିଆଳୀ ଅଞ୍ଚଳର ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ ତାହାର ସ୍ପଷ୍ଟ ପ୍ରମାଣ ମିଳିନାହିଁ। ଏହି ଘଟଣା ପରେ ଅସନ ଓ ଆଖପାଖ ଗାଁରେ ଭୟର ମାହୋଲ ସୃଷ୍ଟି ହୋଇଛି।

- ଗଞ୍ଜାମର ପ୍ରସ୍ତାବିତ ଋଷିକୁଲ୍ୟା ପୋଲର ସ୍ଥାନ ପରିବର୍ତ୍ତନ

## ସାନକାଇଁଚପୁର ନିକଟରେ ହେବ ନିର୍ମାଣ



ଛତ୍ରପୁର,୩୦।୭(ସଂଚାର ବ୍ୟୁରୋ): ପୂର୍ତ୍ତ ବିଭାଗ ପକ୍ଷରୁ ଗଞ୍ଜାମ କଲେଜ ରୋଡ଼ ନିକଟରେ ପୁରୁଣା ଋଷିକୁଲ୍ୟା ପୋଲ ସ୍ଥାନରେ ପ୍ରସ୍ତାବିତ ନୂତନ ପୋଲ ନିର୍ମାଣ ଯୋଜନାରେ ପରିବର୍ତ୍ତନ କରାଯାଇଛି। ନୂତନ ନିଷ୍ପତ୍ତି ଅନୁଯାୟୀ, ସାନକାଇଁଚପୁର ନିକଟରେ ଋଷିକୁଲ୍ୟା ନଦୀ ଉପରେ ଏହି ପୋଲ ନିର୍ମାଣ କରାଯିବ। ଗୁରୁବାର ପୂର୍ତ୍ତ ବିଭାଗ ଓ ରେଳବାଇ ବିଭାଗର ଉଚ୍ଚସ୍ତରୀୟ ଟିମ୍ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଖୁବ୍ ଶୀଘ୍ର ଏହି ସମ୍ପର୍କିତ ରିପୋର୍ଟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପଠାଯିବ ବୋଲି ଜଣାପଡ଼ିଛି। ପରିଦର୍ଶନରେ ପୂର୍ତ୍ତ ବିଭାଗର ବ୍ରହ୍ମପୁର ମୁଖ୍ୟ ଯନ୍ତ୍ରୀ ନିର୍ମାଣ ଦାମୋଦର କୈବର୍ତ୍ତ, ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ୍ତ ପାଣିଗ୍ରାହୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେଶ ମିଶ୍ର, କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ବିଷୋୟୀ, ଗଞ୍ଜାମ ଏନ୍ଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଇଂ. ବିନୋଦ କୁମାର ପାଢ଼ୀଙ୍କ ସହ ରେଳବାଇ ବିଭାଗର ଡେପୁଟି ମୁଖ୍ୟ ଯନ୍ତ୍ରୀ ଏସ୍.କେ. ରାଉତ, ରେଳବାଇର ମୁକ୍ତ ସିଂହ ଓ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ଯାଦବ ଉପସ୍ଥିତ ଥିଲେ। ରେଳବାଇ ବିଭାଗ ପକ୍ଷରୁ ଗଞ୍ଜାମ କଲେଜ ରୋଡ଼ରୁ ସାନକାଇଁଚପୁର ପର୍ଯ୍ୟନ୍ତ ଏକ ରେଳ ଓଭରବ୍ରିଜ୍ ନିର୍ମାଣ ପ୍ରସ୍ତାବ ରହିଛି। ସାନକାଇଁଚପୁର ନିକଟରେ ପୂର୍ତ୍ତ ବିଭାଗ ନୂତନ ପୋଲ ନିର୍ମାଣ କଲେ ଏହା ରେଳବାଇର ପ୍ରସ୍ତାବିତ ଓଭରବ୍ରିଜ୍ ସହ ସଂଯୁକ୍ତ ହେବ। ଏହା ମାଧ୍ୟମରେ ବଡ଼ଶଙ୍ଖ ଅଞ୍ଚଳ ସହ ସିଧାସଳଖ ସଡ଼କ ସଂଯୋଗ ସ୍ଥାପିତ ହେବା ସହ ଯାତାୟାତ ଅଧିକ ସୁଗମ ହେବ।

## ସାଇମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ



ହିଞ୍ଜିଳିକାଟୁ,୩୦।୭ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ନିକଟସ୍ଥ ପୋଚିଲିମା ସାଇ ସୁନ୍ଦର ଧାମରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ଶହ ଶହ ମହିଳା ଓ ପୁରୁଷ ଜଳାଯାତ୍ରା କରିବା ସହ ସାଇବାବାଙ୍କ ମହାଅଭିଷେକ, ପୂଜାର୍ଚ୍ଚନା ଓ ହୋମ ଅନୁଷ୍ଠିତ ହୋଇଥିଲା। ପରେ ମନ୍ଦିର ପରିସରରେ ମନ୍ଦିର ଟ୍ରଷ୍ଟ ସଭାପତି ପବିତ୍ର ମୋହନ ପାଣିଗ୍ରାହୀ ଓ ଉପ ସଭାପତି ମଧୁସୂଦନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୃକ୍ଷରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ତହସିଲଦାର ତପନ କୁମାର ମହାପାତ୍ର, ବିଡିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ପୌରାଧ୍ୟକ୍ଷ ସୁବାସ ପୋଲାଇ, ବ୍ଲକ୍ ଅଧ୍ୟକ୍ଷା ସରସ୍ୱତୀ ସେଠୀ, ବିଜେପି ନେତା ମାଧବ ଗୌଡ଼, ସନ୍ତୋଷ ପାଣିଗ୍ରାହୀ, ସୁଧାଂଶୁ ଶେଖର ସାବତ, ରଜନୀକାନ୍ତ ପାଢ଼ୀ, ସରପଞ୍ଚ ନୀଳାଞ୍ଚଳ ସାହୁଙ୍କ ସମେତ ଟ୍ରଷ୍ଟର କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟା ବେଳେ ହିଞ୍ଜିଳି ଅଞ୍ଚଳର ଲକ୍ଷ୍ମୀନୃସିଂହ ଭଂଜନ ସନ୍ଧ୍ୟା ସମାରୋହ ଅନୁଷ୍ଠିତ ହୋଇଥିଲା।

## ଯୋଗାଣ ବିଭାଗ ଅଫିସରେ ନାହିଁ ବିଦ୍ୟୁତ


ବିପନ୍ନ ସମୟରେ ବ୍ଲକ ଓ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି

ନୀଳଗିରି,୩୦।୭ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ଭିତରେ ଥିବା ଯୋଗାଣ ବିଭାଗ ଅଫିସରେ ବିଦ୍ୟୁତ ନଥିବା ରୁ ଲୋକେ ମାନେ ମାସେ ହେବ ଲୋକମାନେ ଘୁରୁଥିବା ଅଭିଯୋଗ ହୋଇଛି। ବନ୍ୟା ଭଳି ଜଟିଳ ସମାସ୍ୟା ବା ବିପନ୍ନ ସମୟରେ ବ୍ଲକରେ ବିଦ୍ୟୁତ ନରହିବା ବ୍ଲକ ପ୍ରଶାସନ ଭୁଲ ନାଁ ବିଦ୍ୟୁତ୍ ବିଭାଗ ର ଭୁଲ ତାହା ଏବେ ଚର୍ଚ୍ଚାରେ ବିଷୟ ପାଲଟିଛି। ସୂଚନାଯୋଗ୍ୟ ନୀଳଗିରି ବ୍ଲକ ପରିସରରେ ନୀଳଗିରି ଯୋଗାଣ ବିଭାଗ ଏକ ଅଫିସ ରହିଛି। ଉକ୍ତବିଭାଗ ଉପରେ ନୀଳଗିରି ବ୍ଲକ୨୫ଟି ପଞ୍ଚାୟତ ଓ ଏନଏସି ୧୩ଟି ୱାର୍ଡ ନିର୍ଭରଶୀଳ ଅଟନ୍ତି। ଉକ୍ତ କାର୍ଯ୍ୟାଳୟ ରେ ଆଜକୁ ମାସେ ହେବ ଲାଇନ ନାହିଁ। ବ୍ଲକ ପରିସରେ ବିକଳ୍ପ ଭାବେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ସରକାର ଙ୍କ ପକ୍ଷରୁ ସୋଲାର ପ୍ରକଳ୍ପ କରାଯାଇଛି।କିନ୍ତୁ ସେ ପ୍ରକଳ୍ପଟି କାର୍ଯ୍ୟ କରୁ ନଥିବାରୁ ଅଫିସ ଟି ଅନ୍ଧାର ରହୁଛି। ବିଭିନ୍ନ ଅଞ୍ଚଳରୁ ଆସୁଥିବା ହିତାଧିକାରୀମାନେ ନୀଳଗିରି ଯୋଗାଣ ବିଭାଗ ଅଧିକାରିଣୀ ଶ୍ରୀମତୀ ରାଜଲକ୍ଷ୍ମୀ ପଣ୍ଡା ଲୋକଙ୍କ ସମାସ୍ୟା ନେଇ ଦରଖାସ୍ତ ରଖୁଛନ୍ତି। ହେଲେ କରେଣ୍ଟ ନଥିବା ରୁ ସେମାନଙ୍କ ସମାସ୍ୟା ନାଁ ସମାଧାନ କରୁଛନ୍ତି ନାଁ ସେମାନଙ୍କୁ ଆବଶ୍ୟକୀୟ କାଗଜ ପତ୍ର ଦେଇପାରୁଛନ୍ତି। ଏଥିପାଇଁ ହିତାଧିକାରୀ ପରେ ଆସି କାଗଜପତ୍ର ନେଇଯିବାକୁ କହୁଥିବା ଅଭିଯୋଗ ହୋଇଛି।

## ପଞ୍ଚଲିଙ୍ଗେଶ୍ୱର ପୀଠରେ କୁଲଡିହା ହାତୀ ତାଣ୍ଡବ

### ଭାଙ୍ଗିଲା ଦୋକାନ, ତାର ଖୁଣ୍ଟି ଓ କାର



ନୀଳଗିରି,୩୦।୭ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟ ରେ ହାତୀ ଆତଙ୍କ ଏବେ ଧୀରେ ଧୀରେ ବଢ଼ିବାରେ ଲାଗିଛି। ହାତୀ ଆତଙ୍କରେ ଅଞ୍ଚଳ ବାସୀ ଭୟଭୀତ ଥିବାବେଳେ ଆଉ ସୁରକ୍ଷିତ ମଣୁ ନାହାନ୍ତି। ଏଥିରେ ବନବିଭାଗ ନାହିରେ ତେଲ ମାରି ସୁଇଥିବା ମନେ ହେଉଛି। ତେବେ ଆଜି ସକାଳ ୭, ୩୦ମିନିଟ ସମୟରେ ଏକ କୁଲଡିହା ହାତୀ ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠ ସ୍ଥଳୀ ପାଖ ଚାଷ ଜମିରେ ଥିବା ତାଳ ଗଛରୁ ତାଳ ଖାଇବା ପରେ ନୂଆ ବସଷ୍ଟାଣ୍ଡ ଠାରେ ତାଣ୍ଡବ ରଚିଥିଲା। ଜଗନ୍ନାଥ ମନ୍ଦିର ପାଖରେ ଥିବା ଏକ ତାର ଖୁଣ୍ଟିକୁ ଗଡ଼ାଇ ଥିଲା। ତେବେ ତାରଖୁଣ୍ଟି ଟି ଅଧା ଗାଡି ପଡ଼ିଥିବା ବେଳେ ତାରଖୁଣ୍ଟି ପାଖରେ ଛିଡ଼ା ହୋଇଥିବା ଗୁରୁଶକ୍ତି ହୋଟେଲ ମାଲିକ ଙ୍କ ମହିନ୍ଦ୍ର ମାଜାରୋ କାର ଉପରେ ଖୁଣ୍ଟି ଟି ପିଟି ହୋଇ ଆଗ ବନେଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ପରେ ଉକ୍ତ ହାତୀ ଟି ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟ ବିଟ ହାଉସ ନିକଟ ନୂଆ ବସ ଷ୍ଟାଣ୍ଡ କୁ ଯାଇ ସେଠାରେ ଥିବା ମହେଶ୍ୱର ବେହେରା ଓ ବସନ୍ତ ପାତ୍ର ଦୋକାନ ଭିତରେ ପସି ଦୋକାନ ସାମଗ୍ରୀ ନଷ୍ଟ କରିବା ସହିତ ଦୋକାନ ଖୁଣ୍ଟ, ଆଜବେଷ୍ଟସ, ଥଣ୍ଡା ବୋତଲ ଓ ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗିଥିଲା। ତେବେ ମହେଶ୍ୱର ଦୋକାନ ଭିତରେ ତାଙ୍କ ପୁଅ ବାସୁଦେବ ବେହେରା (୩୧) ଥିବା ବେଳେ ହଠାତ ହାତୀଟି ଦୋକାନ ଭିତରେ ପସି ଭଙ୍ଗା ରୋଜା କରିଥିଲା। ହାତୀ କଡମଡ ଶବ୍ଦ ଶୁଣି ବାସୁଦେବ ଜୀବନ ବିକଳରେ ଦୋକାନ ରୁ ଡେଇଁ ବାହାରକୁ ପଳାଇ ଆସିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହି ହାତୀ ତାଣ୍ଡବରେ କାର, ଦୋକାନରେ ଲାଗିଥିବା ୮ ଗୋଟି ଆଜବେଷ୍ଟସ, ୩ଗୋଟି ସିମେଣ୍ଟ ଖୁଣ୍ଟଓ ଦୋକାନ ସାମଗ୍ରୀ ନଷ୍ଟ ହୋଇଛି ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି।

## ବନ୍ୟାସ୍ରୋତରେ ଭାସିଗଲା ରାସ୍ତା



ନୀଳଗିରି,୩୦।୭(ସଂଚାର ବ୍ୟୁରୋ): ଗତ ୨୭ତାରିଖ ଲଗାଣ ବର୍ଷାରେ ବନ୍ୟା ପରିସ୍ଥିତି ଉପୁଜି ଥିବା ବେଳେ ବହୁ ଗ୍ରାମ ଜଳ ବନ୍ଦୀ ହୋଇଥିଲା। ଏବେ ଧୀରେ ଧୀରେ ଲୋକମାନେ ଜଳ ବନ୍ଦୀରୁ ଆଂଶିକ ମୁକୁଳିଛନ୍ତି। ହେଲେ ଆସିଲା ବନ୍ୟା ଦେଇଗଲା ଦୁଃଖ। ତେବେ ଏହି ବନ୍ୟାରେ ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଦକ୍ଷିଣନରସିଂହପୁର ପଞ୍ଚାୟତ ପ୍ରତପଡା-ଟଣକା-ବାଉଁଶବଣିଆ ସଂଯୋଗ କରୁଥିବା ମୁଖ୍ୟ ପିଚୁ ରାସ୍ତା ର ପ୍ରତପଡା ଗ୍ରାମର ଉକ୍ତ ରାସ୍ତା ଉପରେ ବନ୍ୟା ଜଳ ବୋହିବା ଫଳରେ ପିଚୁ ତାଡ଼ି ନେଇ ୧୫ଫୁଟ ଲମ୍ବର ୫ଗୋଟି ଘାଇ ସୃଷ୍ଟି ହୋଇ ବିଚ୍ଛିନ୍ନାଞ୍ଚଳ ହୋଇଛି। ଫଳରେ ପ୍ରତପଡା-ଟଣକା-ବାଉଁଶବଣିଆ ଗ୍ରାମବାସୀ ଏବଂ ୫ରୁ ଉର୍ଦ୍ଧ୍ୱ ପଞ୍ଚାୟତ ବାସୀଙ୍କ ଯାତାୟାତ, ଜରୁରୀ କାଳୀନ ସେବା ଏପରିକି ଆମ୍ବୁଲାନ୍ସ ଓ ଦମକଳ ସେବା ମଧ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ତୁରନ୍ତ ରାସ୍ତା ମରାମତି ପାଇଁ ଅଞ୍ଚଳବାସୀ ପ୍ରଶାସନ ପାଖରେ ଦାବୀ କରିଛନ୍ତି।

- ପ୍ରବଳ ବର୍ଷାରେ ଧସିଲା ରାସ୍ତା ପାର୍ଶ୍ୱ ଗାର୍ଡ ୱାଲ

## ପାର୍କିଂ ବେଳେ ରାସ୍ତା ତଳକୁ ଓଲଟିଲା ଘରୋଇ ବସ

ବାରିପଦା,୩୦।୭(ସଂଚାର ବ୍ୟୁରୋ) : ଲଗାଣ ବର୍ଷା ଯୋଗୁଁ ରାସ୍ତାପାର୍ଶ୍ୱ ଗାର୍ଡ ୱାଲ ଧସକିବା ଫଳରେ ସେଠାରେ ପାର୍କିଂ କରିଥିବା ଏକ ମଧୁସ୍ମିତା ନାମକ ଘରୋଇ ବସ ରାସ୍ତା ତଳକୁ ଖସିପଡ଼ିଅଛି। ଏହିଭଳି ଏକ ଦୁର୍ଘଟଣା ଆଜି ଅପରାହ୍ନରେ ବାରିପଦା ସହରର ସତ୍ୟସାୟୀ ଛକ ରୁ ଦାରୋଗାଦାହି ଯାଇଥିବା ଭି ଆଇ ପି ରୋଡ଼ ର ଭଞ୍ଜେଶ୍ୱର ମନ୍ଦିର ନିକଟରେ ଘଟିଅଛି। ଉକ୍ତ ରାସ୍ତା ପାର୍ଶ୍ୱରେ ପ୍ରତ୍ୟେକ ଦିନ ଘରୋଇ ବସ ଗୁଡିକ ପାର୍କିଂ କରଥାଆନ୍ତି। ଏଭଳି ବେଆଇନ ବସ ପାର୍କିଂ କୁ ନେଇ ପୂର୍ବରୁ ଅନେକଥର ଲୋକମାନେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶାସନ ନିକଟରେ ଅଭିଯୋଗ ମଧ୍ୟ କରିଛନ୍ତି। ଉକ୍ତ ଭି ଆଇ ପି ରୋଡ଼ ରେ ସବୁବେଳେ ଯାନ ବାହାନ ଚଳାଚଳ ସାଙ୍ଗକୁ ଲୋକମାନଙ୍କର ଯାତାୟତ ଲାଗିରିହିଥାଏ। ଏହି ରାସ୍ତା କୁ ଲାଗି ଅନ୍ୟ ଗୋଟିଏ ରାସ୍ତା ତଳକୁ ଅଛି। ସେହି ରାସ୍ତାପାର୍ଶ୍ୱରେ ଅନେକ ଘର ସାଙ୍ଗକୁ ଏକ ମନ୍ଦିର ମଧ୍ୟ ଅଛି।

## ଷଣ୍ଢଙ୍କ ଦଖଲରେ ରାସ୍ତା, ବଢୁଛି ଟ୍ରାଫିକ୍ ଜାମ୍ ଓ ଦୁର୍ଘଟଣା ଆଶଙ୍କା

# ମେଡିକାଲ୍ କଲେଜ ଛକରେ ଗୋରୁଗାଈଙ୍କ ରାଜ୍

ଯାଜପୁର,୩୦।୭(ସଂଚାର ବ୍ୟୁରୋ) : ଯାଜପୁର ସହରର ଅତ୍ୟନ୍ତ ବ୍ୟସ୍ତ ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜ ଛକ ଏବେ ଗୋରୁଗାଈ ଓ ଷେଣ୍ଢଙ୍କ ଅବାଧ ଚରାଚରିର କବଳରେ। ରାସ୍ତା ଉପରେ ଦଳଦଳ ହୋଇ ଗୋରୁଗାଈ ଓ ଷେଣ୍ଢ ବସି ରହୁଥିବାରୁ ପ୍ରତିଦିନ ଯାତାୟାତ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଛି। ଫଳରେ ଛକରେ ଦୀର୍ଘ ସମୟ ଧରି ଭିଡ଼ ଲାଗିରହିବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନେଇ ସାଧାରଣରେ ଚିନ୍ତା ବଢ଼ିଛି। ମେଡିକାଲ୍ କଲେଜକୁ ପ୍ରତିଦିନ ଶତାଧିକ ରୋଗୀ, ସମ୍ପର୍କୀୟ, ଛାତ୍ରଛାତ୍ରୀ, ଡାକ୍ତର, କର୍ମଚାରୀ ଓ ସାଧାରଣ ଲୋକ ଯାତାୟାତ କରୁଥିବାରୁ ଏହି ଛକର ଗୁରୁତ୍ୱ ଅତ୍ୟଧିକ। କିନ୍ତୁ ରାସ୍ତା ମଝିରେ ଗୋରୁଗାଈ ଶୋଇବା କିମ୍ବା ଦଳବଦ୍ଧ ଭାବରେ ଘୁରିବା ଫଳରେ ଗାଡ଼ି ଚାଳକମାନେ ଅସୁବିଧାରେ ପଡୁଛନ୍ତି। ବିଶେଷକରି ଦୁଇଚକିଆ ଯାନ ଚାଳକମାନେ ଷେଣ୍ଢଙ୍କ ହଠାତ୍ ଗତିବିଧିରେ ବ୍ରେକ୍ ଲଗାଇବାକୁ ବାଧ୍ୟ ହେଉଥିବାରୁ ପଛରୁ ଆସୁଥିବା ଗାଡ଼ି ସହ ଧକ୍କା ହେବାର ଆଶଙ୍କା ରହୁଛି। କେତେକ ସମୟରେ ଷେଣ୍ଢମାନେ ପରସ୍ପର ଲଢ଼େଇ କରିବା ବେଳେ ରାସ୍ତା ଉପରେ ଦୌଡ଼ାଦୌଡ଼ି କରିବାରୁ ପରିସ୍ଥିତି ଆହୁରି ବିପଜ୍ଜନକ ହୋଇପଡୁଛି। ଏହାର ପ୍ରଭାବରେ ଯାତାୟାତ ଧିମା ହେବା ସହ ଛକରେ ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଛି।




ଜରୁରୀକାଳୀନ ସ୍ଥିତିରେ ଆମ୍ବୁଲାନ୍ସ ଯାତାୟାତକୁ ମଧ୍ୟ ଏହା ପ୍ରଭାବିତ କରିପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ସହରର ଅନେକ ସ୍ଥାନରେ ଗୋରୁଗାଈଙ୍କ ଅବାଧ ଚରାଚରି ଏକ ପୁରୁଣା ସମସ୍ୟା। ମାଲିକମାନେ ନିଜ ଗୋରୁଗାଈଙ୍କୁ ଖୋଲା ଛାଡ଼ି ଦେଉଥିବାରୁ ସେମାନେ ରାସ୍ତା ଉପରକୁ ଆସି ଯାତାୟାତରେ ବାଧା ସୃଷ୍ଟି କରୁଛନ୍ତି। ଏହା କେବଳ ଟ୍ରାଫିକ୍ ସମସ୍ୟା ନୁହେଁ, ଏବେ ଏହା ଜନସୁରକ୍ଷା ସହ ଜଡ଼ିତ ଏକ ଗୁରୁତର ପ୍ରସଙ୍ଗରେ ପରିଣତ ହୋଇଛି। ସହରର ଏହି ପ୍ରମୁଖ ଛକରେ ଯାତାୟାତ ନିୟନ୍ତ୍ରଣ, ରାସ୍ତାରୁ ଗୋରୁଗାଈ ହଟାଇବା, ମାଲିକଙ୍କୁ ସଚେତନ କରିବା ଓ ନିୟମ ଉଲ୍ଲଂଘନ କଲେ ଜରିମାନା ଆଦି ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଦାବି ହେଉଛି। ନଚେତ ଆଗାମୀ ଦିନରେ କୌଣସି ବଡ଼ ଦୁର୍ଘଟଣା ଘଟିଲେ ତାହାର ଦାୟିତ୍ୱ କିଏ ନେବ ବୋଲି ପ୍ରଶ୍ନ ଉଠୁଛି।

ବିଧାନସଭା ଗୃହ କମିଟି ବୈଠକ ଅନୁଷ୍ଠିତ

# ସଂଖ୍ୟାଲଘୁ ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ହେବ: ବାଚସ୍ପତି

**■ ରାଜ୍ୟ ବାହାରେ ଓଡ଼ିଆ ଭାଷାର ବିକାଶକୁ ଗୁରୁତ୍ୱ**



ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ): ଆଜି ବିଧାନସଭାରେ ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀଙ୍କ ଉନ୍ନତି ପାଇଁ ଗଠିତ ଗୃହ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଧ୍ୟକ୍ଷତା କରି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି ଯେ ରାଜ୍ୟ ବାହାରେ ବିଚ୍ଛିନ୍ନାଞ୍ଚଳ, ସୀମାନ୍ତ ଓ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେସବୁ ଅଞ୍ଚଳରେ ଥିବା ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତିକରଣ, ଶିକ୍ଷକ ନିଯୁକ୍ତି, ପାଠ୍ୟପୁସ୍ତକ ଯୋଗାଣ ଆଦି ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଓଡ଼ିଆ ଭାଷା ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି। ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେଉଥିବା ବେଳେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାରପ୍ରସାର ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତି ଉପରେ ବାଚସ୍ପତି ଗୁରୁତ୍ୱ ଦେଇଛନ୍ତି। ସେହିପରି ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ବିଭାଗୀୟ ଅଧିକାରୀମାନଙ୍କୁ ଏହିସବୁ ଅଞ୍ଚଳକୁ ନିୟମିତ ଗସ୍ତ କରିବାକୁ ପରାମର୍ଶ ଦେବା ସହ ସ୍ଥାନୀୟ ଅଧିକାରୀଙ୍କ ସହ ସମନ୍ୱୟ ରଖି ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରଚାର ପ୍ରସାର ଦିଗରେ ଉଦ୍ୟମ କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ବିଭିନ୍ନ ବିଭାଗ ସଚିବ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରସ୍ତାବ ଓ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ ଷଢ଼େଇକଳା, ଖରସୁଆଁ, ସିଂହଭୂମ, ମେଦିନପୁର ଓ ମଞ୍ଜୁଷା ଭଳି ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳ ଓ ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଓ ସୁଧାର ନେଇ ଆଲୋଚନା ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ନିୟମିତ ଭାବେ ଏହିସବୁ ଅଞ୍ଚଳକୁ ଉତ୍କଳ ପ୍ରସଙ୍ଗ, ପ୍ରଗତି ପ୍ରବାହ ପଠାଯାଉଥିବା ବେଳେ ଆଗାମୀ ଦିନରେ ଏହାକୁ ଅଧିକ ବ୍ୟାପକ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟ ବାହାରେ ବିଚ୍ଛିନ୍ନାଞ୍ଚଳ, ସୀମାନ୍ତ ଓ ଉପାନ୍ତ ଅଞ୍ଚଳର ଐତିହ୍ୟ, କଳା, ସଂସ୍କୃତିର ସୁରକ୍ଷା ତଥା ପ୍ରଚାରପ୍ରସାର ପାଇଁ ଅଧିକ ଆର୍ଥିକ ସହାୟତାର ପ୍ରସ୍ତାବ ଦିଆଯାଇଥିବା ବେଳେ ଏହିସବୁ ଅଞ୍ଚଳର ପାଠାଗାରକୁ ଓଡ଼ିଆ ପୁସ୍ତକ ପଠାଇବା ଉପରେ ଅଗ୍ରାଧିକାର ଦିଆଯାଉଛି। ବୈଠକରେ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଫକୀର ନାୟକ, ଗୌତମବୁଦ୍ଧ ଦାସ, ଗଣେଶ୍ୱର ବେହେରା, ଗୌରୀଶଙ୍କର ମାଝୀ, ନରସିଂହ ମାଡକାମି, ଦୁର୍ଗାଚରଣ ତନ୍ତି, ରଘୁରାମ ମାଛ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ଜିଲ୍ଲାରେ ଶୁକ୍ରବାର ପର୍ଯ୍ୟନ୍ତ ସ୍କୁଲ୍ ବନ୍ଦ

ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ଆଜି ଓ ଆସନ୍ତାକାଲି (୩୦ ଓ ୩୧ ଜୁଲାଇ) ବନ୍ଦ ରହିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବା ପାଇଁ ଜିଲ୍ଲାପାଳ ଅମୃତ ଋତୁରାଜ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ବିଦ୍ୟାଳୟରେ ଉପସ୍ଥିତ ରହିବେ। ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ବିଦ୍ୟାଳୟ କୋଠା ଓ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଦ୍ୟାଳୟଗୁଡ଼ିକ ୨୪ ଘଣ୍ଟା ଖୋଲା ରଖିବା ପାଇଁ ରୋଷ୍ଟର ଡ୍ୟୁଟି ପ୍ରଚଳନ ପାଇଁ ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ତୁରନ୍ତ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ମଧ୍ୟ ଜାରି ହୋଇଛି। ଏଥିସହ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟିକୁ ମଧ୍ୟ ବାତିଲ କରାଯାଇଛି।

## ବନ୍ୟା ପ୍ରଭାବିତ ଜିଲ୍ଲାରେ ଉଦ୍ଧାର କାର୍ଯ୍ୟ ଜାରି



ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ): ଓଡ୍ରାଫ୍, ଏନଡିଆରଏଫ୍ ଓ ଅଗ୍ନିଶମ ବାହିନୀ ପକ୍ଷରୁ ବନ୍ୟା ପ୍ରଭାବିତ ଜିଲ୍ଲାମାନଙ୍କରେ ଆବଶ୍ୟକ ଉଦ୍ଧାର ତଥା ସ୍ଥାନାନ୍ତରଣ କାର୍ଯ୍ୟ ଅବ୍ୟାହତ ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିୟମିତ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା ପୂର୍ବକ ଜନସାଧାରଣଙ୍କ ପ୍ରତିଟି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ସହଯୋଗ ଯୋଗାଇ ଦିଆଯାଉଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ସ୍ୱତନ୍ତ୍ର ସହାୟତା ଆୟୁକ୍ତଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟାଳୟ ସାମ୍ପ୍ରତିକ ପରିସ୍ଥିତିରେ ସୁବ୍ୟବସ୍ଥିତ ମୁକାବିଲା ନିମିତ୍ତ ନିରନ୍ତର ଉଦ୍ୟମରତ ଅଛନ୍ତି। ପ୍ରଶାସନିକ ସ୍ତରରେ ସମ୍ମିଳିତ ପଦକ୍ଷେପ, କ୍ଷେତ୍ର ସ୍ତରରେ କାର୍ଯ୍ୟରତ ଅଧିକାରୀମାନଙ୍କ ନିଷ୍ଠାପର ଦାୟିତ୍ୱ ସମ୍ପାଦନ ଓ ସମସ୍ତ ଆବଶ୍ୟକ ସମ୍ପୃକ୍ତ ସୂଚନା ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରାଇବାରେ ଗଣମାଧ୍ୟମର ତତ୍ପରତା ତଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ଦ୍ୱାରା ସଫଳତାର ସହ ସୁରକ୍ଷିତ ଓଡ଼ିଶା ସୁନିଶ୍ଚିତ କରିବାରେ ନିଶ୍ଚୟ ସଫଳ ହେବା ନେଇ ଦୃଢ଼ୋକ୍ତି ପ୍ରକାଶ ପାଇଛି।

● ମାତିଲେ ସାଇବର ଠକ

## ଯୁବକଙ୍କଠୁ ଠକିନେଲେ ୨ ଲକ୍ଷ



ଆଳି,୩୦।୭(ସଂଚାର ବ୍ୟୁରୋ): ଇଟାଲୀରୁ ୨୫ ଲକ୍ଷ ଟଙ୍କାର ସହାୟତା ଆସିଥିବା କହି ଯୁବକଙ୍କ ଠାରୁ ୨ ଲକ୍ଷ ୫ ହଜାର ଟଙ୍କା ଠକି ନେଇଛନ୍ତି ସାଇବର ଠକ। ଏଭଳି ସାଇବର ଠକେଇର ଶିକାର ହୋଇଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମାନପୁର ଗାଁର ବୀରେନ ବାରିକ୍। ଏନେଇ ସେ ଆଳି ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନାନୁସାରେ, ଗତ ୨୫ ତାରିଖରେ ବୀରେନ ଇନଷ୍ଟାଗ୍ରାମ ଚଲାଉଥିବା ସମୟରେ ହଠାତ ଏକ ଅଜଣା ମୋବାଇଲ ନମ୍ବରରୁ ତାଙ୍କ ପାଖକୁ କଲ ଆସିଥିଲା। ସେପଟୁ ସାଇବର୍ ଠବ କହିଥିଲା ଯେତୁମ ଆକାଉଣ୍ଟକୁ ୨୦ ହଜାର ଡଲାର ଯାଇଛି। ପରେ ପରେ ଅନ୍ୟ ଏକ ମୋବାଇଲ ନମ୍ବରରୁ ବ୍ୟାଙ୍କ ମ୍ୟାନେଜର ଭାବେ ପରିଚୟ ଦେଇ ଜଣେ ବ୍ୟକ୍ତି ବୀରେନଙ୍କ ସହ କଥା ହୋଇଥିଲେ। ୨୦ ହଜାର ଡଲାର ପାଇବା ପାଇଁ ବ୍ୟାଙ୍କର ପ୍ରୋସେସିଂ ଫି' ଦେବାକୁ ପଡ଼ିବ ବୋଲି ସେପଟୁ କୁହାଯିବା ସହ ବୀରେନଙ୍କୁ ଏକ ଆକାଉଣ୍ଟ ନମ୍ବର ଦିଆଯାଇଥିଲା। ସେଥିରେ ବୀରେନ ପ୍ରଥମେ ୭ ହଜାର ଟଙ୍କା ପଠାଇଥିଲେ। ଏହାପରେ ସାଇବର ଠକମାନେ ବିଭିନ୍ନ ଆଳଦେଖାଇ ବୀରେନଙ୍କଠାରୁ ୨ ଲକ୍ଷ ୫ ହଜାର ଟଙ୍କା ଠକେଇ କରିଥିବା ନେଇ ଅଭିଯୋଗ ହୋଇଛି। ଶେଷରେ ବୀରେନ ଠକେଇର ଶିକାର ହୋଇଥିବା ଜାଣିବା ପରେ ଏନେଇ ଆଳି ଥାନାରେ ଏତଲା ଦେଇଛନ୍ତି।

## ନାବାଳିକା ଦୁଷ୍କର୍ମକାରୀଙ୍କୁ ସାଢ଼େ ୪ ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦ୍ରାପଡ଼ା,୩୦।୭(ସଂଚାର ବ୍ୟୁରୋ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ପ୍ରଜ୍ଞାପରମିତା ରାଉଳ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସାଢ଼େ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୬ ହଜାର ଟଙ୍କା ଜରିମାନା ମଧ୍ୟ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୪ ମାସ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି।



ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଥାନା ଅଞ୍ଚଳର ଏକ ଗ୍ରାମରେ ଭାଲୁକୁଣୀ ଭସାଣୀ ଚାଲିଥିଲା। କାଣୀନଦୀ ନିକଟରୁ ଭସାଣୀ ଶେଷ କରି ଘରକୁ ଫେରୁଥିବା ବେଳେ ଗତ ୨୦୨୩ ସେପ୍ଟେମ୍ବର ୨୪ ତାରିଖ ରାତି ୯ଟା ସମୟରେ ଅଭିଯୁକ୍ତ ଚନ୍ଦ୍ରଶେଖର ବଳ ସମ୍ପୃକ୍ତ ନାବାଳିକାଙ୍କୁ ଜୋରଜବରଦସ୍ତି ନିକଟସ୍ଥ ଏକ ଗଛମୂଳକୁ ନେଇ ଦୁଷ୍କର୍ମ କରିଥିଲା। ତେବେ ନାବାଳିକାଙ୍କ ପାଟି ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଚନ୍ଦ୍ରଶେଖର ସେଠାରୁ ଦୌଡ଼ି ପଳାଇଥିଲା। ଗ୍ରାମବାସୀ ଏସମ୍ପର୍କରେ ଅଭିଯୁକ୍ତକୁ ପଚାରିବାରେ ସେ ତାଙ୍କ ପରିବାର ଲୋକ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ପୀଡ଼ିତାଙ୍କ ସମ୍ପର୍କୀୟ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ ୫୮୮/୨୦୨୩ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିଲା। ପୁଲିସ କୋର୍ଟରେ ଚାର୍ଜସିଟ ଦାଖଲ କରିବା ପରେ ଶୁଣାଣି ଆରମ୍ଭ ହୋଇଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି କୋର୍ଟ ଅଭିଯୁକ୍ତ ଚନ୍ଦ୍ରଶେଖର(୪୩)କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନେହରୁ କୁମାର ସାହୁ କୋର୍ଟରେ ମାମଲା ପରିଚାଳନା କରୁଥିଲେ।

## ଲୋଇସିଂହା ଜଳବନ୍ଦୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ



**ସ୍ଥିତି ପରଖିବା ସହ ରନ୍ଧା ଖାଦ୍ୟ ବାଣ୍ଟିଲେ**

ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ): ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ବଲାଙ୍ଗୀର ଲୋଇସିଂହାର ବିଭିନ୍ନ ଅଞ୍ଚଳରେ ଅତ୍ୟଧିକ ବର୍ଷା ଯୋଗୁଁ ଜଳବନ୍ଦୀରେ ପ୍ରଭାବିତ ଗ୍ରାମ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି। ଜଳବନ୍ଦୀ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ଡ. ମହାଲିଙ୍ଗ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

ଗସ୍ତ ସମୟରେ ମନ୍ତ୍ରୀ ଜଳମଗ୍ନ ଅଞ୍ଚଳ ପାଦରେ ଚାଲି ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ। ବିପଦପୂର୍ଣ୍ଣ ପରିସ୍ଥିତି ସତ୍ତ୍ୱେ ସେ ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଦୈନନ୍ଦିନ ସମସ୍ୟା, ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀ ପ୍ରଭାବିତ ଲୋକମାନେ ଯେପରି ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କ ସହ ସର୍ବଦା ଛିଡ଼ା ହୋଇ ରହିଛନ୍ତି ଓ ସେମାନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଗସ୍ତ ସମୟରେ ଉପସ୍ଥିତ ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ମନ୍ତ୍ରୀ ସ୍ଥିତିର ସମୀକ୍ଷା କରିଛନ୍ତି। ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଔଷଧ, ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଏବଂ ରୋଗ ନିରାକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ପୁଇଁତଲା ବ୍ଲକର କୁଳେରବାହାଳୀ, ଲସ୍ତଲା, ଲୋଇସିଂହା ବ୍ଲକର ସେମେଲମୁଣ୍ଡା, ଲୋଇସିଂହା ଏନ୍‌ଏସି, ଆଗଲପୁର ବ୍ଲକର ଢ଼ୁଙ୍ଗୁରିପାଲି, ରଫାଖାଲ, ବିନ୍ଧାପାଲି, କଣ୍ଟିପାଲି, ବାଇଗଣଖାରି ଛକ, ବାବୁଫାସଡ଼, ଲାଟସର ଗାଁ ବୁଲି ଦେଖିଛନ୍ତି। ତାଙ୍କର ଏହି ଗସ୍ତ ବେଳେ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ




ଭୁବନେଶ୍ୱର, ୩୦।୭ (ସଂଚାର ବ୍ୟୁରୋ): ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ବୁଧବାର ଦିନ ଲୋକ ଭବନରେ ଇଣ୍ଡିଆନ ଆଇଡଲ ସିଜନ ୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସଙ୍ଗୀତ କ୍ଷେତ୍ରରେ ପ୍ରଦର୍ଶିତ ଉଲ୍ଲେଖନୀୟ ସଫଳତା ପାଇଁ ଜ୍ୟୋତିର୍ମୟୀଙ୍କୁ ରାଜ୍ୟପାଳ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ଯୁବ ଗାୟିକାଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ପ୍ରତିଭା, ନିଷ୍ଠା ଏବଂ ଅଧ୍ୟବସାୟକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଜ୍ୟୋତିର୍ମୟୀଙ୍କ ସଫଳତା ଓଡ଼ିଶାର ଗୌରବ ବଢ଼ାଇଛି ଏବଂ ଅନେକ ଯୁବପିଢ଼ିଙ୍କୁ ସ୍ୱପ୍ନ ପୂରଣ ପାଇଁ ଦୃଢ଼ ସଂକଳ୍ପ ସହିତ ଆଗେଇ ଯିବାର ପ୍ରେରଣା ପ୍ରଦାନ କରିଛି ବୋଲି ରାଜ୍ୟପାଳ କହିଛନ୍ତି। ଜ୍ୟୋତିର୍ମୟୀଙ୍କ ଏହି ସଫଳତା ଓଡ଼ିଶାର ସମୃଦ୍ଧ ସଙ୍ଗୀତ ପରମ୍ପରାକୁ ପ୍ରତିଫଳିତ କରୁଛି ଏବଂ ଜାତୀୟ ସ୍ତରରେ ରାଜ୍ୟର ପ୍ରତିଭାକୁ ପରିଚିତ କରାଇଛି ବୋଲି ରାଜ୍ୟପାଳ କହିଛନ୍ତି। ଜ୍ୟୋତିର୍ମୟୀ ନିଜ ସଙ୍ଗୀତ ଯାତ୍ରାରେ ଆହୁରି ଉନ୍ନତି କରିବା ସହ ଅନେକ ଆକାଂକ୍ଷୀ କଳାକାରଙ୍କୁ ପ୍ରେରଣା ପ୍ରଦାନ କରିବେ ବୋଲି ରାଜ୍ୟପାଳ ଆଶା ପୋଷଣ କରିଛନ୍ତି।

ରାଜ୍ୟପାଳଙ୍କଠାରୁ ସମ୍ବର୍ଦ୍ଧିତ ହୋଇ ଜ୍ୟୋତିର୍ମୟୀ ରାଜ୍ୟପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସ୍ୱୀକୃତି ତାଙ୍କୁ ଆହୁରି କଠିନ ପରିଶ୍ରମ କରିବାର ପ୍ରେରଣା ଦେଇଛି ଏବଂ ସେ ଅଧିକ ନିଷ୍ଠାର ସହିତ ନିଜର ସଙ୍ଗୀତ ଯାତ୍ରା ଜାରି ରଖିବେ ବୋଲି କହିଛନ୍ତି। ରାଜ୍ୟପାଳ ଜ୍ୟୋତିର୍ମୟୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଏବଂ ଆଶା ପ୍ରକାଶ କରିଛନ୍ତି ଯେ ସେ ସଙ୍ଗୀତ କ୍ଷେତ୍ରରେ ଆହୁରି ଅନେକ ସମ୍ମାନ ଆଣି ଓଡ଼ିଶାର ଗୌରବ ବର୍ଦ୍ଧନ କରିବେ। ଏହି ଅବସରରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ. ରୂପା ରୋଶନ ସାହୁ ମଧ୍ୟ ଉପସ୍ଥିତ ଥିଲେ।

## ବନ୍ୟା ମୁକାବିଲା ପାଇଁ ଜଳ ସମ୍ପଦ ବିଭାଗ ପ୍ରସ୍ତୁତ



ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ): ନଦୀ ଓ ବନ୍ୟା ନିୟନ୍ତ୍ରଣ ଭିତ୍ତିଭୂମିର ନିରନ୍ତର ତଦାରଖ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ କ୍ଷେତ୍ରସ୍ତରୀୟ ପ୍ରସ୍ତୁତିକୁ ଆହୁରି ଜୋରଦାର କରାଯାଇଛି। ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟରତ ଥିବାବେଳେ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ନିରନ୍ତର ନଜର ରଖିବା ଓ ଆବଶ୍ୟକ ସ୍ଥଳରେ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଅତିରିକ୍ତ ଅଧିକାରୀମାନଙ୍କୁ ମୁତୟନ କରାଯାଇଛି। ବରିଷ୍ଠ କ୍ଷେତ୍ର ଯନ୍ତ୍ରୀମାନେ ନଦୀ, ବନ୍ଧ ଓ ଅନ୍ୟାନ୍ୟ ବନ୍ୟା ସୁରକ୍ଷା ଭିତ୍ତିଭୂମି ଉପରେ ନିରନ୍ତର ନଜର ରଖିଛନ୍ତି। ପ୍ରସ୍ତୁତି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ କ୍ଷୁଦ୍ର ଜଳସେଚନ, ମେଗା ଲିଫ୍ଟ ଜଳସେଚନ, କ୍ୱାଲିଟି ଆସୁରାନ୍ସ ଏବଂ ସର୍ଭେ ଓ ଇନଭେଷ୍ଟିଗେସନ୍ ଶାଖାର ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନଙ୍କୁ କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ଆବଶ୍ୟକ ସ୍ଥଳେ ସ୍ୱଳ୍ପ ସମୟର ସୂଚନାରେ ସେମାନେ ତୁରନ୍ତ କ୍ଷେତ୍ରକୁ ଯାଇ ଦାୟିତ୍ୱ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି।

ଏହି ପରିପ୍ରେକ୍ଷୀରେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ବେସିନ୍ ସିଷ୍ଟମ୍‌ର ମୁଖ୍ୟ ଯନ୍ତ୍ରୀ ଆଳି ବ୍ଲକ ଅଧୀନସ୍ଥ ଗୋବିନ୍ଦପୁର ମହାଦେବ ମନ୍ଦିର ନିକଟସ୍ଥ ଖରସୁଆଁ ନଦୀର ଓଏଇ-୯ବି ପାଣି ଉଛୁଳିଥିବା ସ୍ଥାନର ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି। ସେହି ପାଣି ଉଛୁଳିଥିବା ସ୍ଥାନରେ ବାଲିବସ୍ତା ପକାଇ ଜଳ ପ୍ରବାହକୁ ନିୟନ୍ତ୍ରଣ କରାଯାଇଥିବା ବେଳେ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ସ୍ଥଳେ ତୁରନ୍ତ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ଯନ୍ତ୍ରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



## ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅଦାନୀ ଗ୍ରୁପ୍ ପ୍ରତିନିଧି

**ଅକ୍ଷୟ ଶକ୍ତି କ୍ଷେତ୍ରରେ ନିବେଶ ପାଇଁ ଆଗ୍ରହ**

ଭୁବନେଶ୍ୱର, ୩୦।୭ (ସଂଚାର ବ୍ୟୁରୋ): ଆଜି ଅଦାନୀ ଗ୍ରୁପ୍‌ର ପ୍ରତିନିଧିମାନେ ଖାରବେଳ ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଏକ ବିସ୍ତୃତ ଉପସ୍ଥାପନ କରିବା ସହ ରାଜ୍ୟର ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ୧.୫ ଲକ୍ଷ କୋଟିର ବୃହତ୍ ପୁଞ୍ଜିନିବେଶ ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଏହି ନିବେଶ ପଦକ୍ଷେପର ଅଂଶସ୍ୱରୂପ ବିଶ୍ୱସନୀୟ ଏବଂ କମ୍-ନିର୍ଗମନ ବିଶିଷ୍ଟ ବେସଲୋଡ୍ ଶକ୍ତି ଯୋଗାଇବା ପାଇଁ ଅଦାନୀ ଗ୍ରୁପ୍ ଦୁଇଟି ୩ ହଜାର ମେଗାୱାଟ୍‌ର ପରମାଣୁ ବିଦ୍ୟୁତ୍ ପ୍ରକଳ୍ପ, ୨,୪୦୦ ମେଗାୱାଟ୍‌ର ୟୁଏସ୍‌ସି ଥର୍ମାଲ୍ ପାୱାର୍ ପ୍ଲାଣ୍ଟ ଏବଂ ପମ୍ପଡ୍ ଷ୍ଟୋରେଜ୍ ପ୍ରୋଜେକ୍ଟ ସ୍ଥାପନ ସକାଶେ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଛି। ଗ୍ରୁପ୍ ପକ୍ଷରୁ ଓଡ଼ିଶାର ନୟାଗଡ଼ ଜିଲ୍ଲାରେ ୧.୮୦ ଗିଗାୱାଟ୍‌ର ଏକ ପମ୍ପଡ ଷ୍ଟୋରେଜ ପ୍ରକଳ୍ପ ବିକଶିତ କରାଯାଉଛି। ଶାନ୍ତି ଆକ୍ଟ ୨୦୨୫ର ଉପଯୋଗ କରି ଓଡ଼ିଶାର ବିଦ୍ୟୁତ୍ ଉତ୍ପାଦନ କ୍ଷମତାକୁ ବହୁ ପରିମାଣରେ ବୃଦ୍ଧି କରିବା ସହ ଆକଳନ ଅନୁଯାୟୀ ୨୨ ହଜାରରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ଆଲୋଚନାରେ ଅଦାନୀ ପାୱାର ଲିମିଟେଡ୍‌ର ପ୍ରତିନିଧି, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ ଓ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ଓପିଜିସି, ଓଏଚପିସି, ଗ୍ରୀଡ୍‌କୋ ଆଦିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ରାଜ୍ୟରେ ବନ୍ୟା ଓ ଜଳବନ୍ଦୀ ସ୍ଥିତି

## ସହରାଞ୍ଚଳରେ ଜଳ ନିଷ୍କାସନ ଓ ରିଲିଫ୍ କାର୍ଯ୍ୟ ପାଇଁ ବିଭାଗ ଆଲର୍ଟ

**ଅଧିକାରୀଙ୍କ ଛୁଟି ବାତିଲ; ୨୪ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ସଜାଗ**

ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ଅଞ୍ଚଳରେ, ବିଶେଷକରି ଉତ୍ତର ଓଡ଼ିଶା ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ଓ ଜଳ ବନ୍ଦି ସ୍ଥିତିର ମୁକାବିଲା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବ୍ୟାପକ ଓ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ସହରାଞ୍ଚଳରେ ଲୋକଙ୍କ ସୁରକ୍ଷା, ଜଳ ନିଷ୍କାସନ ଓ ଆବଶ୍ୟକ ରିଲିଫ୍ ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ ପ୍ରବଳ ବର୍ଷା ଯୋଗୁଁ କେତେକ ସହରାଞ୍ଚଳରେ ସ୍ୱାଭାବିକ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ସୃଷ୍ଟି ହେବାରୁ ଜଳବନ୍ଦୀ ସ୍ଥିତି ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ସହରାଞ୍ଚଳରେ ତୁରନ୍ତ ଜଳ ନିଷ୍କାସନ, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ସ୍ଥିତି ଉପରେ ୨୪ଘଣ୍ଟିଆ ନଜର ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାମ୍ପ୍ରତିକ ପରିସ୍ଥିତିକୁ ଗୁରୁତ୍ୱର ସହ ନେଇ ନଗର ଉନ୍ନୟନ ବିଭାଗ ଅଧୀନସ୍ଥ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି। ସମସ୍ତ ଅଧିକାରୀ ୨୪ଘଣ୍ଟିଆ ଆଲର୍ଟରେ ରହିବା ସହ ନିଜ ନିଜ ଅଞ୍ଚଳର ସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି। ବିଭାଗୀୟ କଣ୍ଟ୍ରୋଲ୍ ରୁମ୍ ଜରିଆରେ ବିଭିନ୍ନ ସହରାଞ୍ଚଳର ସ୍ଥିତିକୁ ନିୟମିତ ମନିଟରିଂ କରାଯାଉଛି ଓ ଆବଶ୍ୟକତା ଅନୁଯାୟୀ ତୁରନ୍ତ ସହାୟତା ପଠାଯାଉଛି। ଜଳମଗ୍ନ ଅଞ୍ଚଳଗୁଡ଼ିକରେ ଅତିରିକ୍ତ ପମ୍ପସେଟ୍ ନିୟୋଜନ କରି ଯୁଦ୍ଧକାଳୀନ ଭିତ୍ତିରେ ଜଳ ନିଷ୍କାସନ କରାଯାଉଛି। ସହରାଞ୍ଚଳର ମୁଖ୍ୟ ରାସ୍ତା, ଆବାସିକ ଅଞ୍ଚଳ ଓ ଅନ୍ୟାନ୍ୟ ଜଳମଗ୍ନ ସ୍ଥାନରୁ ଯଥାଶୀଘ୍ର ପାଣି ହଟାଇବା ପାଇଁ ୟୁଏଲ୍‌ବିଗୁଡ଼ିକରେ ଆବଶ୍ୟକ ଯନ୍ତ୍ରପାତି ଓ ମାନବ ସମ୍ବଳ ନିୟୋଜନ କରିବାକୁ କୁହାଯାଇଛି।

ସରକାରୀ ବିଦ୍ୟାଳୟରେ ପ୍ରତିଷ୍ଠା ହେବ 'ଏଆଇ ଇନୋଭେସନ୍ ଓ ସ୍କିଲିଂ ହବ୍'

## ଭଦ୍ରକ ଜିଲ୍ଲା ପ୍ରଶାସନ-ୱାନ୍ ଫ୍ୟୁଚର୍ ଫାଉଣ୍ଡେସନ୍ ଚୁକ୍ତି



ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ): ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଆଧୁନିକ କରିବା ଓ ଗ୍ରାମାଞ୍ଚଳ ବିଦ୍ୟାଳୟଗୁଡ଼ିକରେ ଡିଜିଟାଲ୍ ସୁବିଧା ପହଞ୍ଚାଇବା ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଭୁବନେଶ୍ୱରସ୍ଥିତ ୱାନ୍ ଫ୍ୟୁଚର୍ ଫାଉଣ୍ଡେସନ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ଏହି ୫ବର୍ଷିଆ ଭାଗିଦାରୀ ମାଧ୍ୟମରେ ଭଦ୍ରକ ଜିଲ୍ଲାର ମନୋନୀତ ସରକାରୀ ବିଦ୍ୟାଳୟଗୁଡ଼ିକରେ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଇନୋଭେସନ୍ ଓ ସ୍କିଲିଂ ହବ୍' ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ବ୍ୟାବହାରିକ ପାଠ ପଢ଼ିବା ସହ ନୂଆ ବୈଷୟିକ ଜ୍ଞାନକୌଶଳ ଶିଖିପାରିବେ।

ଭଦ୍ରକ ଜିଲ୍ଲାପାଳଙ୍କ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ୱାନ୍ ଫ୍ୟୁଚର୍ ଫାଉଣ୍ଡେସନର ନିର୍ଦ୍ଦେଶକ ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ପଦକ୍ଷେପ ଜାତୀୟ ଶିକ୍ଷା ନୀତି ୨୦୨୦, ଡିଜିଟାଲ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ, ପିଏମ୍ ଶ୍ରୀ ବିଦ୍ୟାଳୟ ଯୋଜନା, ଓଡ଼ିଶାର ଡିଜିଟାଲ୍ ଶିକ୍ଷା ଲକ୍ଷ୍ୟ ଓ ଜାତିସଂଘର ଗୁଣାତ୍ମକ ଶିକ୍ଷା ଲକ୍ଷ୍ୟ ସହ ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ରଖୁଛି। ଏହି ଅବସରରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର କହିଛନ୍ତି ଯେ ଏହି ୫ ବର୍ଷର ମିଳିତ ଉଦ୍ୟମ ଆମ ଜିଲ୍ଲାର ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କୁ ଏଆଇ, ରୋବୋଟିକ୍ସ, କୋଡିଂ ଓ ଆଇଓଟି ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ କରିବ। ଏହାଦ୍ୱାରା ଏହି ଅଞ୍ଚଳର ଭବିଷ୍ୟତ ପାଇଁ ଏକ ଦକ୍ଷ ଡିଜିଟାଲ୍ ପିଢ଼ି ତିଆରି ହୋଇପାରିବେ ବୋଲି ବିଧାୟକ କହିଛନ୍ତି। ସେହିପରି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ କହିଛନ୍ତି ଯେ ଆଜିକାଲି ଏଆଇ, ରୋବୋଟିକ୍ସ ଓ ଡାଟା ସାଇନ୍ସ ଭଳି ବିଷୟ ସାରା ବିଶ୍ୱରେ କାମ କରିବାର ଶୈଳୀକୁ ବଦଳାଇ ଦେଉଛି। ଏହି ମିଳିତ ସହଯୋଗିତା ମାଧ୍ୟମରେ ଭଦ୍ରକ ଜିଲ୍ଲା, ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ନୂଆ ପ୍ରଯୁକ୍ତିବିଦ୍ୟା ଯୋଡ଼ିବାରେ ଆଗୁଆ ହେବ ଏବଂ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବି ସମାନ ସୁଯୋଗ ପାଇପାରିବେ।

ଏହାଛଡ଼ା ୱାନ୍ ଫ୍ୟୁଚର୍ ଫାଉଣ୍ଡେସନର ମୁଖ୍ୟ ପରାମର୍ଶଦାତା ଶାରଦା ପ୍ରସାଦ ପଣ୍ଡା କହିଛନ୍ତି ଯେ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂଆ ଚିନ୍ତାଧାରା ଓ ସମସ୍ୟା ସମାଧାନ କରିବାର ଦକ୍ଷତା ବଢ଼ାଇବା ଆମର ମୁଖ୍ୟ ଲକ୍ଷ୍ୟ। ଜିଲ୍ଲା ପ୍ରଶାସନ ସହ ମିଶି କାମ କରିବା ଦ୍ୱାରା ଆମେ ଗ୍ରାମାଞ୍ଚଳରେ ଅତ୍ୟାଧୁନିକ ଶିକ୍ଷା ପହଞ୍ଚାଇ ପାରିବା ଓ ଭବିଷ୍ୟତର ନୂଆ ନେତା ଗଢ଼ିପାରିବା। ଚୁକ୍ତିପତ୍ର ସ୍ୱାକ୍ଷର ସମୟରେ ଜିଲ୍ଲା ପ୍ରଶାସନର ପ୍ରମୁଖ ସରକାରୀ ଅଧିକାରୀ ଓ ୱାନ୍ ଫ୍ୟୁଚର୍ ଫାଉଣ୍ଡେସନର ପ୍ରତିନିଧି ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ୟୁଏଇରେ ଭାରତୀୟଙ୍କ ଲାଗି ବଡ଼ ସୁବିଧା

# ବୁକ୍ କରିହେବ ବୁର୍ଜ ଖଲିଫା 'ଆଟ୍ ଦି ଟପ୍' ଟିକେଟ୍




ନୂଆଦିଲ୍ଲୀ,୩୦।୭ଃ ଏବେ ବିଶ୍ୱର ସବୁଠୁ ଉଚ୍ଚା ଭବନ ବୁର୍ଜ ଖଲିଫାର ପ୍ରସିଦ୍ଧ 'ଆଟ୍ ଦି ଟପ୍' ଅନୁଭବର ଅନଲାଇନ୍ ଟିକେଟ୍ ବୁକିଂ ୟୁନିଫାଏଡ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ମାଧ୍ୟମରେ କରାଯାଇ ପାରିବ। ଏଣୁ ଏହି ଖବର ୟୁନାଇଟେଡ ଆରବ ଏମିରେଟ୍ (ୟୁଏଇ) ବୁଲିଯିବାକୁ ଯୋଜନା କରିଥିବା ଭାରତୀୟଙ୍କ ଲାଗି ଆଶ୍ୱସ୍ତି ଆଣିଦେଇପାରେ। ଏହା ସହିତ ବୁର୍ଜଖଲିଫା ୟୁଏଇର ପ୍ରଥମ ଏପରି ପର୍ଯ୍ୟଟନ ଆକର୍ଷଣ ପାଲଟିଛି ଯିଏ ଇ-କମର୍ସ ଟ୍ରାଞ୍ଜାକ୍ସନ ଲାଗି ୟୁପିଆଇ ପୈଠ ଆରମ୍ଭ କରିଛି। ନ୍ୟାସନାଲ ପେମେଣ୍ଟସ୍ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ)ର ଅନ୍ତର୍ଜାତୀୟ ଶାଖା ଏନପିସିଆଇ ଇଣ୍ଟରନ୍ୟାସନାଲ ପେମେଣ୍ଟସ୍ ଲିମିଟେଡ (ଏନଆଇପିଏଲ) କହିଛନ୍ତି ଯେ ଏହି ସୁବିଧା ନିଓ ପେ ଏବଂ ଏମାର ଏଣ୍ଟରଟେନମେଣ୍ଟ ସହଯୋଗରେ ଆରମ୍ଭ କରାଯାଇଛି। ଏଣୁ ଏବେ ଭାରତୀୟ ଯାତ୍ରୀ ୟୁଏଇ ପହଞ୍ଚିବା ପୂର୍ବରୁ ବୁର୍ଜ ଖଲିଫାର ଅଧିକାରୀକ ୱେବସାଇଟ୍ କୁ ଯାଇ ନିଜ ପସନ୍ଦର ୟୁପିଆଇ ଆପ୍ ମାଧ୍ୟମରେ ଟିକେଟ୍ ଓ ଅନ୍ୟ ଅନୁଭବର ବୁକିଂ କରିପାରିବେ। ଏହା ପୂର୍ବରୁ ଭାରତୀୟ ପର୍ଯ୍ୟଟକ ୟୁଏଇରେ କ୍ୟୁଆର କୋଡ ମାଧ୍ୟମରେ ଅଫଲାଇନ ୟୁପିଆଇ ପୈଠ କରୁଥିଲେ। ହେଲେ ଏବେ ପ୍ରଥମ ଥର ଅନଲାଇନ ଟିକେଟ୍ ବୁକିଂରେ ମଧ୍ୟ ଏହି ସୁବିଧା ଉପଲବ୍ଧ କରାଯାଇଛି। ଏହି ପଦକ୍ଷେପ ଯୋଗୁ ଭାରତ ଓ ୟୁଏଇ ମଧ୍ୟରେ ଡିଜିଟାଲ ପୈଠ ବ୍ୟବସ୍ଥା ଆହୁରି ବି ମଜଭୁତ ହେବ ବୋଲି ଆଶା କରାଯାଉଛି। ଏନପିସିଆଇର ଅନ୍ତର୍ଜାତୀୟ ଶାଖା ଏନଆଇପିଏଲ କହିଛି ଯେ ଏହି ନୂଆ ସୁବିଧା ଏନଆଇପିଏଲ ଏବଂ ନିଓ ପେ ମଧ୍ୟରେ ପୂର୍ବରୁ ଚଳି ଆସୁଥିବା ଭାଗିଦାରୀର ସମ୍ପ୍ରସାରଣ।

୨୦୨୨ ମସିହାରେ ପ୍ରଥମ ଥର ୟୁଏଇରେ କ୍ୟୁଆର କୋଡ ମାଧ୍ୟମରେ ୟୁପିଆଇ ପେମେଣ୍ଟ ଆରମ୍ଭ ହୋଇଥିଲା। ସେବେଠାରୁ ଭାରତୀୟ ଯାତ୍ରୀ ନିଓ ପେ ନେଟୱାର୍କ ସହ ଜଡିତ ଦୋକାନୀଙ୍କ ନିକଟରେ ୟୁପିଆଇ ପେମେଣ୍ଟ କରି ଆସୁଥିଲେ। ଏବେ ଏହି ନୂଆ ସୁବିଧାରେ ୟୁପିଆଇ ଉପଯୋଗ ଅନଲାଇନ ବୁକିଂ ଲାଗି ମଧ୍ୟ କରାଯାଇ ପାରିବ।

## ଜୁନ ମାସରେ ଦେଶରେ ସର୍ବାଧିକ ସକ୍ରିୟ ମୋାଇଲ୍ ଉପଭୋକ୍ତା ଯୋଡ଼ିଛି ଜିଓଃ ଟ୍ରାଇ ରିପୋର୍ଟ

ନୂଆଦିଲ୍ଲୀ,୩୦।୭ଃରିଲାଏନ୍ସ ଜିଓ ଜୁନ୍ ମାସରେ ସକ୍ରିୟ ମୋବାଇଲ୍ ଉପଭୋକ୍ତା ଯୋଡ଼ିବାରେ ଆଗୁଆ ରହିଛି। ଟ୍ରାଇ ତଥ୍ୟ ଅନୁଯାୟୀ, କମ୍ପାନୀ ଜୁନ ମାସରେ ଦେଶରେ ୩୩.୩ ଲକ୍ଷ ସକ୍ରିୟ ବା ଭିଏଲଆର ଉପଭୋକ୍ତା ଯୋଡ଼ିଛି। ଏହା ଜିଓର ସକ୍ରିୟ ମୋବାଇଲ୍ ଉପଭୋକ୍ତା ସଂଖ୍ୟାକୁ ୪୯.୮୯ କୋଟିକୁ ବୃଦ୍ଧି କରିଛି। ଜିଓ ବର୍ତ୍ତମାନ ଦେଶର ମୋଟ ୧୨୦.୧୧ କୋଟି ସକ୍ରିୟ ମୋବାଇଲ୍ ଉପଭୋକ୍ତାଙ୍କ ମଧ୍ୟରୁ ପ୍ରାୟ ୪୧.୫ ପ୍ରତିଶତ ବଜାର ଅଂଶ ହାସଲ କରିଛି।

ଜିଓ ଜୁନ୍ ମାସରେ ମୋଟ ୨୧.୫ ଲକ୍ଷ ନୂତନ ମୋବାଇଲ୍ ଉପଭୋକ୍ତା ଯୋଡ଼ିଛି, ଯାହା ଫଳରେ ଏହାର ମୋଟ ମୋବାଇଲ୍ ଉପଭୋକ୍ତା ସଂଖ୍ୟା ୫୦.୩୬ କୋଟିକୁ ବୃଦ୍ଧିପାଇ ବୃଦ୍ଧିପାଇଛି। କମ୍ପାନୀ ୩୯.୩ ପ୍ରତିଶତ ଉପଭୋକ୍ତା ବଜାର ଅଂଶ ସହିତ ଦେଶର ସର୍ବବୃହତ ମୋବାଇଲ୍ ଅପରେଟର ଭାବରେ ଜୟଯାତ୍ରା ଜାରି ରଖିଛି। ସକ୍ରିୟ ଗ୍ରାହକ ସଂଖ୍ୟା ଦୃଷ୍ଟିରୁ, ଜିଓ ପଛକୁ ଭାରତୀ ଏୟାରଟେଲ୍ ୨୯.୩ ଲକ୍ଷ ଉପଭୋକ୍ତା ଯୋଡ଼ିଥିବା ବେଳେ ଭୋଡାଫୋନ୍ ଆଇଡିଆ ଓ ବିଏସଏନଏଲର ସକ୍ରିୟ ଗ୍ରାହକ ଆଧାର ହ୍ରାସ ପାଇଛି। ଜିଓ ମଧ ଫିକ୍ସଡ଼ ଲାଇନ୍ ସେବାରେ ଶୀର୍ଷ ସ୍ଥାନ ହାସଲ କରିଛି। ଜୁନ୍ ମାସରେ, କମ୍ପାନୀ ପ୍ରାୟ ୧.୪୪ ଲକ୍ଷ ନୂତନ ଜିଓଫାଇବର ବା ଫିକ୍ସଡ଼ ଲାଇନ୍ ସଂଯୋଗ ଯୋଡିଛି, ଯାହା ଏହାର ମୋଟ ୱାୟାରଲାଇନ୍ ଗ୍ରାହକ ସଂଖ୍ୟାକୁ ଏକ କୋଟି ୫୬ ଲକ୍ଷରେ ପହଞ୍ଚାଇଛି। ଏହି କ୍ଷେତ୍ରରେ ଜିଓର ବଜାର ଅଂଶ ୩୨.୭ ପ୍ରତିଶତ ରହିଛି।

୫ଜି ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ସେବା କ୍ଷେତ୍ରରେ ଜିଓର ଗ୍ରାହକ ସଂଖ୍ୟା ୯୧.୧୪ ଲକ୍ଷରେ ପହଞ୍ଚିଛି, ଯାହା ଦେଶର ମୋଟ ୫ଜି ଏଫଡବ୍ଲୁଏ ଗ୍ରାହକଙ୍କ ୭୦.୫ ପ୍ରତିଶତ ଅଟେ। ଜୁନ୍ ମାସରେ କମ୍ପାନୀ ପ୍ରାୟ ୧.୪୬ ଲକ୍ଷ ନୂତନ ୫ଜି ଏଫଡବ୍ଲୁଏ ଗ୍ରାହକ ଯୋଡିଛି। ଜିଓ ଦେଶର ଏକମାତ୍ର କମ୍ପାନୀ ଭାବରେ ୟୁବିଆର-ଆଧାରିତ ଫିକ୍ସଡ ୱାୟାରଲେସ୍ ସେବା ପ୍ରଦାନ କରୁଛି ଏବଂ ଏହି କ୍ଷେତ୍ରରେ ଜିଓର ୪୯.୩୪ ଲକ୍ଷ ଗ୍ରାହକ ରହିଛନ୍ତି। ଟ୍ରାଇ ତଥ୍ୟ ଅନୁଯାୟୀ, ଜୁନ୍ ଶେଷ ସୁଦ୍ଧା ଦେଶର ମୋଟ ଦୂରସଞ୍ଚାର ଗ୍ରାହକ ସଂଖ୍ୟା ପ୍ରାୟ ୧୩୪.୮ କୋଟିକୁ ବୃଦ୍ଧି ପାଇଛି।




## ଆମେରିକାରୁ ଭାରତ କିଣିବ ୨୫% ଏଲ୍‌ପିଜି!




ନୂଆଦିଲ୍ଲୀ,୩୦।୭ଃ ଆମେରିକା ଚାପରେ ହେଉ କିମ୍ବା ବ୍ୟବସାୟରେ ବିବିଧକରଣ ନୀତିରେ, ଭାରତ ଏବେ ୱାଶିଂଟନ ଠାରୁ ଏଲ୍ପିଜି ଗ୍ୟାସ କିଣିବାକୁ ଯୋଜନା କରୁଛି। ଭାରତ ୨୦୨୭ ମସିହାରୁ ନିଜର ମୋଟ ଏଲପିଜି ଆମଦାନୀର ପ୍ରାୟ ଏକ ଚତୁର୍ଥାଂଶ (୨୫%) ଆମେରିକାରୁ କିଣିବାକୁ ଯୋଜନା କରୁଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ପଶ୍ଚିମ ଏସିଆ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହ ୱାଶିଂଟନ ସହ ଦୀର୍ଘଦିନ ଧରି ଅପେକ୍ଷାରତ ବାଣିଜ୍ୟ ଚୁକ୍ତି ସମ୍ପନ୍ନ କରିବାରେ ସହାୟତା ପୂର୍ବକ ଭାରତ ଏହି ଡିଲ୍ କରିବ ବୋଲି ମାମଲା ସହ ଜଡିତ ତିନିଜଣ ବ୍ୟକ୍ତି ରଏଟର୍ସକୁ ସୂଚନା ଦେଇଛନ୍ତି। ସେହି ଆଧାରରେ ବିଭିନ୍ନ ମିଡିଆରେ ଖବର ପ୍ରକାଶ ପାଇଛି।

ଚଳିତ ବର୍ଷ ଇରାନ ଯୁଦ୍ଧ ଏବଂ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଫଳରେ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଏହାପରେ ଭାରତ ଚଳିତ ବର୍ଷର ସବୁଠାରୁ ବଡ଼ ଏଲପିଜି ସଙ୍କଟର ସମ୍ମୁଖୀନ ହୋଇଥିଲା। ପରିସ୍ଥିତିକୁ ସମ୍ଭାଳିବା ପାଇଁ ସରକାର ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରି ଶିଳ୍ପ କ୍ଷେତ୍ରରେ ବ୍ୟବହୃତ ପେଟ୍ରୋକେମିକାଲ ଫିଡଷ୍ଟକ୍କୁ ଘରୋଇ ବ୍ୟବହାର ପାଇଁ ଏଲପିଜି ଯୋଗାଣରେ ସ୍ଥାନାନ୍ତର କରିଥିଲେ। ଭାରତର ଅଧିକାଂଶ ପରିବାର ରୋଷେଇ ଗ୍ୟାସ ଭାବେ ଏଲପିଜି ବ୍ୟବହାର କରନ୍ତି। ତେଣୁ ଏଥିରେ ରେଷ୍ଟୁରାଣ୍ଟ ଶିଳ୍ପ ପ୍ରଭାବିତ ହୋଇଥିଲା।

ସରକାରୀ ତଥ୍ୟ ଅନୁଯାୟୀ, ବିଶ୍ୱର ତୃତୀୟ ବୃହତ୍ ତୈଳ ଆମଦାନୀକାରୀ ଓ ଉପଭୋକ୍ତା ଭାରତ ୨୦୨୫ରେ ମୋଟ ୨୧.୮୫ ମିଲିୟନ ମେଟ୍ରିକ୍ ଟନ ଏଲପିଜି ଆମଦାନୀ କରିଥିଲା। ଏହାର ପ୍ରାୟ ୯୦ ପ୍ରତିଶତ ପଶ୍ଚିମ ଏସିଆରୁ ଆସିଥିଲା। ସେହିପରି, ଭାରତର ମୋଟ ଏଲପିଜି ବ୍ୟବହାରର ପ୍ରାୟ ୬୬ ପ୍ରତିଶତ ଆମଦାନୀ ଉପରେ ନିର୍ଭରଶୀଳ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ସରକାରୀ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ (ଆଇଓସି), ଭାରତ ପେଟ୍ରୋଲିୟମ କର୍ପୋରେସନ୍ (ବିପିସିଏଲ) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ୍ (ଏଚପିସିଏଲ) ଆସନ୍ତା ଏକରୁ ଦୁଇ ମାସ ମଧ୍ୟରେ ୨୦୨୭ ପାଇଁ ଆମେରିକାରୁ ଏଲପିଜି ଯୋଗାଣ ନେବାକୁ ଟେଣ୍ଡର ଜାରି କରିବେ। ଏହାସହ କମ୍ପାନୀଗୁଡ଼ିକର ଏକ ପ୍ରତିନିଧି ଦଳ ଆସନ୍ତା ମାସରେ ଆମେରିକା ଗସ୍ତ କରି ସେଠାରୁ ଏଲପିଜି କ୍ରୟ ନେଇ ଆଲୋଚନା କରିବାର ସମ୍ଭାବନା ରହିଛି। ଏହି ପ୍ରସଙ୍ଗରେ ମତାମତ ଜାଣିବା ପାଇଁ ରଏଟର୍ସ ପକ୍ଷରୁ ପଠାଯାଇଥିବା ଇ-ମେଲର କୌଣସି ଉତ୍ତର ତୈଳ ମନ୍ତ୍ରଣାଳୟ, ଆଇଓସି, ବିପିସିଏଲ, ଏଚପିସିଏଲ ପକ୍ଷରୁ ମିଳିନଥିବା କହିଛି ଅନ୍ତର୍ଜାତୀୟ ମିଡିଆ ସଂସ୍ଥା। ଆମେରିକାରୁ ଅଧିକ ପରିମାଣରେ ଇନ୍ଧନ କ୍ରୟ କରିବା ଫଳରେ ୱାଶିଂଟନ ସହ ଭାରତର ବାଣିଜ୍ୟ ସନ୍ତୁଳନରେ ସୁଧାର ଆସିପାରେ। ଯାହା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ପ୍ରମୁଖ ଦାବି ରହିଛି। ଭାରତ ଆସନ୍ତା ତିନିରୁ ଚାରି ମାସ ମଧ୍ୟରେ ଆମେରିକା ସହ ବହୁ ପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତି ସମ୍ପନ୍ନ କରିବାକୁ ଉଦ୍ୟମ କରୁଛି। ତେଣୁ ଦେଶ ଏହି ନିଷ୍ପତ୍ତି ନେଇପାରେ ବୋଲି କୁହାଯାଉଛି। ଭାରତ ନିକଟ ଭବିଷ୍ୟତରେ ଆମେରିକାରୁ ଏନର୍ଜି କ୍ରୟକୁ ୧୦ ବିଲିୟନ ଡଲାରରୁ ବଢ଼ାଇ ୨୫ ବିଲିୟନ ଡଲାର କରିବାକୁ ପ୍ରତିଶ୍ରୁତି ଦେଇଛି। ଉଭୟ ଦେଶ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫୦୦ ବିଲିୟନ ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ମଧ୍ୟ ଧାର୍ଯ୍ୟ କରିଛନ୍ତି।

ପଶ୍ଚିମ ଏସିଆରୁ କମ୍ ଯୋଗାଣକୁ ପୂରଣ କରିବା ପାଇଁ ଭାରତ ଆମେରିକା ଓ ଅନ୍ୟ ଦେଶରୁ ସ୍ପଟ୍ ମାର୍କେଟରେ ଏଲପିଜି କ୍ରୟ ବଢ଼ାଇଛି। ସୂତ୍ରମାନଙ୍କ କହିବା ଅନୁଯାୟୀ, ଜୁନ୍ ମାସରେ ପ୍ରଥମ ଥର ପାଇଁ ଆମେରିକାରୁ ଏଲପିଜି ଆମଦାନୀ ୧୦ ଲକ୍ଷ ଟନ୍ ଅତିକ୍ରମ କରିଥିଲା। ଏହାସହ ୨୦୨୬ ପାଇଁ ବାର୍ଷିକ ଚୁକ୍ତି ଅନୁଯାୟୀ ଧାର୍ଯ୍ୟ ୨.୨ ମିଲିୟନ ଟନ୍ ଲକ୍ଷ୍ୟକୁ ମଧ୍ୟ ଅତିକ୍ରମ କରିପାରେ। ସେପଟେ ସରକାରଙ୍କ ପ୍ରାଥମିକ ତଥ୍ୟ ଅନୁଯାୟୀ, ପଶ୍ଚିମ ଏସିଆରୁ ଯୋଗାଣ କମିବା ଫଳରେ ଜାନୁଆରୀରୁ ଜୁନ୍ ୨୦୨୬ ମଧ୍ୟରେ ଭାରତର ଏଲିପିଜି ବ୍ୟବହାର ପ୍ରାୟ ୧୪.୭ ମିଲିୟନ ଟନ୍କୁ ଖସି ଆସିଛି, ଯାହା ପୂର୍ବବର୍ଷ ତୁଳନାରେ ପ୍ରାୟ ୮ ପ୍ରତିଶତ କମ୍। ଏହି ସମୟରେ ଏଲପିଜି ଆମଦାନୀ ପ୍ରାୟ ୨୮ ପ୍ରତିଶତ ହ୍ରାସ ପାଇ ୭.୫ ମିଲିୟନ ଟନ୍ ହୋଇଛି। ସୂତ୍ର ଅନୁଯାୟୀ, ୨୦୨୬ରେ କମ୍ ଯୋଗାଣ କାରଣରୁ ଭାରତର ଏଲପିଜି ବ୍ୟବହାର ପ୍ରାୟ ୩୦ ମିଲିୟନ ଟନ୍କୁ ଖସିପାରେ। କିନ୍ତୁ ୨୦୨୭ରେ ଚାହିଦା ବଢ଼ି ପ୍ରାୟ ୩୧ ମିଲିୟନ ଟନ୍ରେ ପହଞ୍ଚିପାରେ। ଏହା ସହିତ ଏଲପିଜି ଆମଦାନୀ ପ୍ରାୟ ୨୦ ମିଲିୟନ ଟନ୍ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ।

## ଲକ୍ଷ୍ମୀ ଯୋଜନାଃ ପ୍ରତି ମାସରେ ମିଳିବ ୨୫୦୦ଟଙ୍କା



ନୂଆଦିଲ୍ଲୀ,୩୦।୭ଃ ସାଧାରଣତଃ ଆମକୁ ଟଙ୍କା ମିଳିଲେ ଆମେ ତାହା ଖର୍ଚ୍ଚ କରିଦେଇଥାଉ, କିନ୍ତୁ କିଛି ଟଙ୍କା ଯଦି ଆର.ଡି. (ଆରଡି) ରେ ନିବେଶ କରାଯାଏ, ତେବେ ଅନେକ ଗୁଣା ଲାଭ ମିଳିପାରିବ। ଏବେ ଦିଲ୍ଲୀର ମହିଳାମାନଙ୍କୁ ମଧ୍ୟ ଏହିପରି ଲାଭ ମିଳିବ। ଦିଲ୍ଲୀ ସରକାରଙ୍କ ନୂଆ 'ଲକ୍ଷ୍ମୀ ଯୋଜନା' ଏହି ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରୁଛି। ଏହି ଯୋଜନା ଅଧୀନରେ ମହିଳାମାନଙ୍କୁ ପ୍ରତିମାସରେ ୨,୫୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯିବ, କିନ୍ତୁ ସମ୍ପୂର୍ଣ୍ଣ ଟଙ୍କା ସିଧାସଳଖ ଖର୍ଚ୍ଚ କରିବା ପାଇଁ ମିଳିବ ନାହିଁ। ସରକାର ଚାହାଁନ୍ତି ଯେ ଏହି ଟଙ୍କାର ଏକ ବଡ଼ ଅଂଶ ସଞ୍ଚୟ ଏବଂ ନିବେଶରେ ଯାଉ, ଯାହାଦ୍ୱାରା ଭବିଷ୍ୟତ ପାଇଁ ଏକ ଭଲ ପାଣ୍ଠି ପ୍ରସ୍ତୁତ ହୋଇପାରିବ।

ପ୍ରତିମାସରେ ମିଳୁଥିବା ୨,୫୦୦ ଟଙ୍କାରୁ ୧,୫୦୦ ଟଙ୍କା ଆରଡି ଫିକ୍ସଡ ଡିପୋଜିଟ୍ (ଏଫଡି)ରେ ଜମା ହେବ ଏବଂ ବାକି ୧,୦୦୦ ଟଙ୍କା ଆରବିଆଇର ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ୍ କରେନ୍ସି (ସିବିଡିସି) ଡିଜିଟାଲ୍ ୱାଲେଟ୍‌ରେ ମିଳିବ। ମହିଳା ଚାହିଁଲେ ପୁରା ୨,୫୦୦ ଟଙ୍କା ଯାକ ଆରଡି କିମ୍ବା ଏଫଡି ରେ ଜମା କରାଇପାରିବେ। ଏହି ଜମା ରାଶି ଉପରେ ୩ ବର୍ଷର ଲକ୍-ଇନ୍ ରହିବ, ଅର୍ଥାତ୍ ତିନି ବର୍ଷ ପୂରଣ ହେବା ପରେ ହିଁ ସୁଧ ସହିତ ଟଙ୍କା ଉଠାଯାଇପାରିବ।

ସରକାରଙ୍କ ପ୍ରଥମ ବିକଳ୍ପ ସେହି ମହିଳାମାନଙ୍କ ପାଇଁ, ଯେଉଁମାନେ ଦୈନନ୍ଦିନ ଖର୍ଚ୍ଚ ପାଇଁ କିଛି ଟଙ୍କା ବ୍ୟବହାର କରିବାକୁ ଚାହାଁନ୍ତି। ଏଥିରେ ପ୍ରତିମାସରେ ୧,୫୦୦ ଟଙ୍କା ଆରଡି କିମ୍ବା ଏଫଡି ରେ ଜମା ହେବ ଏବଂ ୧,୦୦୦ ଟଙ୍କା ସିବିଡିସି ଡିଜିଟାଲ୍ ୱାଲେଟ୍‌କୁ ଆସିବ। ପ୍ରକାଶଥାଉ କି, ସିବିଡିସି ହେଉଛି ସେଣ୍ଟ୍ରାଲ୍ ବ୍ୟାଙ୍କ୍ ଦ୍ୱାରା ଜାରି କରାଯାଇଥିବା ଏକ ଡିଜିଟାଲ୍ ମୁଦ୍ରା। ଏହା ଆରବିଆଇ (ଆରବିଆଇ) ଦ୍ୱାରା ପ୍ରସ୍ତୁତ ଏକ ଆପ୍, ଯେଉଁଥିରେ ଡିଜିଟାଲ୍ କରେନ୍ସି ଆକାରରେ ଟଙ୍କା ମିଳିବ। ଯଦି କୌଣସି ମହିଳା ଚାହାଁନ୍ତି ଯେ ପୁରା ରାଶି ଭବିଷ୍ୟତ ପାଇଁ ସଞ୍ଚୟ ହେଉ, ତେବେ ସେ ଦ୍ୱିତୀୟ ବିକଳ୍ପ ବାଛିପାରିବେ। ଏଥିରେ ପ୍ରତିମାସରେ ସମ୍ପୂର୍ଣ୍ଣ ୨,୫୦୦ ଟଙ୍କା ଆରଡି କିମ୍ବା ଏଫଡି ରେ ଜମା ହେବ। ଏହି ରାଶିକୁ ତିନି ବର୍ଷ ପର୍ଯ୍ୟନ୍ତ ଉଠାଯାଇପାରିବ ନାହିଁ। ସରକାରଙ୍କ ମତରେ, ଏହାଦ୍ୱାରା ମହିଳାମାନଙ୍କ ମଧ୍ୟରେ ନିୟମିତ ସଞ୍ଚୟର ଅଭ୍ୟାସ ଗଢ଼ିଉଠିବ। ଯଦି ପ୍ରତିମାସରେ ୧,୫୦୦ ଟଙ୍କା ପୋଷ୍ଟ ଅଫିସ୍ ଆରଡି ରେ ଜମା କରାଯାଏ ଏବଂ ସେଥିରେ ୬.୭% ବାର୍ଷିକ ସୁଧ ମିଳେ, ତେବେ ତିନି ବର୍ଷରେ ମୋଟ ଜମା ରାଶି ୫୪,୦୦୦ ଟଙ୍କା ହେବ।

ସୁଧ ଯୋଡ଼ିବା ପରେ ମ୍ୟାଚ୍ୟୁରିଟି ସମୟରେ ପାଖାପାଖି ୫୯,୯୨୫ ଟଙ୍କା ମିଳିପାରିବ। ଅର୍ଥାତ୍ କେବଳ ସୁଧ ବାବଦକୁ ପ୍ରାୟ ୫,୯୨୫ ଟଙ୍କାର ଅତିରିକ୍ତ ଲାଭ ହେବ। ଯଦି ଜଣେ ମହିଳା ପ୍ରତିମାସରେ ମିଳୁଥିବା ସମ୍ପୂର୍ଣ୍ଣ ୨,୫୦୦ ଟଙ୍କା ଆରଡି ରେ ଜମା କରନ୍ତି, ତେବେ ତିନି ବର୍ଷରେ ତାଙ୍କର ମୋଟ ଜମା ରାଶି ୯୦,୦୦୦ ଟଙ୍କା ହେବ। ୬.୭% ବାର୍ଷିକ ସୁଧ ଆଧାରରେ ମ୍ୟାଚ୍ୟୁରିଟି ସମୟରେ ପାଖାପାଖି ୯୯,୮୭୪ ଟଙ୍କା ମିଳିପାରିବ। ଅର୍ଥାତ୍ ତିନି ବର୍ଷରେ କେବଳ ସୁଧ ଆକାରରେ ପ୍ରାୟ ୯,୮୭୪ ଟଙ୍କା ମିଳିବ। ଏହାଦ୍ୱାରା କୌଣସି ଅତିରିକ୍ତ ନିବେଶ ବିନା ଏକ ଭଲ ସଞ୍ଚୟ ହୋଇପାରିବ। ସରକାର ଏହି ଯୋଜନା ଅଧୀନରେ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍‌ର ଏପରି ସ୍ଥାନରେ ନିବେଶ କରାଇପାରନ୍ତି, ଯେଉଁଠାରେ ନିୟମାନୁସାରେ ଅଧିକ ସୁଧର ଫାଇଦା ମିଳିପାରିବ। ଏହି ଯୋଜନାର ଲକ୍ଷ୍ୟ କେବଳ ଆର୍ଥିକ ସହାୟତା ଦେବା ନୁହେଁ, ବରଂ ମହିଳାମାନଙ୍କୁ ନିୟମିତ ସଞ୍ଚୟ ଏବଂ ନିବେଶ ଅଭ୍ୟାସ ସହିତ ଯୋଡ଼ିବା। ତିନି ବର୍ଷ ପରେ ସେମାନଙ୍କ ପାଖରେ ସୁଧ ସହିତ ଏକ ଭଲ ପାଣ୍ଠି ଜମା ହୋଇଥିବ, ଯାହା ଭବିଷ୍ୟତର ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିପାରିବ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୩,୫୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୧,୫୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୩,୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୧,୫୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୩,୫୧୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୧,୫୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୩,୬୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୧,୭୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୩,୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୧,୫୫୦ ଟଙ୍କା ରହିଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୩୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୧.୦୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୯୪ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ପୁଣି ଭାଙ୍ଗିଲା କଫର ଡ୍ୟାମ



ଯୋଡ଼ା/କେନ୍ଦୁଝର,୩୦ା୭(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ବହୁ ପ୍ରତୀକ୍ଷିତ କାନପୁର ଡ୍ୟାମ ପ୍ରକଳ୍ପରେ ପୁଣି ଘଟିଛି ବଡ଼ ଅଘଟଣ। ଲଗାଣ ବର୍ଷା ଓ ନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ଡ୍ୟାମ ନିର୍ମାଣ କାର୍ଯ୍ୟ ପାଇଁ ନିର୍ମିତ କଫର ଡ୍ୟାମ (ଅସ୍ଥାୟୀ ବନ୍ଧ) ଭାଙ୍ଗିଯାଇଛି। ଫଳରେ ଡ୍ୟାମର ମୁଖ୍ୟ ଗେଟ୍ ଦେଇ ପ୍ରବଳ ବେଗରେ ଜଳ ନିଷ୍କାସିତ ହେଉଛି। ଘଟଣା ପରେ ଡ୍ୟାମର ତଳମୁଣ୍ଡରେ ଥିବା ଗ୍ରାମଗୁଡ଼ିକର ଲୋକଙ୍କୁ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ନଦୀକୂଳକୁ ନଯିବା, ଜଳପ୍ରବାହ ନିକଟରେ ନରହିବା ଏବଂ ଆବଶ୍ୟକ ପଡ଼ିଲେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବାକୁ ପରାମର୍ଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ମଧ୍ୟ ସମାନ ଭାବେ କଫର ଡ୍ୟାମ ଭାଙ୍ଗିଥିଲା। ତେବେ ସେହି ଘଟଣା ପରେ ଦୃଢ଼ ଓ ସ୍ଥାୟୀ ପ୍ରତିକାରମୂଳକ ପଦକ୍ଷେପ ନିଆଯାଇଥିଲା କି ନାହିଁ, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି। ବର୍ଷ ପରେ ବର୍ଷ ବିବିଧ ସମସ୍ୟା ଦେଖାଦେଉଥିଲେ ମଧ୍ୟ କାନପୁର ଡ୍ୟାମ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ବାରମ୍ବାର କଫର ଡ୍ୟାମ ଭାଙ୍ଗିବା ଘଟଣା ପ୍ରକଳ୍ପର ନିର୍ମାଣ ଗୁଣବତ୍ତା, ପରିଚାଳନା ବ୍ୟବସ୍ଥା ଓ କାର୍ଯ୍ୟର ମନ୍ଥର ଗତିକୁ ନେଇ ନାନା ପ୍ରଶ୍ନ ସୃଷ୍ଟି କରିଛି। ସ୍ଥାନୀୟ ବାସିନ୍ଦାମାନେ ଶୀଘ୍ର ଡ୍ୟାମ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହିତ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ସ୍ଥାୟୀ ଓ ବୈଜ୍ଞାନିକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ପ୍ରକଳ୍ପରେ ବିଳମ୍ବ ଯୋଗୁଁ ଅଞ୍ଚଳର ବହୁ ପ୍ରତୀକ୍ଷିତ ଜଳସେଚନ ଓ ଜଳଯୋଗାଣ ସୁବିଧା ମଧ୍ୟ ପ୍ରଭାବିତ ହେଉଥିବାରୁ ସରକାର ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦାବି ଜୋର ଧରିଛି।

### ଅସୁସ୍ଥତା ଆଳରେ ଆନ୍ତଃଜିଲ୍ଲା ବଦଳି: ନବରଙ୍ଗପୁରର ଶିକ୍ଷା ବ୍ୟବସ୍ଥା ଉପରେ ବଡ଼ ସଙ୍କଟ

# ୧୭୯ ଶିକ୍ଷକଙ୍କ ବଦଳି ଆବେଦନ




ନବରଙ୍ଗପୁର,ଉମରକୋଟ,୩୦ା୭ (ସଂଚାର ବ୍ୟୁରୋ): ଅସୁସ୍ଥତା କାରଣ ଦର୍ଶାଇ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଆନ୍ତଃଜିଲ୍ଲା ବଦଳି ପାଇଁ ରାଜ୍ୟ ସରକାର ଅନୁମତି ଦେବା ପରେ ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ଭବିଷ୍ୟତକୁ ନେଇ ଗଭୀର ଚିନ୍ତା ସୃଷ୍ଟି ହୋଇଛି। ପୂର୍ବରୁ ଶିକ୍ଷକ ଅଭାବରେ ସଂଘର୍ଷ କରୁଥିବା ଏହି ଜିଲ୍ଲାରୁ ବର୍ତ୍ତମାନ ୧୭୯ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅସୁସ୍ଥତା ଆଧାରରେ ଜିଲ୍ଲା ବଦଳି ପାଇଁ ଆବେଦନ କରିଥିବା ସୂଚନା ମିଳିଛି। ଯଦି ଏହି ବଦଳି ପ୍ରକ୍ରିୟା କାର୍ଯ୍ୟକାରୀ ହୁଏ, ତେବେ ଜିଲ୍ଲାର ଅନେକ ସରକାରୀ ବିଦ୍ୟାଳୟରେ ଶିକ୍ଷକ ସଙ୍କଟ ଚରମ ସୀମାରେ ପହଞ୍ଚିବ ବୋଲି ଆଶଙ୍କା ପ୍ରକାଶ ପାଉଛି। ନବରଙ୍ଗପୁର ଜିଲ୍ଲା ରାଜ୍ୟର ସବୁଠାରୁ ପଛୁଆ ଓ ଆଦିବାସୀ ବହୁଳ ଜିଲ୍ଲାମାନଙ୍କ ମଧ୍ୟରୁ ଅନ୍ୟତମ। ଏଠାରେ ଶିକ୍ଷାର ମାନ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା ଘୋଷଣା କରିଥିଲେ ମଧ୍ୟ ବାସ୍ତବରେ ଚିତ୍ର ସଂପୂର୍ଣ୍ଣ ଭିନ୍ନ। ଅନେକ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ବହୁ ବିଦ୍ୟାଳୟରେ ଜଣେ କିମ୍ବା ଦୁଇଜଣ ଶିକ୍ଷକଙ୍କ ଉପରେ ସମ୍ପୂର୍ଣ୍ଣ ବିଦ୍ୟାଳୟର ପାଠପଢ଼ା ନିର୍ଭର କରୁଛି। ଅଧିକାଂଶ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ମଧ୍ୟ ଦୀର୍ଘଦିନ ଧରି ଖାଲି ପଡ଼ିରହିଛି। ଏପରି ପରିସ୍ଥିତିରେ ଏକାଥରେ ୧୭୯ ଜଣ ଶିକ୍ଷକ ଜିଲ୍ଲା ଛାଡ଼ିଲେ, ଅନେକ ବିଦ୍ୟାଳୟରେ ନିୟମିତ ପାଠପଢ଼ା ବନ୍ଦ ହେବାର ସ୍ଥିତି ସୃଷ୍ଟି ହୋଇପାରେ। ବିଶେଷକରି ଦୁର୍ଗମ ଓ ଆଦିବାସୀ ଅଞ୍ଚଳର ବିଦ୍ୟାଳୟଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହେବେ। ଶ୍ରେଣୀଗୃହରେ ଶିକ୍ଷାଦାନ, ପରୀକ୍ଷା ପରିଚାଳନା, ମଧ୍ୟାହ୍ନ ଭୋଜନ ଯୋଜନା, ବିଦ୍ୟାଳୟ ପ୍ରଶାସନ ଓ ସରକାରୀ କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁତର ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି। ଶିକ୍ଷାବିତ୍‌ମାନଙ୍କ ମତରେ, ଶିକ୍ଷକଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ସରକାର ସମ୍ବେଦନଶୀଳ ରହିବା ନିଶ୍ଚିତ ଭାବେ ଆବଶ୍ୟକ। କିନ୍ତୁ ସେହି ସମୟରେ ଆଦିବାସୀ ଓ ଶିକ୍ଷାଗତ ଭାବେ ପଛୁଆ ଜିଲ୍ଲାଗୁଡ଼ିକରେ ଶିକ୍ଷକ ଅଭାବକୁ ଆହୁରି ବଢ଼ାଇବା ଭଳି ନିଷ୍ପତ୍ତି ଦୀର୍ଘମିଆଦିରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରଭାବିତ କରିପାରେ। ସ୍ୱାସ୍ଥ୍ୟଗତ କାରଣରୁ ବଦଳିକୁ ଅନୁମତି ଦେବା ପୂର୍ବରୁ ସମ୍ପୃକ୍ତ ଜିଲ୍ଲାର ଖାଲି ପଦବୀ ପୂରଣ, ନୂତନ ଶିକ୍ଷକ ନିଯୁକ୍ତି କିମ୍ବା ବିକଳ୍ପ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ସେମାନେ ମତ ଦେଉଛନ୍ତି। ଅଭିଭାବକମାନଙ୍କ କହିବା ଅନୁସାରେ, ସରକାର 'ଗୁଣାତ୍ମକ ଶିକ୍ଷା' କଥା କହୁଥିବା ବେଳେ ଗାଁର ବିଦ୍ୟାଳୟରେ ଶିକ୍ଷକ ନଥିଲେ ସେହି ଲକ୍ଷ୍ୟ କେବେ ବି ସଫଳ ହୋଇପାରିବ ନାହିଁ। ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପଛକୁ ପଡ଼ିବା ସହ ଡ୍ରପ୍-ଆଉଟ୍ ହାର ବଢ଼ିବାର ଆଶଙ୍କା ମଧ୍ୟ ରହିଛି।

## ଚର୍ଚ୍ଚାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆମିଷ ଭୋଜି



ନୀଳଗିରି,୩୦ା୭(ସଂଚାର ବ୍ୟୁରୋ): ପିଏମ ଶ୍ରୀ ଦିନବନ୍ଧୁ ହାଇସ୍କୁଲ ରଶିକ୍ଷକ ଶିକ୍ଷୟିତ୍ରୀ ବାଢ଼ୁଆ ଛୁଟିରେ ଆମିଷ ଭୋଜି କୁ ନେଇ ନୀଳଗିରି ରେ ଚର୍ଚ୍ଚା ହୋଇଛି।ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଧରମପୁର ପଞ୍ଚାୟତ ରେ ପିଏମ ଶ୍ରୀଦୀନବନ୍ଧୁ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଅବସ୍ଥିତ। ଉକ୍ତ ବିଦ୍ୟାଳୟ ରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ବିଦ୍ୟାଳୟ ପରିସରରେ ଆମିଷ ଭୋଜି କୁ ନେଇ ଆଜି ଏକ ଅଭାବ ନିୟ ଘଟଣା ଦେଖି ବାକୁ ମିଳିଛି।ସୂଚନାଯୋଗ୍ୟ ବନ୍ୟା ପାଇଁ ରାଜ୍ୟ ର ଚିଫ ସେକ୍ରେଟାରି ଓଏସ ଆର. ସି ଆଜି ବିଦ୍ୟାଳୟ ଛୋଟି ଘୋଷଣାକରିଛନ୍ତି। ଏହାର ସୁଯୋଗ ନେଇ ସ୍କୁଲ ର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ମିଶି ମଟନ/ଚିକେନ୍ ଓ ମାଛ ଫିଷ୍ଟ କରୁ ଥିବାର ଖବର ମିଳିଲା ପ୍ରକୃତ ରେ ଘଟଣା ଟି ସତ୍ୟ ଅଟେ। ଘଟଣା ପ୍ରଧାନ ଶିକ୍ଷକ ରମାକାନ୍ତ ପଣ୍ଡା ଙ୍କୁ ପଚାରିବାରୁ ଆଜି ପାଠିକା ମାନଙ୍କର ଟ୍ରେନିଂ ଥିଲା। ଟ୍ରେନିଂ ସରିବା କାଳେ ଡେରିହେବ ସେଥିପାଇଁ ନିଜ ନିଜ ହାତରୁ ପଇସା ଦେଇ ଭୋଜି କରିଥିଲେ। ବିଦ୍ୟାଳୟ ପରିସରରେ ରୋଷେଇକରି ଖାଇବା ଠିକ ନୁହେଁ ବୋଲି ପ୍ରଧାନ ଶିକ୍ଷକ ସ୍ୱୀକାର କରିଛନ୍ତି। ଘଟଣା ସମ୍ପର୍କରେ ଏସ ଏମ ସି ଚେୟାରମ୍ୟାନ ରାଜୀବ ଚୌଧୁରୀଙ୍କୁ ପଚାରିବାରୁ ଆମ କମିଟି ଆଲୋଚନା ହୋଇ ଆସିନଥିବାରୁ ମୁଁ ମୋର ମତାମତ ଦେବା ଠିକ ନୁହେଁ ବୋଲି କହିଛନ୍ତି।ଅପରପକ୍ଷରେ ନୀଳଗିରି ବିଇଓ ଜେନା ଙ୍କୁ ପଚାରିବାରୁ ଆଜି ଛୁଟି ଥିଲା। କଣ ହୋଇଛି ତଦନ୍ତ ପରେ କହିବେ ବୋଲି କହିଛନ୍ତି।

### ଲଘୁଚାପ ବର୍ଷାରେ ସୁଟାଣି ଘାଟିରେ ଗଛ ପଡ଼ି ରାସ୍ତା ଅବରୋଧ

## ସରପଞ୍ଚଙ୍କ ତତ୍ପରତାରେ ସ୍ୱାଭାବିକ ହେଲା ଯାତାୟାତ



ଫୁଲବାଣୀ,୩୦ା୭(ସଂଚାର ବ୍ୟୁରୋ): କିଛି ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷାର ପ୍ରଭାବରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଲୁଇସିଂ ପଞ୍ଚାୟତରେ ଫୁଲବାଣୀ- କନ୍ଧମାଳ ସଂଯୋଗ କରୁଥିବା ସୁଟାଣି ଘାଟି ରାସ୍ତାରେ ଏକ କେନ୍ଦୁ ଗଛ ଉପୁଡ଼ି ପଡ଼ିବା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା ଏହି ସମୟରେ ସଲାଗୁଡା ପଞ୍ଚାୟତର ସରପଞ୍ଚ ରୋହିତ କହଁର ଓ ତାଙ୍କର ସହ ଯୋଗୀ ମିଶି ଯାଉଥିବା ବେଳେ କୌଣସି କାମରେ ସମ୍ବଲପୁର ଯାଉଥିବା ବେଳେ ସୁଟାଣି ଘାଟିରେ ରାତିରେ ବର୍ଷା ଯୋଗୁଁ ଅଟକି ଯାଇଥିଲେ ପରନ୍ତୁ ପରିସ୍ଥିତି ଦେଖିଥିଲେ। ସେଠାରେ ନୂତନ ନିର୍ମାଣ ଅଧାରେ ଚାଲିଥିବା ରାସ୍ତା ନିର୍ମାଣ କାମ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ସହ ରାସ୍ତାର ଏକାଂଶ ଧୋଇ ଯାଇଥିଲା ଗଛ ପଡ଼ି ରହିବାରୁ ଯିବା ଆସିବା ପାଇଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେବା ସହ ଗାଡି ମଟର ଅଟକି ରହିଥିଲା ପରିସ୍ଥିତିର ଗୁରୁତ୍ୱ ବୁଝି ସରପଞ୍ଚ ରୋହିତ କହଁର ନିଜ ସହଯୋଗୀ ଜରା କହଁର ଓ ମିଶ୍ର ମୁଣ୍ଡିଙ୍କ ସହାୟତାରେ ତୁରନ୍ତ ଗଛ କାଟି ରାସ୍ତାରୁ ହଟାଇଥିଲେ। ରାତି ରେ କିଛି ସମୟ ପାଇଁ ଗାଡ଼ି ମୋଟର ବନ୍ଦ ଥିଲା ଫଳରେ କିଛି ସମୟ ମଧ୍ୟରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସରପଞ୍ଚ ଓ ତାଙ୍କ ସହଯୋଗୀ ଏନେଇ ଅଧିକନ୍ତ ଯନ୍ତ୍ରୀ ବିରେନ୍ଦ୍ର କୁମାର ଖୁରା ଙ୍କୁ ପଚାରି ବାରୁ ରାସ୍ତା ନିର୍ମାଣ ଚାଲିଛି ଯାହା କିଛି ଭାଗୀ ଯାଇଛି ବର୍ଷା କମିଲେ ରାସ୍ତା ନିର୍ମାଣ କରାଯିବ ବୋଲି ସୂଚନା ଦେଇଛନ୍ତି ମାନଙ୍କର ଏହି ଜନସେବା ମୂଳକ ଓ ତତ୍ପର ପଦକ୍ଷେପକୁ ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀ ମହଲରୁ ଭୂୟସୀ ପ୍ରଶଂସା କରାଯାଇଛି।

## ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା



ଫୁଲବାଣୀ,୩୦ା୭(ସଂଚାର ବ୍ୟୁରୋ): ସକାଳ ୧୧ଘଟିକା ସମୟରେ, ବି.ଏନ.ଆଁଇ. ବାଙ୍ଗାଲୋର ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ କନ୍ଧମାଳ ଙ୍କ ମିଳିତ ସହଯୋଗ ରେ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ ଫୁଲବାଣୀ ର ସଭା ଗୃହ ଠାରେ ଜିଲ୍ଲା ସ୍ତରୀୟ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ର ଏକ ଦିବସିୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଚି। ମୁଖ୍ୟ ଅତିଥି ରୁପେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ରମେନ୍ଦ୍ର ପ୍ରସାଦ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭ ଉଦ୍‌ଘାଟନ କରିଥିବା ବେଳେ ଡାଃ.ପ୍ରଶନ୍ନ କୁମାର ତ୍ରୀପାଠୀ, ମାନସିକ ସ୍ୱାସ୍ଥ୍ୟ ବିଭାଗ ର ମାଳତୀ ବେହେରା, ଫାଦର୍ ମଦନ ସୁଆଳ ସିଂ (ସଂପାଦକ ଜନ ବିକାଶ), ସମାଜ ସେବୀ ମନୋଜ କୁମାର ମିଶ୍ର, ଡାଃ.ଶୁଭମ୍ (ନିପିଡୀଡ୍), ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ର ପ୍ରବୀଣ କୁମାର ଦିଗାଲ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ରତ୍ନେଶ୍ୱର ସାହୁ ଏବଂ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ଯୋଗଦେବା ସହିତ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଟିକାବାଲି ଏବଂ କ.ନୂଆଗାଁ ର ୧୬ ଗୋଟି ଗ୍ରାମ ପଞ୍ଚାୟତ ରୁ ୪୪ ଜଣ ଯତ୍ନକାରୀ ଏବଂ ମାନସିକ ଅସୁସ୍ଥ ବ୍ୟକ୍ତି ଯୋଗଦାନ କରିଥିଲେ। ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ରେ ନିଶା ଦ୍ରବ୍ୟ ର ବ୍ୟବହାର ଦ୍ୱାରା ମାନସିକ ଅସୁସ୍ଥ ବ୍ୟକ୍ତି ଙ୍କ ସଂଖ୍ୟା ବୃଦ୍ଧି କୁ ଦଣ୍ଡ ବିଧାନ ନ କରି ଚିକିତ୍ସା ଏବଂ ପରିବାର ସହାୟତା ରେ କିପରି ରୋକାଯାଇ ସେମାନଙ୍କୁ ଥଇଥାନ କରାଯାଇପାରିବ ଏବଂ ବାହାରେ ବୁଲୁଥିବା ମାନସିକ ଅସୁସ୍ଥ ବ୍ୟକ୍ତିମାନେ କିପରି ପୋଲିସ୍ ପ୍ରଶାସନ ସହାୟତା ରେ ମାନସିକ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଚିକିତ୍ସିତ ହୋଇପାରିବେ ସେ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ସ୍ୱାତୀ ର କାର୍ଯ୍ୟକ୍ରମ କୁ ଭୁଶୀୟ ପ୍ରଶଂସା କରିଥିଲେ। ସ୍ୱାତୀ ର ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରୁ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କୁ ପ୍ରଶଂସା କରି ତାଙ୍କର ସମସ୍ତ ସହଯୋଗ ପ୍ରଦାନ କରିବେ ବୋଲି ଡାଃ.ପ୍ରଶନ୍ନ କୁମାର ତ୍ରୀପାଠୀ ପ୍ରତିଶ୍ରୁତି ଦେଇଥିଲେ।

## ପାରିଜାତ ପାର୍କ ଛକ ପାଲଟିଛି ବେଆଇନ ଟ୍ରକ ଟର୍ମିନାଲ



ସୁନ୍ଦରଗଡ଼,୩୦ା୭(ସଂଚାର ବ୍ୟୁରୋ): ଶଙ୍କରା ଉପକଣ୍ଠ ପାରିଜାତ ପାର୍କ ଠାରୁ ଆରମ୍ଭ କରି ସୁନ୍ଦରଗଡ଼ ସରକାରୀ କଲେଜ ବାଇପାସ ରାସ୍ତା, ପାଲଟିଛି କୋଇଲା ବୋଝେଇ ଟ୍ରକ ମାନଂକର ବେଆଇନ ଟ୍ରକ ଟର୍ମିନାଲ, ପ୍ରତେକ ଦିନ ଏହି ଛକ ନିକଟରେ ଶତାଧିକ ଟ୍ରକ ଜାମ କରି ରହୁଥିବା ଦେଖିବାକୁ ମିଳିଛି, କୋଇଲା ଟ୍ରକ ପାଇଁ ସ୍ୱତନ୍ତ୍ର ଭାବେ କାଲୋବାହାଲ ଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଲ କରିଡର ରାସ୍ତା କାର୍ଯ୍ୟକ୍ଷମ ହେବା ପରେ, ସରକାରୀ କଲେଜ ଦେଇ ଆସୁଥିବା କୋଇଲା ଟ୍ରକ ବିଭିନ୍ନ ଭାରୀଯାନ ଗାଡି ପାଇଁ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି, କିନ୍ତୁ ତାହା ପରେ ମଧ୍ୟ ଏହାକୁ ଅବମାନନା କରି ପ୍ରତିଦିନ ଏଠାରେ ଶତାଧିକ ଗାଡି ଜାମ ରହୁଛି ରାସ୍ତାର ଉଭୟ ପାର୍ଶ୍ୱରେ ଫଳରେ ରାସ୍ତା ସଂକୁଚିତ ହେବା ଯୋଗୁଁ ସାଧାରଣ ଜନତାଙ୍କ ଗମନାଗମନ ବ୍ୟାହତ ହଉଛି ଏହା ସହ ସେହି ରାସ୍ତା ଦେଇ ପ୍ରତିଦିନ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିପଦ ଅବସ୍ଥାରେ ଯିବାଆସିବା କରୁଛନ୍ତି, ଏହି କାରଣ ଯୋଗୁଁ ଛାତ୍ରଛାତ୍ରୀଙ୍କ ଅବିଭାବକ ମାନଂକୁ ବିଭିନ୍ନ ହଇରାଣ ହରକତ ହେବାକୁ ପଡୁଛି, କିଛିଦିନ ପାଇଁ ଟାଉନ ପୋଲିସ ପେଟ୍ରୋଲିଙ୍ଗ ଯୋଗୁଁ ଏହି ଅଞ୍ଚଳ ସ୍ୱାଭାବିକ ଥିଲା କିନ୍ତୁ ବର୍ତ୍ତମାନ ଯଥା ପୂର୍ବଂ ତଥା ପରଂ ଭଳି ଅବସ୍ଥା ସୃଷ୍ଟି ହୋଇଛି, ଏହା ଉପରେ ପ୍ରଶାସନ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଅନେକ ଅବିଭାବକ ଓ ସାଧାରଣ ଜନତା ଦାବୀ କରୁଛନ୍ତି।

## ଅସହାୟ ଅବସ୍ଥାରେ ପଡ଼ିରହିଛି ପୌରପାଳିକାର ଦୋକାନଘର

ସୁନ୍ଦରଗଡ଼,୩୦ା୭(ସଂଚାର ବ୍ୟୁରୋ): ବିଭିନ୍ନ ଆଶା ଓ ବିକାଶ ନେଇ ଭେଶେଜ ମେଡିକାଲ କଲେଜ ଓ ହସ୍ପିଟାଲ ନିକଟରେ ତିଆରି ହୋଇଥିବା ପୌରପାଳିକା ତରଫରୁ ଦୋକାନ ଘର ଗୁଡିକ ଅବ୍ୟବସ୍ଥା ଘେରରେ ପଡ଼ିରହିଛି, ପାଞ୍ଚବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଏହି ଦୋକାନ ଘର ସମ୍ମୁଖରେ ଆବର୍ଜନା ପଡ଼ିବା ସହ ଜଙ୍ଗଲରେ ଭର୍ତ୍ତି ହୋଇରହିଛି, ସନ୍ଧ୍ୟା ପରେ ଏଠାରେ ଅସାମାଜିକଙ୍କ ଜମୁଛି ଭିଡ଼, ଅବ୍ୟବସ୍ଥା ଘେରରେ ବର୍ତ୍ତମାନ ପଡ଼ିରହିଛି ଏହି ଦୋକାନ ଘର ଗୁଡିକ, ଏହାର ନିର୍ମାଣ ଏଭଳି ଢଙ୍ଗରେ ହୋଇଛି ଯେ ଏଠାରେ ଦୋକାନ କରିବା ପାଇଁ କୌଣସି ବ୍ୟବସାୟୀ ରାଜି ହଉନଥିବା ଶୁଣିବାକୁ ମିଳୁଛି, ରାସ୍ତାର ଅପରପାର୍ଶ୍ୱ ଆଡେ ଦୋକାନ ଘରର ସମ୍ମୁଖ ଥିବାରୁ ଏଠାରେ କେଉଁ ଦୋକାନ ଖୋଲା ରହିଛି କି ବନ୍ଦ ଅଛି ଗ୍ରାହକ ଦ୍ୱନ୍ଦ୍ୱରେ ରହିବେ ବୋଲି ଅନେକ ବ୍ୟବସାୟୀ କହୁଛନ୍ତି, ପୌରପାଳିକା ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀଙ୍କୁ ପଚାରିବାରୁ ସେ ଏହି ଦୋକାନ ଘର ଗୁଡିକର ନିଲାମ ସରିଯାଇଛି, ସମ୍ପୃକ୍ତ ଦୋକାନୀ ମାନେ କେବଳ ଜମା ରାଶି ଦେବା ଓ ବିଦ୍ୟୁତ ସଂଯୋଗ ପାଇଁ ଟ୍ରାନ୍ସଫରମର ଲାଗିବା କାମ ବାକି ଅଛି ଏହାପରେ ଏହି ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦେଇଛନ୍ତି।

## ଗଣଶିକ୍ଷା ମନ୍ତ୍ରୀଙ୍କ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ନବରଙ୍ଗପୁର,୩୦ା୭(ସଂଚାର ବ୍ୟୁରୋ): ଗୁରୁବାର ନବରଙ୍ଗପୁର ଜିଲ୍ଲା ଉମରକଟ ଠାରେ। ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଆଜି ଉମରକଟ ଗସ୍ତରେ ପୌରାଞ୍ଚଳର ବିଭିନ୍ନ ୱାର୍ଡ ରେ ଭିନ୍ନ ଭିନ୍ନ ସ୍ଥାନ ରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି, ୱାର୍ଡ ନଂ ୧୧ ଭାଲୁଗୁଡା ଶ୍ରୀ ନାଗେଶ୍ୱର ମହାଦେବ ମନ୍ଦିର ପାଚେରୀ ପାଇଁ ତିନି ଲକ୍ଷ, ୱାର୍ଡ ନଂ ୮ ଜଗନ୍ନାଥ କମ୍ପ୍ଲେକ୍ସ ପଛପଟ ମାଁ ପେଣ୍ଡ୍ରାଣୀ ଖଲାସି ସଂଘ ପାଚେରୀ ନିମନ୍ତେ ତିନି ଲକ୍ଷ ଓ ୱାର୍ଡ ନଂ ୧୨ ଶିକ୍ଷକ କଲୋନୀ ଶିତଳା ମନ୍ଦିର କମ୍ୟୁନିଟି ହୋଲ ପାଇଁ ପାଞ୍ଚ ଲକ୍ଷ ଟଙ୍କା ନିଜସ୍ୱ ପାଣ୍ଠିରୁ ଅନୁଦାନ କରିଛନ୍ତି। ଶ୍ରୀଯୁକ୍ତ ଗଣ୍ଡ ସଦା ସର୍ବଦା ନିଜ ଅଞ୍ଚଳର ବିକାଶପ୍ରତି ସବୁବେଳେ ସମ୍ବେଦନଶୀଳ ରହିଥାନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଗଣ୍ଡ ଙ୍କ ସହ ରାଜ୍ୟ ଉପ ସଭାପତି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ଙ୍କ ପ୍ରତିନିଧି ଭୋଜନାଥ ଗଣ୍ଡ, ନଗର ମଣ୍ଡଳ ସଭାପତି ସନ୍ତୋଷ ଶର୍ମା, ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ଅମିତ ହାଲଦାର, ସନ୍ତୋଷ ସରକାର, ରମେଶ ଦାସ, ସନତ ଠାକୁର, ଦିଲିପ ବିଶ୍ୱାସ, କୁରୁମା ରାଓ, ସିମାଞ୍ଚଳ ବିଷୟି, ଶ୍ରୀନିବାସ ମୂର୍ତ୍ତୀ, ହରପ୍ରସାଦ ପାଣିଗ୍ରାହୀ, ଶଂକର ଭାଇ, ଜଗନ୍ନାଥ ଭାଇ, ସାନ ଭାଇ, ଅଭିରାମ, ଦୁକାଲୁ ମେହର, ରାମ ଗଣ୍ଡ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଗଛ ଭାଙ୍ଗି ସ୍କର୍ପିଓ ଉପରେ ପଡ଼ିଲା, ବିଦ୍ୟୁତ ତାର ଛିଣ୍ଡି ଯାତାୟାତ ବାଧାପ୍ରାପ୍ତ



ନବରଙ୍ଗପୁର,ଉମରକୋଟ, ୩୦ା୭(ସଂଚାର ବ୍ୟୁରୋ): ଲଗାଣ ବର୍ଷା ଓ ପବନ ପ୍ରଭାବରେ ଉମରକୋଟ ପୌରାଞ୍ଚଳର ୱାର୍ଡ ନମ୍ବର- ୯ ଅନ୍ତର୍ଗତ ପୁରୁଣା ଷ୍ଟେଟ ବ୍ୟାଙ୍କ ରୋଡ୍- ଶିବାଜୀନଗର ମୁଖ୍ୟ ରାସ୍ତାର ବନ ବିଭାଗ ଡାକ ବଙ୍ଗଳା ନିକଟରେ ଥିବା ଏକ ବିରାଟ କୃଷ୍ଣଚୂଡ଼ା ଗଛ ହଠାତ୍ ଭାଙ୍ଗି ପଡ଼ିଥିଲା। ଗଛଟି ରାସ୍ତା କଡ଼ରେ ପାର୍କିଂ ହୋଇଥିବା ଏକ ସ୍କର୍ପିଓ ଗାଡ଼ି ଉପରେ ପଡ଼ିବାରୁ ଗାଡ଼ିଟି ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଘଟଣା ସମୟରେ ଗଛ ସହିତ ରାସ୍ତା କଡ଼ରେ ଥିବା ବିଦ୍ୟୁତ ତାର ମଧ୍ୟ ଛିଣ୍ଡି ରାସ୍ତା ଉପରେ ପଡ଼ିଯାଇଥିବାରୁ କିଛି ସମୟ ପାଇଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ବିଦ୍ୟୁତ ତାର ରାସ୍ତାରେ ପଡ଼ିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଥିଲା। ଖବର ପାଇ ବିଦ୍ୟୁତ ବିଭାଗ ଓ ବନ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫା କରିବା ସହ ବିଦ୍ୟୁତ ତାରର ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଯଥାଶୀଘ୍ର ଯାତାୟାତ ସ୍ୱାଭାବିକ କରିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ସୌଭାଗ୍ୟବଶତଃ ଏହି ଘଟଣାରେ କୌଣସି ଜନହାନି ଘଟିନଥିବା ବେଳେ ଗାଡ଼ିଟିର ବ୍ୟାପକ କ୍ଷତି ହୋଇଛି। ବର୍ଷା ଋତୁରେ ପୁରୁଣା ଓ ବିରାଟକାୟ ଗଛଗୁଡ଼ିକର ନିୟମିତ ଯାଞ୍ଚ ଓ ବିପଦଜନକ ଡାଳ କାଟିବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

## ଚୋରା ମଦ ବେପାରୀଙ୍କ ଘରୁ ୨ ଦେଶୀ ପିସ୍ତଲ ଓ ୩ ଜୀବନ୍ତ ଗୁଳି ଜବତ, ଅଭିଯୁକ୍ତ ଗିରଫ



ସୁନ୍ଦରଗଡ଼, ୩୦ା୭(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ତଲସରା ଥାନା ଅନ୍ତର୍ଗତ ରୁନିପାନି ଗାଁରେ ଚୋରା ଦେଶୀ ମଦ କାରବାର ବିରୋଧରେ ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ାଉ ବେଳେ ଏକ ବଡ଼ ସଫଳତା ମିଳିଛି। ଚଢ଼ାଉ ସମୟରେ ଜଣେ ଚୋରା ମଦ ବେପାରୀଙ୍କ ଘରୁ ୨ଟି ଦେଶୀ ପିସ୍ତଲ, ୨ଟି ମାଗାଜିନ ଓ ୩ଟି ଜୀବନ୍ତ ଗୁଳି ଜବତ କରାଯାଇଥିବା ବେଳେ, ଫେରାର ହୋଇଯାଇଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ପରେ ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ରୁନିପାନି ଗାଁର ଫଲିନ୍ଦ୍ର ସିଂଙ୍କ ଘରେ ବେଆଇନ ଭାବେ ମହୁଲି ମଦ ପ୍ରସ୍ତୁତ ହେଉଥିବାର ଖବର ମିଳିଥିଲା। ଏହାକୁ ଆଧାର କରି ଗତ ୨୯ ତାରିଖ ସକାଳେ ତଲସରା ପୋଲିସ ଓ ଅବକାରୀ ବିଭାଗର ଏକ ମିଳିତ ଟିମ୍ ସମ୍ପୃକ୍ତ ଘରେ ଚଢ଼ାଉ କରିଥିଲେ। ପୋଲିସ ପହଞ୍ଚିବା ମାତ୍ରେ ଘର ମାଲିକ ଫଲିନ୍ଦ୍ର ସିଂ ନିକଟସ୍ଥ ଜଙ୍ଗଲକୁ ଖସି ପଳାଇଯାଇଥିଲେ। ଚଢ଼ାଉ ସମୟରେ ପୋଲିସ ପ୍ରାୟ ୨ କ୍ୱିଣ୍ଟାଲ ମହୁଲ ପୋଚ ଜବତ କରି ନଷ୍ଟ କରିଥିଲା। ସେହିପରି ଘର ତଲାସି ବେଳେ ୨ଟି ଦେଶୀ ପିସ୍ତଲ, ୨ଟିପିସ୍ତଲ ଏବଂ ୩ଟି ଜୀବନ୍ତ ଗୁଳି ମଧ୍ୟ ଜବତ କରାଯାଇଥିଲା। ଏହାପରେ ତଲସରା ଥାନାରେ ଅସ୍ତ୍ର ଆଇନ ସମେତ ପ୍ରଯୁଜ୍ୟ ଧାରାରେ ମାମଲା ରୁଜୁ କରାଯାଇଥିଲା। ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଫେରାର ଅଭିଯୁକ୍ତ ୩୭ ବର୍ଷୀୟ ଫଲିନ୍ଦ୍ର ସିଂଙ୍କୁ ଗିରଫ କରିବାରେ ସଫଳ ହୋଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ତଲସରା ଥାନା ଆଇଆଇସି ଯଶୋବନ୍ତୀ ବାଗଙ୍କ ତତ୍ତ୍ୱାବଧାନରେ ମାମଲାର ପ୍ରାଥମିକ ତଦନ୍ତ କରାଯାଇଥିବା ବେଳେ, ଏସଆଇ ବିଜୟ କୁମାର ଦେହୁରୀ ଘଟଣାର ଅଧିକ ତଦନ୍ତ କରୁଛନ୍ତି।

## ଘର ଉଚ୍ଛେଦ କରିବାକୁ ଯାଇ ନିରାଶରେ ଫେରିଲା ପ୍ରଶାସନ



ନିଶ୍ଚିନ୍ତକୋଇଲି,୩୦ା୭(ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ଏକ ଘରକୁ ଉଚ୍ଛେଦ କରିବାକୁ ଯାଇ ନିରାଶରେ ଫେରିବାକୁ ବାଧ୍ୟ ହୋଇଅଛି। ସୂଚନାଥାଉକି ନିଶ୍ଚିନ୍ତକୋଇଲି ତହସିଲ ଅନ୍ତର୍ଗତ ନତକାଇ ଗ୍ରାମର ଦିଗାମ୍ବର ବିଶ୍ୱାଳ ୨୦୨୧ ମସିହା ଜାନୁୟାରୀ ୧୧ତାରିଖ ତାଙ୍କ ପୈତୃକ ସମ୍ପତ୍ତିର ମେଢ ସଂଶୋଧନ ନିମନ୍ତେ ଅତିରିକ୍ତ କମିଶନର ବନ୍ଦୋବସ୍ତ ଓ ଚକବନ୍ଦିଙ୍କ ପାଖରେ ଆବେଦନ କରିଥିଲେ। ଏହି ଆବେଦନର ମାମଲା ନମ୍ବର ଦାଖଲ କରି ସେଥିରେ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ସରଜମିନ୍ ରିପୋଟ୍ ତଲବ କରାଯାଇଥିଲା କିନ୍ତୁ ତହସିଲଦାର ଠିକ୍ ଭାବରେ କୌଣସି ମାପଚୁପ୍ କରି ରିପୋର୍ଟ ଦେଇନଥିଲେ। ଅଭିଯୋଗ ମୁତାବକ ଦିଗମ୍ବରଙ୍କ ପୈତୃକ ଘରବାଡ଼ି ସମ୍ପତ୍ତିକୁ ସରକାରୀ ଜମି ପ୍ଲଟରେ ସାମିଲ କରାଯାଇ ରାସ୍ତାକୁ ପ୍ରଶସ୍ତ କରାଯାଇଛି। ଦିଗମ୍ବରଙ୍କ ଆବେଦନ ଉପରେ ଅଦାଲତ ସ୍ଥିତିବସ୍ଥା ଜାରି କରିଛନ୍ତି। ଯାହା ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ହେଲେ ସେହି ଗ୍ରାମର ଜଣେ ବ୍ୟକ୍ତି ହାଇକୋର୍ଟରେ ୨୦୨୩ମସିହାରେ ଅନ୍ୟ ଏକ ଦରଖାସ୍ତ କରିଥିଲେ। ଆଜି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ଅଭୟ କୁମାର ପଢ଼ିହାରୀ, ଅତିରିକ୍ତ ତହସିଲଦାର ଶିବୁରାମ ସ୍ୱାଇଁ, ଥାନା ଆଇଆଇସି ଅନିତା ସାହୁ ପୋଲିସ ଫୋର୍ସ ସହ ଘର ଉଚ୍ଛେଦ କରିବା ନିମନ୍ତେ ପହଞ୍ଚିଥିଲେ। ଦିଗମ୍ବରଙ୍କ ପରିବାର ଗୃହ ଭିତରେ କବାଟ କିଳି ରହିଥିଲେ। ଉଚ୍ଛେଦ କରିବାକୁ ଯାଇଥିବା ପ୍ରଶାସନ ଶେଷରେ ନିରାଶ ହୋଇ ଫେରିଛନ୍ତି।

# ଦେବୀରେ ପ୍ରଖର ସ୍ରୋତ ସହ ଭଉଁରିର ତାଣ୍ଡବ !



କାକଟପୁର/ଅସ୍ତରଙ୍ଗ,୩୦ା୭(ସଂଚାର ବ୍ୟୁରୋ): ମହାନଦୀର ତାଣ୍ଡବ ଏବେ ଶାଖା ଦେବୀରେ ମଧ୍ୟ ଦେଖିବାକୁ ମିଳୁଛି। ଗୁରୁବାର ସକାଳଠୁ ଦେବୀ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇ ରୌଦ୍ର ରୂପ ନେଇଛି। ନଦୀର ବିଭିନ୍ନ ସ୍ଥାନରେ ପ୍ରଖର ସ୍ରୋତ ସହ ବଡ ବଡ ଭଉଁରୀ ସୃଷ୍ଟି ହୋଇଛି। ଏହି ଦୃଶ୍ୟ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଛି। କାକଟପୁର ବାଉରିଆକଣ ନିକଟରେ ସ୍ଥିତି ସବୁଠୁ ସଙ୍ଗୀନ। ସେଠାରେ ଥିବା ଜଳସ୍ତର ମାପକ ଖୁଣ୍ଟି ମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ବୁଡି ଯାଇଥିବା ବେଳେ ଅନ୍ୟଟି ଅଧା ବୁଡି ଯାଇଛି। ଜଳସମ୍ପଦ ବିଭାଗ ସୂଚନା ଅନୁସାରେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ବାଉରିଆକଣରେ ଦେବୀ ନଦୀର ଜଳସ୍ତର ୪.୩୦ ମିଟର ଛୁଇଁଛି। ବିପଦ ସଂକେତ ହେଉଛି ୪.୯୩ ମିଟର। ଅର୍ଥାତ୍ ବିପଦ ସୀମାରୁ ମାତ୍ର ୬୩ ସେମି ତଳେ ପାଣି ପ୍ରବାହିତ ହେଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବନ୍ୟା ମୁକାବିଲା ପାଇଁ ପୁରୀ ଜିଲ୍ଲାର ଦାୟିତ୍ୱ ରେ ବରିଷ୍ଠ ଜଳ ସମ୍ପଦ ଅଧିକାରୀ ବୈକୁଣ୍ଠ ନାଥ ଦଳେଇଙ୍କୁ ଦେଇଛନ୍ତି। ସେ ପୂର୍ବରୁ ଅନେକ ବନ୍ୟା ସମୟରେ ଅସ୍ତରଙ୍ଗ ବ୍ଲକର ସ୍ଥିତି ଅନୁଧ୍ୟାନ କରିଥିବାର ଅଭିଜ୍ଞତା ରହିଛି। ତାଙ୍କ ନେତୃତ୍ୱରେ ଏବେ ସମଗ୍ର ଅଞ୍ଚଳ ଉପରେ ଘଣ୍ଟା ଘଣ୍ଟା ରିପୋର୍ଟ ନିଆଯାଉଛି। ପ୍ରଖର ସ୍ରୋତ ଓ ଭଉଁରୀ ଯୋଗୁଁ ନଦୀ କୂଳର ମାଟି କ୍ଷୟ ଆରମ୍ଭ ହୋଇସାରିଛି। ଲଗାତାର ବର୍ଷା ଯୋଗୁଁ ବ୍ଲକ ଅଞ୍ଚଳର ହେକ୍ଟର ହେକ୍ଟର ଚାଷ ଜମିରେ ୨ରୁ ୩ ଫୁଟ ପାଣି ଜମିଛି। ନଦୀ କୂଳବର୍ତ୍ତୀ ଓ ତଳିଆ ଅଞ୍ଚଳର ଚାଷ ଜମିରେ ବନ୍ୟା ଜଳ ପ୍ରବେଶ କରିସାରିଛି। ଅସ୍ତରଙ୍ଗ ବ୍ଲକର ରିଶୋଲ ଓ ତାଳଦା ଅଞ୍ଚଳରେ ପଛୁଆ ପାଣି ପଶିଛି। ଏହାସହ ପୁଇଁଚାନ୍ଦିଆ, ଝାଡଲିଙ୍ଗ, ବିଲୁଆ ମଣ୍ଡୁଳି, ନଗର, ଆଳସାହି, କେଉଟଜଙ୍ଘା, ସହନ ଓ ତଣ୍ଡାହାର ଭଳି ୯ଟି ଗ୍ରାମକୁ ସମ୍ବେଦନଶୀଳ ଘୋଷଣା କରାଯାଇଛି। ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି କହିଛନ୍ତି, 'ଆମେ ସମ୍ପୂର୍ଣ୍ଣ ଅଞ୍ଚଳ ସହ ତଳିଆ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିସାରିଛୁ। ଯଦି ଜଳସ୍ତର ଆହୁରି ବଢେ ତେବେ ତଳିଆ ଅଞ୍ଚଳର ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯିବ। ସର୍ବୋଚ୍ଚ ଯନ୍ତ୍ରୀ ମଧ୍ୟ ସୂଚନା ଦେଇଛନ୍ତି ଯେ ଅସ୍ତରଙ୍ଗ ଅଞ୍ଚଳ ବନ୍ୟା ପ୍ରଭାବିତ ହୋଇପାରେ। ତେଣୁ ସମ୍ପୂର୍ଣ୍ଣ ପ୍ରଶାସନ ସଜାଗ ରହିଛି। 'ଏବେ ସବୁଠୁ ବଡ ବାଧକ ହେଲା ପୂର୍ଣ୍ଣିମା ତିଥି। ଜୁଆରିଆ ଥିବାରୁ ସମୁଦ୍ର ମୁହାଣକୁ ବନ୍ୟା ଜଳ ନିଷ୍କାସନ ହୋଇ ପାରୁନାହିଁ। ଫଳରେ ନଦୀର ପାଣି ତଳିଆ ଅଞ୍ଚଳରେ ଅଟକି ରହିଛି ଏବଂ ସ୍ରୋତ ଆହୁରି ପ୍ରଖର ହେଉଛି। ଦେବୀ ନଦୀର ଅନେକ ସ୍ଥାନରେ ଏବେ ଘୂର୍ଣ୍ଣି ପରି ବଡ ବଡ ଭଉଁରୀ ଦେଖିବାକୁ ମିଳୁଛି। ଏହା ଆସନ୍ତା ବିପଦର ସଙ୍କେତ। ପ୍ରଶାସନ ପକ୍ଷରୁ ନଦୀ ତଟବର୍ତ୍ତୀ ଲୋକଙ୍କୁ ସତର୍କ ରହିବା କୁ ପରାମର୍ଶ ଦିଆଯାଇଛି।ତଳିଆ ଅଞ୍ଚଳରେ ଶୁଖିଲା ଖାଦ୍ୟ, ପାଣି ଓ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନଡିଆରଏଫ ଓଡ୍ରାଫ ଟିମକୁ ମଧ୍ୟ ସତର୍କ ରଖାଯାଇଛି। ଆବଶ୍ୟକ ପଡ଼ିଲେ ଖୁବ ଶୀଘ୍ର ସେମାନେ ପହଞ୍ଚିବେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରତିବର୍ଷ ଏଭଳି ସ୍ଥିତି ହେଉଛି କିନ୍ତୁ ସ୍ଥାୟୀ ସମାଧାନ ହେଉନାହିଁ। ବେଡି ମଜବୁତୀକରଣ ଓ ଜଳ ନିଷ୍କାସନ ନାଳର ମରାମତି ତୁରନ୍ତ କରାଯିବା ଦରକାର। ଏବେ ସମସ୍ତଙ୍କ ନଜର ଆଗାମୀ ୪୮ ଘଣ୍ଟା ଉପରେ।


SANCHAR
ସଂଚାର
ଶୁକ୍ରବାର ୩୧ ଜୁଲାଇ ୨୦୨୬
ସ୍ୱାସ୍ଥ୍ୟ

# ମୁଖଗହ୍ବର କର୍କଟ କବଳରେ ଯୁବପିଢ଼ି



ବଢ଼ୁଛି ମୁଖଗହ୍ବର କର୍କଟ ରୋଗ। ବିଶେଷକରି ଯୁବପିଢ଼ି ଏହି ରୋଗର ଆଁରେ ପଡ଼ିଛନ୍ତି। କମ୍ ବୟସରୁ ତମାଖୁ, ସିଗାରେଟ୍ ସେବନ ସହ ଅନିୟମିତ ଲାଇଫଷ୍ଟାଇଲ(ଜୀବନଚର୍ଯ୍ୟା) ମୁଖଗହ୍ବର କର୍କଟ ବ୍ୟାପିବାର ମୁଖ୍ୟ କାରଣ। ମାର୍ଚ୍ଚ ୨୦ ୱାଲର୍ଡ ଓରାଲ ହେଲ୍ଥ ଡେ' ରହିଛି। ଏ ଅବସରରେ ଲୋକଙ୍କୁ ମୁଖ ଗହ୍ବର କର୍କଟ ପ୍ରତି ସଚେତନ କରିବାକୁ 'ପ୍ରମେୟ'ର ଏହି ପ୍ରୟାସ। ରାଜ୍ୟରେ କର୍କଟ ରୋଗ ଏକ ମହାମାରୀ ଭାବେ ବଢ଼ିଚାଲିଛି। ସ୍ତନ କର୍କଟ, ମୁଖଗହ୍ବର କର୍କଟ, ପାକସ୍ଥଳି କର୍କଟ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକେ।

ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, ଗତ ୨୦୨୫ ଏପ୍ରିଲରୁ ୨୦୨୬ ଜାନୁଆରୀ ପର୍ଯ୍ୟନ୍ତ, ରାଜ୍ୟରେ ୨୩,୨୩୧ ନୂଆ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଅଧିକ ସଂଖ୍ୟକ ହେଉଛନ୍ତି କେବଳ ମୁଖଗହ୍ବର କର୍କଟ ରୋଗୀ। ଯାହା ଦ୍ରୁତବେଗରେ କାୟା ମେଲାଇ ଚାଲିଛି। ତଥ୍ୟ ଆହୁରି କହୁଛି, ଗତ ୨୦୨୫ ବର୍ଷରେ ରାଜ୍ୟରେ ମୋଟ ୪୯୯୭ଜଣ ମୁଖଗହ୍ବର କର୍କଟରେ ଆକ୍ରାନ୍ତ ଥିଲେ। ଯାହା ଚିନ୍ତାଜନକ।

କମ୍ ବୟସରୁ ତମାଖୁ ନିଶା। ସକାଳୁ ନେଇ ଶୋଇବା ପର୍ଯ୍ୟନ୍ତ ପାଟିରେ ଟିକେ ଗୁଆ କି ଜର୍ଦ୍ଦା ନ' ବାଜିଲେ ରହିହେଉନି। ମନ ବିକଳ ହୋଇଯାଉଛି। ପୁଷ୍ଟିକର ଖାଦ୍ୟ ଛାଡ଼ି ତମାଖୁ ଓ ସିଗାରେଟ୍ ଖାଇବାକୁ ଭାରି ଇଚ୍ଛା ହେଉଛି। ସ୍କୁଲ ପଢୁଆ ପିଲାଙ୍କଠାରୁ ନେଇ କଲେଜ, ବିଶ୍ୱବିଦ୍ୟାଳୟ ଓ ଚାକିରିଆମାନେ। ସମସ୍ତେ ତମାଖୁ ଖାଉଛନ୍ତି। ହେଲେ ଜାଣିପାରୁନାହାନ୍ତି, ଏହି ତମାଖୁରେ ଲୁଚି ରହିଛି ମୁଖଗହ୍ବର କର୍କଟ ରୂପୀ ରାକ୍ଷସ। ଏକଥା କହିଛନ୍ତି ଏମ୍ସର ପୂର୍ବତନ ଅଧୀକ୍ଷକ ତଥା ଅଙ୍କୋଲୋଜି ବିଭାଗର ଡାକ୍ତର ଦିଲ୍ଲୀପ କୁମାର ପରିଡ଼ା। ସେ କହିଛନ୍ତି, ତମାଖୁ ମୁଖଗହ୍ବର ମୁଖ୍ୟ କାରଣ। ଆଉ ଏକ କାରଣ ଏଚ୍ପିଭି ଭାଇରସ। ହେଲେ ଏଚ୍ପିଭି ଭାଇରସର ମାତ୍ରା ଭାରତରେ କମ୍ ରହିଛି। ଗବେଷଣାରୁ ଜଣାପଡ଼ିଛି, ଗୋଟିଏ ତମାଖୁ ପ୍ୟାକେଟରେ ୪୫ରୁ ୫୦ଟା ରାସାୟନିକ ଲୁଚି ରହିଛି। ଯାହା ମୁଖଗହ୍ବର କର୍କଟର ବାହକ। ତେଣୁ ରୋଗ ଚିହ୍ନଟ ହେବା ପରେ ତମାଖୁ ଛାଡ଼ିଦେବା ଜରୁରୀ। ଅଧ୍ୟାପକ ତଥା ତମାଖୁ ବିରୋଧରେ ଆନ୍ଦୋଳନ କରୁଥିବା କର୍ମୀ ଡ. ମହମ୍ମଦ ଇମ୍ରାନ ଅଲ୍ଲୀ କହିଛନ୍ତି, ତମାଖୁ ସେବନ ଦ୍ୱାରା ଅନେକ ଲୋକଙ୍କୁ ମୁଖ ଗହ୍ବର କର୍କଟ ରୋଗର ପୂର୍ବାଭାସ ଦେଖାଯାଉଥିଲେ ହେଁ ସେମାନେ ସଚେତନ ହେଉନାହାନ୍ତି। ତମାଖୁ ସେବନକାରୀ ଅନେକ ବ୍ୟକ୍ତି ପାଟି ନ ଖୋଲିବା, ପାଟି ଭିତରେ ଧଳାଦାଗ, ଢୋକିବା ଓ ଚୋବାଇଲା ବେଳେ କଷ୍ଟ ହେବା ଭଳି ଲକ୍ଷଣ ଦେଖାଯାଉଛି। ଏହି ଲକ୍ଷଣ ବିଷୟରେ ଜନଜାଗରଣ ବଢ଼ିବା ଦରକାର। ମୁଖଗହ୍ବର କର୍କଟ ଜୀବନକୁ ଦୁର୍ବିସହ କରେ। ଏହାର ଜ୍ୱଳନ୍ତ ଉଦାହରଣ ଭୁବନେଶ୍ୱର ବମିଖାଲର ବାସିନ୍ଦା ପ୍ରଶାନ୍ତ ରାୟ(୫୨)। ଥରେ ନୁହେଁ, ଦୁଇଥର ସେ ମୁଖଗହ୍ବର କର୍କଟରେ ଆକ୍ରାନ୍ତ ହୋଇଛନ୍ତି। ହେଲେ ଠିକ୍ ସମୟରେ ଚିକିତ୍ସା ହେବାରୁ ସେ ସୁସ୍ଥ ହୋଇଛନ୍ତି। ଏବେ ସେ କର୍କଟ ଉପରେ ସଚେତନ କରୁଛନ୍ତି। ପ୍ରଶାନ୍ତ ଏକ ଖଣି କମ୍ପାନୀରେ ଚାକିରି କରିଥିଲେ। ୨୦୧୯ରେ ମୁଖଗହ୍ବର କର୍କଟରେ ପୀଡ଼ିତ ହେଲେ। ଏହାର କାରଣ ଥିଲା ଗୁଟଖା ଓ ଆଲକହଲ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେବା ପରେ ସେ ସାମାନ୍ୟ ସୁସ୍ଥ ହୋଇଥିଲେ। ହେଲେ ୨୦୨୧ରେ ରୋଗ ପୁଣି ଥରେ ଫେରିଥିଲା। ତୁରନ୍ତ ସେ ମୁମ୍ବାଇ ଯାଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ଚିକିତ୍ସା ବେଳେ ତାଙ୍କର ଜିଭର କିଛି ଅଂଶ କଟାଯାଇଥିଲା। ଘଟଣାକୁ ଇତିମଧ୍ୟରେ ୫ବର୍ଷ ହୋଇଗଲାଣି। ଏବେ ସେ ନା ଠିକ୍ ଭାବେ ଖାଉଛନ୍ତି, ନା କଥା ହୋଇପାରୁଛନ୍ତି। ପ୍ରଶାନ୍ତ କହିଛନ୍ତି, ପ୍ରଭୁଙ୍କ କୃପାରୁ ସେ ସୁସ୍ଥ ହୋଇଛନ୍ତି।

ମୁଖଗହ୍ବର ସହ ଅନ୍ୟ କ୍ୟାନ୍ସର ରୋଗ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ସରକାର ନୂଆ ଯୋଜନା କରୁଛନ୍ତି। ଏସ୍ଏଚ୍ଜି ଗ୍ରୁପର ମହିଳା ଓ ଆଶାକର୍ମୀଙ୍କୁ ଏଥିରେ ସାମିଲ କରାଯିବ। ସେମାନେ ଗାଁ ଗାଁ ବୁଲି କର୍କଟ ଉପରେ ଲୋକଙ୍କୁ ସଚେତନତା କରାଇବା ସହିତ ଟେଷ୍ଟିଂ ପାଇଁ ମଧ୍ୟ ଲୋକଙ୍କୁ ଜଣାଇବେ। ଏନେଇ ଏସ୍ଏଚ୍ଜି ଗ୍ରୁପର ମହିଳାଙ୍କୁ ଟ୍ରେନିଂ ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଅପରପକ୍ଷେ, କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ୨୫୦ ଶଯ୍ୟାରୁ ୫୧୭ ଶଯ୍ୟାକୁ ବୃଦ୍ଧି କରାଯାଇଛି। ସେହିପରି ବୁର୍ଲା ଭିମସାର, ବ୍ରହ୍ମପୁର ଏମକେସିଜି, ବଲାଙ୍ଗିର ବିବିଏମ୍ସିଏଚ୍, କେନ୍ଦୁଝର ଡିଏଚ୍ଏଚ୍ ଓ ବାଲେଶ୍ୱର ଏଫ୍ଏମ୍ଏମ୍ସିଏଚରେ ଥିବା କର୍କଟ ହସ୍ପିଟାଲ ପାଇଁ ନୂଆ ୬ଟି ରେଡିଓଥେରାପି ମେସିନ୍ କିଣାଯାଉଛି।

# ଅଁଳା ଜୁସ୍ ସହ ହଳଦୀ ମିଶାଇ ପିଇଲେ ଶରୀର ପାଇଁ ହିତକର



କଞ୍ଚା ହଳଦୀ ଓ ଅଁଳା ଉଭୟ ଖୁବ୍ ଗୁଣକାରୀ। ଯଦି ଉଭୟକୁ ଏକାଠି କରି ଜୁସ୍ ପିଅନ୍ତି, ତେବେ ଶରୀର ଉପରେ ଏହାର ସକାରାତ୍ମକ ପ୍ରଭାବ ପଡିବ ନିଶ୍ଚୟ। ଆଜିକାଲି ପ୍ରାୟ ଲୋକ ନିଜକୁ ସୁସ୍ଥ ରଖିବା ପାଇଁ ପ୍ରାକୃତିକ ଜିନିଷ ଆଡକୁ ଢଳିବାରେ ଲାଗିଛନ୍ତି। ଆୟୁର୍ବେଦ ସହ ଆଧୁନିକ ବିଜ୍ଞାନ ମଧ୍ୟ ଉଭୟ ଅଁଳା ଓ କଞ୍ଚା ହଳଦୀର ଔଷଧୀୟ ଗୁଣକୁ ସ୍ୱୀକାର କରିଛନ୍ତି। କଞ୍ଚା ହଳଦୀରେ ଥିବା କର୍କ୍ୟୁମିନ୍ ଶରୀରର ପ୍ରଦାହକୁ କମ୍ କରିବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ସେହିପରି ଅଁଳା ଭିଟାମିନ୍-ସି' ର ପ୍ରମୁଖ ସ୍ରୋତ, ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇବା ସହ କେଶ, ତ୍ୱଚା ଓ ହଜମ ପ୍ରକ୍ରିୟାକୁ ଲାଭ ପହଞ୍ଚାଇଥାଏ। ଏହି ଜୁସ୍ ଶରୀରକୁ ଅନେକ ପ୍ରକାରର ଫାଇଦା ଦିଏ ବୋଲି କହନ୍ତି ଡାଏଟିସିଆନ୍ ଅର୍ଚ୍ଚନା ଜୈନ୍।

କଞ୍ଚା ହଳଦୀ ଓ ଅଁଳା ଜୁସ୍ ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ। ଅଁଳାର ଭିଟାମିନ୍-ସି' ଶରୀରର ସଂକ୍ରମଣ ଓ ଭାଇରସ୍ ସହ ଲଢୁଥିବା ବେଳେ ହଳଦୀର ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟିଭାଇରାଲ୍ ଗୁଣ ବହୁରୋଗରୁ ରକ୍ଷା କରେ। ଋତୁ ପରିବର୍ତ୍ତନ ସମୟରେ ହେଉଥିବା କାଶ ଓ ଭାଇରାଲ୍ ସଂକ୍ରମଣରୁ ରକ୍ଷା କରେ। ଏ ଜୁସ୍ ରୋଗ ପ୍ରତିରୋଧକ ଶକ୍ତିକୁ ବଢାଏ।

ଆଜିକାଲି ଭୁଲ ଖାଦ୍ୟପାନୀୟ, ଜଙ୍କ୍ଫୁଡ୍ ଓ ପ୍ରଦୂଷଣ କାରଣରୁ ଶରୀରରେ ବିଷାକ୍ତ ପଦାର୍ଥ ଜମା ହେବାରେ ଲାଗିଛି। ଏହା ଲିଭର୍ ଫଙ୍କସନରେ ସୁଧାର ଆଣିବା ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ଅଁଳା ପାଚନ ପ୍ରକ୍ରିୟାରେ ସୁଧାର ଆଣିବା ସହ ହଳଦୀ ପ୍ରଦାହକୁ କମ୍ କରିଥାଏ।

ଅଁଳାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତ୍ୱଚାକୁ ଫ୍ରି-ରେଡିକଲ୍ସରୁ ରକ୍ଷା କରିଥାଏ। ହଳଦୀ ତ୍ୱଚାକୁ ପ୍ରଦାହ ଓ ବ୍ରଣଠାରୁ ଦୂରେଇ ରଖେ। ଏପରିକି ଚର୍ମକୁ ପୋଷଣ ଦେବା ସହ ଦୀର୍ଘଦିନ ଯାଏ ନମନୀୟତା ବଜାୟ ରଖିଥାଏ। ଏହାବ୍ୟତୀତ ବୟସକୁ ମଧ୍ୟ ବାନ୍ଧି ରଖେ।

ଡାଏଟିସିଆନଙ୍କ ଅନୁସାରେ କଞ୍ଚା ହଳଦୀ ଓ ଅଁଳାଜୁସ୍ ହଜମ ପ୍ରକ୍ରିୟାକୁ ବଢାଇଥାଏ। ଏହା ଗ୍ୟାସ୍, ବଦ୍ହଜମୀ ପରି ସମସ୍ୟାକୁ ଦୂର କରେ। ଅଁଳା ପେଟ ସହ ଅନ୍ତଃନଳୀରେ ସୁଧାର ଆଣିଥାଏ। ଯେଉଁମାନଙ୍କର ବାରମ୍ବାର ପେଟ ସମସ୍ୟା ହେଉଛି, ସେମାନଙ୍କ ପାଇଁ ଏହା ଖୁବ୍ ଲାଭଦାୟକ।

ଡାଏଟିସିଆନଙ୍କ ମତରେ ଏହି ଜୁସ୍ ଫାଇଦା ଦିଏ, ତଥାପି ସୀମିତ ମାତ୍ରାରେ ନେବା ଉଚିତ୍। କାରଣ କିଛି ଲୋକଙ୍କ ପେଟରେ ଏହା ଜ୍ୱଳନ ଅବା ଏସିଡିଟି ସମସ୍ୟା ସୃଷ୍ଟି କରିଥାଏ। ଯେଉଁମାନେ ଗମ୍ଭୀର ସମସ୍ୟା ଯୋଗୁ କୌଣସି ଔଷଧ ନେଉଥାନ୍ତି, ସେମାନେ ଡାକ୍ତରଙ୍କ ପରାମର୍ଶକ୍ରମେ ଏହି ଜୁସ୍ ପିଇବା ଉଚିତ।

# ଷ୍ଟ୍ରୋକ୍ ପରେ ଅବସାଦ ଆସେ!



ଷ୍ଟ୍ରୋକ୍ ଏକ ଗମ୍ଭୀର ସମସ୍ୟା, ଯାହାର ଶିକାର କେହି ହୋଇପାରନ୍ତି। ଫଳରେ ବ୍ୟକ୍ତି ବିଭିନ୍ନ ସମସ୍ୟାର ଶିକାର ହେବାର ଆଶଙ୍କା ବଢିଥାଏ।ଏହାକୁ ପୋଷ୍ଟ ଷ୍ଟ୍ରୋକ୍ ଡିପ୍ରେସନ୍ କୁହାଯାଏ। ଏହାକୁ ସଠିକ୍ ସମୟରେ ନିରୂପଣ କରି ଚିକିତ୍ସା କରିବା ଜରୁରି। ତେବେ ଚାଲନ୍ତୁ ଜାଣିବା ଏହାର କ'ଣ ରହିଥାଏ ଲକ୍ଷଣ ? ମଣିଷ ଶରୀର ଏକ ଜଟିଳ ସଂରଚନା। ପାଦଆଙ୍ଗୁଳିଠାରୁ ଆରମ୍ଭ କରି ମୁଣ୍ଡର କେଶପର୍ଯ୍ୟନ୍ତ ସାରା ଶରୀର ମଧ୍ୟରେ ସଂଯୋଗ ରହିଛି। ସେହିପରି ମସ୍ତିଷ୍କ ସହ ହୃଦୟରମଧ୍ୟ ସଂପୃକ୍ତି ରହିଛି। ଆଙ୍ଗ୍ଜାଇଟି, ଷ୍ଟ୍ରେସ୍,ଅବସାଦ, ପରି ମାନସିକ ସ୍ଥିତି ହୃଦ୍‌ଘାତ,ଷ୍ଟ୍ରୋକ୍ ଓ ଉଚ୍ଚ ରକ୍ତଚାପ ପାଇଁ ମଧ୍ୟଦାୟୀ ରହିଥାନ୍ତି। ସେହିପରି ଯେଉଁ ବ୍ୟକ୍ତିଷ୍ଟ୍ରୋକ୍ ପରି ଘାତକ ପରିସ୍ଥିତି ଦେଇ ଗତିକରିସାରିଛନ୍ତି, ସେମାନଙ୍କଠାରେ ଅବସାଦର ଲକ୍ଷଣ ଦେଖାଦେଇପାରେ। ଏହାକୁ ପୋଷ୍ଟଷ୍ଟ୍ରୋକ୍ ଡିପ୍ରେସନ୍ ବୋଲି ଚିହ୍ନଟ କରିବା ସହ ଚିକିତ୍ସା କରିବା ଜରୁରି। ନଚେତ୍ ହୃଦ୍‌ଘାତ ପରି ଗମ୍ଭୀର ପରିସ୍ଥିତିକୁ ନିମନ୍ତ୍ରଣ ଦେଇପାରନ୍ତି। ଷ୍ଟ୍ରୋକ୍ ପରେ ମାନସିକ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିଥାଏ । ଅବସାଦ ଷ୍ଟ୍ରୋକ୍‌ର ଏକ ପାଶ୍ୱର୍ ପ୍ରତିକ୍ରିୟା।ଷ୍ଟ୍ରୋକ୍ ପରେ ଏହା ଦେଖାଯିବା ଖୁବ୍ ସାଧାରଣ। ଷ୍ଟ୍ରୋକ୍ ହେବାପରେ ପ୍ରତି ୩ ଜଣଙ୍କ ଭିତରୁ ଜଣକଠାରେଅବସାଦ, ଧୀରେ ଧୀରେ ନ୍ୟୁରୋମିଟରରେପରିବର୍ତ୍ତନ, ଖରାପ ଜୀବନଶୈଳୀ ଏବଂମୃତ୍ୟୁକୁ ନେଇ ଆଶଙ୍କା ବଢିଯାଇଥାଏ।ଅବସାଦ ଷ୍ଟ୍ରୋକ୍‌ର ୨ ବର୍ଷ ପରେ ମଧ୍ୟଆସିପାରେ। ପ୍ରାୟତଃ ୩୦ ପ୍ରତିଶତଷ୍ଟ୍ରୋକ୍‌ରୁ ରକ୍ଷା ପାଇଥିବା ବ୍ୟକ୍ତିଙ୍କଠାରେଅବସାଦ ଦେଖିବାକୁ ମିଳିଥାଏ। ଲକ୍ଷଣମନ ଅସ୍ଥିର ହେବା, ହୃଦ୍‌ସ୍ପନ୍ଦନ ବଢିବା,ମୃତ୍ୟୁର ଭୟ, କିଛି କରିବାର ଆଗ୍ରହକମିବା, ଆବଶ୍ୟକଠାରୁ ଅଧିକ ଭୋକଲାଗିବା ବା ଆଦୌ ଭୋକ ନ ଲାଗିବା,ଶକ୍ତିହୀନ ଅନୁଭବ କରିବା, ଆତ୍ମହତ୍ୟାକରିବାକୁ ଇଚ୍ଛା ହେବା, ନିଷ୍ପତ୍ତି ନେବାରେସମସ୍ୟା ଓ ଉଦାସ ଅନୁଭବ କରିବା। ଚିକିତ୍ସା ଷ୍ଟ୍ରୋକ୍ ପରେ ହେଉଥିବା ଅବସାଦର ଚିକିତ୍ସା ଜରୁରି। କୌଣସି ଭଲ ମନୋ ଚିକିତ୍ସକଙ୍କ ସାହାଯ୍ୟ ନେଇ ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ। ପରିବାର ସହ ରହିବା ତଥା ସମସ୍ତ ଭାବନାକୁ ସେୟାର କରିବାମଧ୍ୟ ଜରୁରି। ଯଦି ଆବଶ୍ୟକ, ତେବେ ଥେରାପୀ ମଧ୍ୟ ନିଅନ୍ତୁ। ପ୍ରଫେସନାଲ୍ ହେଲ୍ଥକଗ୍‌ନିଟିଭ୍ ବିହେବିରିଆଲ୍ ଥେରାପୀ,ଇଣ୍ଟରପର୍ସନାଲ୍ ଥେରାପୀ ପରି ଅନ୍ୟାନ୍ୟଥେରାପୀର ମଧ୍ୟ ସହଯୋଗ ନେଇପାରିବେ। ଏସବୁ କରିବା ଦ୍ୱାରା ଅବସାଦରୁ ବାହାରିବାସମ୍ଭବ ହୋଇଥାଏ।

# ଶରୀରକୁ ଶୀଘ୍ର ହାଇଡ୍ରେଟ୍ କରେ ନଡ଼ିଆ ପାଣି



ଗ୍ରୀଷ୍ମ ଋତୁରେ ଝାଳ ମାଧ୍ୟମରେ ଶରୀରରୁ ପାଣି ବାହାରିଯାଏ, ଯାହା ଶରୀରକୁ ଡିହାଇଡ୍ରେଟ୍ କରେ। ତେଣୁ, ଗରମ ଷ୍ଟ୍ରୋକ୍‌ରୁ ରକ୍ଷା ପାଇବା ପାଇଁ ଏବଂ ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ପାଣି ପିଇବା ଅତ୍ୟନ୍ତ ଜରୁରୀ। ଡିହାଇଡ୍ରେସନ୍ ଯୋଗୁଁ ମୁଣ୍ଡ ବୁଲାଇବା ମଧ୍ୟ ହୋଇପାରେ। ଏହାକୁ ଏଡାଇବା ପାଇଁ ଲୋକମାନେ ନଡ଼ିଆ ପାଣି ଠାରୁ ଆରମ୍ଭ କରି ଗ୍ଲୁକୋଜ୍ ପର୍ଯ୍ୟନ୍ତ ସବୁକିଛି ସେବନ କରନ୍ତି। କିନ୍ତୁ ଲୋକଙ୍କ ମନରେ ସବୁବେଳେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥାଏ ଯେ କେଉଁ ପାନୀୟ ଶରୀରକୁ ଶୀଘ୍ର ହାଇଡ୍ରେଟ୍ କରେ। ଆସନ୍ତୁ ଜାଣିବା ସେ ବିଷୟରେ...

## ନଡିଆ ପାଣିର ଫାଇଦା

**ହାଇଡ୍ରେସନ୍‌ର ଉତ୍ତମ ସ୍ରୋତ:** ନଡ଼ିଆ ପାଣିରେ ଇଲେକ୍ଟ୍ରୋଲାଇଟ୍ସ ପରି ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ସୋଡିୟମ୍ ଭରପୂର ରହିଛି। ଏହା ଡିହାଇଡ୍ରେସନ୍ ପୂରଣ କରିବାରେ ସାଦା ପାଣି ଅପେକ୍ଷା ଆହୁରି ପ୍ରଭାବଶାଳୀ, ବିଶେଷକରି ବ୍ୟାୟାମ ପରେ କିମ୍ବା ଗ୍ରୀଷ୍ମ ପ୍ରବାହ ସମୟରେ।

**ହୃଦୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ:** ଏଥିରେ ଥିବା ପୋଟାସିୟମ ପରିମାଣ ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ନିୟମିତ ସେବନ ଖରାପ କୋଲେଷ୍ଟ୍ରଲକୁ ହ୍ରାସ କରେ, ଯାହା ହୃଦରୋଗର ଆଶଙ୍କା କମ୍ କରିଥାଏ।

**ଓଜନ ହ୍ରାସରେ ସାହାଯ୍ୟ କରେ:** ଯଦି ଆପଣ ମିଠା ଜୁସ୍ କିମ୍ବା ସୋଡ଼ାର ପ୍ରଶଂସକ, ତେବେ ନଡ଼ିଆ ପାଣି ଏକ ଉତ୍ତମ ବିକଳ୍ପ। ଏଥିରେ କ୍ୟାଲୋରି ବହୁତ କମ୍। ଏହା ଆପଣଙ୍କ ମେଟାବୋଲିଜିମ୍ ତ୍ୱରାନ୍ୱିତ କରେ ଏବଂ ଆପଣଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ପେଟ ପୂର୍ଣ୍ଣ ଅନୁଭବ କରାଏ।

**ଚମକଦାର ତ୍ୱଚା ଏବଂ କେଶ:** ନଡ଼ିଆ ପାଣି ପିଇବା ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାରିଯାଏ। ନଡ଼ିଆ ପାଣିରେ ଥିବା ସାଇଟୋକିନିନ୍ ତ୍ୱଚାକୁ ଯବାନ ରଖିବାରେ ସାହାଯ୍ୟ କରେ। ଏହାକୁ ମୁହଁରେ ଲଗାଇବା ଦ୍ୱାରା ବ୍ରଣ ଏବଂ ଦାଗ କମ ହୋଇଥାଏ।

## ଗ୍ଲୁକୋଜର ଫାଇଦା

**ତୁରନ୍ତ ଶକ୍ତି:** ଗ୍ଲୁକୋଜର ସବୁଠାରୁ ବଡ଼ ଫାଇଦା ହେଉଛି ଏହାକୁ ହଜମ କରିବାକୁ ପଡ଼ିନଥାଏ। ଏହା ସିଧାସଳଖ ରକ୍ତ ପ୍ରବାହରେ ଶୋଷିତ ହୋଇ ଶରୀରର କୋଷଗୁଡ଼ିକୁ ତୁରନ୍ତ ଶକ୍ତି ଯୋଗାଇଥାଏ। ଏହି କାରଣରୁ ଯେତେବେଳେ ଆପଣ କ୍ଲାନ୍ତ କିମ୍ବା ଦୁର୍ବଳ ଅନୁଭବ କରନ୍ତି ସେତେବେଳେ ଗ୍ଲୁକୋଜ ପିଇବାକୁ ପରାମର୍ଶ ଦିଆଯାଏ।

**ମସ୍ତିଷ୍କ ପାଇଁ ଇନ୍ଧନ:** ମସ୍ତିଷ୍କ ଆମ ଶରୀରର ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବ୍ୟବହାର କରେ, ଏବଂ ଗ୍ଲୁକୋଜ୍ ଏହାର ଶକ୍ତିର ପ୍ରାଥମିକ ଉତ୍ସ। ପର୍ଯ୍ୟାପ୍ତ ଗ୍ଲୁକୋଜ୍ ସେବନ ଏକାଗ୍ରତାକୁ ଉନ୍ନତ କରେ ଏବଂ ମାନସିକ ଥକ୍କାପଣକୁ ହ୍ରାସ କରେ।

**ଶରୀରର ତାପମାତ୍ରା ନିୟନ୍ତ୍ରଣ:** ଅତ୍ୟଧିକ ଗରମରେ, ଶରୀର ଝାଳ ମାଧ୍ୟମରେ ଶକ୍ତି ଏବଂ ପାଣି ହରାଇଥାଏ। ଗ୍ଲୁକୋଜ୍ କେବଳ ଶକ୍ତି ପ୍ରଦାନ କରେ ନାହିଁ ବରଂ ଶରୀରକୁ ହାଇଡ୍ରେଟ୍ ଏବଂ ତାପମାତ୍ରା ବଜାୟ ରଖିବାରେ ମଧ୍ୟ ସାହାଯ୍ୟ କରେ।

ଯଦି ଆପଣ ଦୁର୍ବଳ ଅନୁଭବ କରୁଛନ୍ତି ଏବଂ ତୁରନ୍ତ ଶକ୍ତି ଆବଶ୍ୟକ କରୁଛନ୍ତି, ତେବେ ଆପଣ ଗ୍ଲୁକୋଜ୍ ସେବନ କରିପାରିବେ। ଦୀର୍ଘକାଳୀନ ସ୍ୱାସ୍ଥ୍ୟ ପାଇଁ ନଡ଼ିଆ ପାଣି ଲାଭଦାୟକ କାରଣ ଏହା କେବଳ ଆପଣଙ୍କୁ ହାଇଡ୍ରେଟ୍ କରେ ନାହିଁ ବରଂ ଶରୀରରେ ଖଣିଜ ପଦାର୍ଥକୁ ମଧ୍ୟ ପୂରଣ କରେ, ଯାହା ଆପଣଙ୍କୁ ଅଧିକ ସମୟ ପାଇଁ ସତେଜ ଅନୁଭବ କରାଇଥାଏ।





## ଲଗାଣ ବର୍ଷାରେ ଫୁଲୁଛି ନାଗାବଳୀ ଓ ବଂଶଧାରା ନଦୀ

# ଭୟଭୀତ ଅବସ୍ଥାରେ ନଈକୂଳିଆ

**ରାୟଗଡ଼ା,୩୦ା୭ (ସଂଚାର ବ୍ୟୁରୋ)**: ଜାରି ରହିଥିବା ଲଗାଣ ବର୍ଷା ଏବେ ବିପର୍ଯ୍ୟୟର ରୂପ ନେବାରେ ଲାଗିଛି । ରାୟଗଡ଼ା ଜିଲ୍ଲାର ଦୁଇ ପ୍ରମୁଖ ନଦୀ ନାଗାବଳୀ ଓ ବଂଶଧାରାର ଜଳସ୍ତର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ନଦୀ ଦ୍ୱୟ ଏବେ ଗର୍ଜନ କରି କୂଳ ଲଙ୍ଘୁଥିବା ବେଳେ ଜଳସ୍ତର ବିପଦ ସଙ୍କେତର ମାତ୍ର କିଛି ତଳେ ପ୍ରବାହିତ ହେଉଛି। ଏଭଳି ସ୍ଥିତିରେ ନଈକୂଳିଆ ଗାଁଗୁଡ଼ିକରେ ବନ୍ୟା ଭୟ ଖେଳିଯାଇଛି । ଯେଉଁ ନାଗାବଳୀ ନଦୀ ଦିନେ ଶୁଖିଲା ପଡ଼ିଥିଲା, ଆଜି ସେ ଭୟଙ୍କର ରୂପ ଧାରଣ କରିଛି। ପ୍ରଖର ସ୍ରୋତ ଯୋଗୁଁ ନଦୀ କୂଳରୁ ମାଟି ଅତଡ଼ା ଧସିବା ସହ ପଥର ଆଡ଼ି ବନ୍ଧଗୁଡ଼ିକ ମଧ୍ୟ ଭାସିଗଲାଣି। ବିଶେଷ କରି ବାଇସିଂ ପଞ୍ଚାୟତର ଦୁମାଗୁଡ଼ା ଓ ମାରିଗୁଡ଼ା ଗାଁ ସମେତ ରାୟଗଡା ପୌରପରିଷଦ ଅନ୍ତର୍ଗତ ୧୪ ନମ୍ବର ୱାର୍ଡର ଚେକାଗୁଡା ଗାଁ ନିକଟରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ନଦୀକୂଳରେ ଥିବା ବହୁ ଚାଷ ଜମି ଏବେ ନଦୀଗର୍ଭକୁ ଚାଲିଗଲାଣି। ଯଦି ବର୍ଷା ଏମିତି ଲାଗିରହେ, ତେବେ ଗାଁଗୁଡ଼ିକ ନଦୀରେ ଲୀନ ହୋଇଯିବା ଆଶଙ୍କା କରି ସ୍ଥାନୀୟ ବାସିନ୍ଦା ଗଙ୍ଗା କାଡ୍ରାକା ଓ ବବିତା ତାଡ଼ିଙ୍ଗି ନିଜର ଦୁଃଖ ପ୍ରକାଶ କରିଛନ୍ତି । ଅନ୍ୟପଟେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲା ଜରୁରୀକାଳୀନ ଅଧିକାରୀ କଳିଙ୍ଗ କୁମାର ପୂଜାରୀଙ୍କ ସୂଚନା ଅନୁଯାୟୀ, ଜିଲ୍ଲାରେ ୩ଟି ବହୁମୂଖି ଆଶ୍ରୟସ୍ଥଳୀକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ଓଡ୍ରାଫ ଟିମ୍ ଏବଂ ଅଗ୍ନିଶମ ବିଭାଗକୁ ହାଇଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ନଦୀର ଜଳସ୍ତର ବିପଦ ସଙ୍କେତ ଟପେ, ତେବେ ତୁରନ୍ତ ନଦୀକୂଳିଆ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବ। କୌଣସି ବଡ଼ ଧରଣର କ୍ଷୟକ୍ଷତି ହେବା ପୂର୍ବରୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉଛି ।

● ବନ୍ୟା ଜଳ ମାଡ଼ି ଆସିବାରୁ ଫସିଗଲେ ୧୩ ଚାଷୀ

## ଉଦ୍ଧାର କଲା ଓଡ୍ରାଫ ଟିମ୍, ମଝି ପାଣିରେ ରହିଯାଇଥିଲେ ୪ ଜଣ

**ବଲାଙ୍ଗୀର,୩୦ା୭ (ସଂଚାର ବ୍ୟୁରୋ)**: ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଉନ୍ଦେର ନଦୀରେ ବନ୍ୟା ଆସିବାରୁ ଚାଷ କାମ କରିବାକୁ ବିଲ କୁ ଯାଇଥିବା ୧୩ ଜଣ ଚାଷୀ ଫସି ଯାଇଥିଲି। ବଙ୍ଗୋମୁଣ୍ଡା ଗନ୍ଧର୍ଲା ଗାଁର ୫ ଜଣ ଓ ବଡ଼ପଡ଼ା ଗାଁର ୪ ଜଣ ଚାଷୀ ବନ୍ୟା ଜଳରେ ଫସି ରହିଥିବା ବେଳେ ଟିଟିଲାଗଡ଼ କୁରସୁଡ ଗାଁର ୪ ଚାଷୀ ମଝି ନଈ ରେ ଫସି ରହିଥିଲେ। ବନ୍ୟା ଜଳରେ ୧୩ଚାଷୀ ଫଶି ରହିଥିବା ଜିଲା ପ୍ରଶାସନ ଖବର ପାଇବା ପରେ ଟିଟିଲାଗଡ଼ ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟ କରିବା ପାଇଁ ବନ୍ୟା ଅଞ୍ଚଳରେ ପହଞ୍ଚି ଥିଲା। ନଦୀରେ ବନ୍ୟା ଜଳ ବହୁତ ବଢ଼ି ଯିବାରୁ ମଝି ପାଣିରେ ରହିଯାଇଥିବା ୪ଜଣ ଚାଷୀଙ୍କୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ବିଭାଗ ସାହସ କରିପାରି ନ ଥିଲା। ପରେ ପ୍ରସାଶନ ପକ୍ଷରୁ ଚାଷୀମାନଙ୍କୁ ଉଦ୍ଧାର କରିବା ପାଇଁ ବଲାଙ୍ଗୀର ଓଡ୍ରାଫ ଟିମ୍‌କୁ ଡକାଯାଇଥିଲା। ଓଡ୍ରାଫ ଟିମ ପହଞ୍ଚି ରାତି ୨ଟା ୩୦ ମିନିଟ୍‌ରେ ୪ଜଣ ଚାଷୀଙ୍କୁ ବନ୍ୟା ପାଣିରୁ ଉଦ୍ଧାର କରି କୂଳକୁ ଆଣିଥିବା ଜଣାଯାଇଛି। ବନ୍ୟା ଅଞ୍ଚଳରେ ଫଶି ରହିଥିବା ୧୩ଚାଷୀଙ୍କୁ ଠିକ୍ ସମୟରେ ପହଞ୍ଚି ଜିଲା ପ୍ରଶାସନ ଉଦ୍ଧାର କରିଥିବାରୁ ବିଭିନ୍ନ ମହଲ ରେ ପ୍ରଶଂଶା କରାଯାଉଛି।

## କାଦୁଅ ପଚପଚରେ ଖୋଲା ଜିମ୍ କେନ୍ଦ୍ର ନିର୍ମାଣ

### ବିନା ସୂଚନାଫଳକକୁ ନେଇ ତାତିଲେ ଗ୍ରାମବାସୀ



**କେସିଙ୍ଗା,୩୦ା୭ (ସଂଚାର ବ୍ୟୁରୋ)**: କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧିନସ୍ଥ ତୁର୍ଲାଖମାନ ଗ୍ରାମରେ ଲୋକଙ୍କ ସ୍ୱାସ୍ଥ୍ୟ ସୁଦୃଢ଼ କରିବା ପାଇଁ ଲୋକ ସଭା ଏମ୍‌ପି ସୁଜିତ କୁମାର ଏକ ଖୋଲା ଜିମ୍ କେନ୍ଦ୍ର ନିର୍ମାଣ ପାଇଁ ଆଇଟିଡିଏ ଭବାନୀପାଟଣାକୁ ଦାୟିତ୍ୱ ଦେଇଛନ୍ତି। କିନ୍ତୁ ଏହି ଜିମ୍ କେନ୍ଦ୍ର ନିର୍ମାଣ ପାଇଁ ଗତ ବୁଧବାର ଗାଡ଼ିରେ ଜିମ୍ କେନ୍ଦ୍ର ଆବଶ୍ୟକ ସାମଗ୍ରୀ ଆଣି ବର୍ଷା ହେବା ସତ୍ତ୍ୱେ ତରବରିଆ ଭାବେ କାଦୁଅରେ ସରଞ୍ଜାମ ସ୍ଥାପନ କରି ଶ୍ରମିକମାନେ ଚାଲିଗଲେ। ଗାଁ ଲୋକଙ୍କ ଅଭିଯୋଗ ପାଇ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁ ଜିମ୍ କେନ୍ଦ୍ରକୁ ଗୁରୁବାର ପରିଦର୍ଶନ କରି ନିର୍ମାଣ କରୁଥିବା ଶ୍ରମିକଙ୍କୁ ଠିକ୍ ଭାବେ କାମ କରିବାକୁ ଦାଗିଦ୍ କରିଥିଲେ। କିନ୍ତୁ ପରିତାପର ବିଷୟ ଲୋକଙ୍କ ସୁବିଧା ଦୃଷ୍ଟିରୁ ଜିମ୍ କେନ୍ଦ୍ର ନିର୍ମାଣ ପାଇଁ ଲକ୍ଷଲକ୍ଷ ଟଙ୍କା ମଞ୍ଜୁର ହେଉଥିଲେ ସୁଦ୍ଧା ଅତି ନିମ୍ନମାନର ମିଥ୍ୟା ବିଲ୍ ଭାଉଚର କରି ଆଇଟିଡିଏର ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ହରିଲୁଟ୍ କରିବାର ଏଥିରୁ ସ୍ପଷ୍ଟ ଦେଖା ଯାଉଛି। ବିନାସୂଚନା ଫଳକରେ ଲକ୍ଷଲକ୍ଷ ଟଙ୍କାର କାମ କେମିତି କରାଯାଉଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଜିମ୍ ପରିସରରେ କଂକ୍ରିଟ କରି ଜିମ୍‌ରେ ବ୍ୟବହୃତ ସାମଗ୍ରୀ ବ୍ୟବହାର କରିବା କଥା। କିନ୍ତୁ କାଦୁଅ ଏବଂ ବର୍ଷା ଜଳ ଯେଉଁଥି ଭର୍ତ୍ତି ହୋଇଛି, ସେଠାରେ ଜିମ କେନ୍ଦ୍ର ନିର୍ମାଣକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁଙ୍କୁ ପଚାରିବାରୁ ଆମ ଡିପାର୍ଟମେଣ୍ଟର କାମ ନୁହେଁ, କାମ କରୁଥିବା ଶ୍ରମିକଙ୍କୁ ଠିକ୍ ଭାବେ କାମ କରିବାକୁ ନିର୍ଦ୍ଦେଶ ଦେଇଛି ବୋଲି ପ୍ରକାଶ କରିଥିଲେ। ଏ ନେଇ ଆଇଟିଡିଏର ଯନ୍ତ୍ରୀଙ୍କୁ ପଚାରିବାରୁ ମୁଁ ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ।

## ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ



**ବଲାଙ୍ଗିର,୩୦ା୭ (ସଂଚାର ବ୍ୟୁରୋ)**: ବଲାଙ୍ଗିର ସହରର ମୂଳ ନିବାସୀ ତଥା ସ୍ଥାନୀୟ ପି. ପି. ଏକାଡେମୀ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବାଙ୍କା ବିହାରୀ ପଣ୍ଡାଙ୍କ ଗତରାତି ୨.୪୫ ମିନିଟ ସମୟରେ ପରଲୋକ ହୋଇଯାଇଛି। ମୃତ ବେଳକୁ ତାଙ୍କୁ ୮୦ ବର୍ଷ ହେଉଥିଲା ଏବଂ କିଛିଦିନ ହେଲା ସେ ବାର୍ଦ୍ଧକ ରୋଗ ରେ ପୀଡିତ ଥିଲେ। ଶିକ୍ଷାବିତ ପଣ୍ଡାଙ୍କ ମୃତ୍ରୁ ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ୍ରୁ ବେଳକୁ ତାଙ୍କ ବଡ଼ ପୁଅ ସାମ୍ବାଦିକ ଶ୍ରୀମନ୍ତ ପଣ୍ଡା, ବହୁ ରଶ୍ମିତା ଚାନ୍ଦ, ପୁଅ ସୁଶାନ୍ତ ପଣ୍ଡା, ସୁଜିତ ପଣ୍ଡାଙ୍କ ସହ ଦୁଇ ବହୁ ନାତୁଣୀ ସିଲଭା ପଣ୍ଡା ଏବଂ ନାତି ଶୁଭମ ପଣ୍ଡାଙ୍କ ସମେତ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ସ୍ଥାନୀୟ ବିଭୁତି ପଡ଼ା ସ୍ମସାନ ରେ ତାଙ୍କ ଶବଦାହ କରାଯାଇଥିଲା। ମୃତ ପଣ୍ଡାଙ୍କ ବଡପୁଅ ମୁଖାଗ୍ନୀ ଦେଇଥିଲେ। ଶବଦାହ ସମୟ ରେ ଓୟୁଜେ ର ରାଜ୍ୟ ସଂପାଦକ ସାମ୍ବାଦିକ ରିତରାଜ ସିଂହ, ଚାଷୀନେତା ଅନୀଲ ନନ୍ଦ, ବିଶିଷ୍ଟ ବ୍ୟବସାୟୀ ଦିଲୀପ ପାଢ଼ି, ବ୍ରଜେଶ କର, କିଶୋର ରାଉଳ, ପ୍ରଦୀପ ଦାଶ, ସମାଜସେବୀ ଉତ୍ତମ ନନ୍ଦଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତଥିଲେ।

## ଜମିକୁ ଯାଇ ନିଖୋଜ ଥିବା ଯୁବକଙ୍କ ମୃତଦେହ ଉଦ୍ଧାର

**ନୂଆପଡ଼ା,୩୦ା୭(ସଂଚାର ବ୍ୟୁରୋ)**: ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ରାଣୀମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କୋଟାମାଲ ଗ୍ରାମର ସୁରେଶ ଶବର ନାମକ ଯୁବକ ଗତକାଲି ଜମିକୁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଆଜି ସକାଳେ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିବା ବେଳେ ଖବର ପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୁରେଶ ଶବରଙ୍କ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଅକାଳ ମୃତ୍ୟୁକୁ ନେଇ କୋଟାମାଲ ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପିଏମଏଫବିୱାଇ ପ୍ରଚାର ଭ୍ୟାନର ଶୁଭ ଉଦ୍‌ଘାଟନ

**ନୂଆପଡ଼ା,୩୦ା୭(ସଂଚାର ବ୍ୟୁରୋ)**: ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମଏଫବିୱାଇ) ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ଅଧିକରୁ ଅଧିକ ଚାଷୀଙ୍କୁ ଯୋଜନାରେ ସାମିଲ କରିବା ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାରେ ସଚେତନତା ଭ୍ୟାନର ଶୁଭ ଉଦ୍ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଣତିରାଣୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ସଚେତନତା ଭ୍ୟାନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍କିମ ଅଫିସର ଆଭାସ ନାୟକ, ଦୀପାଶ୍ରୀ ମଣ୍ଡଳ, ବର୍ଷା ଆଜାଦ, ଏସବିଆଇ ଜେନେରାଲ ଇନସୁରେନ୍ସର ଜିଲ୍ଲା ସଂଯୋଜକ ଗୋବିନ୍ଦ ସା ଏବଂ ମିଥଲେଶ ସାହୁ ଉପସ୍ଥିତ ରହିଥିଲେ। ଏହି ସଚେତନତା ଭ୍ୟାନ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଗ୍ରାମ ପରିଦର୍ଶନ କରି କୃଷକମାନଙ୍କୁ ପିଏମଏଫବିୱାଇ ଯୋଜନାର ସଠିକ୍ ସୂଚନା ପହଞ୍ଚାଇବା ସହ ଅଧିକରୁ ଅଧିକ କୃଷକଙ୍କୁ ଫସଲ ବୀମାରେ ଅନ୍ତର୍ଭୁକ୍ତ କରିବା ଦିଗରେ କାର୍ଯ୍ୟ କରିବ।

## କୁକୁଡ଼ା ଫାର୍ମ ଛାତ ଉପରେ ଫସି ରହିଥିବା ୮ ଜଣଙ୍କୁ ଓଡ୍ରାଫ୍ ଟିମ୍‌ର ଉଦ୍ଧାର

**ନୂଆପଡ଼ା,୩୦ା୭(ସଂଚାର ବ୍ୟୁରୋ)**: ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିରେ ଖଡ଼ିଆଳ ବ୍ଲକ ବିରିଘାଟ ନିକଟ ସୁନ୍ଦର ନଦୀ କୂଳରେ ଥିବା ଏକ କୁକୁଡ଼ା ଫାର୍ମ ସମ୍ପୂର୍ଣ୍ଣ ଭାବେ ବନ୍ୟାଜଳ ଦ୍ୱାରା ଘେରି ଯାଇଥିଲା। ଫଳରେ ଫାର୍ମ ମାଲିକ ଧର୍ମୁ ମେହେରଙ୍କ ସମେତ ମୋଟ ୭ ଜଣ ଶ୍ରମିକ ସେଠାରୁ ବାହାରି ପାରିନଥିଲେ। ପରିସ୍ଥିତି ଅଧିକ ସଙ୍କଟପୂର୍ଣ୍ଣ ହେବାରୁ ସେମାନେ ଫାର୍ମର ଛାତ ଉପରେ ରାତିସାରା ଆଶ୍ରୟ ନେଇ ଉଦ୍ଧାରକୁ ଅପେକ୍ଷା କରୁଥିଲେ। ଘଟଣା ସମ୍ପର୍କରେ ଖବର ପାଇବା ପରେ ଆଜି ସକାଳେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତାଙ୍କ ନେତୃତ୍ୱରେ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଅଭିଯାନ ଚଳାଇଥିଲା। ଦୀର୍ଘ ସମୟ ଧରି ପ୍ରୟାସ ପରେ ଫାର୍ମ ମାଲିକଙ୍କ ସମେତ ୮ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଓଡ୍ରାଫ୍ ଟିମ୍ ର ତ୍ୱରିତ ଓ ସାହସିକ ଉଦ୍ଧାର କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଷ୍ଟ୍ରିଟ୍ ଲାଇଟ୍ ଅଚଳ, ଅନ୍ଧାରରେ ଗାଁ



**ଲାଞ୍ଜିଗଡ଼,୩୦ା୭(ସଂଚାର ବ୍ୟୁରୋ)**: କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେଡ଼ାଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିନ୍ଧିବାହାଲୀ ଗାଁରେ ଲାଗିଥିବା ଅଧିକାଂଶ ଷ୍ଟ୍ରିଟ୍ ଲାଇଟ୍ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିବାରୁ ସମଗ୍ର ଗାଁ ରାତିରେ ଅନ୍ଧାରରେ ବୁଡ଼ି ରହୁଛି।ଏହା ଫଳରେ ସନ୍ଧ୍ୟା ପରେ ଗ୍ରାମବାସୀ, ବିଶେଷକରି ମହିଳା, ଶିଶୁ ଓ ବୃଦ୍ଧମାନେ ଯାତାୟାତ କରିବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ଗ୍ରାମବାସୀଙ୍କ କହିବା ଅନୁସାରେ ଗ୍ରାମର ଧରଣୀପଡ଼ା ଠାରେ ଚାରିଟି ଓ ବଣ୍ଡେଲପଡ଼ା ଠାରେ ଛଅଟି ଷ୍ଟ୍ରିଟ ଲାଇଟ ଦିଆଯାଇଛି ହେଲେ ବଣ୍ଡେଲ ପଡ଼ାର ଏକମାତ୍ର ଷ୍ଟ୍ରିଟ ଲାଇଟ ବର୍ତ୍ତମାନ ପର୍ଯ୍ୟନ୍ତ ସଚଳ ରହିଥିବାବେଳେ ବାକି ସମସ୍ତ ଷ୍ଟ୍ରିଟ ଲାଇଟ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଚଳ ଅବସ୍ଥାରେ ପଡ଼ି ରହିଛି।ଦୀର୍ଘ ମାସ ହେଲା ଆଜି ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ରାତିରେ ଅନ୍ଧାର ଯୋଗୁଁ ସାପ ଓ ବିଷଧର ଜନ୍ତୁଙ୍କ ଭୟ ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଯାଉଛି। ଗ୍ରାମରେ ଆଲୋକ ବ୍ୟବସ୍ଥା ସଚଳ କରିବାକୁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି।ଗ୍ରାମବାସୀଙ୍କ ଦାବିକୁ ଗୁରୁତ୍ୱର ସହ ବିଚାର କରି ସମ୍ପୃକ୍ତ ପଞ୍ଚାୟତ ଓ ପ୍ରଶାସନ ତୁରନ୍ତ ଷ୍ଟ୍ରିଟ୍ ଲାଇଟ୍ ମରାମତି କରି ଗାଁରେ ଆଲୋକ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି। ରାତିରେ ରାସ୍ତା ଆଲୋକ ନଥିଲେ ସୁରକ୍ଷା ଓ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସାଧାରଣ ଚିନ୍ତାର ବିଷୟ।ଏନେଇ ଆମେ ବେଡ଼ାଗାଁ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ସାନ ମାଝୀଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ ନ'କରିବାରୁ ପୁଣି ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁବନେଶ୍ୱର ସିଂଙ୍କୁ ଯୋଗାଯୋଗ କରିବାରୁ ସେ ମୁଁ ଏବେ ଜାଣିଲି ଏଥର ବିଡ଼ିଓଙ୍କୁ କହି ତାହା ମରାମତି କରେଇବୁ ବୋଲି କହିଥିଲେ। ତେବେ ଉକ୍ତ ଷ୍ଟ୍ରିଟ ଲାଇଟର ମରାମତି କରି ଆଲୋକ ବ୍ୟବସ୍ଥା ସ୍ୱାଭାବିକ କେବେ କରାଯାଉଛି ତାହା ଦେଖିବାକୁ ବାକି ରହିଲା।

### ୧୦ ବର୍ଷ ଧରି ବନ୍ଦ ପଡ଼ିଛି ବିଦ୍ୟାଳୟ

## ପୁନଃ ଖୋଲିବାକୁ ଗ୍ରାମବାସୀଙ୍କ ଦାବି



**କୋରାପୁଟ,୩୦ା୭(ସଂଚାର ବ୍ୟୁରୋ)**: ଶିକ୍ଷା ହେଉଛି ଶିଶୁଙ୍କ ମୌଳିକ ଅଧିକାର। କିନ୍ତୁ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ଶିଶୁମାନେ ଆଜି ବି ସେହି ଅଧିକାରରୁ ଆଂଶିକ ଭାବେ ବଞ୍ଚିତ ହୋଇରହିଛନ୍ତି। ଗ୍ରାମରେ ଥିବା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପ୍ରାୟ ଏକ ଦଶନ୍ଧି ଧରି ବନ୍ଦ ରହିଥିବାରୁ କୁନି କୁନି ପିଲାଙ୍କୁ ପ୍ରତିଦିନ ୪ରୁ ୫ କିଲୋମିଟର ଦୂର ଅତିକ୍ରମ କରି ମରିଚଗୁଡା ପ୍ରାଥମିକ ବିଦ୍ୟାଳୟକୁ ଯିବାକୁ ପଡୁଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ବିଦ୍ୟାଳୟକୁ ତୁରନ୍ତ ପୁନଃ ଚାଲୁ କରିବାକୁ ଦାବି ଜୋରଦାର ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ଥିବା ଦର୍ଶାଇ ପ୍ରାୟ ୧୦ ବର୍ଷ ପୂର୍ବେ ପିଣ୍ଡାପଦର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ନିକଟସ୍ଥ ମରିଚଗୁଡା ପ୍ରାଥମିକ ବିଦ୍ୟାଳୟ ସହ ମିଶାଇ ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ଗ୍ରାମରେ ଜନସଂଖ୍ୟା ଓ ଶିକ୍ଷାର୍ଥୀଙ୍କ ସଂଖ୍ୟା ବଢ଼ିଥିବା ସତ୍ତ୍ୱେ ବନ୍ଦ ବିଦ୍ୟାଳୟକୁ ପୁନର୍ବାର ଚାଲୁ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ ଗ୍ରାମରେ ପ୍ରାୟ ୪୫ରୁ ୫୦ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ସମସ୍ତଙ୍କୁ ଦୂରବର୍ତ୍ତୀ ବିଦ୍ୟାଳୟ ଉପରେ ନିର୍ଭର କରିବାକୁ ପଡୁଛି। ବିଶେଷ କରି ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା କୁନି ପିଲାମାନଙ୍କ ପାଇଁ ଏହି ଦୂରତା ଅତିକ୍ରମ କରିବା ବେଶ୍ କଷ୍ଟସାଧ୍ୟ ହୋଇପଡ଼ିଛି। ବର୍ଷାଦିନେ ପରିସ୍ଥିତି ଆହୁରି ସଙ୍କଟପୂର୍ଣ୍ଣ ହୋଇଯାଏ। କାଦୁଅ ରାସ୍ତା, ନାଳ ଓ ପ୍ରତିକୂଳ ପାଗ ଯୋଗୁଁ ପିଲାମାନେ ବହୁ ସମସ୍ୟା ଭିତରେ ବିଦ୍ୟାଳୟକୁ ଯାଉଥିବା ବେଳେ ସେମାନଙ୍କ ସୁରକ୍ଷାକୁ ନେଇ ଅଭିଭାବକମାନେ ସଦା ଚିନ୍ତିତ ରହୁଛନ୍ତି। ଅନେକ ସମୟରେ ଖରାପ ପାଗ ଯୋଗୁଁ ପିଲାମାନେ ବିଦ୍ୟାଳୟକୁ ଯାଇପାରୁ ନଥିବାରୁ ସେମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି।ଗ୍ରାମବାସୀଙ୍କ ମତରେ, ପୂର୍ବରୁ ଥିବା ବିଦ୍ୟାଳୟକୁ ପୁନର୍ବାର ଚାଲୁ କରାଗଲେ ଛାତ୍ରଛାତ୍ରୀଙ୍କ ଶିକ୍ଷା ସୁଗମ ହେବା ସହ ଅଭିଭାବକଙ୍କ ଉପରେ ପଡୁଥିବା ଆର୍ଥିକ ଓ ମାନସିକ ଚାପ ମଧ୍ୟ କମିବ। ଗ୍ରାମର ଶିକ୍ଷା ବ୍ୟବସ୍ଥାର ସୁଧାର ଏବଂ ଶିଶୁମାନଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ବିଦ୍ୟାଳୟର ପୁନଃ ଉଦ୍‌ଘାଟନ ଅତ୍ୟନ୍ତ ଜରୁରୀ ବୋଲି ସେମାନେ ଦାବି କରିଛନ୍ତି।

## ବୁଢ଼ାବଳଙ୍ଗରେ କମୁଛି ଜଳ ସ୍ତର



**ବୈଶିଙ୍ଗା,୩୦ା୭(ସଂଚାର ବ୍ୟୁରୋ)**: ସାରା ରାଜ୍ୟ ତଥା ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳ ସ୍ତର ବଢିଥିବା ବେଳେ ଆଜି ବୁଧବାର ଧୀରେ ଧୀରେ କମୁଛି ବନ୍ୟାଜଳ। ଘଟଣାସ୍ଥଳରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ବେତନଟୀ ବିଡିଓ ମୁନା ସେଠୀ, ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରାଙ୍କ ସମେତ ପାଟଳିପୁରା ସରପଞ୍ଚ ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ରହି ବନ୍ୟା ଜଳର ସ୍ଥିତି ଅନୁଧ୍ୟାନ କରିଥିଲେ। ମୟୂରଭଞ୍ଜର ଶିମିଳିପାଳ ଏବଂ ଏହାର ପାଦଦେଶରେ ପ୍ରବଳ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା ବେଳେ ଆଜି ବୁଧବାର ଜଳର ସ୍ତର ଧୀରେ ଧୀରେ କମିବାରେ ଲାଗିଛି। ବୁଢ଼ାବଳଙ୍ଗ ଏବଂ ଗଙ୍ଗାହାର ନଦୀର ବନ୍ୟାଜଳ ଶହ ଶହ ଏକର ଚାଷ ଜମିରେ ମାଡ଼ି ଯାଉଥିବା ଯୋଗୁଁ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଧାନତଳି ମଧ୍ୟ ନଷ୍ଟ ହୋଇଯାଇଥିବାର ପରିଲକ୍ଷିତ କରାଯାଇଥିବା ବେଳେ ଏ ନେଇ ସମସ୍ତ ଚାଷୀଙ୍କ ମନବଳ ଭାଙ୍ଗି ଯାଇଛି। ଗୁରୁବାର ଅପରାହ୍ନରେ ବୈଶିଙ୍ଗା - ବଡ଼ସାହି ମୁଖ୍ୟ ରାସ୍ତାର ବୁଢ଼ାବଳଙ୍ଗ ନଦୀର ନାଖରା ସେତୁ ନିକଟରେ ସନ୍ଧ୍ୟା ସମୟରେ ସେତୁ ର ତିନି ଚାରି ଫୁଟ ତଳେ ପ୍ରବାହିତ ହେଉଥିବାର ଦେଖିବାକୁ ମିଳିଛି। ବନ୍ୟାଜଳ ନାଖରା, ପାଟଳିପୁରା, ଦାରିହା, କାଠପାଳ, ସିଙ୍ଗଲାମୁଣ୍ଡଳି, ଶାଳଗାଁ ପ୍ରଭୃତି ତଳିଆ ଅଞ୍ଚଳର ଗ୍ରାମବାସୀ ଏବେ ମଧ୍ୟ ଭୟବିତ ଅବସ୍ଥାରେ ରହିଛନ୍ତି। ସନ୍ଧ୍ୟା ସମୟ ପର୍ଯ୍ୟନ୍ତ ବୁଢ଼ାବଳଙ୍ଗ ନଦୀ ପାର୍ଶ୍ୱସ୍ଥ ଲୋକ ପାଳ କ୍ଷେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାର ପରିଲକ୍ଷିତ କରାଯାଇଅଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଥିବା ଜଣାଯାଇଛି। ନଦୀର ଜଳସ୍ତର ବଢ଼ିଥିବା କାରଣରୁ ବନ୍ୟାଜଳକୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମୁଥିବା ଯୋଗୁଁ ବୈଶିଙ୍ଗା ପୁଲିସ ପକ୍ଷରୁ ନାଖରା ପୋଲ ଉପରେ ପୁଲିସ ମୁତୟନ କରାଯାଇଛି। ମଙ୍ଗଳବାର ନାଖରା ସେତୁ ଉପରେ ବନ୍ୟାଜଳ ପ୍ରଭାବିତ ହୋଇଥିବା ଯୋଗୁଁ ସେତୁ ଉପରେ ଅଳିଆ ଆବର୍ଜନା ଜମା ଥିବାର ଦେଖାଯାଇଛି। ବନ୍ୟାଜଳ ର ବୃଦ୍ଧିକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ଜିଲ୍ଲା ଏବଂ ବ୍ଲକ ପ୍ରଶାସନ ସଜାଗ ଥିବା ବେଳେ ଓଡ୍ରାଫ ଦଳ ମଧ୍ୟ ବେଲାଣପୁରା ଆଶ୍ରୟସ୍ଥଳୀରେ ସଜାଗ ଥିବା ଜଣାଯାଇଛି।

## ବନ୍ୟା ଜଳରେ ଭାସି ଜଣଙ୍କର ମୃତ୍ୟୁ



**ବୈଶିଙ୍ଗା,୩୦ା୭(ସଂଚାର ବ୍ୟୁରୋ)**: ବୁଢ଼ାବଳଙ୍ଗ ନଦୀର ବନ୍ୟା ଜଳରେ ବୁଧବାର ଦିନ ଭାଷି ଯାଇ ମୃତ୍ୟୁବରଣ କରିଥିବା ଶ୍ରୀରାମପୁର ଗ୍ରାମର ଚୌଧୁରୀ ବେହେରା (୬୨) ଙ୍କର ମୃତ ଦେହ ଆଜି ଗୁରୁବାର ମଧ୍ୟାହ୍ନରେ ପାଳପାଟଣା ତଳ ସାହି ନିକଟ ରେ ଉଦ୍ଧାର କରାଯାଉଛି। ଘଟଣାରୁ ପ୍ରକାଶ ରେମୁଣା ବ୍ଲକ ଅଧିନ ଶ୍ରୀରାମ ପୁର ଗ୍ରାମର ଚୌଧୁରୀ ବେହେରା ମୟୂରଭଞ୍ଜ ସୀମାନ୍ତ ଗ୍ରାମ ପାଳପାଟଣା ଗ୍ରାମକୁ ସଉଦା କିଣିବାକୁ ଆସି ଘରକୁ ଫେରୁଥିବା କେତେ ଜଳ ସ୍ରୋତରେ ପଡି ଭାସି ଯାଇଥିଲେ। ଘର ଲୋକେ ବହୁତ ଖୋଜା ଖୋଜି କରିବା ପରେ ପାଇନଥିଲେ। ଆଜି ମଧ୍ୟାହ୍ନରେ ପାଳପାଟଣା ଗ୍ରାମବାସୀ ଏକ ଶବ ଭାସୁ ଥିବାର ଦେଖି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କୁ ଖବର ଦେଇଥିଲେ। ସେ ବଡ଼ସାହି ଅଗ୍ନିଶମ ବାହିନୀ, ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଏବଂ ବିଡିଓ ବନଜା ଦାସଙ୍କୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ସମସ୍ତେ ପହଞ୍ଚି ମୃତ ଶରୀରକୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏଥିସହିତ ମୃତକ ଙ୍କ ଘର ବାଲେଶ୍ୱର ଜିଲ୍ଲାରେ ହୋଇଥିବାରୁ ବାଲେଶ୍ୱର ଜିଲ୍ଲାପାଳ ଙ୍କୁ ଫୋନ ଯୋଗେ ଜଣାଇ ଥିଲେ। ପରିବାର ଲୋକେ ପାଳପାଟଣା ଗ୍ରାମବାସୀଙ୍କ ଏଭଳି ମହତ କାର୍ଯ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ।

## ପ୍ରବଳ ବର୍ଷାରେ ପୋଖରୀ ହିଡ଼ ଭାଙ୍ଗିଲା: ଚାଷଜମି ଜଳମଗ୍ନ; ମାଛଚାଷୀଙ୍କର ବ୍ୟାପକ କ୍ଷତି

**ଝାରସୁଗୁଡ଼ା,୩୦ା୭(ସଂଚାର ବ୍ୟୁରୋ)**: ଲଗାଣ ବର୍ଷା ଯୋଗୁଁ ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ପୋଖରାସାହ୍ଲେ ଗ୍ରାମରେ ଥିବା ବନ୍ଧବାହାଲ ପୋଖରୀର ହିଡ଼ ଭାଙ୍ଗିଯିବା ଫଳରେ ଚାଷଜମି ଜଳମଗ୍ନ ହେବା ସହିତ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଅଭିଯୋଗ ହୋଇଛି। ପୋଖରୀର ପାଣି ସହ ବହୁ ପରିମାଣର ମାଟି ବୋହି ଆସି ଚାଷଜମିରେ ଜମିଯିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସେହିପରି ପୋଖରୀରେ ଚାଷ କରାଯାଇଥିବା ମାଛ ମଧ୍ୟ ପାଣି ସହ ଭାସିଯାଇଥିବାରୁ ମାଛଚାଷୀମାନେ ଆର୍ôଥକ କ୍ଷତିର ସମ୍ମୁଖୀନ ହୋଇଛନ୍ତି।ସୂଚନା ଅନୁଯାୟୀ, ଗତ କିଛି ଦିନ ଧରି ହୋଇଥିବା ପ୍ରବଳ ବର୍ଷାରେ ପୋଖରୀର ଜଳସ୍ତର ଦ୍ରୁତ ଭାବେ ବୃଦ୍ଧି ପାଇଥିଲା। ଅତ୍ୟଧିକ ଜଳଚାପ ସହିପାରିନଥିବାରୁ ବୁଧବାର ବନ୍ଧବାହାଲ ପୋଖରୀର ହିଡ଼ ଭାଙ୍ଗିଯାଇଥିଲା। ଫଳରେ ପୋଖରୀର ସମସ୍ତ ପାଣି ତଳିଆ ଅଞ୍ଚଳକୁ ମାଡ଼ିଯାଇ କନ୍ଦର୍ପ ସାହୁ ଓ ଜୟଦେବ ସାହୁଙ୍କ ଚାଷଜମିରେ ପ୍ରବେଶ କରିଥିଲା।ପାଣି ସହ ଆସିଥିବା ବହୁ ପରିମାଣର ମାଟି ଚାଷଜମିରେ ପୋତି ହୋଇଯାଇଥିବାରୁ ଜମିର ଉର୍ବରତା ଓ ଫସଲ ଚାଷ ଉପରେ ପ୍ରଭାବ ପଡ଼ିବା ଆଶଙ୍କା ଦେଖାଦେଇଛି। ବର୍ତ୍ତମାନ ଉକ୍ତ ଜମିରେ ପୋଖରୀ ସଦୃଶ ପାଣି ଜମି ରହିଥିବାରୁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। କ୍ଷତିଗ୍ରସ୍ତ ଚାଷୀମାନେ କହିଛନ୍ତି ଯେ, ଜମିରୁ ପାଣି ନିଷ୍କାସନ ଓ ମାଟି ଅପସାରଣ ନ କରାଗଲେ ଆଗାମୀ ଚାଷ ମୌସୁମୀରେ ମଧ୍ୟ ସେମାନେ ଫସଲ କରିବାରେ ଅସୁବିଧାର ସମ୍ମୁଖୀନ ହେବେ।

# ବେଆଇନ କାମକୁ ନେଇ ଗ୍ରାମ ବାସୀଙ୍କୁ ପୁଲିସ୍‌ର ନାଲିଆଖି !

### ଜୋର୍ ଜବରଦସ୍ତୀ ଗୋଚର ଜମିରେ କାମ କରିବାକୁ ପୁଲିସ୍ ପକାଉଛି ଚାପ

**ତିର୍ତ୍ତୋଲ,୩୦ା୭ (ସଂଚାର ବ୍ୟୁରୋ)**: ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ର ତୁଳଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୋରିଷ ପୋଖରୀ ଗ୍ରାମରେ ଗୋଚର ଜମିରେ ପୋଲ ନିର୍ମାଣକୁ ନେଇ ତୀବ୍ର ବିବାଦ ଦେଖାଦେଇଛି। ଶତାଧିକ ଗ୍ରାମବାସୀ କାମକୁ ବିରୋଧ କରିବା ସହ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ (ଜେଇ), ଉପଖଣ୍ଡ ଅଧିକାରୀ (ଏସ୍‌ଡିଓ) ଏବଂ ଠିକାଦାରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଘଟଣା ସ୍ଥଳରେ ଗ୍ରାମବାସୀ, ଠିକାଦାର ଓ କିଛି ସ୍ଥାନୀୟ ବ୍ୟକ୍ତିଙ୍କ ମଧ୍ୟରେ ବଚସା ମଧ୍ୟ ହୋଇଥିବା ବେଳେ ଏହି କାମକୁ ନ କରିବାକୁ ବିଭାଗୀୟ ଅଧିକାରୀ ମାନେ ବନ୍ଦ କରିବାକୁ ଠିକାଦାର ଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଠିକାଦାର ତିର୍ତ୍ତୋଲ ଥାନାର ଜଣେ କର୍ମଚାରିଙ୍କୁ ପଇସା ଦେଇ କାମକୁ ଜୋର୍ ଜବରଦସ୍ତୀ କରିବାକୁ ଉଦ୍ୟମ କରିଥିବା ଅଡିଓ ଏବେ ହାଟରେ ପଡ଼ି ଦଣ୍ଡରେ ଗଡୁଛି। ଯେଉଁଠି ବିଭାଗୀୟ ଅଧିକାରୀ କାମ କରିବାକୁ ବାରଣ କରିଥିବା ବେଳେ କିଭଳି ଥାନା ବାବୁ କାମ କରିବାକୁ କହୁଛନ୍ତି ? ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେନାଲ ପ୍ଲଟ ନଂ - ୧୧୨ ଏବଂ ପୋଲ କରାଯାଉଛି ପ୍ଲଟ ନଂ - ୧୦୯, (ଗୋଚର କିସମ ) ରେ। ଏବଂ ସେମାନଙ୍କ ଚାଷ ଜମିକୁ ଟ୍ରାକ୍ଟର ଓ ହଳ ଯିବା ପାଇଁ ଦୀର୍ଘ ଦିନ ଧରି ଅଧା ରେ ପଡ଼ି ରହିଥିବା ପୋଲ କାମ ଉଦେଶ୍ୟ ମୂଳକ ଭାବେ ସମ୍ପୂର୍ଣ୍ଣ କରା ଯାଉନାହିଁ। ଜାଣିଶୁଣି ଚାଷୀଙ୍କୁ ଅଣଦେଖା କରା ଯାଇଛି। ଏହା ପରିବର୍ତ୍ତେ ଗ୍ରାମର ଗୋଚର ଜମି, ଯେଉଁଠାରେ ବଣ ଜଙ୍ଗଲ ରହିଛି, ସେ ଯାଗାରେ କୌଣସି ବାସଗୃହ ନାହିଁ ଏବଂ ସାଧାରଣ ଲୋକଙ୍କର କୌଣସି ପ୍ରତ୍ୟକ୍ଷ ଉପକାର ନାହିଁ, ସେହି ସ୍ଥାନରେ ପୋଲ ନିର୍ମାଣ କରାଜିବା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରି ଓ ପୋଲିସ୍ ର ଫୋନ୍ କଲ୍ ରେକର୍ଡ ଓ ଉପଯୁକ୍ତ କଜଗପତ୍ର ନେଇ ଜିଲ୍ଲାପାଳ ଓ ଏସ.ପି ଙ୍କ ଦ୍ୱାରସ୍ତ ହେବେ ବୋଲି ଜଣା ପଡ଼ିଛି। ଦେଖାଯାଉ ଏହି ଗୋଚର ଜମିରେ ହେଉଥିବା ପ୍ରକଳ୍ପ କାମ, ଓ ତିର୍ତ୍ତୋଲ ପୋଲିସ୍ ର ନାଲିଆଖି ଆଗକୁ କୋଉ ରୂପ ନେଉଛି।